# ଭାଷାମହକ

## ୩

## ପଞ୍ଚମ ଶ୍ରେଣୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

https://withteachers.in/

# ଭାଷାମହକ (୩)

(ପରୀକ୍ଷାମୂଳକ ସଂସ୍କରଣ)

## ପଞ୍ଚମଶ୍ରେଣୀ


**ସମ୍ପାଦକମଣ୍ଡଳୀ**

ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ
ଡ. ଅନ୍ତର୍ଯ୍ୟାମୀ ପ୍ରଧାନ
ପ୍ରଦୀପ୍ତ କୁମାର ମାଝୀ
ଡ. ମମିତା ସାହୁ
ନବୀନ କୁମାର ପ୍ରମାଣିକ

**ସମୀକ୍ଷକମଣ୍ଡଳୀ**

ଡ. ଅଶୋକ କୁମାର ମହାନ୍ତି
ନଳିନୀକାନ୍ତ ପଣ୍ଡା

**ସଂଯୋଜକ**

ମାନସ କୁମାର ନାୟକ

**ମୁଖ୍ୟସଂଯୋଜିକା**

ଡକ୍ଟର ସବିତା ସାହୁ

**ବିଷୟ ବିଶେଷଜ୍ଞ**

ଡ. ନିରଞ୍ଜନ ମହାନ୍ତି
ଡ. ଲଳିତ କୁମାର ଲେଙ୍କା



**ପ୍ରକାଶକ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ : ୨୦୨୬**

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର ଓ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର





https://withteachers.in/

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।

ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ଶୂରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିର ଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)



https://withteachers.in/

# ପ୍ରସ୍ତାବନା

'ଜାତୀୟ ଶିକ୍ଷାନୀତି-୨୦୨୦' ଦ୍ୱାରା ସୁପାରିଶ କରାଯାଇଛି ଯେ- ମୌଳିକ ପର୍ଯ୍ୟାୟରେ ପିଲାମାନଙ୍କର ସାମଗ୍ରିକ ବିକାଶପାଇଁ ଆମ ଦେଶର ସଂସ୍କୃତି ଓ ସାମ୍ବିଧାନିକ ବ୍ୟବସ୍ଥାରୁ ଉତ୍ପନ୍ନ ଅମୂଲ୍ୟ ସଂସ୍କାରବୋଧକୁ ଗ୍ରହଣ କରି ମୌଳିକ ସାକ୍ଷରତା ଓ ଗାଣିତିକ ଦକ୍ଷତା ହାସଲ ନିମିତ୍ତ ମୂଳଭିତ୍ତି ସ୍ଥାପନ କରାଗଲେ- ସେମାନଙ୍କୁ ଅଧିକ ପ୍ରତିଯୋଗିତାମୂଳକ ମଧ୍ୟସ୍ତର ପର୍ଯ୍ୟାୟପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରାଯାଇପାରିବ ।

ମୌଳିକ ଓ ମଧ୍ୟସ୍ତର ମଧ୍ୟରେ 'ପ୍ରସ୍ତୁତିସ୍ତର' ଏକ ସଂଯୋଗସେତୁ ଭାବେ କାର୍ଯ୍ୟ କରିଥାଏ । ପ୍ରସ୍ତୁତିସ୍ତରର ଶିକ୍ଷା ଅବଧି ତୃତୀୟରୁ ପଞ୍ଚମଶ୍ରେଣୀକୁ ଅନ୍ତର୍ଭୁକ୍ତ କରେ । ଏହି ସ୍ତରର ଛାତ୍ରଛାତ୍ରୀମାନେ ଯେଉଁ ଶିକ୍ଷା ପାଇବେ, ତାହା ମୂଳତଃ 'ପଞ୍ଚକୋଷୀୟ' ଶିକ୍ଷା ପଦ୍ଧତି ଉପରେ ଆଧାରିତ । ଖେଳଭିତ୍ତିକ ବିଜ୍ଞାନଭିତ୍ତିକ, କାର୍ଯ୍ୟକଳାପଭିତ୍ତିକ, ଶିକ୍ଷାଦାନ ସହିତ ଶିକ୍ଷଣପଦ୍ଧତି ଜାରିରହିବ । ଏହା ସହିତ ପିଲାମାନଙ୍କୁ ପାଠ୍ୟପୁସ୍ତକ ଓ ଶ୍ରେଣୀଗୃହ ସହିତ ଆନୁଷ୍ଠାନିକ ଭାବେ ପରିଚିତ କରାଯିବ । ପିଲାମାନଙ୍କର ଶିକ୍ଷଣବ୍ୟବସ୍ଥାକୁ ଅଧିକ ଆନନ୍ଦଦାୟକ କରାଯିବାପାଇଁ ସେମାନଙ୍କୁ ପଠନ, ଲିଖନ, ଚିତ୍ରକଳା ଓ ସଙ୍ଗୀତ ମାଧ୍ୟମର ଉପଯୋଗ ସହିତ ଆତ୍ମ-ଅନୁସନ୍ଧାନପାଇଁ ଏକ ସୁଯୋଗ ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି ।

ଏହି ସ୍ତରର ପିଲାମାନଙ୍କୁ ଭାଷା, ଗଣିତ, ପରିବେଶ ବିଜ୍ଞାନ, ଶାରୀରିକ, କଳାଶିକ୍ଷା ସହିତ ପରିଚିତ କରାଯିବ । ଏହା ଫଳରେ ପିଲାମାନଙ୍କର ଜ୍ଞାନାତ୍ମକ, ଭାବନାତ୍ମକ, ଶାରୀରିକ କ୍ଷେତ୍ରରେ ବିକାଶକୁ ସୁନିଶ୍ଚିତ କରି ମଧ୍ୟମ ସ୍ତରରେ ପ୍ରବେଶ କରିବାର ରାସ୍ତା ପ୍ରଶସ୍ତ ହୋଇପାରିବ ।

ଉପରୋକ୍ତ ଉଦ୍ଦେଶ୍ୟ ହାସଲ କରିବାପାଇଁ ପଞ୍ଚମଶ୍ରେଣୀ ନିମିତ୍ତ ବର୍ତ୍ତମାନ ପାଠ୍ୟପୁସ୍ତକ 'ଭାଷାମହକ-୩' ବିକଶିତ କରାଯାଇଛି । 'ଜାତୀୟ ଶିକ୍ଷାନୀତି-୨୦୨୦' ଏବଂ ବିଦ୍ୟାଳୟ ଶିକ୍ଷାପାଇଁ 'ଜାତୀୟ ପାଠ୍ୟକ୍ରମ ଆଧାର' ଓ 'ଓଡ଼ିଶା ପାଠ୍ୟକ୍ରମ ଆଧାର-୨୦୨୫' ମଧ୍ୟରେ ଧାରଣାଗତ ବୁଝାମଣା, ତାର୍କିକ ଚିନ୍ତାଧାରା, ସୃଜନଶୀଳତା, ମୂଲ୍ୟବୋଧଭିତ୍ତିକ ମନୋଭାବର ବିକାଶ ଉପରେ ସମାନ ଗୁରୁତ୍ୱ ପ୍ରଦାନ କରେ, ଯାହା ଏହି ସ୍ତରର ଶିକ୍ଷାପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥି ସହିତ ସୂଚନା ଓ ପ୍ରଯୁକ୍ତିବିଦ୍ୟା, ବହୁଭାଷୀବାଦ, ଲିଙ୍ଗସମାନତା ଓ ସାଂସ୍କୃତିକ ସମନ୍ୱୟକୁ ଉପଯୁକ୍ତ ଭାବେ ସମନ୍ୱିତ କରାଯାଇଛି । ପାଠ୍ୟପୁସ୍ତକରେ ବିଦ୍ୟାଳୟଭିତ୍ତିକ ବ୍ୟାପକ ମୂଲ୍ୟାୟନ ପଦ୍ଧତିର ବିଭିନ୍ନ ବିଷୟ ବିନ୍ଦୁଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଆକର୍ଷଣୀୟ ଚିନ୍ତାଧାରା ଓ ଆନନ୍ଦଦାୟୀ କାର୍ଯ୍ୟକଳାପରେ ପରିପୂର୍ଣ୍ଣ ଏହି ପୁସ୍ତକ ନିଶ୍ଚିତଭାବେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆକର୍ଷଣୀୟ ହେବା ସହିତ ସେମାନଙ୍କ ଜ୍ଞାନବୃଦ୍ଧିରେ ସହାୟକ ହୋଇପାରିବ । ପିଲାମାନେ ଏଠାରେ ପାଠ୍ୟାଂଶରେ ଥିବା ସମସ୍ତ ଭାବଧାରାକୁ ଗ୍ରହଣ କରିବା ସଙ୍ଗେସଙ୍ଗେ ସେମାନଙ୍କ ଶିକ୍ଷକ ଓ ସହପାଠୀମାନଙ୍କ ସହିତ ମିଶି ନିର୍ଦ୍ଦେଶିତ ପରାମର୍ଶଗୁଡ଼ିକୁ ସଂପାଦନ କରିବେ, ଯାହାଦ୍ୱାରା ଏହି ପାଠ୍ୟପୁସ୍ତକରେ ଦିଆଯାଇଥିବା ପାଠ୍ୟକ୍ରମରୁ ଶିକ୍ଷାଗ୍ରହଣ କରି ଛାତ୍ରଛାତ୍ରୀ ଓ ଶିକ୍ଷକ ଉଭୟ ସେମାନଙ୍କର ଜ୍ଞାନ ଓ ଅଭିଜ୍ଞତାକୁ ପରିମାର୍ଜିତ କରି ଉପଭୋଗ କରିପାରିବେ ।



https://withteachers.in/

ଏଠାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପାଠ୍ୟପୁସ୍ତକରେ ଶିକ୍ଷଣଦିଗ, ମୌଳିକତା, ତାର୍କିକ ଚିନ୍ତାଧାରା ଓ ନିଷ୍ପତ୍ତି ଗ୍ରହଣ ଉପରେ ଧ୍ୟାନ ଦିଆଯାଇଛି । ଏହି ପର୍ଯ୍ୟାୟରେ ପିଲାମାନଙ୍କ ମନରେ ସାଧାରଣତଃ ଅନେକ ପ୍ରଶ୍ନ ଉଠିଥାଏ । ତେଣୁ ଏଠାରେ ପିଲାମାନଙ୍କର ଜିଜ୍ଞାସା ଓ ପ୍ରଶ୍ନଗୁଡ଼ିକର ସମାଧାନପାଇଁ ମୌଳିକ ସ୍ତରରୁ ଶିକ୍ଷଣ ପ୍ରଣାଳୀକୁ ଖେଳକୁଦ, ଗପ ଓ ଗୀତ ମାଧ୍ୟମରେ ଆକର୍ଷଣୀୟ କରାଯାଇଛି ।

ଏହି ପୁସ୍ତକରୁ ପିଲାମାନେ ଶିକ୍ଷାଲାଭ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନଙ୍କର ଜ୍ଞାନର ପରିସୀମା ବୃଦ୍ଧିପାଇଁ ଶିକ୍ଷକ, ପରିବାର ଓ ପାଠାଗାରର ସହାୟତାର ଆବଶ୍ୟକତା ରହିଛି । ଏକ ପ୍ରଭାବଶାଳୀ ଶିକ୍ଷଣ ପରିବେଶ ହିଁ ପିଲାମାନଙ୍କୁ ଉତ୍ସାହର ସହିତ ଶିଖିବା ପାଇଁ ଅନୁପ୍ରେରିତ କରିବ । ସେମାନଙ୍କର କୌତୂହଳ ଓ ସୃଜନଶୀଳତାର ବିକାଶପାଇଁ ସେମାନଙ୍କୁ ଉତ୍ସାହିତ କରାଯିବା ପାଇଁ ପ୍ରୟାସ କରାଯାଇଛି ।

ଉପରୋକ୍ତ ସମସ୍ତ ଉଦ୍ଦେଶ୍ୟ ହାସଲ କରିବାରେ ଏହି ପୁସ୍ତକ ସଫଳ ହେବ ବୋଲି ଆଶା କରୁଛି । ପ୍ରାଥମିକସ୍ତରର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଇଁ ଏହି ପୁସ୍ତକଟିକୁ ସୁପାରିଶ କରୁଛି । ଏହି ପାଠ୍ୟପୁସ୍ତକ ବିକାଶରେ ଜଡ଼ିତ ସମସ୍ତଙ୍କୁ ମୋର କୃତଜ୍ଞତା ଜଣାଉଛି । ଆଶା କରୁଛି ଏହି ପୁସ୍ତକଟି ସମସ୍ତଙ୍କ ଆଶା ପୂରଣ କରିବାରେ ସହାୟକ ହେବ ।

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ଏହାର ପ୍ରକାଶନରେ ପଦ୍ଧତିଗତ ଉନ୍ନତି ଏବଂ ସଂସ୍କାର ଆଣିବାପାଇଁ ନିରନ୍ତର ପ୍ରତିଶ୍ରୁତିବଦ୍ଧ । ଆପଣଙ୍କ ଗଠନମୂଳକ ମତାମତ ଓ ପରାମର୍ଶକୁ ସ୍ୱାଗତ କରୁଛି, ଯାହା ଭବିଷ୍ୟତରେ ଆବଶ୍ୟକ ସଂଶୋଧନରେ ସାହାଯ୍ୟ କରିବ ।

**ନିର୍ଦ୍ଦେଶକ**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା
ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱରମ



https://withteachers.in/

# ପୁସ୍ତକ ବିଷୟରେ

ପଞ୍ଚମଶ୍ରେଣୀ ପାଠ୍ୟପୁସ୍ତକ 'ଭାଷାମହକ-୩' ପ୍ରସ୍ତୁତ କରିବା ସମୟରେ ମୁଖ୍ୟତଃ 'ଜାତୀୟ ଶିକ୍ଷାନୀତି-୨୦୨୦', ବିଦ୍ୟାଳୟ ଶିକ୍ଷାପାଇଁ 'ଜାତୀୟ ପାଠ୍ୟକ୍ରମ ଆଧାର' ଓ 'ଓଡ଼ିଶା ପାଠ୍ୟକ୍ରମ ଆଧାର-୨୦୨୫'ର ନିର୍ଦ୍ଦେଶାବଳୀକୁ ଧ୍ୟାନରେ ରଖାଯାଇଛି । ଭାଷାଶିକ୍ଷା ହେଉଛି ଜାତୀୟ ଓ ରାଜ୍ୟ ପାଠ୍ୟକ୍ରମ ଆଧାର ବିଦ୍ୟାଳୟ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଭାଷା ସାହାଯ୍ୟରେ ପିଲାମାନେ ସେମାନଙ୍କ ପରିବାର, ପରିବେଶ, ସଂସ୍କୃତି ଏବଂ ରାଷ୍ଟ୍ରୀୟ ଭାବନା ସହିତ ଯୋଡ଼ି ହୁଅନ୍ତି । ଭାଷା ହେଉଛି ପିଲାମାନଙ୍କ ମଧ୍ୟରେ ମୌଳିକ ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତିଷ୍ଠା, ସ୍ୱାସ୍ଥ୍ୟ ଓ ସୁରକ୍ଷାପ୍ରତି ସତର୍କତା, ସମାଜବୋଧ ଶିକ୍ଷା ଇତ୍ୟାଦିର ଏକ ମାଧ୍ୟମ । ତେଣୁ ଏଠାରେ ଭାଷା ଶିକ୍ଷାର ତାତ୍ପର୍ଯ୍ୟ କେବଳ ପଢ଼ିବା ଏବଂ ଲେଖିବା ନୁହେଁ, ବରଂ ଏଥିରେ ପିଲାମାନଙ୍କର ଜୀବନଶୈଳୀରେ ଆଚରଣଗତ ପରିବର୍ତ୍ତନର ପ୍ରତିଫଳନ ମଧ୍ୟ ଅନ୍ତର୍ଭୁକ୍ତ ।

ଭାଷା ହେଉଛି ଆମ ଭାବ ବିନିମୟ ଓ ସାଂସ୍କୃତିକ ପରିଚୟର ମାଧ୍ୟମ । କୌଣସି ସମାଜ କିମ୍ବା ବ୍ୟକ୍ତିର ଆଚରଣ, ଖାଦ୍ୟପେୟ, ଚିନ୍ତାଧାରା, ଐତିହ୍ୟ ଓ ସଂସ୍କୃତିକୁ ଜାଣିବା ଓ ବୁଝିବାରେ ଭାଷା ସହାୟକ ହୁଏ । ପିଲାମାନେ ଭାଷାକୁ କେବଳ ଏକ ନିୟମ ଆଧାରିତ ବ୍ୟବସ୍ଥା ଭାବେ ଗ୍ରହଣ କରିବା ଉଚିତ୍ ନୁହେଁ, ବରଂ ଏହାର ସୌନ୍ଦର୍ଯ୍ୟ, ସାମାଜିକ, ସାଂସ୍କୃତିକ, ମନସ୍ତାତ୍ତ୍ୱିକ ଏବଂ ସାହିତ୍ୟିକ ଦିଗଗୁଡ଼ିକୁ ବୁଝିବା ଉଚିତ । ଏହି ସମସ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ସମୟରେ ନିମ୍ନଲିଖିତ ଦିଗପ୍ରତି ଧ୍ୟାନ ଦିଆଯାଇଛି ।

୧. ପୁସ୍ତକରେ ପିଲାମାନଙ୍କୁ କବିତା, କାହାଣୀ, ପ୍ରବନ୍ଧ, ଜୀବନୀ, ଏକାଙ୍କିକା, ନାଟକ, ପର୍ବପର୍ବାଣି ଆଦି ସହିତ ଆକର୍ଷଣୀୟ ଭାବରେ ପରିଚିତ କରାଯିବାର ପ୍ରୟାସ କରାଯାଇଛି । ଉପରୋକ୍ତ ବିଷୟଗୁଡ଼ିକୁ ଏପରିଭାବେ ବିକଶିତ କରାଯାଇଛି, ଯାହାଦ୍ୱାରା ଶିକ୍ଷାର୍ଥୀମାନେ ଭାଷାଶିକ୍ଷା ସହିତ ଚିନ୍ତାକରିବା, ବୁଝିବା ଓ ପ୍ରଶ୍ନ ପଚାରିବାପାଇଁ ଆଗ୍ରହୀ ହେବେ ।

୨. ପୁସ୍ତକରେ ଥିବା ପାଠଗୁଡ଼ିକ ମାଧ୍ୟମରେ ସରଳ ଭାଷାରେ ଆମ ପରମ୍ପରା, ସଂସ୍କୃତିକୁ ଆଧାର କରି ସାଂପ୍ରତିକ ସମୟରେ ଏଗୁଡ଼ିକର ମୂଲ୍ୟବୋଧକୁ ପ୍ରାଧାନ୍ୟ ଦିଆଯାଇଛି ।

୩. ଚିତ୍ରକଥା, ଗୀତ, ଖେଳକୁଦ ମାଧ୍ୟମରେ ପିଲାମାନଙ୍କର ପରିବେଶ ବିଷୟରେ ସ୍ୱଷ୍ଟ ଧାରଣା ସୃଷ୍ଟି କରିବାପାଇଁ ପ୍ରୟାସ କରାଯାଇଛି ।

୪. ଆମ ଦେଶ, ଆମ ରାଜ୍ୟ ବିଷୟରେ ଅଧିକ ଜାଣିବା ସହିତ ପିଲାମାନଙ୍କର ଦକ୍ଷତା ବୃଦ୍ଧି ଓ ବିବେକର ପରିଶୁଦ୍ଧତା ପାଇଁ ଯତ୍ନ କରାଯାଇଛି ।



https://withteachers.in/

**ପାଠ୍ୟକ୍ରମର ଲକ୍ଷ୍ୟ :**

ଭାଷାର ବିଭିନ୍ନ ଦକ୍ଷତା ହାସଲ ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ 'ଜାତୀୟ ପାଠ୍ୟକ୍ରମ ଆଧାର-୨୦୨୩'ରେ ବିଦ୍ୟାଳୟ ପାଠ୍ୟକ୍ରମର ଦକ୍ଷତା ଓ ଶିକ୍ଷଣ ଫଳାଫଳର ଏକ ସମ୍ମିଳିତ ରୂପକୁ ପ୍ରତିଫଳିତ କରିଅଛି ।

ସଂକ୍ଷେପରେ ଏତିକି କୁହାଯାଇପାରେ ଯେ ପ୍ରସ୍ତୁତ ପୁସ୍ତକରେ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ପରିସ୍ଥିତିରେ ମୌଖିକ ଓ ଲିଖିତ ଅଭିବ୍ୟକ୍ତିର ରୂପାୟନ, ପଠନ, ଶ୍ରବଣ, ତର୍କ, ସୃଜନଶୀଳତା, କୌତୂହଳ, କଳ୍ପନା, ମାନବିକତା ଆଦି ଦକ୍ଷତାଗୁଡ଼ିକୁ ପରିପ୍ରକାଶ କରିବାପାଇଁ ସୁଯୋଗ ରହିଛି । ଆମ ପରମ୍ପରାକୁ ଭାଷା ଓ ସାହିତ୍ୟ ମାଧ୍ୟମରେ ଆଧୁନିକ ବୈଜ୍ଞାନିକ ପ୍ରଗତି ପର୍ଯ୍ୟନ୍ତ ବିଭିନ୍ନ ଭାବଧାରାକୁ ଉପସ୍ଥାପନ କରାଯାଇଛି ।

ଏହି ପୁସ୍ତକରେ ମୌଖିକ ଭାଷାର ବିକାଶପାଇଁ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଛି । ପିଲାମାନେ ଅବାଧରେ କଥାବାର୍ତ୍ତା ହୋଇ ଆପଣାର ଅଭିବ୍ୟକ୍ତିର ବିକାଶ ଘଟାଇପାରିବେ । ତେଣୁ ପ୍ରତ୍ୟେକ ବିଷୟବସ୍ତୁର ଶେଷରେ ଅଭ୍ୟାସ କାର୍ଯ୍ୟରେ 'ଆସ କଥା ହେବା' ଦିଆଯାଇଛି । ଯାହାଫଳରେ ପ୍ରତ୍ୟେକ ପିଲା ଏଥିରେ ସକ୍ରିୟ ଅଂଶଗ୍ରହଣ କରିପାରିବେ ।

ଏଥିରେ ଦିଆଯାଇଥିବା କବିତା, ଗଳ୍ପ, ଭ୍ରମଣକାହାଣୀ, ପର୍ବପର୍ବାଣି, ପତ୍ରଲିଖନ, ଆତ୍ମକଥାମୂଳକ ପ୍ରବନ୍ଧ, ବିଜ୍ଞାନ କଥା, ସମ୍ବାଦ ଓ ଏକାଙ୍କିକା ଆଦି ରଖାଯାଇଛି । ଏସବୁକୁ ପାଠକରି ଶିକ୍ଷାର୍ଥୀମାନେ ଭାରତର ଭୌଗୋଳିକ ପରିବେଶ, ବୈଜ୍ଞାନିକ ଜ୍ଞାନକୌଶଳ ଓ ଭାଷାର ପ୍ରଗତି ବିଷୟରେ ଜାଣିବାକୁ ସମର୍ଥ ହେବେ । ଏଥିସହିତ 'ପଞ୍ଚତନ୍ତ୍ର' ତଥା 'ବତ୍ରିଶସିଂହାସନ'ର କାହାଣୀ ରଖାଯାଇଛି, ଯାହା ଶିକ୍ଷାର୍ଥୀମାନଙ୍କର ମନଛୁଆଁ ହେବା ସହିତ ବ୍ୟକ୍ତିତ୍ୱର ବିକାଶ, ସତ୍ୟନିଷ୍ଠା ଓ ବିନମ୍ରତା ଭଳି ମାନବୀୟଗୁଣର ବିକାଶରେ ସହାୟକ ହେବ ।

ପ୍ରତ୍ୟେକ ପିଲା ଜିଜ୍ଞାସୁ ସ୍ୱଭାବର ହୋଇଥାନ୍ତି । ତେଣୁ ସେମାନଙ୍କର ଦିନଚର୍ଯ୍ୟାରେ ଆନନ୍ଦ ଓ ହସର ଆବଶ୍ୟକତା ପଡ଼ିଥାଏ । ପାଠ୍ୟକ୍ରମରେ ପ୍ରଦତ୍ତ ଅତିରିକ୍ତପାଠ ମଧ୍ୟରେ ଲଘୁକଥା, ସାଂପ୍ରତିକ ପରିସ୍ଥିତି ଆଧାରିତ ସଚେତନତାମୂଳକ ଲେଖା, ଲୋକକଥା ଶିକ୍ଷାର୍ଥୀଙ୍କୁ ହସର ଖୋରାକ ଯୋଗାଇବାରେ ସହାୟକ ହେବ । ଏହି ବହିରେ ପ୍ରଦତ୍ତ 'ଶୈଶବର କଥା' (ଫକୀର ମୋହନ ସେନାପତିଙ୍କ ପିଲାଦିନର କଥା) ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଆଗକୁ ଅଗ୍ରସର ହେବାରେ ଆତ୍ମବଳ ଯୋଗାଇବ ।

ମୋଟ ଉପରେ କହିବାକୁ ଗଲେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶବ୍ଦଚିହ୍ନଟଠାରୁ ଆରମ୍ଭ କରି ପଢ଼ିବା, ବୁଝିବା, ଲେଖିବା, ବୈଜ୍ଞାନିକ ତଥା ତାର୍କିକ ଚିନ୍ତନକୁ ବିକଶିତ କରିବା, ରଚନାତ୍ମକତା ଓ କଳ୍ପନାପ୍ରବଣତା ଆଦିକୁ ବିକଶିତ କରିବାରେ ସହାୟକ ହେବ । ସାମଗ୍ରିକ ଭାବରେ ଏହି ପାଠ୍ୟପୁସ୍ତକରେ ଆମର ପରମ୍ପରା ଓ ସଂସ୍କୃତିଠାରୁ ଆରମ୍ଭ କରି 'ଗଗନଯାନ' ପର୍ଯ୍ୟନ୍ତ ଯାତ୍ରାକୁ ଭାଷା ଓ ସାହିତ୍ୟ ମାଧ୍ୟମରେ ପ୍ରସ୍ତୁତ କରାଯାଇଛି ।



https://withteachers.in/

ଶିକ୍ଷଣକୁ ଆକର୍ଷଣୀୟ କରିବାପାଇଁ ବିଷୟଭିତ୍ତିକ ଆଲୋଚନା, କାର୍ଯ୍ୟକଳାପ, ଖେଳକୁଦ, ଅଭିନୟ ଉପରେ ଗୁରୁତ୍ୱ ଦିଆଯାଇଛି । ଯାହାଦ୍ୱାରା ଛାତ୍ରଛାତ୍ରୀ ଓ ଶିକ୍ଷକ ଉଭୟେ ସେମାନଙ୍କ ଭାବଧାରାକୁ କାର୍ଯ୍ୟକଳାପଦ୍ୱାରା ଉପଯୋଗ କରିବେ । ଛାତ୍ରଛାତ୍ରୀମାନଙ୍କ ଜିଜ୍ଞାସାକୁ ଉତ୍ସାହର ସହିତ ସମାଧାନ କରିବାପାଇଁ ଶିକ୍ଷକଶିକ୍ଷୟିତ୍ରୀମାନେ ପ୍ରୟାସ କରିବେ ।

ଏକ ପ୍ରଭାବଶାଳୀ ଶିକ୍ଷଣ ପରିବେଶ ସୃଷ୍ଟି କରାଗଲେ ପିଲାମାନଙ୍କର ଶିକ୍ଷା ପ୍ରତି ଉତ୍ସାହ ତଥା ଆଗ୍ରହ ବଢ଼ିବ । ସେମାନଙ୍କର କୌତୂହଳ ଓ ସୃଜନଶୀଳତାର ବିକାଶପାଇଁ ସେମାନଙ୍କୁ ନିରନ୍ତର ଉତ୍ସାହିତ କରାଯିବା ଉଚିତ୍ । ଶିକ୍ଷାଦାନ ଓ ଶିକ୍ଷଣରେ ଖେଳର ପ୍ରୟୋଗପାଇଁ ସୁଯୋଗ ସୃଷ୍ଟି ଉପରେ ପ୍ରାଧାନ୍ୟ ଦିଆଯାଇଛି । ଅଧିକ ଜାଣିବାପାଇଁ ପିଲାମାନଙ୍କୁ ଅଧିକ ପୁସ୍ତକ ପଢ଼ିବା ନିମନ୍ତେ ପାଠାଗାରଗୁଡ଼ିକର ଉନ୍ନତି ହେବା ନିତାନ୍ତ ଆବଶ୍ୟକ । ଆଶା କରାଯାଏ ଯେ ଏହି ପୁସ୍ତକ ମାଧ୍ୟମରେ ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ପିଲାମାନଙ୍କ ପଠନ ପ୍ରତି ଆଗ୍ରହ ବୃଦ୍ଧି ନିମିତ୍ତ ଅଧିକ ପ୍ରଭାବଶାଳୀ କରାଇପାରିବେ ।

ଉପରୋକ୍ତ ଲକ୍ଷ୍ୟ ପୂରଣ କରିବା ଦିଗରେ ଏହି ପୁସ୍ତକଟି ସଫଳ ହେବ ବୋଲି ଆଶା ଓ ବିଶ୍ୱାସ । ସାଂପ୍ରତିକ ପରିସ୍ଥିତିରେ ଏହି ପୁସ୍ତକଟି ତା'ର ଉଦ୍ଦେଶ୍ୟ ପୂରଣରେ ସହାୟକ ହେବ । ଶେଷରେ ସମସ୍ତଙ୍କର ଗଠନମୂଳକ ମତାମତ ଓ ପରାମର୍ଶକୁ ଆମ୍ଭେମାନେ ସ୍ୱାଗତ କରୁଛୁ, ଯାହାକି ଭବିଷ୍ୟତରେ ପୁସ୍ତକଟିର ସଂଶୋଧନରେ ସାହାଯ୍ୟ କରିବ ।

-- ୦ --



https://withteachers.in/



ଅଦ୍ୟାବଧି ଜଗତମାତାଙ୍କର ଚରଣରେ ମୁଁ ଯେଉଁଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

**ମହାତ୍ମାଗାନ୍ଧୀ**



https://withteachers.in/



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମେ ନିଜକୁ ଅର୍ପଣ କରୁଅଛୁ ।

https://withteachers.in/

# ୫୧(କ) ଧାରା : ମୌଳିକ କର୍ତ୍ତବ୍ୟ

## ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ

(କ) ସମ୍ବିଧାନ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟପତାକା ଓ ଜାତୀୟସଂଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁ ସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତିର ସୁରକ୍ଷା କରିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହାଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।



https://withteachers.in/

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍.ସି.ଇ.ଆର.ଟି. ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଏସ୍ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |



https://withteachers.in/

# ସୂଚୀପତ୍ର


| କ୍ର.ନଂ. | ବିଷୟ | ବିଭାଗ | ଲେଖକ | ପୃଷ୍ଠା |
|---|---|---|---|---|
| ୧. | ଗଛ କାହାଣୀ | ପଦ୍ୟ | ଡ. ରାମଚନ୍ଦ୍ର ନାୟକ | ୧ |
| | କୋଟିକରେ ଗୋଟିଏ (ତୁମ ପଢ଼ିବା ପାଇଁ) | ଗଦ୍ୟ | ସମ୍ପାଦନାମଣ୍ଡଳୀ | ୧୦ |
| ୨. | ନ୍ୟାୟର ସିଂହାସନ | ଗଦ୍ୟ | ଅନୁବାଦ | ୧୩ |
| | ମୂଲିଆ ପୁଅ ରାଜା ହେଲା (ତୁମ ପଢ଼ିବା ପାଇଁ) | ଗଦ୍ୟ | ସମ୍ପାଦନାମଣ୍ଡଳୀ | ୨୬ |
| ୩. | ଯେ ଥାଏ ପର ଉପକାରେ | ଗଦ୍ୟ | ଡ. ରମେଶ ପତ୍ରୀ | ୨୯ |
| | ଗଛଟିଏ ମୁଁ ଗଛଟିଏ (ତୁମ ପଢ଼ିବା ପାଇଁ) | ଗଦ୍ୟ | ସମ୍ପାଦନାମଣ୍ଡଳୀ | ୪୩ |
| ୪. | ଶୈଶବର କଥା | ଆତ୍ମଜୀବନୀ | ଫକୀର ମୋହନ ସେନାପତି | ୪୪ |
| | ପଢ଼ିଥିଲି ଯହିଁ ପ୍ରଥମକଥା (ତୁମ ପଢ଼ିବା ପାଇଁ) | ପଦ୍ୟ | କାଳିନ୍ଦୀ ଚରଣ ପାଣିଗ୍ରାହୀ | ୫୮ |
| ୫. | ଦଳପତି ପଦ ତୁମକୁ ସାଜେ | ପଦ୍ୟ | ଡ. ନଟବର ସାହୁ | ୬୦ |
| | ଭକ୍ତ ପ୍ରହ୍ଲାଦ (ତୁମ ପଢ଼ିବା ପାଇଁ) | ଗଦ୍ୟ | ସମ୍ପାଦନାମଣ୍ଡଳୀ | ୭୧ |
| ୬. | ନୂଆଖାଇ | ଗଦ୍ୟ | ବିପିନ ବିହାରୀ ବିଶି | ୭୪ |
| | ହୋରି ଖେଳିବା (ତୁମ ପଢ଼ିବା ପାଇଁ) | ପଦ୍ୟ | କ୍ଷୀରୋଦ ଚନ୍ଦ୍ର ପୋଥାଳ | ୮୩ |
| ୭. | କାଜିରଙ୍ଗା ଜାତୀୟ ଉଦ୍ୟାନ | ଭ୍ରମଣ କାହାଣୀ | ଅନୁବାଦ | ୮୪ |
| | ଓଡ଼ିଶାର ପ୍ରାକୃତିକ ବିଭବ (ତୁମ ପଢ଼ିବା ପାଇଁ) | ଗଦ୍ୟ | ସମ୍ପାଦନାମଣ୍ଡଳୀ | ୯୫ |
| ୮. | ତିନି ମାଛର କାହାଣୀ | ଗଦ୍ୟ | ଉଦୟନାଥ ଷଡ଼ଙ୍ଗୀ | ୯୯ |
| | ହାତୀ ମଣିଷ ଲଢ଼େଇ (ତୁମ ପଢ଼ିବା ପାଇଁ) | ଗଦ୍ୟ | ସମ୍ପାଦନାମଣ୍ଡଳୀ | ୧୦୯ |
| ୯. | ପଥର କହୁଛି କଥା | ଗଦ୍ୟ | ଅନୁବାଦ | ୧୧୨ |
| | ସୀତାବିଞ୍ଜି, ପ୍ରଧାନପାଟ (ତୁମ ପଢ଼ିବା ପାଇଁ) | ଅତିରିକ୍ତ ପାଠ | ସଂପାଦନାମଣ୍ଡଳୀ | ୧୨୭ |




https://withteachers.in/

| କ୍ର.ନଂ. | ବିଷୟ | ବିଭାଗ | ଲେଖକ | ପୃଷ୍ଠା |
|---|---|---|---|---|
| ୧୦. | ଜାତୀୟପତାକା | ପଦ୍ୟ | ବିନୋଦ ବିହାରୀ ରାଉତରାୟ | ୧୩୧ |
| | ମାଟିର ମହକ (ତୁମ ପଢ଼ିବା ପାଇଁ) | ପଦ୍ୟ | ରତ୍ନାକର ନାୟକ | ୧୪୦ |
| ୧୧. | ଗଙ୍ଗାର କାହାଣୀ | ଗଦ୍ୟ | ଅନୁବାଦ | ୧୪୨ |
| | ଅର୍ଜ୍ଜୁନଙ୍କ ଏକାଗ୍ରତା (ତୁମ ପଢ଼ିବା ପାଇଁ) | ଗଦ୍ୟ | ସମ୍ପାଦନାମଣ୍ଡଳୀ | ୧୫୨ |
| ୧୨. | ଦେଲୁ ମୋତେ ମହାଶିକ୍ଷା | ପଦ୍ୟ | ଚିନ୍ତାମଣି ପତି | ୧୫୪ |
| | ନିଶା ଦେଲା ବିଗାଡ଼ି ପାଠ ଦେଲା ସଜାଡ଼ି (ତୁମ ପଢ଼ିବା ପାଇଁ) | ଗଦ୍ୟ | ସମ୍ପାଦନାମଣ୍ଡଳୀ | ୧୬୪ |
| ୧୩. | ପ୍ରତିଦାନ | ଏକାଙ୍କିକା | ଡ.ହେମନ୍ତ କୁମାର ଛୋଟରାୟ | ୧୬୬ |
| | ଆମେ କୁସୁମ କଳିକା (ତୁମ ପଢ଼ିବା ପାଇଁ) | ପଦ୍ୟ | ସଦାନନ୍ଦ ମେହେର | ୧୮୧ |
| | ଉତ୍କଳଭାସ୍କର ସାମନ୍ତ ଚନ୍ଦ୍ରଶେଖର (ତୁମ ପଢ଼ିବା ପାଇଁ) | ଗଦ୍ୟ | ସମ୍ପାଦନାମଣ୍ଡଳୀ | ୧୮୩ |
| | ଗଗନଯାନ (ତୁମ ପଢ଼ିବା ପାଇଁ) | ଗଦ୍ୟ | ଅନୁବାଦ | ୧୮୬ |
| | ତୁମପାଇଁ ସୂଚନା | | | ୧୯୨ |






https://withteachers.in/

ପାଠ-୧

# ଗଛ କାହାଣୀ

● ଡକ୍ଟର ରାମଚନ୍ଦ୍ର ନାୟକ

ନରମ ଗଳାରେ ଗଛଟି କହଇ
ଶୁଣରେ ଭଉଣୀଭାଇ,
ଫଳ ଖାଇବାକୁ ବଳାଇଛ ମନ
ଆପତ୍ତି ମୋହର ନାହିଁ ।

ଟାଣି ନେଉଅଛ ଡାଳକୁ ମୋହର
ଶୋଚନା ନ କରି ତିଳେ,
ଜାଣିପାରିବନି ପରାଣ ମୋହର
ଦୁଃଖରେ କିପରି ଜଳେ ।





କ୍ଷୀର ନୁହେଁ ଏ ତ ଲୋତକ ଧାରାରେ
ନୟନୁ ଝରଇ ମୋର,
ପରାଣ ବେଦନା ଦେଉଛି ବଖାଣି
ବାରେକ ଶ୍ରବଣ କର ।

ଜନମକାଳରୁ କେତେ ଦୁଃଖ ସହି
ନ ମାନି ବରଷା, ଝଡ଼ି,
ଖରାକାକରରେ ଡାଳପତରକୁ
ରଖିଛି ଯତନେ ଭିଡ଼ି ।



https://withteachers.in/

ଆଜି ସିନା ତୁମେ ଈରିଷା କରୁଛ
　　ଦେଖି ଫଳ ମାଳମାଳ,
ଜାଣିପାରିବନି ଏ ରୂପ ମୋହର
　　କେତେ ସାଧନାର ଫଳ ।

ସାନରୁ ହୋଇଲି ବଡ଼ ପରିଯନ୍ତ
　　କରମପଥର ଧାରେ,
କରମକୁ ମୂଳ- ମନ୍ତର କରିଣ
　　ପର ଉପକାର କରେ ।

ଚେରମୂଳଠାରୁ ଡାଳପତରରେ
　　ଫୁଲଫଳ ଆଦି କରି,
ଛାଇରେ ଆଶରା ଦେଇଛି ସଭିଙ୍କୁ
　　ବକଳ ହୃଦୟ ଚିରି ।



ଅନ୍ତର ଫେଡ଼ିଣ କହୁଛି ତୁମକୁ
　　କରନି ଆକୁଳ ମୋତେ,
ତୁମରି ସେବାରେ ରହିଛି ନିତି ମୁଁ
　　ଖାଅରେ ଖାଇବ ଯେତେ ।



ମୋ ଫଳ ଖାଇକି ମୋହରି ଆଗରେ
　　ଶପଥ କରରେ ରହି,
ଏ ସାରାଜୀବନ କରମପଥରେ
　　ହେଳା ନ କରିବ କେହି ।

ଜଗତହିତରେ ଗଛ ଲଗାଇବ
　　ସବୁଜିମା ଯିବ ଭରି,
ଧରଣୀ ହସିଲେ ଆମ ପରିବେଶ
　　ହେବ ନାହିଁ ହତଶିରୀ ।



https://withteachers.in/



## ଆସ କଥା ହେବା

୧. ଗଛଟି ନରମଗଳାରେ କାହାକୁ କହୁଛି ?
୨. ଜନ୍ମକାଳରୁ ଗଛଟି କେଉଁ କେଉଁ ଯାତନା ସହି ଆସିଛି ?
୩. ଗଛ ଆମପାଇଁ କ'ଣ ସବୁ ସାଇତି ରଖିଛି ?
୪. ଗଛର ଭାଷାରେ ଆମେ କାହାକୁ ମୂଳମନ୍ତ୍ର କରିବା ଉଚିତ୍ ?
୫. କ'ଣ ନ କରିବାକୁ ଗଛଟି ଅନୁରୋଧ କରିଛି ?



## ପାଠରୁ

**(କ) ତଳେ କେତେଗୁଡ଼ିଏ ପ୍ରଶ୍ନ ଓ ସେମାନଙ୍କର ଉତ୍ତର ରଖାଯାଇଛି । ଠିକ୍ ଉତ୍ତରଟି ପାଖରେ ଦିଆଯାଇଥିବା ଘରେ ( ✓ ) ଠିକ୍ ଚିହ୍ନ ଦିଅ ।**

୧. ଜୀବନସାରା କେଉଁପଥରେ ହେଳା ନ କରିବାକୁ ବୃକ୍ଷ କହିଛି ।

- ଚରମପଥ ☐
- ଧରମପଥ ☐
- କରମପଥ ☐
- ମରମପଥ ☐

୨. ଗଛ କ'ଣ କରି ସମସ୍ତଙ୍କୁ ଛାଇରେ ଆଶ୍ରୟ ଦେଇଛି ?

- ଡାଳପତ୍ର ଧରି ☐
- ବକଳ ହୃଦୟ ଚିରି ☐
- ଅନ୍ତର ଫେଡ଼ି ☐
- ବିରାଟ ଆକାର କରି ☐

୩. ଜଗତ ହିତରେ କ'ଣ କରିବା ଉଚିତ ?

- ଫଳ ଖାଇବା ☐
- ପର ଉପକାର କରିବା ☐
- ସବୁଜିମା ଭରିବା ☐
- ଗଛ ଲଗାଇବା ☐



https://withteachers.in/

୪. ପର ଉପକାର କରିବାପାଇଁ କାହାକୁ ମୂଳମନ୍ତ୍ର କରିବା ଉଚିତ ?

- କର୍ମକୁ ☐
- ଧର୍ମକୁ ☐
- ଜନ୍ମକୁ ☐
- ସେବାକୁ ☐

୫. 'ଜାଣିପାରିବନି ଏ ରୂପ ମୋହର କେତେ ସାଧନାର ଫଳ।' -ଏ କଥା କିଏ କହିଛି ?

- କବି କହିଛନ୍ତି ☐
- ପିଲାଟି କହିଛି ☐
- ଧରଣୀ କହିଛି ☐
- ଗଛ କହିଛି ☐



## ଚିନ୍ତା ଓ କଳ୍ପନା

୧. (କ) ଗଛ କେବେ କାହା ସହିତ କଥାହେବାର ତୁମେ ଜାଣିଛ ?

(ଖ) ତୁମେ କେବେ ଗଛ ସହିତ କଥା ହୋଇଛ କି ? ମନେରଖ, ଗଛମାନେ ପରସ୍ପର ସହ କଥା ହୁଅନ୍ତି ।

(ଗ) ମନେକର ତୁମେ ଗଛଟିଏ । ତେବେ ତୁମ ବନ୍ଧୁ ସହିତ କ'ଣ କଥାବାର୍ତ୍ତା ହେବ କୁହ ।

୨. (କ) 'ନରମ ଗଳାରେ ଗଛଟି କହଇ ଶୁଣରେ ମଣିଷ ଭାଇ,
ଫଳ ଖାଇବାକୁ ବଳାଉଛ ମନ ଆପତ୍ତି ମୋହର ନାହିଁ ।'

ଉପରଲିଖିତ କବିତାର ଧାଡ଼ିରେ ଗଛଟି ମଣିଷମାନଙ୍କୁ ତା' ଦୁଃଖ କଥା ଜଣାଉଛି । ଶେଷରେ ଗଛ ଲଗାଇବାପାଇଁ ଆମ୍ଭମାନଙ୍କୁ ଶପଥ କରାଉଛି ।

(ଖ) ଦିନେ ସକାଳେ ତୁମେ ବୁଲୁଥିବାବେଳେ ହାତୀଛୁଆଟିଏ ଯାଉଥିବାର ଦେଖିଲ । ହାତୀଛୁଆଟି ତୁମକୁ ଦେଖି ଅଟକିଗଲା । ତୁମେ ବି ଅଟକିଗଲ । ପରସ୍ପରକୁ କିଛି ସମୟ ଚାହିଁଲ । ଧୀରେଧୀରେ ତୁମ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ଆସିଲା । ତୁମେଦୁହେଁ କଥାବାର୍ତ୍ତା ହେଲ। ତୁମେଦୁହେଁ କ'ଣ କଥାବାର୍ତ୍ତା ହେଲ, ବନ୍ଧୁ ମେଳରେ ଆଲୋଚନା କର ।



https://withteachers.in/



## ଭାବ ଓ ଲେଖ

୧. କ'ଣ କଲେ ଆମ ଧରଣୀ ହତଶ୍ରୀ ହେବ ନାହିଁ ?

୨. ଗଛ ତା' ଜୀବନରେ କି କି ଯାତନା ସହିଛି ?

୩. ଆମେ ସବୁ ଗଛକୁ କିପରି କଷଣ ଦେଉଛେ ?

୪. ଆମପାଇଁ ଗଛ କ'ଣ ସାଇତି ରଖିଛି ?

୫. ଗଛର ଉପକାରପାଇଁ ତୁମେ କ'ଣ କରିବ ?



## ଆସ କବିତାକୁ ବୁଝିବା

**କବିତାଟିକୁ ଆଉ ଥରେ ପଢ଼ । ତଳେ ଦିଆଯାଇଥିବା ପଦ୍ୟାଂଶରୁ ଯାହା ବୁଝିଲ, ବନ୍ଧୁମାନଙ୍କ ସହ ଆଲୋଚନା କରି ଲେଖ ।**

୧. କ୍ଷୀର ନୁହେଁ ଏ ତ ଲୋତକ ଧାରାରେ
ନୟନୁ ଝରଇ ମୋର ।

୨. ଧରଣୀ ହସିଲେ ଆମ ପରିବେଶ
ହେବ ନାହିଁ ହତଶିରୀ ।

୩. ମୋ ଫଳ ଖାଇକି ମୋହରି ଆଗରେ
ଶପଥ କରରେ ରହି,

୪. କରମକୁ ମୂଳ- ମନ୍ତର କରିଣ
ପର ଉପକାର କର ।



https://withteachers.in/



## ଭାଷାର କଥା

(କ) ତଳେ 'କ' ସ୍ତମ୍ଭରେ କେତେଗୁଡ଼ିଏ ଭାବାର୍ଥ ଦିଆଯାଇଛି । କବିତାରେ କେଉଁଠି ସେହି କଥା କୁହାଯାଇଛି, 'ଖ' ସ୍ତମ୍ଭରେ ସେହି ଧାଡ଼ି ବା ଧାଡ଼ିଗୁଡ଼ିକ ଲେଖ । ନମୁନାଟିଏ ଦିଆଯାଇଛି ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ଗଛ ଆମକୁ ଫଳ ଖାଇବାକୁ ମନା କରିନାହିଁ । | ଫଳ ଖାଇବାକୁ ବଳାଇଛ ମନ<br>ଆପତ୍ତି ମୋହର ନାହିଁ । |
| ୨. ଗଛର ଆଖିରୁ ଲୁହର ଧାର ବହୁଛି । | |
| ୩. ପ୍ରଚୁର ଫଳ ଦେଖି ମୋତେ ଈର୍ଷା କରୁଛ ? | |
| ୪. ସାରା ଜୀବନ କର୍ମପଥରେ ରହିବ । | |
| ୫. ଆମ ପରିବେଶ ହତଶ୍ରୀ ହେବ ନାହିଁ । | |
| ୬. ଦୁଃଖରେ ମୋ (ଗଛର) ପ୍ରାଣ ଜଳିଯାଉଛି । | |


(ଖ) ଅକ୍ଷର ସଜାଡ଼ି ଶବଦ ଗଢ଼; ପାରୁଅଛ ଯଦି ମାତ୍ରାକୁ ଯୋଡ଼ ।


| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ନ ବ ଜ | ଜୀବନ |
| ତ ଗ ଜ | |
| କ ତ ଲ | |
| ର ଧ ଣ | |
| ନ ଚ ଶ | |
| କ ର ପ ଉ | |
| ସ ମ ଜ ବ | |



https://withteachers.in/

(ଗ) ଶବଦ ଝୁଲୁଛି ଗଛରେ ଦେଖ
ସମାନ ଅର୍ଥକୁ ଖୋଜିଣ ଲେଖ ।




(ଘ) ତଳେ କବିତାର କିଛି ଅଂଶ 'କ' ଓ 'ଖ' ସ୍ତମ୍ଭରେ ରହିଅଛି । କବିତାକୁ ମନେ ପକାଇ ସଂପର୍କିତ ପଦକୁ ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ଡାଳକୁ ମୋହର | ୧. ଆମ ପରିବେଶ ହସିବ |
| ୨. କ୍ଷୀର ନୁହେଁ ଏ ତ | ୨. ଗଛ ଲଗାଇବା |
| ୩. ଗଛ ଲଗାଇବା | ୩. ଶପଥ କରିବା |
| ୪. ପର ଉପକାର | ୪. ଟାଣି ନେଉଥାନ୍ତି |
| ୫. ଜନମ କାଳରୁ | ୫. ବରଷାଝଡ଼ ସହିଛି |
| ୬. ଜଗତ ହିତରେ | ୬. ଫୁଲଫଳ ସାଇତିଛି |
| ୭. ଧରଣୀ ହସିଲେ | ୭. ମୂଳମନ୍ତ୍ର ହେବ |
| ୮. ଏ ରୂପ ମୋହର | ୮. ଲୋତକର ଧାରା |
| ୯. ଫଳ ଖାଇକି | ୯. ସାଧନାର ଫଳ |
| ୧୦. ଛାଇରେ ଆଶରା ଦେଇଛି | ୧୦. ବକଳ ହୃଦୟ ଚିରି |



https://withteachers.in/

## (ଙ) ଆସ ଯୋଡ଼ିଶବ୍ଦ ବିଷୟରେ ଜାଣିବା ।

'ନରମଗଳାରେ ଗଛଟି କହଇ ଶୁଣରେ ଭଉଣୀଭାଇ ।'

ଉପରେ ରେଖାଙ୍କିତ ଶବ୍ଦଟି ଭଉଣୀଭାଇ । ଭଉଣୀ ଓ ଭାଇ ଶବ୍ଦ ଦୁଇଟି ମିଶି ଗୋଟିଏ ଶବ୍ଦ ହୋଇଛି । ତାହାହେଲା 'ଭଉଣୀଭାଇ' । ଏହାକୁ ଯୋଡ଼ିଶବ୍ଦ କୁହାଯାଏ । କେହିକେହି ଯୁଗ୍ମଶବ୍ଦ ବି କହନ୍ତି । ଏଥର ତୁମ ବହିରୁ ଆଉ କେତୋଟି ଯୋଡ଼ିଶବ୍ଦ ଖୋଜି ଲେଖ ।

......................................................................................................

......................................................................................................

......................................................................................................

......................................................................................................

## (ଚ) ପଦ୍ୟରୂପରୁ ଗଦ୍ୟରୂପ ।

ଧରଣୀ ହସିଲେ ଆମ ପରିବେଶ
ହେବନାହିଁ ହତଶିରୀ ।

ରେଖାଙ୍କିତ ପଦଟିକୁ ଦେଖ । ଏହା ହେଉଛି ପଦ୍ୟରେ ପ୍ରକାଶିତ ରୂପ । ଏହାର ଗଦ୍ୟରୂପ ହେଉଛି **'ହତଶ୍ରୀ'** । ଏହିଭଳି ଆଉ କେତେକ ପଦ୍ୟରୂପ କବିତାଟିରେ ରହିଛି । ତୁମେ ସେଗୁଡ଼ିକୁ 'କ' ସ୍ତମ୍ଭରେ ଲେଖ । ସେଗୁଡ଼ିକର ଗଦ୍ୟରୂପ 'ଖ' ସ୍ତମ୍ଭରେ ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ହତଶିରୀ | ହତଶ୍ରୀ |
| ................. | ................. |
| ................. | ................. |
| ................. | ................. |
| ................. | ................. |
| ................. | ................. |
| ................. | ................. |



https://withteachers.in/



## ପାଠରୁ ଆଗକୁ

୧. ରଜପର୍ବ ପରେ ଖରାଦିନଛୁଟି ଶେଷହୁଏ। ବିଦ୍ୟାଳୟ ଖୋଲେ। ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ଉତ୍ସବ ପାଳନ ହୁଏ। ଯେମିତିକି 'ଯୋଗଦିବସ', 'ଉତ୍କଳଦିବସ' ପ୍ରଭୃତି। ତୁମେ ଏସବୁର ଏକ ତାଲିକା ପ୍ରସ୍ତୁତ କର।

୨. ବର୍ଷାଦିନ ଆସିଲେ ଚାରିଆଡ଼େ ଗଛ ଲଗାଯାଏ । 'ବୃକ୍ଷରୋପଣ ସପ୍ତାହ' ପାଳନ ହୁଏ । ତୁମ ବିଦ୍ୟାଳୟ ହତାରେ କି କି ଗଛ ଲଗାଯାଇଛି, ତା'ର ନାମ ଲେଖ । ତୁମେ ଏଥିରେ ସାମିଲ ହୁଅ ।

୩. ବିଦ୍ୟାଳୟ ବ୍ୟତୀତ ତୁମ ଗାଁ ଓ ସହରରେ ଥିବା ଖାଲିଜାଗାରେ ଗଛ ଲଗାଯାଏ । ତୁମେ ତମ ବନ୍ଧୁମାନଙ୍କ ସହ ମିଶି ଏଥିରେ ସାମିଲ ହୁଅ ।

୪. ବୃକ୍ଷରୋପଣ ଉପରେ ପୋଷ୍ଟର ଓ ସ୍ଲୋଗାନମାନ ସଂଗ୍ରହ କର । ପାରୁଛ ଯଦି ତୁମେ ଓ ତୁମ ବନ୍ଧୁମାନେ ଗୋଟିଏ ଗୋଟିଏ ସ୍ଲୋଗାନ ଲେଖ, ପୋଷ୍ଟର ତିଆରି କର । ପ୍ରଥମ ପୋଷ୍ଟରକୁ ଉପଯୁକ୍ତ ପୁରସ୍କାର ଦିଆଯିବ।



## ଅନୁମାନ ଓ କଳ୍ପନା

୧. ଯଦି ଆମ ପୃଥିବୀ ଗଛଶୂନ୍ୟ ହୋଇଯିବ, କ'ଣ ହେବ ? ଅନୁମାନ କରି ଅତିକମ୍‌ରେ ଦଶଟି ବାକ୍ୟ ଲେଖ ।

୨. ଯଦି ତୁମକୁ ଅନ୍ୟଗ୍ରହକୁ ଯିବାର ସୁଯୋଗ ମିଳିବ, ତେବେ ତୁମେ କେଉଁ ଗ୍ରହକୁ ଯିବାକୁ ଚାହିଁବ ? ତୁମ ପସନ୍ଦ କରିଥିବା ଗ୍ରହ ସମ୍ପର୍କରେ ଦଶଧାଡ଼ି ଲେଖ ।



## ପାଠାଗାର

ବୃକ୍ଷରୋପଣ ଏକ ମହତ କାମ । ପରିବେଶ ସନ୍ତୁଳନପାଇଁ ଏହା ଉପରେ ଗୁରୁତ୍ୱ ଦିଆଯାଇଛି । ତୁମେ ପାଠାଗାରକୁ ଯାଇ ଗଛର ଉପକାରିତା ବିଷୟରେ ତଥ୍ୟ ସଂଗ୍ରହକର । ଗଛର ଉପକାରିତାକୁ ନେଇ ବନ୍ଧୁମେଳରେ ଚର୍ଚ୍ଚା କର । ତର୍କପ୍ରତିଯୋଗିତା କର । ଶ୍ରେଣୀର ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସାହାଯ୍ୟ ନିଅ ।



## ଆସ ମନର ଭାବକୁ ଲେଖି ରଖିବା

ଗଛ ଆମର ଉପକାରୀ । ଆମର ବନ୍ଧୁ । ଏଇ ଭାବନାକୁ ନେଇ ଅନୁଚ୍ଛେଦ, କବିତା ବା ଛୋଟ କାହାଣୀଟିଏ ଲେଖ ।




https://withteachers.in/

ତୁମ ପଢ଼ିବାପାଇଁ

# କୋଟିକରେ ଗୋଟିଏ

ଆଜି ମମିତାର ଜନ୍ମଦିନ । ତା'ର ଏକ ଜିଦ୍ ଘରେ ଜନ୍ମଦିନ ପାଳିବନି । ଗାଁ ମୁଣ୍ଡ ଅନାଥାଶ୍ରାମରେ ପାଳିବ । ବାପା ପଚାରିଲେ, "କାହିଁକିରେ ମାଆ ?" ମମିତା କହିଲା "ବାପା, ସେହି ଆଶ୍ରମରେ ନମିତା ମୋ ସହପାଠିନୀ ରହୁଛି । ସେ କହୁଥିଲା ଆଜି ତା'ର ବି ଜନ୍ମଦିନ । ତା' ବାପାମାଆ ନାହାନ୍ତି । ତେଣୁ ସେ ଜନ୍ମଦିନ ପାଳି ପାରିବ ନାହିଁ । ମୋ ଜନ୍ମଦିନଟି ସେଠାରେ ପାଳିଲେ, ଦୁହିଁଙ୍କର ପାଳନ ହୋଇଯାଆନ୍ତା ।" ସେ ବି ଖୁସି ହୁଅନ୍ତା । ମମିତାର କଥା ବାପାଙ୍କ ମନକୁ ପାଇଲା ।

ସନ୍ଧ୍ୟା ପୂର୍ବରୁ ମମିତା ପରିବାର ସହ ଅନାଥାଶ୍ରମରେ ପହଞ୍ଚିଗଲା । ସାଥିରେ କ୍ଷୀରି, ପୁରି, ମିଠା, ପିଠା, ଫଳ ଓ ସବୁ ପିଲାଙ୍କ ପାଇଁ ନୂଆପୋଷାକ ନେଇଥିଲେ । ଆଶ୍ରମରେ ନମିତା, ମମିତାକୁ ଦେଖି ବହୁତ ଖୁସି ହେଲା । ସଭିଏଁ ଏକାଠି ମିଶି ଦୁହିଁଙ୍କ ଜନ୍ମଦିନ





https://withteachers.in/



ପାଳିଲେ ଓ ନୂଆ ପୋଷାକ ପିନ୍ଧିଲେ । ପିଠାପଣା ବାଣ୍ଟିକୁଣ୍ଟି ଖାଇଲେ । ହେଲେ, କେକ୍ କାଟିଲେ ନାହିଁ କି ମହମବତୀ ଜାଳି ଫୁଙ୍କିଲେ ନାହିଁ । ମମିତା କହିଲା, 'ଏହା ଆମ ସଂସ୍କୃତି କି ପରମ୍ପରା ନୁହେଁ ।'


ଅନାଥାଶ୍ରମରୁ ମମିତା ସପରିବାର କିଛି ଦୂରରେ ଥିବା ବୃଦ୍ଧାଶ୍ରମରେ ପହଞ୍ଚିଲେ । ସେଠାରେ ମମିତା ସମସ୍ତ ବୃଦ୍ଧବୃଦ୍ଧାଙ୍କୁ ମୁଣ୍ଡିଆ ମାରି ପ୍ରଣାମ ଜଣାଇଲା । ସାଥିରେ ଆଣିଥିବା ପିଠା, ପଣା ଓ ଫଳ ସମସ୍ତଙ୍କୁ ବାଣ୍ଟିଲା । ସମସ୍ତ ବୃଦ୍ଧ, ବୃଦ୍ଧା, ମମିତାର ଜନ୍ମ ଦିନ ଜାଣି ତାକୁ ଆଶୀର୍ବାଦ ଦେଇ କହିଲେ, 'ମା' ତୋ' ଭବିଷ୍ୟତ ଉଜ୍ଜ୍ୱଳ ହେଉ ।'

ଏତିକିବେଳେ ପାଖ ମନ୍ଦିରର ଘଣ୍ଟା ବାଜୁଥିବା ଶବ୍ଦ ଶୁଣାଗଲା । ସନ୍ଧ୍ୟା ଆଳତି ଚାଲୁଥାଏ । ମମିତା ବାପାମାଆଙ୍କ ସହିତ ମନ୍ଦିରଦ୍ୱାର ନିକଟରେ ପହଞ୍ଚିଗଲା । ସେଠାରେ ଦେଖିଲା, କିଛି ଦିବ୍ୟାଙ୍ଗ ବସିଛନ୍ତି ଓ ଗୋଟିଏ ବୃଷଭ ସେମାନଙ୍କ ନିକଟରେ ଛିଡ଼ା ହୋଇଛି । ସାଥୀରେ ଆଣିଥିବା ଫଳକୁ ମମିତା ମାଆଙ୍କ ନିକଟରୁ ନେଇ ଠାକୁରଙ୍କୁ ଦେବା ପରିବର୍ତ୍ତେ ବୃଷଭକୁ ଖୁଆଇଦେଲା । ମାଆ ଆଶ୍ଚର୍ଯ୍ୟହୋଇ ଚାହୁଁଥାନ୍ତି । ଏହା ଦେଖି ମମିତା କହିଲା, "ମା', ଭଗବାନ ତ କାଠ, ପଥର ତିଆରି ମୂର୍ତ୍ତି । ହେଲେ ଏ ତ ଜୀବନ୍ତଠାକୁର ।" ବାପା ଝିଅର ଏକଥା ଶୁଣି ତା' ମୁଣ୍ଡକୁ ଟିକିଏ ଆଉଁଶି ଦେଲେ । ମମିତା ତରତର ହୋଇ ବାପାଙ୍କୁ କହିଲା,



https://withteachers.in/

"ବାପା, କିଛି ଟଙ୍କା ଦେଲ, ଏ ଦିବ୍ୟାଙ୍ଗ ମଉସାମାଉସୀମାନଙ୍କୁ ମୁଁ ଦାନ କରିବି ।" ବାପା, ଟଙ୍କା ଦେବାରୁ ମମିତା ସମସ୍ତଙ୍କ ମଧ୍ୟରେ ବାଣ୍ଟିଦେଲା। ଏତିକିବେଳେ ମମିତାର ନଜର ତାଙ୍କ ବିଦ୍ୟାଳୟର ଗୁରୁଜୀଙ୍କ ଉପରେ ପଡ଼ିଲା । ସେ ଦୂରରୁ ଥାଇ ମମିତାର କାମକୁ ଦେଖୁଥିଲେ । ପାଖକୁ ଆସି ମମିତାର ପ୍ରଶଂସା କଲେ । ଝିଅର ପ୍ରଶଂସା ଶୁଣି ମାଆ କହିପକାଇଲେ, "ସେ ଆଜି ତା' ଜନ୍ମ ଦିନ ବୋଲି ଏପରି କରୁନାହିଁ । ପ୍ରତିଦିନ ସେ ସକାଳୁ ଆମଘର ଅଗଣାକୁ ଆସୁଥିବା ପକ୍ଷୀମାନଙ୍କୁ ଆହାର ଦେବା ସହିତ



ବୁଲାକୁକୁର, ଗାଈମାନଙ୍କୁ ରୁଟି, ଗୁଡ଼, କଦଳୀ ଦିଏ । ଜୀବେ ଦୟା ତା'ର ମହତ ଗୁଣ ।" ଗୁରୁଜୀ ମା'ଙ୍କ କଥା ଶୁଣି ଖୁସିରେ କହି ପକାଇଲେ, "ତେବେ ଏପରି ଝିଅ ତ କୋଟିକରେ ଗୋଟିଏ ।"

ସମସ୍ତେ ମମିତାକୁ ଜନ୍ମଦିନର ଅଜସ୍ର ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କଲେ ।

**'ସଭିଙ୍କ ମୁହଁରେ ଫୁଟିଲା ହସ,**
**ମମିତା ପାଳିଲା ଜନ୍ମ ଦିବସ ।'**

୦୦୦



https://withteachers.in/

ପାଠ-୨

# ନ୍ୟାୟର ସିଂହାସନ

ଅନେକ ବର୍ଷ ତଳର କଥା । ଉଜ୍ଜୟିନୀ ନାମରେ ଏକ ଐତିହାସିକ ତଥା ପ୍ରାଚୀନ ନଗରୀ ଥିଲା । ସେଠାରେ ଭୋଜରାଜ ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ତାଙ୍କ ନଗରୀକୁ ଲାଗି ଧାରାପୁରୀ ବୋଲି ଗୋଟିଏ ଗ୍ରାମ ଥିଲା । ସେଠାରେ ଏକ ସୁଦୀର୍ଘ ପଡ଼ିଆ ଥିଲା । ପ୍ରତ୍ୟେକ ଦିନ ଅନେକ ପିଲା ସେହି ପଡ଼ିଆକୁ ଖେଳିବାକୁ ଆସନ୍ତି । ପଡ଼ିଆର ଗୋଟିଏ ପଟେ ଉଚ୍ଚ ଚିକ୍କଣ ପଥରଟିଏ ଥିଲା । ପିଲାମାନେ ମିଶି ସେଠାରେ ଗୋଟିଏ ମଞ୍ଚା ତିଆରି କଲେ। ମଞ୍ଚାଟି ସିଂହାସନ ଭଳି ଦେଖାଯାଉଥିଲା । ମଞ୍ଚା ତିଆରି ପରେ ପିଲାଟିଏ ସେଥିରେ ଥିବା ପଥର ଉପରେ ବସି ପଡ଼ିଲା । ସବୁ ସାଙ୍ଗଙ୍କୁ ଡାକି କହିଲା, "ଏ ସିଂହାସନ ଆଜିଠୁ ମୋର । ମୁଁ ରାଜା, ତୁମ୍ଭେମାନେ ମୋର ପାରିଷଦବର୍ଗ। ତୁମ୍ଭେମାନେ ଜଣଜଣ କରି ତୁମର ଅଭିଯୋଗ ମୋ ନିକଟକୁ ଆଣ । ମୁଁ ସେଗୁଡ଼ିକର ବିଚାର କରିବି।"




ସଭିଏଁ ମିଶି ବିଭିନ୍ନ ପ୍ରକାର ଅଭିଯୋଗ ଗୋଟିଏ ପରେ ଗୋଟିଏ ରାଜାଙ୍କ ନିକଟରେ ଉପସ୍ଥାପନ କରନ୍ତି । ପିଲାଟି ମଞ୍ଚାର ସିଂହାସନରେ ବସି ସମସ୍ତଙ୍କ ଅଭିଯୋଗ ଶୁଣେ ଓ ତୁରନ୍ତ ସମସ୍ତଙ୍କୁ ଖୁସି କଲା ଭଳି ଫଇସଲା ଶୁଣାଏ। ପିଲାମାନେ ନିୟମିତ ଏଭଳି ଖେଳ ଖେଳନ୍ତି ଓ ବହୁତ ମଜା କରନ୍ତି । ପଡ଼ିଆ ଦେଇ ଯାଉଥିବା ବାଟୋଇମାନେ ମଧ୍ୟ ପିଲାଙ୍କ ଏହି ଖେଳକୁ ଉପଭୋଗ କରନ୍ତି ଓ ରାଜାଭାବେ ମଞ୍ଚାସୀନ ପିଲାଟିର ବିଚାର ଶୈଳୀକୁ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରନ୍ତି । ବେଳେବେଳେ ନିଜନିଜ ମଧ୍ୟରେ କୁହାକୁହି ହୁଅନ୍ତି କି, ଏ ବାଳକ ଦେହରେ କିଛି ଦୈବୀଶକ୍ତି ରହିଛି। ଫଳରେ ସେ ଏଭଳି ସୁନ୍ଦର ଓ ଉପଯୁକ୍ତ ବିଚାର ପ୍ରଦାନ କରି ପାରୁଛି ।



https://withteachers.in/


ଦିନକର କଥା । ଦୁଇଜଣ କୃଷକ ସେମାନଙ୍କ ମଧ୍ୟରେ ହୋଇଥିବା କଳିର ବିଚାରପାଇଁ ରାଜାଙ୍କ ନିକଟକୁ ନ ଯାଇ, ମଞ୍ଚରେ ବସୁଥିବା ପିଲା ନିକଟରେ ଉପସ୍ଥିତ ହେଲେ । ଦୁହେଁ ସେମାନଙ୍କ କଳି ବିଷୟରେ ପିଲାଟିକୁ କହିଲେ । ପିଲାଟି ଗମ୍ଭୀରତାର ସହ ସବୁ ଶୁଣିଲା, ଶେଷରେ ସେ ଦୁହିଁଙ୍କୁ ଏପରି ଫଇସଲା ଶୁଣାଇଲା, ଯାହା ଶୁଣି ଦୁହେଁ ଆଶ୍ଚର୍ଯ୍ୟ ହୋଇଗଲେ । ସେହି ଦିନଠାରୁ ଲୋକମାନେ ନିଜ ନିଜର ଆପତ୍ତି ଅଭିଯୋଗକୁ ନେଇ ଆଉ ରାଜାଙ୍କ ନିକଟକୁ ନ ଯାଇ ସେହି ପିଲାଟି ପାଖକୁ ଆସନ୍ତି । ପିଲାଟି ସଭିଙ୍କୁ ସନ୍ତୁଷ୍ଟ କଲାପରି ନ୍ୟାୟ ପ୍ରଦାନ କରେ । ଫଳରେ ପିଲାଟିର ଯଶ ସବୁଆଡ଼େ ବ୍ୟାପିବାକୁ ଲାଗିଲା ।



ରାଜାଙ୍କ ନିକଟରେ ପିଲାଟିର ଖ୍ୟାତି ପହଞ୍ଚିଗଲା । ପ୍ରଥମେ ସେ ବହୁତ ରାଗିଗଲେ । କିନ୍ତୁ ପରେ ସେ ମନସ୍ଥ କଲେ ଯେ ପିଲାଟି ନିକଟକୁ ଯିବେ ଓ ପିଲାର ବିଚାରଧାରାକୁ ଦେଖିବେ । ପରଦିନ ପାତ୍ରମନ୍ତ୍ରୀଙ୍କ ସହ ରାଜା ମଞ୍ଚାର କିଛି ଦୂରରେ ରହି ପିଲାମାନଙ୍କ ଖେଳକୁ ନିରୀକ୍ଷଣ କଲେ । ସେ ପିଲାଟିର ବୁଦ୍ଧିମତ୍ତା ଓ ନ୍ୟାୟ ପ୍ରଦାନ ଶୈଳୀକୁ ବହୁତ ପସନ୍ଦ କଲେ । ମନ୍ତ୍ରୀଙ୍କୁ ପାଖକୁ ଡାକି କହିଲେ, ସତରେ ଏ ପିଲା ବଡ଼ ବୁଦ୍ଧିମାନ, ତା' ବିଚାରଧାରାକୁ ମାନିବାକୁ ପଡ଼ିବ । ଏତେ ଛୋଟ ବୟସରେ ସେ ଯେଉଁ ନ୍ୟାୟ ବିଚାର କରୁଛି, ବଡ଼ମାନେ ମଧ୍ୟ ତା' ନିକଟରେ ହାର ମାନିବେ ।" ଏହି ସମୟରେ ଜଣେ ପାରିଷଦ କହିଲେ, "ହଜୁର, ଏ ପିଲା ତ ନିଇତି ମଞ୍ଚରେ ବସୁଥିବା ପିଲା ନୁହେଁ, ପ୍ରତିଦିନ ମଞ୍ଚାରେ ବସୁଥିବା ପିଲା ଜ୍ୱରରେ ଆକ୍ରାନ୍ତ ହୋଇଥିବା ଯୋଗୁଁ ତା' ସ୍ଥାନରେ ଏ ପିଲା ମଞ୍ଚାସୀନ ହୋଇଛି ।" ରାଜା କହିଲେ,- "ତେବେ ଏହା ତ ବଡ଼ ଆଶ୍ଚର୍ଯ୍ୟ କଥା ! ଯାହା ବି ହେଉ, ଏହି ମଞ୍ଚା-ସିଂହାସନର ନିଶ୍ଚୟ କିଛି ଚମତ୍କାରିତା ଅଛି । ମୁଁ ଏହାକୁ ପରୀକ୍ଷା କରିବି ।"



https://withteachers.in/



ରାଜା ତତ୍‌କ୍ଷଣାତ୍ ସେହି ମଞ୍ଚାତଳକୁ ଖୋଳିବାକୁ ଆଦେଶ ଦେଲେ । ଖୋଳୁଖୋଳୁ ମଞ୍ଚାତଳୁ ଏକ ସୁନ୍ଦର ଚନ୍ଦ୍ରକାନ୍ତ ପଥରରେ ତିଆରି ରତ୍ନଖଚିତ ବତିଶଟି ପୁତ୍ତଳିକାଯୁକ୍ତ ସିଂହାସନ ଦେଖିବାକୁ ପାଇଲେ । ସିଂହାସନର ଚାରୋଟି ଗୋଡ଼ରେ ଚାରିଜଣ ଦେବଦୂତଙ୍କ ମୂର୍ତ୍ତି ଖୋଦେଇ ହୋଇ ସିଂହାସନର ଶୋଭା ବର୍ଦ୍ଧନ କରୁଥିଲା ।

ମାଟିତଳୁ ସିଂହାସନ ମିଳିବା କଥା ପବନ ବେଗରେ ଚାରିଆଡ଼େ ବ୍ୟାପିଗଲା । ହଜାରହଜାର ଲୋକ ସିଂହାସନ ଦେଖିବାକୁ ଭିଡ଼ ଜମାଇଲେ । ଜଣେ ବିଦ୍ୱାନ୍ ପଣ୍ଡିତ ସିଂହାସନ ଦେଖି କହିଲେ, "ଏହା ସାଧାରଣ ସିଂହାସନ ନୁହେଁ । ଏହା ବହୁବର୍ଷ ପୁରୁଣା ରାଜା ବିକ୍ରମାଦିତ୍ୟଙ୍କ ସିଂହାସନ । ଏହା ଉପରେ ରାଜା ବିକ୍ରମାଦିତ୍ୟ ଉପବେଶନ କରି ସତ୍ୟ, ଧର୍ମ, ନ୍ୟାୟର ବିଚାର ପ୍ରଦାନ କରୁଥିଲେ । ସୁତରାଂ ଏହା ଏକ ନ୍ୟାୟର ସିଂହାସନ ।"

ରାଜା ଏହା ଶୁଣି ଆଦେଶ ଦେଲେ, "ତୁରନ୍ତ ଏ ସିଂହାସନକୁ ରାଜ ଦରବାରକୁ ପ୍ରେରଣ କରାଯାଉ । ଏହା ଉପରେ ମୁଁ ବସିବି ଓ ପ୍ରଜାଙ୍କ ଆପତ୍ତି ଅଭିଯୋଗର ଫଇସଲା କରିବି ।"

ତା'ପରଦିନ ରାଜା ଉତ୍କଣ୍ଠାର ସହ ସିଂହାସନରେ ବସିବାକୁ ଉଦ୍ୟତ ହେଉଥିବାବେଳେ ହଠାତ୍ କାହାର ଏକ ଶବ୍ଦ ଶୁଣାଗଲା, "ରହିଯାଆନ୍ତୁ ରାଜା !" ରାଜା ଚାରିଦିଗକୁ ଚାହିଁଲେ, କେହି ନାହାନ୍ତି । ସେ ପୁନର୍ବାର ସିଂହାସନରେ ବସିବାକୁ ଆଗେଇ ଯାଆନ୍ତେ, ପୁଣି ସେହିପରି ଶବ୍ଦ, "ରହିଯାଆନ୍ତୁ ରାଜା !" ବୋଲି ଶୁଭିଲା । ଏଥର ରାଜା ଆଶ୍ଚର୍ଯ୍ୟ ହୋଇ ଦେଖିଲେ ସିଂହାସନ ଗୋଡ଼ରେ ଖୋଦିତ ଗୋଟିଏ ପୁତ୍ତଳିକା ତାଙ୍କୁ ଏ କଥା କହୁଛି । ପୁତ୍ତଳିକା ପୁଣି କହିଲା, "ରାଜା ! ଆପଣ କ'ଣ ଏ ସିଂହାସନରେ ବସିବାକୁ ଯୋଗ୍ୟ ? ଆପଣ କ'ଣ ଦୃଢ଼ତାର ସହିତ କହିପାରିବେ କି,



https://withteachers.in/



ଜୀବନରେ କେବେ ଚୋରି କରି ନାହାନ୍ତି ?" ରାଜା ଲଜ୍ଜାରେ ମୁଣ୍ଡ ତଳକୁ କଲେ, କାରଣ ତାଙ୍କର ମନେ ପଡ଼ିଲା ସେ କିଛି ବର୍ଷ ତଳେ ତାଙ୍କର ଜଣେ ପାରିଷଦଙ୍କ ଜମିକୁ ଜବରଦସ୍ତ ହଡ଼ପ କରିଥିଲେ । ପୁତ୍ତଳିକା ପୁଣି କହିଲା, "ଆପଣଙ୍କୁ ଏ ଚୋରି ଅପରାଧରୁ ମୁକୁଳିବାପାଇଁ ତିନିଦିନ ଧରି ପୂଜାର୍ଚ୍ଚନା କରି ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ ।" ଏହା କହି ପୁତ୍ତଳିକାଟି ଡେଣା ହଲାଇ ସେଠାରୁ ଉଡ଼ିଗଲା ।

ରାଜା ପୁତ୍ତଳିକାର କଥାନୁସାରେ ତିନିଦିନ ଧରି ପୂଜାର୍ଚ୍ଚନା ଓ ଉପବାସ କରି ଚତୁର୍ଥଦିନ ସିଂହାସନରେ ବସିବାକୁ ଗଲେ । ହେଲେ ଏ କ'ଣ ! ପୁଣି ଦ୍ୱିତୀୟ ପୁତ୍ତଳିକା କହିବାକୁ ଲାଗିଲା, "ରହିଯାଆନ୍ତୁ ରାଜା ! ଆପଣ ଦୃଢ଼ତାର ସହିତ କହିପାରିବେ କି ଜୀବନରେ କେବେ ମିଛ କହି ନାହାନ୍ତି ବୋଲି ?" ରାଜା କହିଲେ, "ମୁଁ ତ ପିଲାବେଳେ କୌଣସି ନା କୌଣସି ଅସୁବିଧାରେ ପଡ଼ିଥିବାବେଳେ ମିଛ କହିଦେଇଥାଏ ।" ଦ୍ୱିତୀୟ ପୁତ୍ତଳିକା ରାଜାଙ୍କ କଥା ଶୁଣି ଡେଣା ହଲାଇ ଆକାଶକୁ ଉଡ଼ିଗଲା ।

ରାଜା ପୁଣି ତିନିଦିନ ଧରି ପୂଜାର୍ଚ୍ଚନା ଓ ଉପବାସ କରିବାପରେ ସିଂହାସନରେ ବସିବାକୁ ଗଲାବେଳେ ତୃତୀୟ ପୁତ୍ତଳିକା ରାଜାଙ୍କୁ ପୁଣି ଅଟକାଇ କହିଲା,- "ସିଂହାସନରେ ବସିବା ପୂର୍ବରୁ କୁହନ୍ତୁ "ଆପଣ କାହାକୁ କେବେ କ'ଣ ଜୀବନରେ ଆଘାତ ପହଞ୍ଚାଇ ନାହାନ୍ତି ?" ରାଜା ଏହା ଶୁଣି ପଛକୁ ଘୁଞ୍ଚିଗଲେ । ତୃତୀୟ ପୁତ୍ତଳିକା ମଧ୍ୟ ଅନ୍ୟମାନଙ୍କ ପରି ଡେଣା ହଲାଇ ଉପରକୁ ଉଡ଼ିଗଲା ।



https://withteachers.in/

ରାଜା ପୂର୍ବପରି ତିନିଦିନ ଧରି ପୂଜାର୍ଚ୍ଚନା ଓ ଉପବାସ କଲେ । ପୂଜା ଶେଷରେ ସେ ସିଂହାସନରେ ବସିବାକୁ ଉଦ୍ୟମ କଲାବେଳେ ଚତୁର୍ଥ ପୁତ୍ତଳିକା ବାହାରି ପଡ଼ି କହିଲା, "ରହିଯାଆନ୍ତୁ ରାଜା ! ଯେଉଁ ପିଲା ଏ ସିଂହାସନରେ ବସୁଥିଲା, ସେ ଅତ୍ୟନ୍ତ ସରଳ, ନିଷ୍ପାପ ଥିଲା । ତା' ମନ କଳୁଷିତ ନ ଥିଲା । ତୁମେ ଯଦି ନିଜକୁ ଯୋଗ୍ୟ ବୋଲି ମନେ କରୁଛ, ତେବେ ଏ ସିଂହାସନରେ ବସିପାର ।"

ରାଜା ବହୁତ ସମୟ ଧରି ଭାବିବାକୁ ଲାଗିଲେ । ନିଜକୁ ନିଜେ କହିଲେ, "ଯଦି ଗୋଟିଏ ସାମାନ୍ୟ ପିଲା, ଏ ସିଂହାସନରେ ବସି ପାରୁଛି, ତେବେ ମୁଁ ରାଜା ଭାବେ ତ ଅଧିକ ଯୋଗ୍ୟ । ପୁଣି ମୁଁ ଧନବାନ୍, ବଳବାନ୍ ଓ ବୁଦ୍ଧିମାନ । ଏଣୁ ମୁଁ ଏ ସିଂହାସନରେ ବସିବାକୁ ଅଧିକ ଉପଯୁକ୍ତ ।" ଏହା ଭାବି ସିଂହାସନରେ ବସିବାକୁ ଅଗ୍ରସର ହେବାମାତ୍ରେ ଚତୁର୍ଥ ପୁତ୍ତଳିକା ସିଂହାସନ ସହିତ ଆକାଶମାର୍ଗକୁ ଡେଣା ହଲାଇ ଉଡ଼ିଗଲା । ରାଜାଙ୍କ ନ୍ୟାୟର ସିଂହାସନରେ ବସିବା ନୋହିଲା ।





https://withteachers.in/



## ଆସ କଥା ହେବା

୧. ତୁମର ପ୍ରିୟ ଖେଳ କ'ଣ ? ତୁମେ ସେହି ଖେଳକୁ କିପରି ଖେଳ ?

୨. ତୁମେ କେବେ କୌଣସି ସମସ୍ୟାର ସମାଧାନ କରିଛ କି ? ତୁମର ଅନୁଭୂତି ବର୍ଣ୍ଣନା କର ।

୩. ଯଦି ତୁମକୁ କେବେ ରାଜା କରି ଦିଆଯିବ, ତୁମେ କ'ଣ ସବୁ କରିବ ?

୪. ପିଲାଟିର କେଉଁସବୁ ଗୁଣ ରହିଥିଲା, ଯେଉଁ କାରଣପାଇଁ ସେ ସିଂହାସନରେ ବସି ପାରୁଥିଲା ?



## ପାଠରୁ

**ଆସ ପଢ଼ିବା ଓ ଠିକ୍ ବାକ୍ୟ ନିକଟରେ (✓) ଚିହ୍ନ ଦେବା । (ଏକାଧିକ ଜାଗାରେ ମଧ୍ୟ ✓ ଚିହ୍ନ ରହିପାରେ)**

୧. (କ) ପିଲାଟି ନ୍ୟାୟ ପ୍ରଦାନ କରୁଛି ବୋଲି ରାଜା କେମିତି ଜାଣିଲେ ?

(i) ପିଲାଙ୍କ ଦୁଷ୍ଟାମିରୁ ☐

(ii) ଲୋକେ ପିଲାଟିର ନ୍ୟାୟକୁ ପ୍ରଶଂସା କରୁଥିବାରୁ ☐

(iii) ପିଲାମାନେ ପିଲାଟି ବିରୋଧରେ କହିବାରୁ ☐

(iv) ମନ୍ତ୍ରୀମାନେ ପିଲାଟିର ବୁଦ୍ଧିକୁ ପ୍ରଶଂସା କରିବାରୁ ☐

(ଖ) କେଉଁ କଥା ରାଜାଙ୍କୁ ଅଧିକ ଆଶ୍ଚର୍ଯ୍ୟ ଲାଗିଲା ?

(i) ପିଲାମାନେ ଖେଳ ଖେଳରେ ନ୍ୟାୟ କରୁଥିଲେ । ☐

(ii) ଲୋକମାନେ ରାଜାଙ୍କ ଦରବାରକୁ ଯାଉ ନଥିବାରୁ ☐

(iii) ସିଂହାସନରେ ବସିଥିବା ପିଲା ଠିକ୍ ନ୍ୟାୟ ପ୍ରଦାନ କରୁଥିବାରୁ ☐

(iv) ସିଂହାସନରେ କୌଣସି ଚମତ୍କାରିତା ରହିଥିବାରୁ ☐

(ଗ) ପିଲାଙ୍କୁ ଏହି ଖେଳ ଏତେ ମଜା କାହିଁକି ଲାଗିଲା ? ଯେଉଁଥିପାଇଁ ସେମାନେ ଏହିଖେଳ ପ୍ରତିଦିନ ଖେଳିବାକୁ ଲାଗିଲେ ?

(i) କାରଣ ସେମାନେ ରାଜାଭଳି ହେବାର ମଜା ପାଉଥିଲେ । ☐

(ii) କାରଣ ଏହା ଅନ୍ୟ ଖେଳଠାରୁ ଅଧିକ ମନୋରଞ୍ଜନ ଦେଉଥିଲା । ☐

(iii) କାରଣ ଏହା ତାଙ୍କ ନ୍ୟାୟ କରିବାର ଅନୁଭବ ପ୍ରଦାନ କରୁଥିଲା । ☐

(iv) କାରଣ ଏହି ଖେଳଦ୍ୱାରା ସେମାନେ ସାରା ନଗରୀରେ ପ୍ରସିଦ୍ଧି ଅର୍ଜନ କରି ପାରିଥିଲେ । ☐



https://withteachers.in/

(ଘ) ରାଜା କାହିଁକି ଉପବାସ ଓ ପ୍ରାୟଶ୍ଚିତ୍ତ କଲେ ?

(i) ସିଂହାସନରେ ସେ ବସିବାପାଇଁ ଯୋଗ୍ୟ ହୋଇ ପାରିବେ । ☐

(ii) କାରଣ ତାଙ୍କ କର୍ମପାଇଁ ପଶ୍ଚାତାପ ହୋଇଥିଲା । ☐

(iii) ମୂର୍ତ୍ତିମାନେ ତାଙ୍କୁ ଏପରି କରିବାକୁ କହିଲେ । ☐

(iv) ଲୋକମାନେ ତାଙ୍କୁ ଏପରି କରିବାକୁ କହିଲେ । ☐



## ଭାବ ଓ ଲେଖ

**ନିମ୍ନ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ଖାତାରେ ଲେଖ ।**

୧. ପିଲାମାନେ ମଞ୍ଚ ସିଂହାସନରେ ବସି ପାରୁଥିଲେ, ହେଲେ ରାଜା ସେଥିରେ ବସି ନ ପାରିବାର କାରଣ କ'ଣ ?

୨. ପ୍ରାୟଶ୍ଚିତ୍ତ କରିବା ପରେ ରାଜାଙ୍କୁ ସିଂହାସନରେ ବସିବାର ଅଧିକାର ମିଳିବାର ଆବଶ୍ୟକ ଥିଲା କି ? ଯଦି ହଁ/ ନାହିଁ ତା'ର କାରଣ ଲେଖ ।

୩. ଦୁଇ କୃଷକ ନିଜ କଳିର ସମାଧାନ କରିବାପାଇଁ ରାଜାଙ୍କ ପରିବର୍ତ୍ତେ ପିଲାଟି ନିକଟକୁ ଯିବାକୁ କାହିଁକି ସ୍ଥିର କଲେ ?

୪. ଚତୁର୍ଥ ମୂର୍ତ୍ତି ସିଂହାସନ ସହିତ କାହିଁକି ଆକାଶକୁ ଉଡ଼ିଗଲା ?

୫. ଏହି କାହାଣୀର ଆଉ ଏକ ନାଁ ଦିଅ । ତୁମେ ଏହି ନୂଆ ନାଁଟି କାହିଁକି ବାଛିଲ, ତା'ର କାରଣ ଲେଖ ।



## ଅନୁମାନ ଓ କଳ୍ପନା କରିବା

୧. କାହାଣୀର ପୁତ୍ତଳିକାଗୁଡ଼ିକ ଉଡ଼ି ଯାଇଛନ୍ତି । ସେମାନେ କେଉଁଠାକୁ ଯାଇଥିବେ ଓ ସେଠାରେ କ'ଣ କରୁଥିବେ ?

୨. ଏହି କାହାଣୀରେ ଯଦି ରାଜା ସିଂହାସନରେ ବସିବାରେ ସଫଳ ହୋଇଥା'ନ୍ତେ, ତେବେ କ'ଣ ହୋଇଥା'ନ୍ତା ?



https://withteachers.in/



## ଭାଷାର କଥା

୧. ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଧ୍ୟାନ ଦେଇ ପଢ଼ ।

ତେବେ ତ ବଡ଼ ଆଶ୍ଚର୍ଯ୍ୟ କଥା ଯାହା ବି ହେଉ ଏହି ମଞ୍ଚ ସିଂହାସନର କିଛି ଚମତ୍କାରିତା ଅଛି ମୁଁ ଏହାର ଯାଞ୍ଚ କରିବି

ଉପର ଲିଖିତ ବାକ୍ୟ ପଢ଼ିବା ସମୟରେ କିଛି ଅସୁବିଧା ହୋଇଥିବ । ଏବେ ଆଉ ଥରେ ସେହି ବାକ୍ୟକୁ ପଢ଼ ।

"ତେବେ ଏହା ତ ବଡ଼ ଆଶ୍ଚର୍ଯ୍ୟ କଥା ! ଯାହା ବି ହେଉ, ଏହି ମଞ୍ଚ ସିଂହାସନର କିଛି ଚମତ୍କାରିତା ଅଛି । ମୁଁ ଏହାର ଯାଞ୍ଚ କରିବି ।"

ଏବେ ଉପରୋକ୍ତ ବାକ୍ୟ ପଢ଼ିବା ପରେ ପୂର୍ବଥର ପରି କୌଣସି ଅସୁବିଧା ହୋଇ ନ ଥିବ । ବାକ୍ୟଗୁଡ଼ିକର ଭାବ ଓ ଅର୍ଥ ମଧ୍ୟ ବୁଝି ପାରିଥିବ । ଏହାର କାରଣ ହେଲା, ବାକ୍ୟରେ କିଛି ବିଶେଷ ଚିହ୍ନ ଯେପରି (" ", ! ।) ପ୍ରୟୋଗ କରାଯାଇଛି । ଏହି ପ୍ରକାର ଚିହ୍ନକୁ ବିରାମଚିହ୍ନ କୁହାଯାଏ ।

ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରେ ବିରାମଚିହ୍ନ ବସାଇ ଆଉ ଥରେ ଲେଖ ।

(କ) ରହିଯା'ନ୍ତୁ ରାଜା ଯେଉଁ ପିଲା ଏ ସିଂହାସନରେ ବସୁଥିଲା ସେ ଅତ୍ୟନ୍ତ ସରଳ ନିଷ୍ପାପ ଥିଲା ତା' ମନ କଳୁଷିତ ନ ଥିଲା ତୁମେ ଯଦି ନିଜକୁ ଏଭଳି ଯୋଗ୍ୟ ମନେ କରୁଛ ତେବେ ଏହି ସିଂହାସନରେ ବସିପାର

(ଖ) ଯଦି ଗୋଟିଏ ସାମାନ୍ୟ ପିଲା ଏ ସିଂହାସନରେ ବସିପାରୁଛି ତେବେ ମୁଁ ରାଜା ହୋଇ ପୁଣି ଧନବାନ୍ ବଳବାନ୍ ଓ ବୁଦ୍ଧିମାନ ଭାବେ ଏ ସିଂହାସନରେ ବସିବାକୁ ତ ଅଧିକ ଯୋଗ୍ୟ

୨. 'ତୃତୀୟ ପୁତ୍ତଳିକା ମଧ୍ୟ ଉଡ଼ିଗଲା ।' ଏହି ବାକ୍ୟକୁ ଆଧାର କରି ନିମ୍ନ ପ୍ରଶ୍ନର ଉତ୍ତର ଶିକ୍ଷକଙ୍କ ସହାୟତାରେ ଲେଖ ।

(କ) ଏହି ବାକ୍ୟରେ ବିଶେଷ୍ୟ ପଦ କେଉଁଟି ?

ଉ : ..........................................................................................

(ଖ) ଏଥିରେ କେଉଁ ଶବ୍ଦଟି ବିଶେଷ୍ୟ ପଦର ବିଶେଷଣ ଭାବେ ବ୍ୟବହୃତ ହୋଇଛି ?

ଉ : ..........................................................................................



https://withteachers.in/

**୩. ନିମ୍ନ ବାକ୍ୟଗୁଡ଼ିକରୁ ବିଶେଷଣପଦଗୁଡ଼ିକୁ ଚିହ୍ନଟ କରି ତା' ତଳେ ଗାର ଦିଅ ।**

ଯେପରି – ଗୋଟିଏ ଦିନ ଦଳେ ପିଲା ପଡ଼ିଆରେ ଖେଳୁଥିଲେ ।

ରେଖାଙ୍କିତ ଶବ୍ଦ ଦୁଇଟିକୁ ଲକ୍ଷ୍ୟ କର । ଏହି ଦୁଇଟି ଶବ୍ଦ ଦିନ ଓ ପିଲା ପୂର୍ବରୁ ବ୍ୟବହୃତ ହୋଇଛି । ଦିନ ଓ ପିଲା ଶବ୍ଦ ଦ୍ୱୟ ବିଶେଷ୍ୟ ପଦ । ଗୋଟିଏ ଓ ଦଳେ ଶବ୍ଦ ଦୁଇଟି ହେଉଛି ବିଶେଷଣ ପଦ ଏହା ବିଶେଷ୍ୟ ପଦର ପରିମାଣକୁ ସୂଚାଉଛି ।


(କ) ସେଠାରେ ଏକ ସୁଦୀର୍ଘ ପଡ଼ିଆ ଥିଲା ।

(ଖ) ଏତେ ଛୋଟ ବୟସରୁ ଏମିତି ବୁଦ୍ଧି ରହିବା ଆଶ୍ଚର୍ଯ୍ୟ କଥା ।

(ଗ) ରାଜା ଦେଖିଲେ ଯେ ଏହା ପଥର ନୁହେଁ, ବହୁତ ସୁନ୍ଦର ସିଂହାସନ ଅଟେ ।

(ଘ) ହଜାର ହଜାର ଲୋକ ସିଂହାସନ ଦେଖିବାକୁ ଭିଡ଼ ଜମାଇଲେ ।

**୪. ତୁମ ନିକଟରେ ଏମିତି କେଉଁ ବିଶେଷ ଗୁଣ ଦରକାର, ଯାହାଦ୍ୱାରା ତୁମେ କାହାଣୀରେ ଥିବା ସିଂହାସନ ଉପରେ ବସି ପାରିବ ? ଲେଖ ।**





https://withteachers.in/



## ପାଠରୁ ଆଗକୁ

(୧) କାହାଣୀରେ ଗାଁ ଲୋକମାନେ ସେମାନଙ୍କ କଳିର ସମାଧାନ କରିବାକୁ ଯେପରି ପିଲାଟି ନିକଟକୁ ଯାଇଥିଲେ, ତୁମେ ସେହିପରି ନିଜ ସମସ୍ୟା ସମାଧାନ ନିମନ୍ତେ କାହା ନିକଟକୁ ଯାଅ ? ସେମାନଙ୍କ ନିକଟକୁ କାହିଁକି ଯାଅ ? ନିଜ ଖାତାରେ ଲେଖ ।

(୨) ତୁମ ପ୍ରତି କିଏ କେବେ ଅନ୍ୟାୟ କରିଥିବାର ଅନୁଭବ ହୋଇଛି କି ? ତୁମେ ଏଭଳି ପରିସ୍ଥିତିର ସାମନା କିପରି କଲ ? ନିଜ ଖାତାରେ ଲେଖ ।



## ପାଠାଗାରର ବ୍ୟବହାର

ତୁମେ ପଢ଼ିଥିବା 'ନ୍ୟାୟର ସିଂହାସନ' ଗଳ୍ପଟି ବହୁବର୍ଷ ପୁରୁଣା 'ବତ୍ରିଶ ସିଂହାସନ'ରୁ ଆସିଛି । ଏହି ପୁସ୍ତକରେ ରାଜା ବିକ୍ରମାଦିତ୍ୟଙ୍କ ଉପରେ ଆଧାରିତ ବତିଶଟି ସୁନ୍ଦର କାହାଣୀ ରହିଛି । କାହାଣୀଗୁଡ଼ିକ ଅତ୍ୟନ୍ତ ରୁଚିକର, ମନଲୋଭା ଓ ଆକର୍ଷଣୀୟ ।

ତୁମେ ତୁମ ବିଦ୍ୟାଳୟର ପାଠାଗାରରୁ 'ପଞ୍ଚତନ୍ତ୍ର', 'ହିତୋପଦେଶ' ଓ 'ଜାତକ କାହାଣୀମାଳା' ଭଳି ପୁସ୍ତକ ଖୋଜି ପଢ଼ ଓ ଗଳ୍ପରୁ ଯାହା ଶିଖିଲ ଖାତାରେ ଲେଖ । ସାଙ୍ଗମାନଙ୍କ ସହିତ ମଧ୍ୟ ଆଲୋଚନା କର ।




## ଆସ ପଚାରି ଲେଖିବା

ସିଂହାସନ ଏକ ସ୍ୱତନ୍ତ୍ର ଆସ୍ଥାନ । ଏଥିରେ ରାଜା, ମହାରାଜାମାନେ ଉପବେଶନ କରନ୍ତି । ଅନେକ କାରୁକାର୍ଯ୍ୟ ସହିତ ବିଶେଷ ମୂଲ୍ୟବାନ୍ ପଦାର୍ଥ ବ୍ୟବହାର କରି ସିଂହାସନ ତିଆରି କରାଯାଏ । ଠିକ୍ ସେହିଭଳି ଆହୁରି ଆମ ଦୈନନ୍ଦିନ ଜୀବନରେ ବସିବାପାଇଁ ଅନେକ ବସ୍ତୁ ରହିଛି, ସେଗୁଡ଼ିକୁ ଖୋଜିବା, ସେଗୁଡ଼ିକର ବର୍ଣ୍ଣନା କରିବା ଓ ସେଗୁଡ଼ିକର ନାମ ଲେଖିବା ।



https://withteachers.in/

| ବସ୍ତୁ | ବର୍ଣ୍ଣନା | ଆମ ଅଞ୍ଚଳରେ ଏହାର ନାମ |
|---|---|---|
|  ସପ | ଏହା ଘାସ, ବାଉଁଶ କିମ୍ବା ପ୍ଲାଷ୍ଟିକ୍‌ରେ ତିଆରି ଏହାକୁ ଭୂମି ଉପରେ ପକାଇ ବସିବାକୁ ହୁଏ । | ........................... |
|  ଦରି | ଏହା ମୋଟା କପଡ଼ା ବା ସୂତାରେ ତିଆରି । ଏହା ବିଭିନ୍ନ କାର୍ଯ୍ୟକ୍ରମ ଓ ଉତ୍ସବମାନଙ୍କରେ ବ୍ୟବହୃତ ହୁଏ । | ........................... |
|  ମାଛିଆ | ........................................... ........................................... ........................................... | ........................... |
|  ଖଟିଆ | ........................................... ........................................... ........................................... | ........................... |
|  ପିଢ଼ା | ........................................... ........................................... ........................................... | ........................... |
|  ପଟି | ........................................... ........................................... ........................................... | ........................... |



https://withteachers.in/

## ବୁଝିଲେ ଜାଣିବ

ଆମ ଓଡ଼ିଆ ଭାଷାରେ ଅନେକ ପହେଳି ରହିଛି । ସେଗୁଡ଼ିକୁ ପଢ଼ି ବୁଝିଲେ ଆମକୁ ବହୁତ ଆନନ୍ଦ ମିଳେ । ଆସ ସେହିଭଳି 'ପହେଳି' ପଢ଼ିବା, ବୁଝିବା ଓ ସେଗୁଡ଼ିକ ସମ୍ପର୍କରେ କହିବା ।

(୧)

ସଫା ଥିବାବେଳେ ଦେହ ମୋ କଳା,
ମଇଳା ହୋଇଲେ ଦିଶଇ ଧଳା ।
ଶ୍ରେଣୀ ଭିତରେ ମୁଁ ରହେ,
କହିଲ ଦେଖି ମୁଁ କିଏ ?

(୨)

ଖରା ବରଷାର ମୁଁ ଅଟେ ସାଥୀ,
ଧରିଥା'ନ୍ତି ମୋତେ ଅଜାଠୁ ନାତି ।
ଭଳି ଭଳି ରଙ୍ଗେ ଭାରି ସୁନ୍ଦର
କହିକି ପାରିବ ନାମଟି ମୋର ?

(୩)

ଗରମ ପାଇଲେ ଆକାଶେ ଉଡ଼େ,
ଶୀତଳ ପାଇଲେ ତଳକୁ ପଡ଼େ ।
ଦେଖି ଦେଲେ ମୋତେ ନାଚେ ମୟୂର,
କହି ପାରିବ କି ନାମଟି ମୋର ?

(୪)

ମେଳା ମଉସବେ ଆଦର ମୋର,
ଛୋଟ ପିଲାଙ୍କ ମୁଁ ଅତି ନିଜର,
ପବନ ଖାଏ, ପବନ ପିଏ,
କହିଲ ଦେଖି ମୁଁ କିଏ ?

(୫)

ଏମିତି ବାଘ ମୁଁ ଛାଡ଼େନି ଘର,
ଖାଏନି ମଣିଷ ପିଏ ମୁଁ କ୍ଷୀର ।
ତୁମ ଚୁଲି ମୁଣ୍ଡେ ଶୁଏ,
କହିଲ ଦେଖି ମୁଁ କିଏ ?

ଉତ୍ତର : (୧) କଳାପଟା, (୨) ଛତା, (୩) ମେଘ, (୪) ବେଲୁନ୍, (୫) ବିଲେଇ



https://withteachers.in/

## ମୋର ନ୍ୟାୟ

- ନିଜ ଶ୍ରେଣୀର ଯେ କୌଣସି ଦୁଇଟି ସମସ୍ୟାକୁ ଚିହ୍ନଟ କର, ଯାହା ଉପରେ ନ୍ୟାୟ ବିଚାର କରାଯିବ ।
- ଶ୍ରେଣୀର ସମସ୍ତ ପିଲାଙ୍କୁ ଦୁଇଦଳରେ ବିଭକ୍ତ କରାଯିବ ।
- ପ୍ରତ୍ୟେକ ଦଳକୁ ଗୋଟିଏ ସମସ୍ୟା ଦିଆଯିବ ଓ ସେହି ଦଳ ସମସ୍ୟାକୁ ନେଇ ତାହାର ସମାଧାନ ନାଟକ ମାଧ୍ୟମରେ ପରିବେଷଣ କରିବେ ।
- ଅନ୍ୟ ଦଳ ନିଜ ମତାମତ ନିମ୍ନ ସାରଣୀ ଅନୁସାରେ ପ୍ରଦାନ କରିବେ ।

| କ୍ର.ନଂ. | ମତାମତ | ଅଙ୍କ (ଦୃଶ୍ୟ) | | | | |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| (କ) | ପ୍ରସ୍ତୁତିକରଣ | | | | | |
| (ଖ) | ଚରିତ୍ର | | | | | |
| (ଗ) | ସମସ୍ୟାର ସମାଧାନ | | | | | |
| (ଘ) | ଚରିତ୍ରଙ୍କ ଆତ୍ମବିଶ୍ୱାସ | | | | | |

**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପିଲାମାନଙ୍କୁ ଦୁଇଦଳରେ ବିଭକ୍ତ କରିବା ସହିତ ଦୁଇଟି ସମସ୍ୟା ବାଛିବାରେ ସହଯୋଗ କରିବେ । ନାଟକ ମଞ୍ଚସ୍ଥପାଇଁ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ କରିବେ । ପ୍ରତ୍ୟେକ ପିଲା ଯେମିତି ଏହି କାର୍ଯ୍ୟରେ ନିୟୋଜିତ ହେବେ ଓ ସକ୍ରିୟ ଅଂଶଗ୍ରହଣ କରିବେ, ସେଥିପ୍ରତି ଧ୍ୟାନ ଦେବେ ।




https://withteachers.in/

## ତୁମ ପଢ଼ିବାପାଇଁ

# ମୂଲିଆ ପୁଅ ରାଜା ହେଲା

ଓଡ଼ିଶା ମୁଲକର ଛୋଟ ଗାଁ'ଟିଏ । ଜଣେ ମୂଲିଆ ତା' ସ୍ତ୍ରୀ ସହ ସେହି ଗାଁରେ ରହେ । ନିଜର ସନ୍ତାନ ନ ଥିବାରୁ ନିଇତି ସେ ପ୍ରଭୁଙ୍କୁ ଡାକେ । ପ୍ରଭୁ ତାଙ୍କ ଡାକ ଶୁଣିଲେ । କିଛିଦିନ ପରେ ଗୋରା ତକତକ, ଡଉଲଡାଉଲ ପୁଅଟିଏ ତାଙ୍କର ହେଲା । ଶ୍ରଦ୍ଧାରେ ସେମାନେ ତା' ନାଁ ରଖିଲେ କପିଳା । ପିଲାଟି ଦିନକୁ ଦିନ ଚନ୍ଦ୍ରକଳା ଭଳି ବଢ଼ିବାକୁ ଲାଗିଲା । ବଡ଼ହେବାରୁ ପିତାମାତା ଜଣେ ଜମିଦାରଙ୍କ ଘରେ ଗାଈ ଜଗିବା କାମ କରିବାକୁ ଛାଡ଼ିଦେଲେ । କପିଳା ଗାଈ ଜଗିବା ସହିତ ବାଡ଼ିଖେଳରେ ବହୁତ ନିପୁଣ ହେଲା। ଲୋକେ ତା' ବାଡ଼ିଖେଳ ଦେଖି ବାଃ, ବାଃ କଲେ। କହିଲେ, "ଏ ତ ବାଡ଼ି ଛାଡ଼ି ଖଣ୍ଡା ଧରିଲେ, ଜଗତକୁ ଜିଣିବ।" ଏକଥା ଶୁଣି ମା'ର ଛାତି କୁଣ୍ଢେମୋଟ ହୋଇଯାଏ । ପ୍ରଭୁ ଚକାଡୋଳାଙ୍କ ନୀଳଚକ୍ରକୁ ଚାହିଁ ହାତଯୋଡ଼ି କୃତଜ୍ଞତା ଜଣାଏ ।




କପିଳା ଗାଈ ଜଗିବା ସମୟରେ ସେହି ଗାଁର କାଶିଆ ବୋଲି ଗୋଟିଏ ପିଲା ସହିତ ଭେଟ ହୁଏ । ଦୁହେଁ ସଙ୍ଗାତ ବସିଲେ । ଏହାପରଠାରୁ ଦୁହେଁ ଏକାଠି ଖେଳନ୍ତି, ବୁଲନ୍ତି ଓ ମଉଜ କରନ୍ତି । ପିଜୁଳିଟିଏ ମିଳିଲେ, ଦୁହେଁ ଏହାକୁ ସମାନ ଦୁଇଭାଗ କରି ଖାଆନ୍ତି ।

ଦିନକର କଥା । ଦୁହେଁ ଜଙ୍ଗଲକୁ ଗାଈ ଜଗିବାକୁ ଯାଇଥିଲେ । ବୈଶାଖମାସ ଉଦୁଉଦିଆ ଦ୍ୱିପ୍ରହର । କପିଳା ଖାଇସାରି ପାଖରେ ଥିବା ଆମ୍ବଗଛ ତଳେ ବିଶ୍ରାମ ନେଉନେଉ ଶୋଇପଡ଼ିଲା । ଆମ୍ବଗଛ ପାଖରେ ଗାତଟିଏ ଥିଲା ।



https://withteachers.in/



ସେଥିରୁ ଗୋଟିଏ ବିରାଟ ନାଗସାପ ବାହାରିଆସି କପିଳାର ମୁଣ୍ଡ ଉପରେ ଛତାଭଳି ଫଣା କରି ଜଗିରହିଲା । ସେତିକିବେଳକୁ କାଶିଆ କପିଳା ପାଖକୁ ଆସୁଥିଲା । ନାଗସାପ ନିଜ ସଙ୍ଗାତ ମୁଣ୍ଡ ଉପରେ ଫଣାଟେକି ଛତାଭଳି ରହିଥିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲା । ସେ ଜୋର୍‌ରେ ପାଟିକରି ତାଳି ମାରିଲା, ନାଗସାପଟି ଧୀରେଧୀରେ ଯାଇ ଗାତ ଭିତରକୁ ପଶିଗଲା । କପିଳା କିନ୍ତୁ ଉଠି ବସିଲା । ସଙ୍ଗାତ କାଶିଆ, କପିଳାକୁ ନାଗ ସାପ କିପରି ତା' ମୁଣ୍ଡ ଉପରେ ଫଣାଟେକି ରହିଥିଲା, ତାହା କହିଲା । ସେ ପୁଣି କହିଲା, "ମୋ ଜେଜେବାପା କହନ୍ତି, ଯାହା ଉପରେ ସାପ ଏପରି କରିବ, ସେ ନିଶ୍ଚୟ ରାଜା ହେବ ।" କପିଳା ସଙ୍ଗାତ କଥା ଶୁଣି ହସିଲା । କହିଲା, "ମୁଁ ଯଦି ରାଜା ହେବି, ତୁମକୁ ମୋ ମନ୍ତ୍ରୀ କରିବି ।"

ଏମିତି କିଛିଦିନ ବିତିଗଲା ।

ଜ୍ୟେଷ୍ଠମାସ ଯାଇ ଆଷାଢ଼ମାସ ହେଲା । ଦୁଇ ପରିବାର ରଥଯାତ୍ରା ଦେଖିବାକୁ ପୁରୀରେ ପହଞ୍ଚିଲେ । ଲକ୍ଷଲକ୍ଷ ଲୋକ ଘଣ୍ଟ, ଶଙ୍ଖ, ମହୁରୀ, ତୂରୀ ଓ ମୃଦଙ୍ଗରେ ବଡ଼ଦାଣ୍ଡ କମ୍ପୁଥିଲା । ହଠାତ୍ କେଉଁଆଡୁ ଲୋକଙ୍କ ଲହର ତାଙ୍କ ପରିବାର ଆଡ଼କୁ ମାଡ଼ି ଆସିଲା । କପିଳା ଦୁଇ ପରିବାରଠାରୁ ଅଲଗା ହୋଇଗଲା । ଯେତେ ଖୋଜିଲେ ମଧ୍ୟ କପିଳା ଆଉ ମିଳିଲା ନାହିଁ । ମନଦୁଃଖରେ ସେମାନେ ଘରକୁ ଫେରିଲେ ।

ଉତ୍କଳର ରାଜା ସେତେବେଳକୁ ଅପୁତ୍ରକ ଥିଲେ । ପୁଅଟିଏ ପାଇବାପାଇଁ ଦିନରାତି ପ୍ରଭୁଙ୍କୁ ଡାକୁଥିଲେ । ଦିନେ ରାତିରେ ରାଜାଙ୍କୁ ସ୍ୱପ୍ନରେ ଦେଖାଦେଇ ମହାପ୍ରଭୁ କହିଲେ, "ରାଜା ତୁମେ କାଲି ସକାଳୁ ଶ୍ରୀମନ୍ଦିର ସାମନା ଗରୁଡ଼ଖମ୍ବ ନିକଟକୁ ଯାଅ । ଦେଖିବ ସେଠାରେ ଜଣେ ଖପରା କୋରି ଅଭଡ଼ା ଖାଉଥିବ । ତାକୁ ତୁମେ ପୁତ୍ରଭାବେ ଗ୍ରହଣ କର ।" ପ୍ରଭୁଙ୍କ ସ୍ୱପ୍ନାଦେଶ କ୍ରମେ ସକାଳୁସକାଳୁ ରାଜା ପାରିଷଦ ଓ ମନ୍ତ୍ରୀଙ୍କ ସହ ଗରୁଡ଼ସ୍ତମ୍ଭ ନିକଟରେ ପହଞ୍ଚିଗଲେ । ସତକୁ ସତ ବାଳକଟିଏ ଖପରା କୋରି ଅଭଡ଼ା ଖାଉଥିବାର ଦେଖିଲେ । ପିଲାଟିର ଆକର୍ଷଣୀୟ ଚେହେରା ସାଙ୍ଗକୁ ରାଜପୁତ୍ର ହେବାର ଲକ୍ଷଣ, ସମସ୍ତଙ୍କୁ ଆକର୍ଷିତ କଲା । ସେ ତାକୁ ଧରି ରାଜ ନଅରକୁ



https://withteachers.in/



ଫେରିଆସିଲେ । ମହାପ୍ରଭୁଙ୍କ କୃପାରୁ ପିଲାଟିଏ ପାଇଥିବାରୁ ତା'ର ଉପଯୁକ୍ତ ଲାଳନପାଳନ କରିବା ସହିତ ତାକୁ ଯୁଦ୍ଧବିଦ୍ୟା, ଘୋଡ଼ାଚଢ଼ା, ଖଣ୍ଡାଯୁଦ୍ଧ ଆଦି ଶିକ୍ଷା ଦେବାକୁ ମନ୍ତ୍ରୀଙ୍କୁ କହିଲେ । କପିଳା ସବୁ ଦିଗରେ ରାଜାଙ୍କୁ ଆକର୍ଷିତ କଲା । ଖୁସି ହୋଇ ରାଜା, ମନ୍ତ୍ରୀଙ୍କୁ କହି ତା' ମୁଣ୍ଡରେ ଶିରିପା ବାନ୍ଧି ନିଜର ସେନାପତି ଭାବେ ନିଯୁକ୍ତି ଦେଲେ । ତାଙ୍କ ଅନ୍ତେ କପିଳା, ରାଜ୍ୟର ରାଜା ହେବ ବୋଲି ମଧ୍ୟ ଘୋଷଣା କଲେ ।



ଦିନକୁ ଦିନ ରାଜା କପିଳେନ୍ଦ୍ରଙ୍କ ବୀରତ୍ୱର ଖ୍ୟାତି ସବୁଆଡ଼େ ବଢ଼ିବାକୁ ଲାଗିଲା । ଉତ୍କଳର ସୀମାକୁ ସେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବଢ଼ାଇ ଦେଇ ନିଜର କୀର୍ତ୍ତି ଧ୍ୱଜା ଉଡ଼ାଇଲେ । ବୀରଶ୍ରୀଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବିରାଧିବୀରବର ପ୍ରବଳପ୍ରତାପୀ ଶ୍ରୀଶ୍ରୀ କପିଳେନ୍ଦ୍ର ଦେବଙ୍କ ଜୟଜୟକାର ଚାରିଆଡ଼େ ଶୁଣାଗଲା । ହଠାତ୍ ଦିନେ କପିଳେନ୍ଦ୍ରଦେବଙ୍କ ନିଜ ସଙ୍ଗାତ କାଶିଆ କଥା ମନେ ପଡ଼ିଲା । ସେ ଦୂତ ପଠାଇ କାଶିଆକୁ ଦରବାରକୁ ଡକାଇଲେ । ରାଜଦରବାରରେ ପହଞ୍ଚି କାଶିଆ ଡରିଗଲା । ମାତ୍ର କପିଳେନ୍ଦ୍ରଦେବ ନିଜ ସିଂହାସନରୁ ଉଠିଆସି ପିଲାଦିନର ସାଥୀ କାଶିଆକୁ ପାଛୋଟି ନେଲେ । ସେ ପିଲାଦିନ କଥା ସ୍ମରଣ କରାଇ କାଶିଆକୁ କହିଲେ, "ମୁଁ ପରା କଥା ଦେଇଥିଲି, ମୁଁ ରାଜାହେଲେ ତୁମକୁ ମନ୍ତ୍ରୀ କରିବି । ଆଜି ସେଦିନ ଆସିଛି । ତୁମେ ମୋର ମନ୍ତ୍ରୀ ।" କାଶିଆ ମୁଣ୍ଡରେ ମନ୍ତ୍ରୀର ଶିରିପା ବନ୍ଧା ହେଲା ।

କାଶିଆ କପିଳା ରାଜା ଓ ମନ୍ତ୍ରୀ ହୋଇ ଉତ୍କଳରେ ରାଜତ୍ୱ କଲେ । କାଳକାଳକୁ କଥା ରହିଲା । 'ମୂଳିଆ ପୁଅ ରାଜା ହେଲା ।'

୦୦୦



https://withteachers.in/

ପାଠ-୩

# ଯେ ଥାଏ ପର ଉପକାରେ

● ଡକ୍ଟର ରମେଶ ଚନ୍ଦ୍ର ପତ୍ରୀ



ଭାରତ ଆମର ଜନ୍ମଭୂମି । ବିରାଟ ଆମର ଏଇ ଦେଶ । ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଦେଶଟି ଆମର ଗଠିତ । ଆମ ଦେଶର ଗୁଜୁରାଟ ରାଜ୍ୟର କଚ୍ଛ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ ଜଣେ ସାଧୁ। ନାଁଟି ତାଙ୍କର ମେକରଣ । ସେ ଥିଲେ ଗୁରୁ ଦତ୍ତାତ୍ରେୟଙ୍କ ଶିଷ୍ୟ । ଗିରିନାର ପର୍ବତର ପାଦଦେଶରେ ଥିବା ଅରଣ୍ୟରେ ସେ ବାରବର୍ଷ ତପସ୍ୟା କରିଥିଲେ । ଏହି ସମୟ ମଧ୍ୟରେ ଭୋକ ହେଲେ ସେ କନ୍ଦମୂଳ ଖାଉଥିଲେ ଓ ଶୋଷହେଲେ ଝରଣା ପାଣି ପିଇ ତୃଷା ନିବାରଣ କରୁଥିଲେ।



ଗୁରୁ ଦତ୍ତାତ୍ରେୟ ଯେତେବେଳେ ଜାଣିଲେ ଯେ ତାଙ୍କ ଶିଷ୍ୟ ମେକରଣ କଠୋର ତପସ୍ୟା କରୁଛନ୍ତି, ତାଙ୍କ ମନ ଆନନ୍ଦରେ ପୂରିଗଲା । ସେ ତାଙ୍କ ପାଖରେ ପହଞ୍ଚି ଆଶୀର୍ବାଦ କଲେ ।

ମେକରଣ ଦତ୍ତାତ୍ରେୟଙ୍କୁ କହିଲେ, "ଗୁରୁଦେବ, ମୁଁ ବାରବର୍ଷ ଧରି ତପସ୍ୟା କରିସାରିଛି । ଏବେ ମୋତେ କ'ଣ କରିବାକୁ ହେବ ଦୟାକରି କୁହନ୍ତୁ ।" ଦତ୍ତାତ୍ରେୟ ତାଙ୍କୁ ଦୁଇଟି ତୁମ୍ବୀ ଦେଇ କହିଲେ, "ପୁଅ, ତୁମେ ଯେଉଁ କଚ୍ଛଭୂମିରୁ ଆସିଛ, ସେଠାରେ ବହୁ ଅଞ୍ଚଳ ମରୁଭୂମି । ସେହି ମରୁଭୂମି ଅଞ୍ଚଳ ଦେଇ ଯାଉଥିବା ପଥିକମାନେ ପାଣି ନ ପାଇ ତୃଷାରେ କାତର ହୋଇପଡ଼ନ୍ତି । ପାଣି ଅଭାବରୁ ଅନେକ ସମୟରେ ସେମାନେ ମୃତ୍ୟୁମୁଖରେ ପଡ଼ନ୍ତି । ତୁମେ ଦୁଇଟିଯାକ ତୁମ୍ବୀରେ ପାଣିନେଇ ସେମାନଙ୍କୁ ପ୍ରତିଦିନ




https://withteachers.in/

ପିଇବାକୁ ଦେବ, ଏହା ହିଁ ତୁମପାଇଁ ହେବ ଏକ ମହତ୍ କାର୍ଯ୍ୟ ।"



ଶିଷ୍ୟଙ୍କୁ ଏହି ପରାମର୍ଶ ଦେଇ ଦତ୍ତାତ୍ରେୟ ଚାଲିଗଲେ । ମେକରଣ ମଧ୍ୟ ଗିରିନାର ପର୍ବତରୁ ଫେରିଆସିଲେ ନିଜର କଚ୍ଛଭୂମିକୁ । ସେଠାରେ ସେ ବାଲିମାଟିରେ ଏକ କୁଡ଼ିଆ ତିଆରି କଲେ । ପ୍ରତିଦିନ ସେ ତୁମ୍ବୀଗୁଡ଼ିକରେ ପାଣି ପୂରାଇ ଭାର ସାହାଯ୍ୟରେ ମରୁଭୂମିରେ ବହୁ ଦୂରକୁ ବୋହି ନେଉଥିଲେ । ଶୋଷରେ ବିକଳ ହୋଇ ପାଣି ମୁନ୍ଦାଏ ଖୋଜୁଥିବା ଯାତ୍ରୀମାନଙ୍କ ପାଖରେ ସେ ପହଞ୍ଚି ଯାଉଥିଲେ । ସେମାନଙ୍କୁ ପାଣି ପିଆଉଥିଲେ । ମରଣମୁହଁରୁ ମୁକୁଳି ଆସୁଥିବା ସେହି ମଣିଷମାନଙ୍କ ମୁହଁରେ ହସ ଫୁଟି ଉଠୁଥିଲା । ଏହା ଦେଖି ମେକରଣ ଖୁବ୍ ଖୁସି ହେଉଥିଲେ । ସନ୍ଧ୍ୟା ହେଲେ ସେ ଆଖପାଖ ଗାଁରୁ ଭିକ୍ଷା କରୁଥିଲେ । ଯାହା ମିଳୁଥିଲା, ସେଇଥିରେ ବଞ୍ଚିଯାଉଥିଲେ ।



କ୍ରମେ ମେକରଣ ବାର୍ଦ୍ଧକ୍ୟରେ ଉପନୀତ ହେଲେ । ସେ ଆଉ ବେଶି ପରିଶ୍ରମ କରିପାରିଲେ ନାହିଁ । ନିଜେ ରହୁଥିବା ସ୍ଥାନରେ ସେ ଗୋଟିଏ ଗଧ ଆଉ ଗୋଟିଏ କୁକୁର ପାଳିଲେ । କୁକୁରଟିର ନାଁ ଦେଇଥିଲେ ମୋତି ଆଉ ଗଧଟିର ନାଁ ଲାଲା ।

ଏଣିକି ସେ ତୁମ୍ବୀ ଦୁଇଟିରେ ପାଣି ଭରି ତାକୁ ଗଧ ପିଠିରେ ଓହଳାଇ ଦେଉଥିଲେ । ସାଙ୍ଗରେ



https://withteachers.in/

ଗୋଟିଏ ଡବା ମଧ୍ୟ ଦେଉଥିଲେ । ଆଗରେ ଯାଉଥିଲା ମୋତି ଆଉ ତା' ପଛେପଛେ ଚାଲୁଥିଲା ଲାଲା । ଯେଉଁଠି ମଣିଷମାନେ ପାଣି ବିନା ଛଟପଟ ହେଉଥିଲେ, ସେଇଠି ସେମାନେ ପହଞ୍ଚି ଯାଉଥିଲେ । ଶୋଷିଲା ମଣିଷମାନେ ଗଧ ପିଠିରେ ଓହଳିଥିବା ତୁମ୍ବୀରୁ ଡବାରେ ପାଣି କାଢ଼ି ପିଉଥିଲେ । ସେମାନଙ୍କ ଜୀବନ ବଞ୍ଚିଯାଉଥିଲା । ସନ୍ଧ୍ୟା ହେଲେ ମୋତି ଓ ଲାଲା ପୁଣି ଫେରିଆସୁଥିଲେ କୁଡ଼ିଆ ପାଖକୁ । ମେକରଣ ଲାଲା ପିଠିରୁ ତୁମ୍ବୀ ଦୁଇଟି ଓହ୍ଲାଇ ଦେଉଥିଲେ । ଦିନବେଳା ମେକରଣ କେତେକ ସ୍ଥାନରୁ ଭିକ୍ଷା ସଂଗ୍ରହ କରି ନେଇ ଆସୁଥିଲେ । ତହିଁରୁ ସେ ଦୁଇଭାଗ ମୋତି ଓ ଲାଲାକୁ ଦେଉଥିଲେ ଆଉ ଗୋଟିଏ ଭାଗ ନିଜେ ଖାଉଥିଲେ । ବେଳେବେଳେ କୌଣସି ଭୋକିଲା ଯାତ୍ରୀ ଯଦି ତାଙ୍କ ନିକଟରେ ପହଞ୍ଚୁଥିଲା ତାକୁ ବି ସେ ନିଜ ଭାଗର ଖାଦ୍ୟ ଦେଇଦେଉଥିଲେ । କ୍ଷୁଧାର୍ତ୍ତଙ୍କୁ ଖାଦ୍ୟ ଦେଇପାରୁଥିବାରୁ ପରମ ତୃପ୍ତି ଲାଭ କରୁଥିଲେ ।

ଥରେ କଚ୍ଛ ରାଜ୍ୟର ରାଜା ସେହି ଅଞ୍ଚଳକୁ ଶିକାର କରିବାକୁ ଆସିଲେ । ତାଙ୍କ ସହିତ ଥିଲେ କେତେକ ରାଜକର୍ମଚାରୀ । ରାଜା ସାରାଦିନ ବୁଲିବୁଲି କୌଣସି ଜନ୍ତୁକୁ ପାଇଲେ ନାହିଁ । ସନ୍ଧ୍ୟାବେଳକୁ କିଛି ସମୟ ବାକି ଥାଏ । ସେହି ମରୁଭୂମିରେ ସେ ମେକରଣଙ୍କ ଗଧ ଓ କୁକୁରକୁ ଦେଖିଲେ । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । କର୍ମଚାରୀମାନଙ୍କୁ ପଚାରିଲେ, "ଏହି ମରୁଭୂମିରେ ଗଧ ଆଉ କୁକୁର କେଉଁଠୁ ଆସିଲେ ? ଏଠାରେ ତ ଚିତାବାଘର ଭୟ ରହିଛି । ତା' ହାବୁଡ଼ରୁ ଏମାନେ ବଞ୍ଚିଛନ୍ତି କିପରି ?"



ଜଣେ ରାଜକର୍ମଚାରୀ ଉତ୍ତର ଦେଲେ, "ମହାରାଜା, ଏମାନେ ହେଉଛନ୍ତି ସନ୍ନ୍ୟାସୀ ମେକରଣଙ୍କ ପୋଷାଜନ୍ତୁ । ଏ ଅଞ୍ଚଳର ସମସ୍ତ ପ୍ରାଣୀଙ୍କ ପାଖରେ ଏମାନେ ପରିଚିତ । ମରୁଭୂମିରେ ପାଣି ନ ପାଇ ଛଟପଟ ହେଉଥିବା ପ୍ରାଣୀମାନଙ୍କୁ ଏମାନେ ପାଣି ଯୋଗାଉଛନ୍ତି । କୌଣସି ହିଂସ୍ରଜନ୍ତୁ ମଧ୍ୟ ଏମାନଙ୍କର ଅନିଷ୍ଟ କରନ୍ତି ନାହିଁ ।"

ରାଜା କହିଲେ, "ଆଜି ଶିକାର ତ ହୋଇପାରିଲା ନାହିଁ । ଆମେ ଏତେ ଦୂରରୁ ଆସିଛୁ ଯେତେବେଳେ, ସନ୍ନ୍ୟାସୀ ମେକରଣଙ୍କ ସହିତ ଭେଟ ହୋଇଯିବା ଉଚିତ ହେବ ।"




https://withteachers.in/

ତା'ପରେ ଲାଲା ଆଉ ମୋତି ଯେଉଁଆଡ଼େ ଗଲେ ତାଙ୍କ ପଛେ ପଛେ ରାଜା ଓ କର୍ମଚାରୀମାନେ ଚାଲିବାକୁ ଲାଗିଲେ । କିଛି ବାଟ ଗଲାପରେ ଗୋଟିଏ କୁଡ଼ିଆ ପାଖରେ ଲାଲା ଓ ମୋତି ଅଟକି ଗଲେ ।

କୁଡ଼ିଆ ଭିତରୁ ଜଣେ ବୃଦ୍ଧ ସନ୍ନ୍ୟାସୀ ବାହାରି ନିଜର ଥରଥର ହାତରେ ଗଧପିଠିରୁ ପାଣିତୁମ୍ବୀ ଦୁଇଟି ଓହ୍ଲାଇ ଆଣିଲେ । ଗଧର ବେକରେ ସେ ଆଉ ଗୋଟିଏ ମୁଣା ଝୁଲାଇଦେଲେ । କୁକୁରକୁ ଚିଠିଟିଏ ଦେଲେ । ତାଙ୍କର ଦରକାରୀ ଜିନିଷଗୁଡ଼ିକର ନାଁ ସେଥିରେ ଲେଖାଥିଲା । ପାଖ ଗାଁର ଦୋକାନୀ ମଧ୍ୟ ଏ ଚିଠି ସହିତ ପରିଚିତ ଥିଲା । ସେ ମେକରଣଙ୍କ ଚିଠି ଅନୁଯାୟୀ ଜିନିଷ ଗଧ ବେକରେ ଝୁଲୁଥିବା ମୁଣାରେ ଭର୍ତ୍ତି କରି ଦେଉଥିଲା ।

ରାଜା ଏ ସବୁ ଦୂରରୁ ଦେଖୁଥିଲେ । ସେ ଓ ତାଙ୍କ କର୍ମଚାରୀମାନେ ସନ୍ନ୍ୟାସୀଙ୍କ ପାଖରେ ପହଞ୍ଚି ନିଜର ପରିଚୟ ଦେଲେ । ମେକରଣ ରାଜାଙ୍କୁ କହିଲେ, "ହେ କଚ୍ଛର ରାଜା, ମୁଁ ଆପଣଙ୍କୁ ସ୍ୱାଗତ ଜଣାଉଛି । ମୋ କୁଡ଼ିଆ ଭିତରକୁ ଆସନ୍ତୁ ।''





https://withteachers.in/

ସେତେବେଳେ ଶୀତ ବଢ଼ିବାକୁ ଲାଗିଥାଏ । ମେକରଣଙ୍କ ଦେହ ଶୀତରେ ଥରଥର ହେଉଥାଏ । ରାଜା ପଚାରିଲେ, "ମହାଶୟ, ଏହି ମରୁଅଞ୍ଚଳରେ ଆପଣଙ୍କୁ କ'ଣ ଶୀତ ହେଉନାହିଁ ?" ମେକରଣ କହିଲେ, "ଶୀତ ହେଉଛି କିନ୍ତୁ ଶୀତକୁ ମୁଁ ଡରୁନାହିଁ । ଜୀବନର ଶେଷ ପର୍ଯ୍ୟନ୍ତ ପ୍ରାଣୀମାନଙ୍କ ସେବାରେ ମୋ ଜୀବନ ବିତାଇବା ହିଁ ମୋର ଇଚ୍ଛା ।"

ରାଜା ନିଜ କାନ୍ଧରେ ପଡ଼ିଥିବା ମଣିମୁକ୍ତା ଖଚିତ ଚଦରଟିକୁ ସନ୍ନ୍ୟାସୀଙ୍କ ଦେହରେ ଘୋଡ଼ାଇ ଦେଲେ । ମେକରଣ ଏଥିରେ କିନ୍ତୁ ଖୁସି ହେଲେ ନାହିଁ, ବିନୟର ସହିତ ଚଦରଟି ରାଜାଙ୍କୁ ଫେରାଇଦେଇ କହିଲେ, "ମହାରାଜ, ଏ ସ୍ଥାନର ଶୀତ ସହିବାରେ ମୋ ଦେହ ଅଭ୍ୟସ୍ତ ହୋଇଯାଇଛି । ମୋ ପାଇଁ ଏହାର ଆବଶ୍ୟକତା ନାହିଁ, ଅନ୍ୟ କେହି ଦୁଃଖୀ ଲୋକଙ୍କୁ ଆପଣ ଏହାକୁ ଦାନ କଲେ ମୁଁ ଅଧିକ ଖୁସି ହେବି ।"

ମେକରଣଙ୍କର ଏପରି କଥା ଶୁଣି ରାଜା ସ୍ତମ୍ଭୀଭୂତ ହେଲେ । ଆଗ୍ରହ କରି କହିଲେ, "ହେ ସନ୍ନ୍ୟାସୀ ! ଆପଣ ମୋତେ ଅନ୍ୟ କୌଣସି ଜିନିଷ ମାଗନ୍ତୁ, ମୁଁ ତାହା ଆପଣଙ୍କୁ ଦାନ କରିବି ।" ସନ୍ନ୍ୟାସୀ କହିଲେ, "ହଁ, ମୁଁ କେବଳ ଗୋଟିଏ ଜିନିଷ ଆପଣଙ୍କୁ ମାଗିବି । ତାହା ହେଲା, ଆଜିଠାରୁ ଏହି କଚ୍ଛ ଭୂମିରେ ଆପଣ ଆଉ କେବେ ଶିକାର କରିବେ ନାହିଁ । ଫଳରେ ଏ ସ୍ଥାନର ବନ୍ୟପ୍ରାଣୀମାନେ ସ୍ୱଚ୍ଛନ୍ଦରେ ବିଚରଣ କରିପାରିବେ । ବଣଜଙ୍ଗଲ ମଧ୍ୟ ସୁରକ୍ଷିତ ରହିବ ।"



ମେକରଣଙ୍କର ଏପରି କଥା ଶୁଣି ରାଜା କହିଲେ, "ହେ ସନ୍ନ୍ୟାସୀ ! ମୁଁ ଆପଣଙ୍କୁ କଥା ଦେଉଛି, ଆଜିଠାରୁ ଏହି ଅଞ୍ଚଳରେ ଆଉ କେହି କୌଣସି ବନ୍ୟପ୍ରାଣୀଙ୍କୁ ଶିକାର କରିବେ ନାହିଁ ।"

ତା'ପରେ ରାଜା ନିଜ ଉଆସକୁ ଫେରିଆସିଲେ । ସେହିଦିନଠାରୁ ଆଜିଯାଏଁ ଏହି ଅଞ୍ଚଳରେ ବନ୍ୟପ୍ରାଣୀମାନେ ନିର୍ଭୟରେ ବିଚରଣ କରୁଛନ୍ତି । ଏଠାରେ ଶିକାର କରିବାକୁ ବାରଣ କରାଯାଇଛି ।



https://withteachers.in/



## ଆସ କଥା ହେବା

୧. ଜୀବନର ଶେଷ ପର୍ଯ୍ୟନ୍ତ ପ୍ରାଣୀମାନଙ୍କ ସେବାରେ ଜୀବନ ବିତାଇବା ହିଁ ମେକରଣଙ୍କର ଶେଷ ଇଚ୍ଛା ଥିଲା । ଯଦି ତୁମେ ମେକରଣ ହୋଇଥା'ନ୍ତ, ତେବେ ତୁମ ଜୀବନର ଲକ୍ଷ୍ୟ କ'ଣ ହୋଇଥା'ନ୍ତା ବୋଲି ଭାବୁଛ ?

୨. ମରୁଭୂମିରେ ପାଣି ନ ପାଇ ଛଟପଟ ହେଉଥିବା ପ୍ରାଣୀମାନଙ୍କୁ ମୋତି ଓ ଲାଲା ପାଣି ପିଆଇ ସେମାନଙ୍କର ଜୀବନ ବଞ୍ଚାଉଥିଲେ । ଠିକ୍ ସେମିତି ତୁମେମାନେ କେବେ କାହାର ଜୀବନ ବଞ୍ଚେଇଛ କି ? କେମିତି ?

୩. ଗୁରୁ ଦତ୍ତାତ୍ରେୟଙ୍କ ଶିଷ୍ୟ ମେକରଣ ତପସ୍ୟା କରୁଥିବା ସମୟରେ ସେ କିପରି ଜୀବନ ବିତାଉଥିଲେ ବୋଲି ତୁମେମାନେ ଭାବୁଛ ?

୪. ତୁମ ଚାରିପଟେ ଦେଖୁଥିବା ପଶୁ ଓ ପକ୍ଷୀମାନଙ୍କ ପାଇଁ ତୁମେମାନେ କ'ଣ ସବୁ କରୁଛ ?



## ପାଠରୁ

**ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତରରେ ଏକ ହସୁଥିବା ( ) ଚିତ୍ର ଅଙ୍କନ କର । ଏକରୁ ଅଧିକ ବିକଳ୍ପ ମଧ୍ୟ ଠିକ୍ ହୋଇପାରେ ।**

୧. ଗୁରୁ ଦତ୍ତାତ୍ରେୟଙ୍କ ମନ ଆନନ୍ଦରେ କାହିଁକି ପୂରିଗଲା ?

(କ) ଶିଷ୍ୟ ମେକରଣ ରାଜାଙ୍କୁ ସହଯୋଗ କରୁଥିବାରୁ । ☐

(ଖ) ଶିଷ୍ୟ ମେକରଣ କଠୋର ତପସ୍ୟା କରୁଥିବାରୁ । ☐

(ଗ) ଶିଷ୍ୟ ମେକରଣ କନ୍ଦମୂଳ ଖାଇ କଠୋର ତପସ୍ୟା କରୁଥିବାରୁ । ☐

(ଘ) ଶିଷ୍ୟ ମେକରଣ ପଶୁପକ୍ଷୀଙ୍କୁ ସାହାଯ୍ୟ କରୁଥିବାରୁ । ☐

୨. ଯେଉଁଠି ମଣିଷମାନେ ପାଣିବିନା ଛଟପଟ ହେଉଥିଲେ, ସେଠାକୁ ପାଣିନେଇ କିଏ ପହଞ୍ଚି ଯାଉଥିଲେ ?

(କ) ସାଧୁ ମେକରଣ । ☐

(ଖ) କଚ୍ଛ ରାଜ୍ୟର ରାଜା । ☐

(ଗ) ମୋତି ଓ ଲାଲା । ☐

(ଘ) ଗୁରୁ ଦତ୍ତାତ୍ରେୟ । ☐



https://withteachers.in/

୩. ସାଧୁ ମେକରଣ ଚିଠିରେ କ'ଣ ଲେଖି ପାଖ ଗାଁ ଦୋକାନରୁ ଆଣିବାକୁ କୁକୁରକୁ ପଠାଉଥିଲେ ?

(କ) ଖାଦ୍ୟପଦାର୍ଥ ଆଣିବାକୁ । ☐

(ଖ) ମଧୁର ଜଳ ଆଣିବାକୁ । ☐

(ଗ) ଅଦରକାରୀ ଜିନିଷ । ☐

(ଘ) ଦରକାରୀ ଜିନିଷ । ☐

୪. ସନ୍ନ୍ୟାସୀ ଜଣକ ରାଜାଙ୍କୁ କ'ଣ ମାଗିଲେ ?

(କ) ଆଜିଠାରୁ ଏହି କଚ୍ଛଭୂମିରେ ଆପଣ ଆଉ କେବେ ଶିକାର କରିବେ ନାହିଁ । ☐

(ଖ) ଆଜିଠାରୁ କଚ୍ଛ ଭୂମିକୁ ଆପଣ ଆଉ କେବେ ବି ଆସିବେନି । ☐

(ଗ) ଆଜିଠାରୁ ଏହି କଚ୍ଛଭୂମିରେ ଆପଣ ସବୁଦିନ ଶିକାର କରିବେ । ☐

(ଘ) ଆଜିଠାରୁ ଆପଣ କଚ୍ଛ ଭୂମିରେ ଶାସନ କରିବେ । ☐



## ଚିନ୍ତାକରି ଲେଖ

୧. ଦତ୍ତାତ୍ରେୟ ମେକରଣଙ୍କୁ ତୁମ୍ବୀଦୁଇଟି ଦେଇ କ'ଣ କହିଲେ ?

୨. ପଥିକମାନଙ୍କୁ ଦେଖି ମେକରଣ ଖୁସି ହେଉଥିଲେ କାହିଁକି ?

୩. "ମହାରାଜ, ଏ ସ୍ଥାନରେ ଶୀତ ସହିବାରେ ମୋ ଦେହ ଅଭ୍ୟସ୍ତ ହୋଇଯାଇଛି । ମୋ ପାଇଁ ଏହାର ଆବଶ୍ୟକତା ନାହିଁ ।" -ଏ କଥା ମେକରଣ ରାଜାଙ୍କୁ କାହିଁକି କହିଲେ ?

୪. ରାଜା ମରୁଭୂମିରେ ଗଧ ଓ କୁକୁରକୁ ଦେଖି କାହିଁକି ଆଶ୍ଚର୍ଯ୍ୟ ହେଲେ ?




https://withteachers.in/

## ମୋତି, ଲାଲା ଓ ମେକରଣ

୧. କାହାଣୀରେ ମୋତି ଓ ଲାଲାର ଅନେକ ସୁଗୁଣ ରହିଛି, ସେଗୁଡ଼ିକୁ ଲେଖ ।

ତୁମର ସୁବିଧା ପାଇଁ ଗୋଟିଏ ଉଦାହରଣ ଦିଆଯାଉଛି, :-

ମରୁଭୂମିରେ ମଣିଷମାନଙ୍କୁ ପାଣି ଯୋଗାଉଥିଲେ ।



ମୋତି ଓ ଲାଲା

୨. ଏବେ ସାଧୁ ମେକରଣଙ୍କର ସତ୍‌ଗୁଣଗୁଡ଼ିକ ନିଜ ଖାତାରେ ଲେଖ ।



https://withteachers.in/



## ତୁମେ ଯାହା ବୁଝିଛ

୧. ତୁମେ ଭାବୁଛ କି ପଶୁପକ୍ଷୀମାନେ ଆମର ଭାବନାକୁ ବୁଝନ୍ତି ? ତୁମ ଅଭିଜ୍ଞତା ଆଧାରରେ କୁହ ।

୨. ସାଧୁ ମେକରଣ ଗଧ ଓ କୁକୁରକୁ କାହିଁକି ପାଳନ କରିଥିବେ ବୋଲି ଭାବୁଛ ?

୩. ଆମେ ଦେଖୁଛୁ ଯେ ପରୋପକାର ଓ ସେବାଭାବନା ଲୋକଙ୍କ ମନରୁ ଧୀରେଧୀରେ ଉଭେଇଗଲାଣି । ଏହାର କାରଣ କ'ଣ ବୋଲି ଭାବୁଛ, ଚିନ୍ତାକରି କୁହ ।

୪. ପଶୁପକ୍ଷୀମାନେ ମଣିଷପରି କଥା ହୋଇପାରନ୍ତି ନାହିଁ, କିନ୍ତୁ ସେମାନେ ପରସ୍ପର ସହିତ ଭାବର ଆଦାନପ୍ରଦାନ କରନ୍ତି । ଏଥିରେ ତୁମେମାନେ ସହମତ କି ? ଯଦି ସହମତ, କେତୋଟି ଉଦାହରଣ ଦେଇ ବୁଝାଅ ।



## ଅନୁମାନ ଓ କଳ୍ପନା କରିବା

୧. ସାଧୁ ମେକରଣ ପାଳିଥିବା ଗଧର ନାମ ମୋତି ଏବଂ କୁକୁରର ନାମ ଲାଲା- ଏହି ନାମ କିଏ ଦେଇଥିଲେ ଓ କାହିଁକି ଦେଇଥିଲେ ?

୨. ମୋତି ଓ ଲାଲା ଅନ୍ୟମାନଙ୍କୁ ସାହାଯ୍ୟ କରୁଥିବାର ଦୃଶ୍ୟ ମନେ ପକାଅ ।

୩. ସାଧୁ ମେକରଣ ତାଙ୍କ ଖାଦ୍ୟରୁ ଦୁଇଭାଗ ମୋତି ଓ ଲାଲାକୁ ଦେଉଥିଲେ ଆଉ ଗୋଟିଏ ଭାଗ ନିଜେ ଖାଉଥିଲେ । ଖାଦ୍ୟ ଦେଇସାରିବା ପରେ ମେକରଣ କ'ଣ ଅନୁଭବ କରିଥିବେ ?



## ଭାଷାର କଥା

**୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

**( ଓ, ଏବଂ, ତେଣୁ, କିନ୍ତୁ, ଆଉ )**

(କ) ଜଳ ହିଁ ଜୀବନ ............. ଜଳଦାନ ମହତ ଦାନ ।

(ଖ) ଦେଶ ସ୍ୱାଧୀନ ହୋଇଛି ................ ଲୋକଙ୍କ ଦୁଃଖ ଦୂର ହୋଇନି ।

(ଗ) ଆମ ଦେଶ ଭାରତ ଅନେକ ରାଜ୍ୟ .......... କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଗଠିତ ।

(ଘ) କୁକୁରଟିର ନାଁ ଥିଲା ମୋତି .......... ଗଧଟିର ନାଁ ଥିଲା ଲାଲା ।

(ଙ) ମେକରଣ ଭୋକିଲାଯାତ୍ରୀଙ୍କ ନିକଟରେ ପହଞ୍ଚିଥିଲେ .......... କ୍ଷୁଧାର୍ତ୍ତଙ୍କୁ ଖାଦ୍ୟ ଦେଉଥିଲେ ।



https://withteachers.in/

**୨. ନିମ୍ନରେ କିଛି ବାକ୍ୟ ଦିଆଯାଇଛି । ବାକ୍ୟଗୁଡ଼ିକରେ ରେଖାଙ୍କିତ ଶବ୍ଦ ସହିତ ଡାହାଣରେ ଦିଆଯାଇଥିବା ସମାନ ଅର୍ଥ ଥିବା ଶବ୍ଦ ବାଛି ପୁଣିଥରେ ବାକ୍ୟରେ ବ୍ୟବହାର କର ।**

(କ) ମେକରଣ କ୍ଷୁଧାର୍ତ୍ତଙ୍କୁ ଖାଦ୍ୟ ଦେଉଥିବାରୁ ସେ ପରମ <u>ଶାନ୍ତି</u> ଲାଭ କରୁଥିଲେ । (ତୃପ୍ତି / ଘୃଣା)

(ଖ) ଗିରିନାର ପର୍ବତର ପାଦଦେଶରେ ଥିବା <u>ଅରଣ୍ୟରେ</u> ସେ ବାରବର୍ଷ ଧରି ତପସ୍ୟା କରିଥିଲେ । (ଝରଣା / ଜଙ୍ଗଲ)

(ଗ) ସେହି ମରୁଭୂମି ଅଞ୍ଚଳଦେଇ ଯାଉଥିବା ପଥିକମାନେ ପାଣି ନ ପାଇ <u>ଶୋଷରେ</u> କାତର ହୋଇପଡ଼ନ୍ତି । (ତୃଷାରେ / ଖୁସିରେ)

(ଘ) ମେରକଣଙ୍କର ଏପରି କଥା ଶୁଣି ରାଜା <u>ଆଶ୍ଚର୍ଯ୍ୟ</u> ହେଲେ । (ସ୍ତମ୍ଭୀଭୂତ / ଦୁଃଖିତ)

(ଙ) ଏତେ ଦୂର ଆସିଛି ଯେତେବେଳେ, ତମ ସହ <u>ସାକ୍ଷାତ</u> ହୋଇଯିବା ଉଚିତ ହେବ ।(ଭେଟ / କଥାବାର୍ତ୍ତା)

**୩. କାହାଣୀରୁ ଆନୀତ କିଛି ବାକ୍ୟ ନିମ୍ନରେ ଦିଆଯାଇଛି । ସେଗୁଡ଼ିକୁ ଭଲଭାବରେ ପଢ଼ ଏବଂ ଚିନ୍ତାକର । ସେଥିରୁ କ'ଣ ବୁଝିଲ, ଦଳରେ ଆଲୋଚନା କର ।**

(କ) ତୁମେ ଦୁଇଟିଯାକ ତୁମ୍ବୀରେ ପାଣିନେଇ ସେମାନଙ୍କୁ ପ୍ରତିଦିନ ପିଇବାକୁ ଦେବ, ଏହା ହିଁ ତୁମପାଇଁ ହେବ ଏକ ମହତ୍ ଶିକ୍ଷା ।

(ଖ) <u>କ୍ଷୁଧାର୍ତ୍ତଙ୍କୁ</u> ଖାଦ୍ୟ ଦେଇପାରୁଥିବାରୁ ପରମ ତୃପ୍ତି ଲାଭ କରୁଥିଲେ ।

(ଗ) ମରୁଭୂମିରେ ପାଣି ନ ପାଇ ଛଟପଟ ହେଉଥିବା ପ୍ରାଣୀମାନଙ୍କୁ ଏମାନେ ପାଣି ଯୋଗାଇଥାନ୍ତି ।

(ଘ) ମେକରଣର ଏପରି କଥା ଶୁଣି ରାଜା ସ୍ତମ୍ଭୀଭୂତ ହେଲେ ।

**୪. ନିମ୍ନରେ ଦିଆଯାଇଥିବା ବାକ୍ୟରେ ରେଖାଙ୍କିତ ଶବ୍ଦ କାହାପାଇଁ ବ୍ୟବହାର କରାଯାଇଛି, ସେଗୁଡ଼ିକୁ ଚିହ୍ନି ଡାହାଣ ପାଖରେ ଲେଖ ।**

(କ) ଶୋଷରେ ବିକଳ ହୋଇ ପାଣି ମୁନ୍ଦାଏ ଖୋଜୁଥିବା ଯାତ୍ରୀମାନଙ୍କ ପାଖରେ <u>ସେ</u> ପହଞ୍ଚି ଯାଉଥିଲେ । [ <u>ମେକରଣ</u> ]

(ଖ) <u>ତୁମେ</u> ଦୁଇଟିଯାକ ତୁମ୍ବୀରେ ପାଣିନେଇ <u>ସେମାନଙ୍କୁ</u> ପ୍ରତିଦିନ ପିଇବାକୁ ଦେବ, ଏହା ହିଁ ତୁମପାଇଁ ହେବ ମହତ୍ କାର୍ଯ୍ୟ । [ ......................... ]

(ଗ) ଯେଉଁଠି ମଣିଷମାନେ ପାଣିବିନା ଛଟପଟ ହେଉଥିଲେ ସେଇଠି <u>ସେମାନେ</u> ପହଞ୍ଚି ଯାଉଥିଲେ । [ ......................... ]








https://withteachers.in/

(ଘ) ବେଳେବେଳେ କୌଣସି ଭୋକିଲାଯାତ୍ରୀ ଯଦି ତାଙ୍କ ନିକଟରେ ପହଞ୍ଚୁଥିଲା, ତାକୁ ବି <u>ସେ</u> ନିଜ <u>ଭାଗର</u> ଖାଦ୍ୟ ଦେଇ ଦେଉଥିଲେ। ..........................

(ଙ) <u>ମୁଁ</u> ଆପଣଙ୍କୁ କଥାଦେଉଛି, ଆଜିଠାରୁ ଏହି ଅଞ୍ଚଳରେ ଆଉ କେହି କୌଣସି ପ୍ରାଣୀଙ୍କୁ ଶିକାର କରିବେ ନାହିଁ। ..........................

## ପାଠରୁ ଆଗକୁ

୧. ନିମ୍ନରେ କିଛି ଚିତ୍ର ଦିଆଯାଇଛି । ସେଗୁଡ଼ିକୁ ଦେଖ ଏବଂ ଏହି ଚିତ୍ର ମଧ୍ୟରୁ ପଶୁ-ପକ୍ଷୀଙ୍କ ପାଇଁ କ'ଣ କରିପାରିବା ତାହା ଦଳରେ ଆଲୋଚନା କର । ଏଗୁଡ଼ିକ ବ୍ୟତୀତ ତୁମ୍ଭେମାନେ ଆହୁରି କିଛି ଅଧିକ ଚିତ୍ର ସହ କଥା ଯୋଡ଼ିପାରିବ।




https://withteachers.in/


୨. ତୁମଘରେ କେଉଁସବୁ ଗୃହପାଳିତ ପଶୁ ଓ ପକ୍ଷୀ ରହନ୍ତି ? ଏମାନଙ୍କ ବ୍ୟତୀତ ଆଉ କେଉଁମାନଙ୍କୁ ଘରେ ପାଳନ କରାଯାଏ, ତା'ର ଏକ ତାଲିକା ପ୍ରସ୍ତୁତ କର ।

୩. ପାଖରେ ଥିବା ପଶୁପାଳନକେନ୍ଦ୍ର ବା ଗୋଶାଳାକୁ ଭ୍ରମଣ କର । ସେଠାରେ ପଶୁପାଳନ କିପରି କରାଯାଏ ତାହା ଆଲୋଚନା କର । ଏଥିପାଇଁ ତୁମେ ଶିକ୍ଷକ ଅଭିଭାବକ ତଥା ପିତାମାତାଙ୍କର ସାହାଯ୍ୟ ନେଇପାରିବ ।



## କଳ୍ପନାର ଉଡ଼ାଣ

ଯେତେବେଳେ ମୋତି ଆଉ ଲାଲା ଆଶ୍ରମରେ ପହଞ୍ଚିଯାଆନ୍ତି ସେତେବେଳେ ମେକରଣ ମୋତି ଆଉ ଲାଲାକୁ ବହୁତ ସ୍ନେହ କରନ୍ତି, ସେମାନଙ୍କ ସହିତ କଥାବାର୍ତ୍ତା ହୁଅନ୍ତି । ଯଦି ମୋତି ଆଉ ଲାଲା କଥାବାର୍ତ୍ତା କରିପାରୁଥା'ନ୍ତେ, ତୁମେ କଳ୍ପନା କର, ମୋତି ଓ ଲାଲା ମେକରଣଙ୍କ ମଧ୍ୟରେ କ'ଣ କଥାବାର୍ତ୍ତା ହୋଇଥା'ନ୍ତେ ?





https://withteachers.in/



## କାହାଣୀର ଅଭିନୟ

ତୁମେମାନେ 'ଯେ ଥାଏ ପର ଉପକାରେ' କାହାଣୀଟିକୁ ପଢ଼ିଲ । ଏବେ ଏହି କାହାଣୀକୁ ନାଟ୍ୟରୂପ ଦିଅ । ତାକୁ ନେଇ ଶ୍ରେଣୀରେ ସାଙ୍ଗମାନଙ୍କ ସହିତ ମିଶି ଅଭିନୟ ମାଧ୍ୟମରେ ପରିବେଷଣ କର ।



## ଧନ୍ଦା/ପହେଳିକୁ ବୁଝ

(୧)

ଗଛର ଡାଳରେ ମୁଁ ଲୁଚିଥାଏ,
ଗୀତ ଗାଇ ସବୁ ମନକୁ ମୋହେ ।
ରଙ୍ଗ ମୋର  କଳା ମୁଁ କଳାକାର,
କହିଦିଅ ଏବେ ନାମ ମୋହର ।

(୨)

ଜଳସ୍ଥଳ ଅଟେ ମୋହରି ଘର,
ମଠୁଆ ମୁଁ ଭାରି ଗତି ମନ୍ଥର ।
ବିପଦ ଆସିଲେ ମୁଁ ଜାଣିପାରେ,
ଲୁଚିଯାଏ ମୁହିଁ ଖୋଳ ଭିତରେ ।
କହିଲ ଦେଖି,
କିଏ ଦେବ ମୋର ନାମଟି ଲେଖି ।

(୩)

କାଠରେ ତିଆରି ମୋହରି ଦେହ,
ଜଳେ ଗତି କରେ ନୁହେଁ ଅଥୟ ।
କୋଳେ ଧରିଥାଏ ସବୁ ଆବୋରି,
ମୋ ନାମଟି କୁହ କରେ ମୁଁ ପାରି ।

ଉତ୍ତର : ୧-କୋଇଲି, ୨-ଶାମୁକା, ୩-ଡଙ୍ଗା ।



https://withteachers.in/

## ଗୋଲକ ଧନ୍ଦା

ପ୍ରିୟବ୍ରତ ମୋତି ଓ ଲାଲା ବିଷୟରେ ଜାଣିବାପାଇଁ ସେମାନଙ୍କୁ ପାଳନ କରୁଥିବା ମେକରଣଙ୍କୁ ଚିଠି ଲେଖିଲେ। ମହିଳା ପୋଷ୍ଟମ୍ୟାନ୍ ସେହି ଚିଠିଟି ମେକରଣଙ୍କୁ ଦେବାକୁ ଚାହୁଁଛନ୍ତି । ତୁମେମାନେ ଏହି ଗୋଲକର ଧନ୍ଦାକୁ ସମାଧାନ କଲେ ପୋଷ୍ଟମ୍ୟାନ୍ ଜଣକ ମେକରଣଙ୍କ ପାଖରେ ପହଞ୍ଚିପାରିବ ।



୧ → ଗୁ ରୁ ଦେ ବ

୨ ↓ ଗୁ ଜୁ ରା ଟ

୩ → ଦ ତ୍ତା ତ୍ରେ ୟ

୪ → ମେ କ ର ଣ

୫ ↓ କୁ କୁ ର

୬ ↓ ହିଂ ସ୍ର ଜ ନ୍ତୁ

୭ → ଜ ନ୍ମ ଭୂ ମି

୮ → ମ ରୁ ଭୂ ମି

୯ → ସ ନ୍ନ୍ୟା ସୀ

୧୦ → ଶି କା ର

୧୧ ↓ ଥ ର ଥ ର

୧୨ ↓ ସ୍ତ ମ୍ଭୀ ଭୂ ତ



## ପାଠାଗାର ଓ ଅନ୍ୟ ଉତ୍ସ

୧. ‘ଯେ ଥାଏ ପର ଉପକାରେ’ ଗପଟି ଗୁଜୁରାଟର କଚ୍ଛ ଉପକୂଳ ଅଞ୍ଚଳର ଲୋକକଥା। ଏହିଭଳି ବିଭିନ୍ନ ଅଞ୍ଚଳରେ କିଛି କିଛି ଲୋକକଥା ରହିଅଛି। ତୁମେ ପାଠାଗାରକୁ ଯାଇ ତୁମ ପ୍ରିୟ ଅଞ୍ଚଳର ଲୋକକଥା ସଂଗ୍ରହକର। ତାକୁ ପଢ଼ି ବନ୍ଧୁମାନଙ୍କ ମେଳରେ ଚର୍ଚ୍ଚା କର।


୨. ତୁମ ଅଞ୍ଚଳରେ ମଧ୍ୟ କିଛି ଲୋକକଥା ରହିଅଛି । ସେ ସବୁ ପୁରୁଣା ଲୋକମାନଙ୍କୁ ଜଣାଅଛି । ତୁମେ ତୁମ ଅଜାଆଇ କିମ୍ବା ଜେଜେ ଜେଜେମାଆଙ୍କଠାରୁ କିଛି ଲୋକକଥା ସଂଗ୍ରହ କର । ପାରୁଛ ତ ଖାତାଟିଏ କରି ଲେଖି ରଖ।



https://withteachers.in/

## ତୁମ ପଢ଼ିବାପାଇଁ

# ଗଛଟିଏ ମୁଁ ଗଛଟିଏ



ପିଉସୀଙ୍କ ବଗିଚାରେ ଗଛଟିଏ ଥିଲା । ସେହି ଗଛ ଉପରେ ଗୁଣ୍ଡୁଚିମୂଷାକୁ ଦେଖି ମୁଁ ପଚାରିଲି, "ପିଉସୀ ! ତୁମେ ଏଇ ଗୁଣ୍ଡୁଚିମୂଷାକୁ କେଉଁଠୁ କିଣିଲ ? ମୁଁ ବି ନେବି । ତାକୁ ପାଳିବି ।"

ପିଉସୀ କହିଲେ, "ମୋ ବଗିଚାରେ ଗଛ ଅଛି । ଗଛ ଥିବାରୁ ଗୁଣ୍ଡୁଚିମୂଷା ଆପଣାଛାଏଁ ଆସି ଯାଉଛି । ଗଛ ଉପରକୁ ଦେଖ, ପକ୍ଷୀମାନେ ବସିଛନ୍ତି । ସେହି ପକ୍ଷୀମାନଙ୍କୁ ମୁଁ ପାଳିନାହିଁ । ଗଛଥିବାରୁ ସେମାନେ ଆସିଯାଉଛନ୍ତି । ତୁ ନିଜ ଘରର ବଗିଚାରେ ଗଛ ଲଗାଇଦେ, ତାହାହେଲେ ଗୁଣ୍ଡୁଚିମୂଷା ଆସିବେ । ପକ୍ଷୀମାନେ ବି ଆସିବେ । ଗଛ ଛାଇରେ ତୋତେ ଖେଳିବାକୁ ଭଲ ଲାଗିବ ।"

ହଁ ପିଉସୀ, ଆମ ଗୁରୁମା' ଦିନେ କହୁଥିଲେ, ଗଛ ପରା କିମିଆଁ ଜାଣେ । ସେହି ମର୍ମରେ ସେ ଆମକୁ ଗୀତଟିଏ ଗାଇ ଶୁଣାଇଥିଲେ-

'ଗଛଟିଏ ମୁଁ ଗଛଟିଏ ତୁମରି ଘରର ପିଲାଟିଏ ।
ଭଲ କରି ମୋର ଯତନ ନେବ
ପଣାପାଣି ଦେଇ ବଢ଼ାଉଥିବ
ବଡ଼ ହେଲେ ତୁମ ଋଣ ଶୁଝିଦେବି,
ରଖିବ ମୋ ଛୋଟ କଥାଟିଏ ।
ସେବାଯତନରେ ପାଳିଲେ ମୋତେ,
ଫୁଲଫଳ ଦେବି ତୁମରି ହାତେ
ଖରାବରଷାକୁ ଡରିବି ନାହିଁ, ଛାତପରି ଦେବି ତୁମକୁ ଛାଇ ।
ଅଙ୍ଗାରକାମଳ ବିଷ ପିଇବି, ଅମଳଜାନ ମଧୁ ପରଶି ଦେବି ।
ଖାଦ୍ୟ ରାନ୍ଧିବାଢ଼ି ଆଲୋକ ଦେବି ଯୁଗଯୁଗ ଧରି ସେବା କରିବି,
ତୁମ ଓଠେ ହେବି ହସଟିଏ, ଗଛଟିଏ ମୁଁ ଗଛଟିଏ ।'

'ଆରେ ବାଃ ! ସୁନ୍ଦର କବିତାଟିଏ, ପ୍ରକୃତରେ ତୁ ଜାଣିଥା- ଗଛ ବି କଥା କହେ । ତେଣୁ ଆଗ ଗଛ, ଆଉ ସବୁ ପଛ ।'

୦୦୦



https://withteachers.in/

## ପାଠ-୪

# ଶୈଶବର କଥା

ଫକୀର ମୋହନ ସେନାପତି

୧୮୪୩ ଖ୍ରୀଷ୍ଟାବ୍ଦର ଜାନୁୟାରି ମାସରେ ଅଥବା ସନ ୧୨୫୦ ସାଲ ମକରସଂକ୍ରାନ୍ତି ଶୁକ୍ରବାର ଦିନ ବାଲେଶ୍ୱର ସହରର ମଲ୍ଲିକାଶପୁର ନାମକ ଗ୍ରାମରେ ମୋହର ଜନ୍ମ । ମାତାଙ୍କର ନାମ ତୁଳସୀ ଦେଈ, ପିତାଙ୍କର ନାମ ଲକ୍ଷ୍ମଣ ଚରଣ ସେନାପତି ।




ଶୁଣିଛି ଜନ୍ମମାତ୍ର ମୋ' ଡେବିରି କାନ ଉପର ପୁଡ଼ା ଫୁଟାଇ ଗୋଟିଏ ସୁନା ଫାଶିଆ ପିନ୍ଧାଇ ଦିଆଯାଇଥିଲା । ମୋହର ଗୋଟିଏ ବଡ଼ ଭାଇ ଥିଲେ, ନାମ ଚୈତନ୍ୟ ଚରଣ । ମୋ ଜନ୍ମ ପୂର୍ବେ ସେ ପରଲୋକ ପ୍ରାପ୍ତ ହୋଇଥିଲେ । ଲୋକଙ୍କର ସଂସ୍କାର ଥିଲା, ବଡ଼ ପୁଅ ମରିଥିଲେ, ତାହାର ତଳପୁଅ ଜନ୍ମମାତ୍ର, ସେହି ପୁତ୍ରର କାନ ଫୋଡ଼ାଇ ଦେଲେ, ଯମ ତା'କୁ ଅଗ୍ରାହ୍ୟ କରି ଘେନିଯାଏ ନାହିଁ। ବାଲ୍ୟକାଳରେ ମୁଁ ଏ ପ୍ରକାର ଶତଶତ କାନଫୁଡ଼ା ଦେଖିଛି ।

ମୋହର ଏକ ବର୍ଷ ପାଞ୍ଚମାସ ବୟସ ସମୟରେ ପିତୃଦେବ ଜଗନ୍ନାଥଦେବଙ୍କ ରଥଯାତ୍ରା ଦର୍ଶନ ସକାଶେ ପୁରୀ ଯାତ୍ରା କରିଥିଲେ; ବାହୁଡ଼ା ସମୟରେ ଭୁବନେଶ୍ୱରଠାରେ ଓଲାଉଠା ରୋଗରେ ଲୋକାନ୍ତର ପ୍ରାପ୍ତ ହେଲେ । ସଙ୍ଗୀଯାତ୍ରୀ ଥିଲେ ଗ୍ରାମସ୍ଥ କେତେଜଣ ଲୋକ ଓ ତାହାଙ୍କର ଜନନୀ (ମୋ ଠାକୁର ମା') । ଠାକୁର ମା'ଙ୍କ ପାଖରୁ ଶୁଣିଛି ଯେ ଭୁବନେଶ୍ୱର ମନ୍ଦିର ସମୀପସ୍ଥ ବିନ୍ଦୁସାଗର ପୁଷ୍କରିଣୀର ପଥରଘାଟ ଉପରେ ବାବା ପ୍ରାଣତ୍ୟାଗ କଲେ । ତାଙ୍କର ପରଲୋକ-ଗମନ-ସମ୍ବାଦ ଶୁଣି, ଗ୍ରାମସ୍ଥ ଲୋକେ କାନ୍ଦିବାକୁ ଲାଗିଲେ । ବାବାଙ୍କର ଗୋଟିଏ ପୋଷା କୁକୁର ଥିଲା । ସେ ମଧ୍ୟ ଲୋକମାନଙ୍କ ସହିତ ମିଶି ରଡ଼ି କରିବାକୁ ଲାଗିଲା । ଲୋକମାନେ ତୁନି ହେଲେ, ମାତ୍ର ସେ ନିବୃତ୍ତ ହେଲାନାହିଁ । ବାବା ଯେଉଁଯେଉଁ ସ୍ଥାନକୁ ଯାଉଥିଲେ, ଗ୍ରାମରେ ଯେଉଁଯେଉଁ ସ୍ଥାନରେ ବସୁଥିଲେ, ସେହି ସମସ୍ତ ସ୍ଥାନକୁ ବାରମ୍ବାର ଯାଇ ଶୁଙ୍ଘି ଆସେ, ଆଠଦିନ ପର୍ଯ୍ୟନ୍ତ ଅନାହାରରେ ରହି ମରିଗଲା ।



https://withteachers.in/



ବାବାଙ୍କର ମୃତ୍ୟୁ ସମ୍ବାଦ ଶୁଣି, ମାଆ ଯେଉଁ ଶଯ୍ୟା ଗ୍ରହଣ କଲେ, ସେଥିରୁ ଆଉ ସେ ଉଠିନାହାନ୍ତି । ଚଉଦ ମାସ ପର୍ଯ୍ୟନ୍ତ ଶାରୀରିକ ଏବଂ ମାନସିକ ଘୋର ଯନ୍ତ୍ରଣା ଭୋଗକରି ସନ ୧୨୫୨ ସାଲ ଭାଦ୍ରବ ଶୁକ୍ଳ ଅଷ୍ଟମୀ ଦିବସରେ ପ୍ରାଣତ୍ୟାଗ କଲେ ।

ମୁଁ ସେହିଦିନଠାରୁ ନିତାନ୍ତ ଅସହାୟ ହେଲି । ମୋର ସମବୟସ୍କ, ସହାୟସମ୍ପନ୍ନ, ବହୁ ପରିମାଣରେ ସୁସ୍ଥ ଶରୀର, ବଳିଷ୍ଠ ଓ ସୌଭାଗ୍ୟବାନ ଅନେକ ପୁରୁଷ ପୃଥିବୀ ତ୍ୟାଗକରି ଚାଲିଯାଇଅଛନ୍ତି । ଅଥଚ ମାତୃ-ପିତୃହୀନ, ଚିରରୋଗୀ ମୁଁ ଜୀବନକାଳରେ ବିବିଧ ପ୍ରକାର ଭୟଙ୍କର ବିପଦ-ସଙ୍କୁଳ ଅବସ୍ଥା ଅତିକ୍ରମ କରି ସମ୍ପ୍ରତି ଜରାଜୀର୍ଣ୍ଣ ଦୁର୍ବଳ ହସ୍ତରେ ମୋହର ଦୀର୍ଘଜୀବନର ଅସାର ଚରିତ ଲେଖିବାକୁ ବସିଅଛି । ଏହା କାହାର ଆଦେଶ, କାହାର ଅନୁଗ୍ରହ ଓ ସହାୟତା ? ଗୋଟିଏ କ୍ଷୁଦ୍ରତମ ଦୂର୍ବାଦଳର ସୃଷ୍ଟି ମଧ୍ୟ ଉଦ୍ଦେଶ୍ୟବିହୀନ ନୁହେଁ । କିଛି ଉଦ୍ଦେଶ୍ୟ ସାଧନ ସକାଶେ ଭଗବାନ ମୋତେ ଏତେକାଳ ଜୀବିତ ରଖାଇ ଅଛନ୍ତି ।





https://withteachers.in/

ପିତାମାତାଙ୍କ ବିୟୋଗ ଉତ୍ତାରେ, ଯେମନ୍ତ ପ୍ରଭୁଙ୍କ ଆଦେଶରେ, ପିତାମହୀ କୁଟିଳା ଦେଇ ମୋତେ କୋଳକୁ ଉଠାଇ ନେଲେ । ଦେଶରେ ପ୍ରବାଦ ଅଛି- 'ପାଳେ ତ ବାପର ମା, ପାଳେ ତ ମାଆର ମା।' ମୋ ଜୀବନରକ୍ଷା ନିମନ୍ତେ ଠାକୁରମା ଯେତେ ଯତ୍ନ, ଯେତେ ଦାରୁଣ ଯନ୍ତ୍ରଣା ଭୋଗ କରିଛନ୍ତି, ବର୍ତ୍ତମାନ ଛାୟାରୂପେ ସେ ସବୁ କଥା ମୋ ମନରେ ଉଦିତ ହେଲେ ପ୍ରାଣ ଆକୁଳ ହୋଇଉଠେ । ହାୟ ! ସେ ଉପକାରରେ ମୁଁ କିଛି ହିଁ ପ୍ରତିଦାନ କରି ପାରିନାହିଁ ।

ଜନନୀଙ୍କ ପରଲୋକ- ଗମନ ଉତ୍ତାରେ ସାତ-ଆଠ ବର୍ଷ ପର୍ଯ୍ୟନ୍ତ ଗ୍ରହଣୀ, ଅର୍ଶ ପ୍ରଭୃତି ଯନ୍ତ୍ରଣାଦାୟକ ରୋଗରେ ଶଯ୍ୟାଗତ ହୋଇପଡ଼ିଥିଲି । ଠାକୁର ମା ଦିବାନିଶି ମୋ ଶଯ୍ୟାପାଖରେ ଜଗି ବସିଥାନ୍ତି । ମାସକ ଉତ୍ତାରେ ମାସ, ବର୍ଷକ ଉତ୍ତାରେ ବର୍ଷ- କେତେ କାଳ ଏହି ଭାବରେ ବହିଯାଇଛି । ଅନିଦ୍ରା, ଅନାହାରରେ ଠାକୁରମା ସେ ସମୟରେ କେତେ ଦିବାନିଶି କାଟିଛନ୍ତି । ଯେମନ୍ତ ମୃତ୍ୟୁ ମୋହର ଗୋଟାଏ ହାତ ଏବଂ ଠାକୁରମା ଅନ୍ୟ ହାତ ଧରି ଟାଣୁଥାନ୍ତି । ଶେଷରେ ଠାକୁରମା ଜୟୀ ହେଲେ ଏବଂ ମୁଁ ନିରାମୟ ହେବାକୁ ଲାଗିଲି ।



ମୋହର ପୀଡ଼ା ସମୟରେ ଠାକୁରମା ମୋ ଶଯ୍ୟାରେ ବସି, କରଯୋଡ଼େ ଜଗତର ଯାବତୀୟ ଦେବ ଦେବୀଙ୍କ ଠାରେ ମୋହର ପ୍ରାଣଭିକ୍ଷା କରୁଥିଲେ। ବାଲେଶ୍ୱରରେ ଦୁଇ ପୀର ଥିଲେ। ଶେଷରେ ଠାକୁରମା ସେହି ଦୁଇ ପୀରଙ୍କୁ ଧରିବସିଲେ । ସେମାନଙ୍କଠାରେ ସେ ମାନତା କଲେ, "ମୋ ପିଲା ବ୍ରଜ ଭଲ ହୋଇଗଲେ, ମୁଁ ତାହାକୁ ତୁମ୍ଭମାନଙ୍କର ଫକୀର ବା ଗୋଲାମ କରିଦେବି ।" ପ୍ରଥମେ ମୋହର ନାମ ରଖାଯାଇଥିଲା- ବ୍ରଜମୋହନ ! ଠାକୁରମା ମୋ ନାମ ରଖିଲେ- ଫକୀର ! ପୀରମାନଙ୍କ ମନୋତୁଷ୍ଟି ସକାଶେ ଠାକୁରମା ଏହି ପଠାଣିଆ ନାମ ରଖିଥିଲେ ।



https://withteachers.in/

ରୋଗ ଛାଡ଼ିଗଲା- ମୁଁ ବଞ୍ଚିଗଲି । ମାତ୍ର ଠାକୁରମା ସର୍ବସ୍ୱ ତ୍ୟାଗକରି ମୋତେ ପୀରମାନଙ୍କୁ ଦେଇପାରିଲେ ନାହିଁ; କେବଳ ପ୍ରତିବର୍ଷ ମହରମ ସମୟରେ ଆଠଦିନ ସକାଶେ ମୋତେ ଫକୀର କରି ଦେଉଥିଲେ । ସେହି କେତେଦିନ ମୁଁ ଫକୀରୀ ପୋଷାକ ପିନ୍ଧି ରହିଥାଏଁ- ଆଣ୍ଠୁଯାଏଁ ଗୋଟିଏ ଜଙ୍ଘିଆ, ଦେହରେ ନାନା ରଙ୍ଗକନାରେ ତିଆରି ଗୋଟିଏ ଚପକନ୍, ମୁଣ୍ଡରେ ଫକୀରୀ ଟୋପି, କାନ୍ଧରେ ନାନାରଙ୍ଗ ମିଶ୍ରିତ ଗୋଟାଏ ଝୁଲି ଏବଂ ହାତରେ ଜଉମଡ଼ା ଲାଲରଙ୍ଗର ଗୋଟାଏ ବାଡ଼ି । ସେହି ପୋଷାକ ପିନ୍ଧି ମୁହଁରେ ଫୁଲଖଡ଼ି ବୋଳିହୋଇ ସଖାଳେ, ଉପରଓଳି ଗ୍ରାମ ମଧ୍ୟରେ ଘରେଘରେ ଭିକ ମାଗି ବୁଲେ । ସନ୍ଧ୍ୟା ସମୟରେ ସେହି ସମସ୍ତ ଚାଉଳ ବିକ୍ରୀ କରି ଯେତେ ପଇସା ମିଳେ, ପୀରମାନଙ୍କ ସିର୍ନି ସକାଶେ ସେ ସବୁ ପଠାଇ ଦିଆଯାଏ ।

ଚାଟଶାଳୀରେ ପଢ଼ାରମ୍ଭ ସମୟକୁ ମୋହର ପ୍ରାୟ ନଅ ବର୍ଷ ବୟସ ହୋଇଥିଲା । ସହର ମଧ୍ୟସ୍ଥ ପ୍ରତ୍ୟେକ ବଡ଼ ଗ୍ରାମରେ, ଗ୍ରାମ ସାନ ଥିଲେ ଦୁଇତିନିଟା ଗ୍ରାମରେ, ଗୋଟିଏ ଗୋଟିଏ ଚାଟଶାଳୀ ଥିଲା । ଅବଧାନମାନେ ଚାହାଳୀ ବସାଇ ଚାଟମାନଙ୍କୁ ପଢ଼ାଉଥିଲେ ।

X X X X

ଚାଟଶାଳୀରେ ବେଆଇନ୍ କାର୍ଯ୍ୟ କିଛି ନ ଥିଲା । ସମସ୍ତ ନିୟମାବଦ୍ଧ । କାର୍ଯ୍ୟବିଧି ଲଙ୍ଘନକାରୀ ପ୍ରତି ଦଣ୍ଡ ଅନିବାର୍ଯ୍ୟ । ଅବଧାନଙ୍କର ଆଜ୍ଞା ବିନା କୌଣସି ଚାଟର ଉଠ ବସ ହେବାର ଆୟତ୍ତ ନ ଥିଲା ।

X X X X

ପ୍ରତିଦିନ ଚାହାଳୀ ଛୁଟିବେଳେ ଚାଟମାନଙ୍କ ହାତରେ 'ଶୂନଚାଟି' ଦିଆଯାଏ । କେଉଁ ଚାଟ କେତେବେଳେ ଚାହାଳୀକୁ ଆସିଥିଲା, ତାହା ଆପେ ଅବଧାନେ ଏବଂ ବଡ଼ ଚାଟ, ଅର୍ଥାତ୍ ଯେଉଁ ଚାଟ ସମସ୍ତଙ୍କଠାରୁ ବେଶି ପଢ଼ିଥାଏ, ମନରେ ରଖିଥାନ୍ତି । ଚାହାଳୀ ଭାଙ୍ଗିବାବେଳେ ଚାଟମାନେ ଦୁଇ ହାତ ପାପୁଲି ଯୁକ୍ତଭାବରେ ମେଲାଇ ରଖି ଅବଧାନଙ୍କ ଆଡ଼କୁ ହାତ ବଢ଼ାଇ ଦେଇ, ଧାଡ଼ି ବାନ୍ଧି ଛିଡ଼ା ହୋଇଯାଆନ୍ତି । ଯେଉଁ ଚାଟ ସମସ୍ତଙ୍କ ଆଗେ ଚାହାଳୀକୁ ଆସିଥାଏ, ତାହା ହାତ ପାପୁଲିରେ ଅବଧାନେ ବେତର ଅଗ ଛୁଆଇଁ ଦିଅନ୍ତି- ସେଟା ହେଲା ଶୂନ । ତହିଁ ଉତ୍ତାରେ ଦୁଇ, ତିନି କରି ଶେଷ ପର୍ଯ୍ୟନ୍ତ ଏକ ଏକ ସଂଖ୍ୟା ବଢ଼ି ଭିନ୍ନ ଭିନ୍ନ ଚାଟଙ୍କ ହାତରେ





https://withteachers.in/

ବେତର ପାହାର ପଡୁଥାଏ, ଅର୍ଥାତ୍ ଉପସ୍ଥିତି ବିଷୟରେ ଯେ ଦ୍ୱିତୀୟ ତାହା ହାତରେ ଦୁଇଥର, ଯେ ତୃତୀୟ ତାହା ହାତରେ ତିନିଥର, ଯେ ଚତୁର୍ଥ ତାହା ହାତରେ ଚାରିଥର ବେତର ପାହାର ପଡ଼େ । ଏହି ବେତର ପାହାରର ବଳ ସବୁ ସମୟରେ ସମାନ ନୁହେଁ- ଟାଣ ଓ ଉଶ୍ୱାସ ଥାଏ । ଶୂନଚାଟି ଦେଲାବେଳେ ଅବଧାନେ ଚାଟ ମୁହଁକୁ ଅନାନ୍ତି । ଯେଉଁଠାରେ କୌଣସି ଜବାବଦିହି ହେବାର ସମ୍ଭାବନା ଥାଏ, ସେଠାରେ ବେତର ଆଣ୍ଟଟା କିଛି କୋହଳ ହୋଇଯାଏ; ଅନ୍ୟ ଚାଟଙ୍କ ହାତରେ ବେତର ଶବ୍ଦଟା ପଟାପଟ୍ ଶୁଭେ ।

କୌଣସି ଚାଟ ଯଦି ବେଶି ବେଳଯାଏ ଶୋଇପଡ଼େ ଏବଂ ବିଛଣାରୁ ଉଠି ମଝି ବାହାରେ ତାଳ ଉପରେ ଖରା ପଡ଼ିଥିବାର ଦେଖେ, ତେବେ ସେ ଶୂନଚାଟି ଡରରେ ଚାହାଳୀକୁ ନ ଯାଇ; ନିରାପଦ ସ୍ଥାନ, ଅର୍ଥାତ୍ ହାଣ୍ଡିଶାଳରେ ପଶି ହାଣ୍ଡିଫନ୍ଦଟା ଧରି ବସି ପଡ଼େ । ହେଲେ, ସେ ଅବସ୍ଥାରେ ମଧ ତାହାର ରକ୍ଷା ନାହିଁ । ସ୍ୱଜାତୀୟ ଯୋଡ଼ାଏ ପୁଞ୍ଜାଏ ପିଲା ଲଙ୍ଗଳା ହୋଇପଡ଼ି, ହାଣ୍ଡିଶାଳରେ ପଶି ଅପରାଧୀକୁ ଧରି ଆଣି ଶୂନ୍ୟେଶୂନ୍ୟେ ଟେକି ଚାହାଳୀକୁ ଧରି ଘେନି ଯାଆନ୍ତି । ଚାହାଳୀରେ ଉପସ୍ଥିତ ମାତ୍ରେ ବିଚାରକ ଅବଧାନ ତାହା ପିଠିରେ କେତେଟା ପାହାର ବସାଇ ଦିଅନ୍ତି ।

ମୁଁ ଏହିପରି ଗୋଟିଏ ଚାହାଳୀରେ ପଢ଼ିବାକୁ ଆରମ୍ଭ କଲି । ସେଠାରେ ସଖାଳେ ଖଡ଼ିପାଠ ହୁଏ ଏବଂ ଉପରଓଳି ପୋଥି ପଢ଼ା ହୁଏ । ପଢ଼ା ସରିଲେ, ଅନ୍ୟାନ୍ୟ ଚାଟମାନେ ଘରକୁ ଯାଆନ୍ତି; କିନ୍ତୁ ମୋତେ ଚାହାଳୀରେ ରହି ଅବଧାନଙ୍କର ସେବା ଏବଂ ତାଙ୍କ ରୋଷେଇରେ ସାହାଯ୍ୟ କରିବାକୁ ହୁଏ । ସେ ଅବଧାନଙ୍କ ନାମ- ବୈଷ୍ଣବ ମାହାନ୍ତି- ନିବାସ କଟକ ଜିଲ୍ଲା ।

ମୋର ବଡ଼ବାପା ପୁରୁଷୋତ୍ତମ ସେନାପତି ମୋ ପ୍ରତି ବଡ଼ ନିଷ୍ଠୁର ଥିଲେ । ମାସ ଶେଷରେ ଅବଧାନ ଦରମା ମାଗିବାକୁ ଗଲେ ବଡ଼ବାପା କହନ୍ତି, "ତୁମେ ତ ଫକୀରକୁ ପାଠ ପଢ଼ାଉନାହଁ, ଦରମା ମାଗୁଛ କ'ଣ ?" ଅବଧାନେ ଜବାବ ଦିଅନ୍ତି, "ମୁଁ ତ ଦିନରାତି ତାହାକୁ ପାଖରେ ବସାଇଛି, ଦଣ୍ଡେ ହେଲେ ଖେଳିବାକୁ, ବୁଲିବାକୁ ଛାଡୁନାହିଁ ।" ବଡ଼ବାପା କହନ୍ତି, "କାହିଁ ତା' ପିଠିରେ ତ ଚିହ୍ନ ନାହିଁ ।" ଅବଧାନେ ବଡ଼ବାପାଙ୍କ ମନକଥା ଭଲକରି ବୁଝିଥିଲେ । ଚାହାଳୀରେ ମୁଁ ବସିଥିଲି, ଅକାରଣ ବେତଟା ଧରି ମୋ ପିଠିରେ ଦଶବାର ପାହାର ବାଡ଼େଇ ଗଲେ । ମାଡ଼ର ଶବ୍ଦ ଓ ମାଡ଼ର ଚିତ୍କାର ଶୁଣି ବଡ଼ବାପା ଓ ବଡ଼ମା ଭାରି ଖୁସୀ । କିନ୍ତୁ ଠାକୁରମା ଦଉଡ଼ି ଆସି କହନ୍ତି, "ଅବଧାନେ ତୁମ୍ଭର କି ପୁଅଝିଅ କେହି ନାହିଁ ? ଅକାରଣ ପିଲାଟାକୁ ବାଡ଼ୋଉଛ !" ପ୍ରତ୍ୟେକ ଥର ଅବଧାନଙ୍କ ଦରମା ଦେବାବେଳେ ଏହିପରି ଅଭିନୟ ହୋଇଥାଏ ।

କିଛିକାଳ ପରେ ବୈଷ୍ଣବ ମାହାନ୍ତି ତାଙ୍କ ଗ୍ରାମକୁ ଚାଲିଗଲେ । ଆମ୍ଭ ଗ୍ରାମରେ ନଣ୍ଡା ଗୋସାଇଁ ମଠରେ ଗୋଟାଏ ଚାହାଳୀ ଥିଲା । ମୁଁ ସେହି ଚାହାଳୀରେ ଭର୍ତ୍ତି ହେଲି । ସେଠାରେ ପ୍ରତିପଦ, ଅଷ୍ଟମୀ, ଚତୁର୍ଦ୍ଦଶୀ ଓ ଅମାବାସ୍ୟା ଏହି ତିଥିମାନଙ୍କରେ ଚାହାଳୀ ପଢ଼ା ବନ୍ଦ । ଏହି ତିଥିମାନଙ୍କରେ ଉପରଓଳି କେତେଜଣ ବଡ଼ ବଡ଼



https://withteachers.in/

ଚାଟପିଲା ମିଳି ଗ୍ରାମମଧ୍ୟରେ ସ୍ୱାମୀନଙ୍କ ପାଖରେ ବସି ଗୀତ ଗାଉଁ। ସେମାନେ ଚାଟଭିକ୍ଷା ଚାଉଳ ଦିଅନ୍ତି । ସେହି ଚାଉଳରେ ଅବଧାନଙ୍କର ଅନ୍ନ ବାଡ଼ଟା ଚଳିଯାଏ। କେବେକେବେ ଚାଉଳ ବଳି ପଡ଼ିଲେ, ଅବଧାନେ ବିକି ପଇସା ସଞ୍ଚନ୍ତି । ଚାଟଭିକ୍ଷା ଛାଡ଼ି ଆହୁରି ମଧ୍ୟ ଢେର ଚାଉଳ ଅବଧାନେ ପାଉଥିଲେ । କେହି ଚାଟ ନୂଆ ଗୋଟାଏ କିଛି ପାଠ ଆରମ୍ଭ କଲେ ଚାହାଳୀକୁ ଗୋଟିଏ ସିଧା ଆଣେ । ସିଧାର ସରଞ୍ଜାମ ହେଲା ସେରେ ଚାଉଳ, ଗୋଟିଏ ଗୁଆ, କିଛି ଗୁଡ଼ ଓ ଉଖୁଡ଼ା ଓ କେତେଟା ଫୁଲ।

ସେ ସମୟରେ ବାଲେଶ୍ୱରରେ ଗୋଟିଏ ପାର୍ଶି ଅବୈତନିକ ସ୍କୁଲ ଥିଲା। ଚାହାଳୀ ପାଠ ଶେଷକରି ମୁଁ ଆପେ ଯାଇ ସେଇ ସ୍କୁଲରେ ନାମ ଲେଖାଇ ପଢ଼ିବାକୁ ଆରମ୍ଭ କଲି । ସ୍କୁଲରେ ତିନିଜଣ ଆଖୁନ୍‌ଜୀ ଓ ଜଣେ ଓଡ଼ିଆ ପଣ୍ଡିତ ନିଯୁକ୍ତ ଥିଲେ । ଓଡ଼ିଆ ପଣ୍ଡିତଙ୍କ ନାମ ବନମାଳି ବାଚସ୍ପତି । ବାପ, ଭାଇ ପ୍ରଭୃତିଙ୍କୁ କିପରି ଚିଠି ଲେଖିବାକୁ ହୁଏ, କଚେରୀରେ ଦରଖାସ୍ତ କିପରି ଲେଖିବାକୁ ହୁଏ, ପଣ୍ଡିତେ ଛାତ୍ରମାନଙ୍କୁ ଏତିକି ମାତ୍ର ଶିଖାନ୍ତି।



*-(ଫକୀରମୋହନଙ୍କ ଆତ୍ମଜୀବନୀ 'ଆତ୍ମଚରିତ'ରୁ ସଂଗୃହୀତ)*

୦୦୦



## ଆସ କଥା ହେବା

୧. ପିଲାଦିନେ ଲେଖକଙ୍କର କାନ ଫୋଡ଼ାଇ ଦିଆଗଲା କାହିଁକି ?

୨. ଲେଖକଙ୍କ ବାପା କିପରି ମୃତ୍ୟୁବରଣ କରିଥିଲେ ?

୩. ରୋଗ ଶଯ୍ୟାପାଖରେ ଠାକୁର ମାଆ ବସି କ'ଣ କରୁଥିଲେ ?

୪. ଲେଖକଙ୍କର ଫକୀରୀ ପୋଷାକ କିପରି ଥିଲା ?



https://withteachers.in/

## ପାଠରୁ

**ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (★)ଚିହ୍ନ ଦିଅ।**

**୧. ଫକୀରମୋହନ କେଉଁ ତିଥିରେ ଜନ୍ମଗ୍ରହଣ କରିଥିଲେ ?**

(କ) ରଜ ସଂକ୍ରାନ୍ତିରେ। ☐

(ଖ) ମକରସଂକ୍ରାନ୍ତିରେ। ☐

(ଗ) ପଣାସଂକ୍ରାନ୍ତିରେ। ☐

(ଘ) ଧନୁସଂକ୍ରାନ୍ତିରେ। ☐

**୨. ପୋଷାକୁକୁରଟି ଅନାହାରରେ ମରିଯିବାର କାରଣ କ'ଣ ?**

(କ) ସେ ପାଗଳା ହୋଇଯାଇଥିଲା। ☐

(ଖ) ସେ କାନ୍ଦୁଥିଲା। ☐

(ଗ) ସେ ଲେଖକଙ୍କ ବାପାଙ୍କୁ ଝୁରୁଥିଲା। ☐

(ଘ) ସେ ବହୁତ ରଡ଼ି କରୁଥିଲା। ☐

**୩. ଠାକୁରମା ଅନିଦ୍ରା ଅନାହାରରେ ସମୟ ବିତାଉଥିଲେ କାହିଁକି ?**

(କ) ସେ ନିଜର ପୁଅକୁ ମନେ ପକାଇ କାନ୍ଦୁଥିଲେ। ☐

(ଖ) ସେ ଦିନରାତି ଲେଖକଙ୍କ ଶଯ୍ୟା ପାଖରେ ଜଗି ବସୁଥିଲେ। ☐

(ଗ) ସେ ନିଜେ ରୋଗିଣା ଥିଲେ। ☐

(ଘ) ସେ କାହାର କଥା ମାନୁ ନ ଥିଲେ। ☐

**୪. ଅବଧାନ ଲେଖକଙ୍କୁ ବାଡ଼ାଉଥିଲେ କାହିଁକି ?**

(କ) ଅବଧାନଙ୍କୁ ଦରମା ମିଳି ନ ଥିଲା। ☐

(ଖ) ବଡ଼ବାପାଙ୍କ ମନର କଥା ଭଲକରି ବୁଝିଯାଇଥିଲେ। ☐

(ଗ) ସେ ଲେଖକଙ୍କୁ ଘୃଣା କରୁଥିଲେ। ☐

(ଘ) ଠାକୁରମାଆଙ୍କୁ ଡରୁଥିଲେ। ☐



https://withteachers.in/

## ଭାବ ଓ ଲେଖ

**ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ଖାତାରେ ଲେଖ ।**

୧. ଜନନୀଙ୍କର ମୃତ୍ୟୁ ପରେ ଲେଖକ କେତେବର୍ଷ ପର୍ଯ୍ୟନ୍ତ ରୋଗଶଯ୍ୟାରେ ପଡ଼ିଥିଲେ ?

୨. ଚାଟଶାଳୀରେ ପଢ଼ାରମ୍ଭ ବେଳକୁ ଲେଖକଙ୍କର ବୟସ କେତେ ହୋଇଥିଲା ?

୩. ଚାହାଳୀକୁ ପ୍ରଥମେ ଆସିଥିବା ଚାଟକୁ ଅବଧାନ କ'ଣ ଦିଅନ୍ତି ?

୪. ବେଶି ବେଳଯାଏ ଶୋଇପଡ଼ିଥିବା ଚାଟଟି ଡରରେ ନିଜକୁ କିପରି ରକ୍ଷା କରିଥାଏ ?

୫. ନଣ୍ଡା ଗୋସାଇଁ ମଠରେ ଥିବା ଚାହାଳୀଟିରେ କେଉଁ କେଉଁ ତିଥିରେ ପାଠପଢ଼ା ବନ୍ଦ ରହୁଥିଲା ?

୬. ସେହି ତିଥିରେ ଉପରଓଳି ବଡ଼ ବଡ଼ ଚାଟ କ'ଣ କରନ୍ତି ?

୭. ପାର୍ଶି ସ୍କୁଲରେ ପଣ୍ଡିତେ ଛାତ୍ରମାନଙ୍କୁ କ'ଣ ଶିଖାଉଥିଲେ ?

## ତୁମେ ଯାହା ବୁଝିଛ

୧. ଲେଖକଙ୍କୁ ତାଙ୍କର ଠାକୁରମା' ପୀରଙ୍କ ପାଖରେ ଫକୀର କରାଇ ଦେଇଥିଲେ । ତୁମେ ପିଲାଦିନେ ସେହିପରି ଫକୀର, ଯୋଗୀ କିମ୍ବା ବାବାଜୀ ହୋଇଛ କି ? ଯଦି ହଁ, ତେବେ ତାହା କିପରି ଥିଲା ଲେଖ ।

------------------------------------------------------------------------

୨. ଲେଖକ ଅବଧାନଙ୍କ ଚାହାଳୀରେ ପାଠ ପଢ଼ିଥିଲେ । ତୁମର ଜେଜେବାପା, ଜେଜୀମାଆ କିମ୍ବା ବାପାମାଆ ଚାହାଳୀରେ ପଢ଼ିଥିବେ । ତାଙ୍କର ସେହି ଅନୁଭୂତିକୁ ବୁଝି ଲେଖ ।

------------------------------------------------------------------------

୩. ଚାଟଟି ବେଶି ବେଳଯାଏ ଶୋଇପଡ଼ିଲେ ମାଡ଼ଡରରେ ଘରେ ଲୁଚୁଥିଲା । ତୁମର ସେହିପରି କେବେ ସ୍କୁଲ ଯିବାରେ ଡେରି ହୋଇଛି କି ? ଯଦି ହୋଇଛି, ତେବେ ତୁମେ କ'ଣ କରିଛ ?

------------------------------------------------------------------------

୪. ମାସ ଶେଷରେ ଅବଧାନ ଦରମା ମାଗିବାକୁ ଯାଆନ୍ତି । ତୁମେ ଏବେ ମାସିକ ଦରମା ଦେଇ ପାଠ ପଢୁଛ କି ?

------------------------------------------------------------------------



https://withteachers.in/



## ଆସ ମିଳାଇବା

'କ' ସ୍ତମ୍ଭରେ କେତୋଟି ମନ୍ଦିରର ଚିତ୍ର ରହିଛି । 'ଖ' ସ୍ତମ୍ଭରେ ସେଗୁଡ଼ିକ କେଉଁ ସ୍ଥାନରେ ରହିଛି, ତାହା ଲେଖା ହୋଇଛି । ଆସ 'କ' ସ୍ତମ୍ଭରେ ଥିବା ମନ୍ଦିର ସହିତ 'ଖ' ସ୍ତମ୍ଭର ସ୍ଥାନକୁ ମିଳାଇବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
|  | ◆ ଗଞ୍ଜାମ |
|  | ◆ ସମ୍ବଲପୁର |
|  | ◆ ଖିଚିଂ |
|  | ◆ କେନ୍ଦୁଝର |
|  | ◆ ଭୁବନେଶ୍ୱର |
|  | ◆ କୋଣାର୍କ |



https://withteachers.in/



## ଆସ ଜାଣିବା

'ଭୁବନେଶ୍ୱର ମନ୍ଦିର ସମୀପସ୍ଥ ବିନ୍ଦୁସାଗର ପୁଷ୍କରିଣୀର ପଥର ଘାଟ ଉପରେ ବାବା ପ୍ରାଣତ୍ୟାଗ କଲେ ।'

ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରଠାରୁ ଅଳ୍ପଦୂରରେ ଯେଉଁ ପ୍ରସିଦ୍ଧ ପୁଷ୍କରିଣୀ ରହିଛି, ତାହା 'ବିନ୍ଦୁସାଗର ପୁଷ୍କରିଣୀ' । ଏଠାରେ ପ୍ରତିଦିନ ଶ୍ରଦ୍ଧାଳୁ ଲୋକମାନେ ସ୍ନାନ କରିବା ସହିତ ଏହାରି କୂଳରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥାନ୍ତି ।

ତୁମ ଅଞ୍ଚଳରେ ଥିବା ଏହିପରି ପ୍ରସିଦ୍ଧ ପୁଷ୍କରିଣୀ / ତୀର୍ଥସ୍ଥାନଗୁଡ଼ିକ ବିଷୟରେ ସଂଗ୍ରହ କରି ତା'ର ଏକ ତାଲିକା ପ୍ରସ୍ତୁତ କର। ।




## ଭାଷାର କଥା

୧. 'ଆହୁରି ମଧ୍ୟ ଢେର ଚାଉଳ ଅବଧାନେ ପାଉଥିଲେ ।'

ଏହି ବାକ୍ୟରେ ଯେଉଁ ପଦତଳେ ରେଖାଙ୍କିତ କରାଯାଇଛି, ତାହାକୁ ଲକ୍ଷ୍ୟ କର, ଏଠାରେ 'ଢେର' ପଦଟି 'ଚାଉଳ' ପଦର ପରିମାଣ(ଗୁଣ)କୁ ବୁଝାଉଛି । ଏହା ଏକ ବିଶେଷଣ ପଦ । 'ଚାଉଳ' ପଦଟି ନାମକୁ ବୁଝାଉଛି । ଏହା ବିଶେଷ୍ୟ ପଦ ଅଟେ ।

ଏବେ ଆସ ଏହି ପାଠରେ ଏହିପରି ଆଉ କେତେକ ବିଶେଷଣ ଓ ବିଶେଷ୍ୟ ପଦ ରହିଛି । ସେଗୁଡ଼ିକୁ ବାଛି ତଳେ ଲେଖିବା ।

| ବିଶେଷଣ | ବିଶେଷ୍ୟ |
|---|---|
| ସୁସ୍ଥ | ଶରୀର |
| ............ | .............. |
| ............ | .............. |
| ............ | .............. |





https://withteachers.in/

୨. 'ଉପର ଓଳି ଗ୍ରାମ ମଧ୍ୟରେ ଘରେଘରେ ଭିକ ମାଗି ବୁଲେ।' ଏହି ବାକ୍ୟରେ ଥିବା ରେଖାଙ୍କିତ ପଦଟି ଏକ ଯୋଡ଼ିଶବ୍ଦ । ଏହି ପାଠରୁ ଆଉ କେତେକ ଯୋଡ଼ି ଶବ୍ଦ ଖୋଜି ତଳ କୋଠରିରେ ଲେଖ ।

| | |
|---|---|
| ............ | .............. |
| ............ | .............. |
| ............ | .............. |

୩. 'ଅକାରଣ ବେତଟା ଧରି ମୋ ପିଠିରେ ଦଶବାର ପାହାର ବାଡ଼େଇଗଲେ ।'

ଏହି ବାକ୍ୟରେ ଦିଆଯାଇଥିବା ରେଖାଙ୍କିତ ପଦଟିକୁ ଲକ୍ଷ୍ୟକର । 'ଧରି' ପଦଟି କାମ ଶେଷ ହୋଇ ନ ଥିବାକୁ ବୁଝାଉଛି । ଏଣୁ ଏହା ଗୋଟିଏ 'ଅସମାପିକା କ୍ରିୟାପଦ' ଅଟେ । ସେହିପରି ଏହି ପାଠରୁ ଯେତେଗୋଟି 'ଅସମାପିକା କ୍ରିୟାପଦ' ପାଉଛ, ତାହାକୁ ବାଛି ତଳେ ଲେଖ ।

| | |
|---|---|
| ............... | .............. |
| ............... | .............. |
| ............... | .............. |



## ଖାଦ୍ୟପେୟ

"ପୀରମାନଙ୍କ ପାଖରେ ସିର୍ନି (ଶିରିଣୀ) ଭୋଗ ହୁଏ ।

ଏହି ସିର୍ନି (ଶିରିଣୀ) ବିଷୟରେ ତଳେ ଦିଆଯାଇଥିବା ଜାଣିବା କଥାକୁ ପଢ଼ ।

### ସିର୍ନି (ଶିରିଣୀ)

ସାଧାରଣତଃ ଆମର ସତ୍ୟନାରାୟଣ ପାଲା ପୂଜା ସମୟରେ ଏହି ଭୋଗଟି ପ୍ରସ୍ତୁତ କରାଯାଏ । ଏହାକୁ ପ୍ରସ୍ତୁତ କରିବା ପୂର୍ବରୁ ପ୍ରଥମେ ଗାଈକ୍ଷୀର, ପାଚିଲାକଦଳୀ, ଗୁଡ଼, ଅଟା, ଚାଉଳଚୂନା, ଗୋଲମରିଚ, ଅଦା ପ୍ରଭୃତି ସଂଗ୍ରହ କରାଯାଏ । ଏ ସବୁକୁ ନେଇ ଗୋଟିଏ ନୂଆ ମାଟି ହାଣ୍ଡିରେ ପୁରୋହିତ ଏକାଠି କରି ଗୋଳାଇଥାନ୍ତି । ସିର୍ନି (ଶିରିଣୀ) ପ୍ରସ୍ତୁତ ହୋଇସାରିବା ପରେ ପୁରୋହିତ ତାକୁ ନେଇ ସତ୍ୟନାରାୟଣ/ପୀର ଠାକୁରଙ୍କୁ ଭୋଗ ଲଗାଇଥାଆନ୍ତି । ଭୋଗ ହୋଇସାରିବା ପରେ ଏହାକୁ ସମସ୍ତେ ଶ୍ରଦ୍ଧାରେ ପାଇଥାଆନ୍ତି ।



https://withteachers.in/

୨. ତୁମ ଘରେ ବିଭିନ୍ନ ପୂଜାବେଳେ 'ପଞ୍ଚାମୃତ' କିପରି ପ୍ରସ୍ତୁତ କରାଯାଏ ? ତାହା କେଉଁ କେଉଁ ପଦାର୍ଥକୁ ମିଶାଇ ପ୍ରସ୍ତୁତ କରାଯାଏ, ଲେଖ ।

| | |
|---|---|
| ............... | ............... |
| ............... | |
| ............... | ............... |



## ତୁମର ଖେଳ

୧. ଏମିତି କେତେକ ଖେଳ ତୁମେ ପ୍ରତିଦିନ ଖେଳିଥାଅ, ଯାହାପାଇଁ କିଛି ଟଙ୍କା ଦେବାକୁ ପଡ଼ି ନ ଥାଏ । ତୁମେ ସେଗୁଡ଼ିକୁ ନିଜ ହାତରେ ତିଆରି କରିପାରିବ । ଏମିତିକା କିଛି ଖେଳର ଚିତ୍ର 'କ' ସ୍ତମ୍ଭରେ ଦିଆଯାଇଛି । 'ଖ' ସ୍ତମ୍ଭରେ ସେ ସବୁର ନାମ ଦିଆଯାଇଛି । ଆସ ଗାରଟାଣି ସେସବୁକୁ ମିଳାଇବା ।

**ଖେଳର ଚିତ୍ର**









**ଖେଳର ନାମ**

କବାଡ଼ି

ଖପରା ଡିଆଁ

ନଟୁ

ଗୁଡ଼ି



https://withteachers.in/

ତୁମେ ସାଙ୍ଗମାନଙ୍କ ସହିତ ଏହି ଖେଳଗୁଡ଼ିକୁ କେମିତି ଖେଳିଥାଅ, ତାହା ଲେଖ। ତୁମ ଅଞ୍ଚଳରେ ଖେଳା ଯାଉଥିବା ଆଉ କେତେକ ଖେଳ ବିଷୟରେ ଲେଖ।

୨. ଏମିତି କିଛି ଆନନ୍ଦଦାୟକ ଖେଳର ଏକ ତାଲିକା ପ୍ରସ୍ତୁତ କର, ଯାହାକୁ ତୁମେ ତୁମର ଦିବ୍ୟାଙ୍ଗ ସାଙ୍ଗମାନଙ୍କ ସହିତ ଖେଳିପାରିବ ।

ତୁମେ ଏହିକାମରେ ସାଙ୍ଗସାଥୀ, ଶିକ୍ଷକ ଓ ନିଜର ଅଭିଭାବକଙ୍କର ମଧ୍ୟ ସହାୟତା ନେଇପାର ।



## ପାଠାଗାରରୁ

ତୁମେ ନିଜର ପାଠାଗାରକୁ ଯାଇ ଫକୀରମୋହନ ସେନାପତିଙ୍କର ଆତ୍ମଜୀବନୀ ଓ ସେ ଲେଖିଥିବା କାହାଣୀଗୁଡ଼ିକୁ ଆଣି ପଢ଼ । ସେ ସବୁ ବିଷୟରେ ନିଜର ଶ୍ରେଣୀରେ ଆଲୋଚନା କର ।



## ଏହାଙ୍କୁ ମଧ୍ୟ ଜାଣ





୧୯୪୪ ମସିହାରେ ମହାରାଷ୍ଟ୍ରରେ ଜନ୍ମ ହୋଇଥିବା ମୁରଲୀକାନ୍ତ ରାଜାରାମ ପେଟ୍‌କର ଭାରତର ଜଣେ ପ୍ରସିଦ୍ଧ ପାରା ଅଲମ୍ପିକ୍ ସନ୍ତରଣକାରୀ ଭାବରେ ପ୍ରସିଦ୍ଧ। ପାରାଅଲମ୍ପିକ୍ ଖେଳ ଦିବ୍ୟାଙ୍ଗ ଖେଳାଳିମାନଙ୍କପାଇଁ ଆୟୋଜିତ ହେଉଥିବା ଅଲମ୍ପିକ୍ ଖେଳର କାର୍ଯ୍ୟକ୍ରମ ଅଟେ। ପେଟ୍‌କର ଭାରତୀୟ ସୈନ୍ୟବାହିନୀରେ ଜଣେ ସୈନ୍ୟ ଥିଲେ । ୧୯୬୫ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧରେ ତାଙ୍କର ଦେହରେ ଶତ୍ରୁର ଗୁଳି ବାଜିବା



https://withteachers.in/

ଫଳରେ ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇଗଲେ। ସେ ଚିକିତ୍ସକମାନଙ୍କର ପରାମର୍ଶରେ ପହଁରିବା ଆରମ୍ଭ କରି ଦେଲେ। କୁସ୍ତି, ହକି, ଆଦି ଖେଳରେ ପିଲାଟି ଦିନରୁ ରୁଚି ରଖିଥିବା ମୁରଲୀକାନ୍ତ ପେଟ୍‌କର ନିଜର ଅବିରତ ସାଧନା ଓ ପରିଶ୍ରମ ବଳରେ ଅଳ୍ପଦିନରେ ସନ୍ତରଣରେ ଦକ୍ଷତା ହାସଲ କଲେ। ସେ ୧୯୭୨ରେ ହାଇଡ଼ିଲବର୍ଗ ପାରା ଅଲମ୍ପିକ୍ ପ୍ରତିଯୋଗିତାରେ ଭାରତପାଇଁ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଥିବା ଦିବ୍ୟାଙ୍ଗ ସନ୍ତରଣକାରୀ ହୋଇପାରିଲେ। ଅନେକ ସଫଳତା ଯୋଗୁଁ ୨୦୧୮ ମସିହାରେ ଭାରତ ସରକାର ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ କରିଥିଲେ।





## ଆସ ଚିହ୍ନିବା

ନିମ୍ନରେ କେତେକ ଦିଆଯାଇଥିବା ପ୍ରସିଦ୍ଧ କବି, ଲେଖିକା, ଦିବ୍ୟାଙ୍ଗ ଖେଳାଳିଙ୍କର ଫଟୋ ଚିତ୍ର ଦିଆଯାଇଛି। ସେମାନଙ୍କ ବିଷୟରେ ଖୋଜି ଲେଖ। ଏଥିପାଇଁ ତୁମେ ଅଭିଭାବକ, ଶିକ୍ଷକ କିମ୍ବା ଇଣ୍ଟରନେଟ୍‌ର ସହାୟତା ନେଇପାର।












https://withteachers.in/

ତୁମ ପଢ଼ିବାପାଇଁ

# ପଢ଼ିଥିଲି ଯହିଁ ପ୍ରଥମକଥା

ମନେଅଛି ମୋର ଗ୍ରାମ ଚାଟଶାଳୀ
ଚିହ୍ନିଥିଲି ଯହିଁ ଅକ୍ଷର ଆଗେ,
ସରୁ ଦାଣ୍ଡ କଡ଼େ ଚାଳଘର ଖଣ୍ଡି
ଯାଇଥିଲି ଦିନେ ବାପାଙ୍କ ସଙ୍ଗେ ।

ଡାକିନେଇ ପାଖେ ବସାଇଲେ ଗୁରୁ
ପଚାରିଲେ ନାମ ଆଦର କରି,
ତିନିଗୋଟି ଶୂନ୍ୟ ଲେଖିଦେଲେ ତଳେ
ଖଡ଼ିମୁଣ୍ଡା ଏକ ହାତରେ ଧରି ।

ତାହାରି ଉପରେ ବୁଲାଇଲି ଖଡ଼ି
'ଅ' 'ଆ' 'କ' 'ଖ' ଶିଖିଲି ପାଠ,
ଭଲ ଗୁଣ ଲାଗି ପାଇଲି ପ୍ରଶଂସା
ମନ୍ଦପାଇଁ କେତେ ଖାଇଲି ଛାଟ ।

ପଢ଼ିଲି ସାହିତ୍ୟ ଅଙ୍କ, ଇତିହାସ,
ଭୂଗୋଳ, ବିଜ୍ଞାନ ଲାଗେ ନୂତନ,
ଜାଣିବାକୁ ବେଶି ଜାଗିଲା ଉତ୍ସାହ
ଶିଖିବାକୁ ବେଶି ବଳିଲା ମନ ।





https://withteachers.in/



ପଢ଼ିବାକୁ ଯେତେ ପାଉଥିଲି ସୁଖ
ପରୀକ୍ଷା ଲାଗିଲା ସେତିକି ମନ୍ଦ,
ସବୁଠାରୁ ବେଶି ସୁଖ ଲାଗୁଥିଲା
ସେଦିନର ସାଥୀ ଖେଳ ଆନନ୍ଦ ।

ସୁଖ ଲାଗିଥିଲା ବସନ୍ତ-ପଞ୍ଚମୀ
ହରତାଳିକାର ପୂଜା ଉତ୍ସବ,
ଗ୍ରାମଚାଟଶାଳୀ ଗୁରୁ ସହପାଠୀ
ଥିଲେ ସେ ମୋହର ମହା ବିଭବ ।

ଗ୍ରୀଷମ ଖରାରେ ବୁଡ଼ିଥିଲି କେତେ
ପଧାନପୋଖରୀ ଭିତରେ ଯାଇ,
କେତେ କାହିଁ ବୁଲି ତୋଟା ବଗିଚାରେ
ଜାମୁ ବରକୋଳି ଆସିଛି ଖାଇ ।

ଶୀତସକାଳରେ ଚାହାଳୀ ଦୁଆରେ
ଖରାତଳେ ବସି କଷିଛି ଅଙ୍କ,
ବରଷାସଞ୍ଜରେ ଫେରିଛି ଘରକୁ
ଗାଁ ଦାଣ୍ଡେ ମାଡ଼ି କାଦୁଅପଙ୍କ ।

ଗୁରୁସହପାଠୀ କେ ଗଲେଣି କାହିଁ
ଗୋଟିଗୋଟି ତାହା ପଡୁଛି ମନେ,
ହସିଥିଲି କେଉଁ ବିଲ ପାହାଡ଼ରେ
କାନ୍ଦିଥିଲି ଆମ୍ବ ପୁଲାଙ୍ଗବନେ ।

ମନ୍ଦିର ସମାନ ଗ୍ରାମ ଚାଟଶାଳୀ
ସବୁ ସ୍ମୃତି ପରେ ଟେକିଛି ମଥା,
ଶିଖିଥିଲି ଯହିଁ ପ୍ରଥମ ଅକ୍ଷର
ପଢ଼ିଥିଲି ଯହିଁ ପ୍ରଥମକଥା ।

**● କାଳିନ୍ଦୀଚରଣ ପାଣିଗ୍ରାହୀ**



https://withteachers.in/

ପାଠ-୫

# ଦଳପତି ପଦ ତୁମକୁ ସାଜେ

● ଡ. ନଟବର ସାହୁ

ବାରବାର ହୋଇ ଶୁଭୁଛି ଡାକ,
"ହିରଣ୍ୟକ ହିରଣ୍ୟକ
ମୂଷିକରାଜା ହେ ବନ୍ଧୁ ମୋର
ବେଗେ ଆସି ଆମ ଜୀବନ ରଖ ।"






https://withteachers.in/

ଶୁଣି ଏଇ ଡାକ ମୂଷିକରାଜ
ବାହାରକୁ ଆସି ହୋଇଲେ ଉଭା
ଦଳବଳ ସହ କପୋତରାଜ
ଦଶା ଦେଖି ସେ'ତ ହୋଇଲେ କାବା ।



କପୋତରାଜନ କହିଲେ, "ସଖା
ଯାଇଥିଲୁ ବନପଥରେ ଉଡ଼ି
ପଡ଼ିଗଲୁ ଆମେ ବାଣୁଆଜାଳେ
ଖୁଦକଣିକାର ଲୋଭରେ ପଡ଼ି ।



ନ ଥିଲା ଉପାୟ ଆମର ଆଉ
ପରାଣବିକଳେ ସରବେ ମିଳି
ଜାଲ ସହିତରେ ଆସିଛୁ ଉଡ଼ି,
ମରଣର ଭୟ ଦେବାକୁ ଟାଳି ।

ମୋର ଅନୁଗତ କପୋତଦଳେ
ତୁମେଇ ପାରିବ ମୁକ୍ତ କରି,
ମୂଷିକରାଜ ମୋ ବାଲ୍ୟସଖା
ଆମଠି କରୁଣା ବର୍ଷା କରି ।"



ଏହା ଶୁଣିସାରି ହିରଣ୍ୟକ
ବନ୍ଧୁ ନିକଟକୁ ଗଲେ ସେ ଧାଇଁ
ଜାଲ କାଟି ନିଜ ମିତକୁ ଆଗ
ବନ୍ଧନୁ ମୁକତି କରିବାପାଇଁ ।



https://withteachers.in/

ଏହା ଦେଖି ତହୁଁ କପୋତରାଜ
ମିତଙ୍କୁ କହିଲେ ବିନୀତ ହୋଇ,
"ପରଜାଙ୍କୁ ଆଗ ମୁକ୍ତ କର
ମୋ ଫାଶ କାଟିବ ଶେଷରେ ଭାଇ।"


ହିରଣ୍ୟକ ହସି କହିଲେ, "ସଖା
ଅଳପ ଶକତି କ୍ଷୀଣ ମୋ ଦେହ
ସବୁ କପୋତର କାଟିବି ଫାଶ
କିପରି ପାରିବି ତୁମେ ଯେ କୁହ !

ତୁମେ ଦଳପତି ବନ୍ଧୁ ମୋର
ପହିଲେ ତୁମକୁ ଦେବି ମୁକତି
ତା'ପରେ କାଟିବି ପାରିବି ଯେତେ
ଦେହେ ଥିବା ଯାଏ ମୋର ଶକତି ।"

"ଆଶ୍ରିତଜନ ରକ୍ଷାପାଇଁ
ଦଳପତି ସିନା ସାଜିଛି ମୁହିଁ
ତାଙ୍କ ପାଇଁ ପଛେ ଜୀବନ ଯାଉ
ସେଥିପାଇଁ ମୋର ଭାବନା ନାହିଁ।"

କପୋତରାଜନ ବଚନ ଶୁଣି
ହିରଣ୍ୟକ ହସି କହିଲେ ତେଜେ,
"ଆଦରଶ ତୁମ ଧନ୍ୟ, ସଖା
ଦଳପତି ପଦ ତୁମକୁ ସାଜେ।"

୦୦୦





https://withteachers.in/



## ଆସ କଥା ହେବା

୧. କପୋତରାଜଙ୍କର କେଉଁ ବିଶେଷ ଗୁଣଗୁଡ଼ିକ ତୁମକୁ ଭଲ ଲାଗିଲା ?

୨. ହିରଣ୍ୟକ କପୋତରାଜଙ୍କୁ ପ୍ରଥମେ ବନ୍ଧନମୁକ୍ତ କରିବାକୁ ଚାହିଁଥିଲେ, କିନ୍ତୁ କପୋତରାଜ ମନା କରିବାର କାରଣ କ'ଣ ?

୩. କେଉଁ ସବୁ ଭଲଗୁଣକୁ ନିରନ୍ତର ଅଭ୍ୟାସ କରି ତୁମେ ନିଜକୁ ଅଧିକ କୁଶଳୀ କରିପାରିବ ?

୪. ଯଦି ହିରଣ୍ୟକ ନ ଥାନ୍ତେ, ତେବେ କପୋତଦଳ ନିଜ ଜୀବନ ବଞ୍ଚାଇବାପାଇଁ କ'ଣ କରିଥାଆନ୍ତେ ?



## ପାଠରୁ

**ତଳେ କେତେକ ପ୍ରଶ୍ନ ଓ ଉତ୍ତର ଦିଆଯାଇଛି । ପ୍ରଶ୍ନର ଉପଯୁକ୍ତ ଉତ୍ତର ପାଖରେ ତାରା ( ★ )ଚିହ୍ନ ଦିଅ ।**

୧. କେଉଁ ସ୍ଥାନରେ ବାଣୁଆ ଜାଳ ଟାଣିଥିଲା ?

(କ) ଆକାଶରେ ☐ (ଖ) ଅଗଣାରେ ☐

(ଗ) ପାହାଡ଼ ଉପରେ ☐ (ଘ) ଜଙ୍ଗଲରେ ☐

୨. ହିରଣ୍ୟକ କିଏ ?

(କ) ସିଂହରାଜା ☐ (ଖ) କପୋତରାଜ ☐

(ଗ) ମୂଷିକରାଜ ☐ (ଘ) ଜଙ୍ଗଲରାଜା ☐

୩. କପୋତମାନେ କିପରି ନିଜର ପ୍ରାଣ ବଞ୍ଚାଇବାକୁ ଉଦ୍ୟମ କଲେ ?

(କ) ଜଣ ଜଣ କରି ଜାଲ ଧରି ଉଡ଼ିଲେ । ☐

(ଖ) ଏକାଠି ଜାଲ ଧରି ଉଡ଼ିଲେ । ☐

(ଗ) ଜାଲକୁ ଚଞ୍ଚୁରେ ଛିଣ୍ଡାଇ ଉଡ଼ିଲେ । ☐

(ଘ) କେବଳ କପୋତରାଜ ଜାଲ ସହିତ ଉଡ଼ିଲେ । ☐

୪. କପୋତମାନେ ଏପରି ଦଶା ଭୋଗିଲେ କାହିଁକି ?

(କ) ମୁଗକଣିକା ଲୋଭରେ । ☐

(ଖ) ବିରିକଣିକା ଲୋଭରେ । ☐

(ଗ) ଧାନକଣିକା ଲୋଭରେ । ☐

(ଘ) ଖୁଦକଣିକା ଲୋଭରେ । ☐



https://withteachers.in/



## ଚିନ୍ତାକରି ଲେଖ

**ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

୧. ଯଦି କପୋତମାନେ ଏକମନ ହୋଇ ନ ଥାଆନ୍ତେ, ତେବେ କ'ଣ ହୋଇଥାନ୍ତା ?

୨. ଶିକାରୀ ଜାଲ ବିଛାଇଥିଲା କାହିଁକି ?

୩. ଯଦି କପୋତମାନେ ଜାଲରୁ ମୁକ୍ତ ହୋଇ ନ ଥାନ୍ତେ, ତାହାହେଲେ କି ଅସୁବିଧା ହୋଇଥାନ୍ତା ?

୪. ହିରଣ୍ୟକ ପରି ଜଣେ ଉପକାରୀ ବନ୍ଧୁ ହେବାପାଇଁ ତୁମେ କ'ଣ କରିବ ?



## ଅନୁମାନ ଓ କଳ୍ପନାରୁ

୧. ଯଦି ହିରଣ୍ୟକ କପୋତରାଜଙ୍କ ଡାକ ଶୁଣି ଆସିନଥାନ୍ତେ, ତେବେ କ'ଣ ହୋଇଥାନ୍ତା ?

୨. ତୁମେ କପୋତରାଜଙ୍କ ସ୍ଥାନରେ ଥିଲେ କ'ଣ କରିପାରିଥାନ୍ତ ?

୩. ଯଦି ଦଳପତି ଅନ୍ୟ ସାଥୀମାନଙ୍କ କଥା ଭାବି ନ ଥାନ୍ତେ, ତେବେ କ'ଣ ଅସୁବିଧା ହୋଇଥାନ୍ତା ?

୪. ଯଦି ତୁମେ ହିରଣ୍ୟକ ଓ କପୋତରାଜଙ୍କୁ କୌଣସି ସ୍ଥାନରେ ଭେଟ, ତେବେ ତାଙ୍କ ସହିତ କ'ଣ କଥା ହେବ ।



## ଭାଷାର କଥା

୧. କବିତାରୁ କିଛି ପଦ୍ୟାଂଶ ତଳେ ଦିଆଯାଇଛି । ରେଖାଙ୍କିତ ଶବ୍ଦ ଦୁଇଟିକୁ ଲକ୍ଷ୍ୟ କର ।

"ଶୁଣି ଏଇ ଡାକ ମୂଷିକରାଜ
ବାହାରକୁ ଆସି ହୋଇଲେ <u>ଉଭା</u>
ଦଳବଳ ସହ କପୋତରାଜ
ଦଶା ଦେଖି ସେ ତ ହୋଇଲେ <u>କାବା</u> ।"

ରେଖାଙ୍କିତ ଶବ୍ଦ ଉଭା ଓ କାବା ଶବ୍ଦ ଦୁଇଟି ହେଉଛି ସମତାନ ଶବ୍ଦ ।

୨. ଏହି କବିତାର ଏହିପରି ସମତାନ ବିଶିଷ୍ଟ ନୂଆଶବ୍ଦକୁ ବାଛି ଲେଖ ।



https://withteachers.in/

୩. ତଳେ ଦିଆଯାଇଥିବା ପଦ୍ୟାଂଶକୁ ଧ୍ୟାନର ସହିତ ପଢ଼ ।

(କ) ଶୁଣି ଏଇ ଡାକ ମୂଷିକରାଜ,
ବାହାରକୁ ଆସି ହୋଇଲେ ଉଭା ।

(ଖ) ଯାଇଥିଲୁ ବନପଥରେ ଉଡ଼ି,
ପଡ଼ିଗଲୁ ଆମେ ବାଣୁଆଜାଲେ ।

(ଗ) ଜାଲ ସହିତରେ ଆସିଛୁ ଉଡ଼ି ।

ଏହି ପଦ୍ୟାଂଶରେ ଗାର ଦିଆଯାଇଥିବା ଶବ୍ଦଗୁଡ଼ିକ ଗୋଟିଏ ଗୋଟିଏ କାର୍ଯ୍ୟକୁ ବୁଝାଉଛି । 'ହୋଇଲେ', 'ଯାଇଥିଲୁ', 'ପଡ଼ିଗଲୁ' ଅତୀତକାଳରେ ହୋଇଥିବା କାର୍ଯ୍ୟକୁ ବୁଝାଉଛି । 'ଆସିଛୁ' ବର୍ତ୍ତମାନ ସମୟର କାର୍ଯ୍ୟକୁ ବୁଝାଉଛି ।

୪. ଏବେ ଆସ, ନିମ୍ନ କ୍ରିୟାଗୁଡ଼ିକର ବିଭିନ୍ନ କାଳରେ ଥିବା ରୂପକୁ ଲେଖିବା ।

| ବର୍ତ୍ତମାନ କାଳ | ଅତୀତ କାଳ | ଭବିଷ୍ୟତ କାଳ |
|---|---|---|
| ଯାଏ | ଗଲି | ଯିବି |
| ........... | ଖାଇଲା | ............... |
| ........... | ............. | ଉଡ଼ିବ |
| କରେ | ............. | ............... |

୫. "ତୁମେ ଦଳପତି ବନ୍ଧୁ ମୋର, ପହିଲେ ତୁମକୁ ଦେବି ମୁକତି" ଉପରୋକ୍ତ ଧାଡ଼ିଟିକୁ ଭଲଭାବରେ ଦେଖ । ଏଠାରେ ରେଖାଙ୍କିତ ଶବ୍ଦଦୁଇଟି ମୂଷିକରାଜଙ୍କ ବଦଳରେ ଲେଖାଯାଇଛି । ଏହାକୁ ବିଶେଷ୍ୟପଦ କୁହାଯାଏ । 'ମୂଷିକରାଜ' ଓ 'କପୋତରାଜ' ଶବ୍ଦଦୁଇଟି ନାମବାଚକ ବିଶେଷ୍ୟ । ଏହି ବିଶେଷ୍ୟପଦ ବଦଳରେ ଯାହା ବ୍ୟବହୃତ ହୁଏ, ତାହା 'ସର୍ବନାମ' ପଦ ।

ଏବେ ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରୁ ରେଖାଙ୍କିତ ବିଶେଷ୍ୟଗୁଡ଼ିକ ବଦଳରେ ଉପଯୁକ୍ତ ସର୍ବନାମ ପଦ ବ୍ୟବହାର କର ।



https://withteachers.in/

(କ) ହିରଣ୍ୟକକୁ ଦେଖି ଦଳପତି ଟିକେ ସାହସ ପାଇଲେ ।

ଯେପରି:-

ତାକୁ ଦେଖି ସେ ଟିକେ ସାହସ ପାଇଲେ

(ଖ) ଶିକାରୀର ଜାଲରେ କପୋତମାନେ ପଡ଼ିଗଲେ ।

---------------------------------------------------------------

(ଗ) କପୋତମାନଙ୍କର ଆନନ୍ଦ କହିଲେ ନ ସରେ ।

---------------------------------------------------------------

(ଘ) ମୂଷିକରାଜର ଦାନ୍ତ ମୁନିଆଁ ଥିଲା ।

---------------------------------------------------------------

## କବିତାରୁ କାହାଣୀ

୧. 'ଦଳପତି ପଦ ତୁମକୁ ସାଜେ' କବିତାରେ ତୁମେ ହିରଣ୍ୟକ ଓ କପୋତରାଜଙ୍କ କଥାବାର୍ତ୍ତାର ଆନନ୍ଦ ନେଲ । ଏବେ ଏହି କଥାକୁ ନିଜଭାଷାରେ ଲେଖ ।

୨. ଏହି କବିତାର ଶେଷରେ କପୋତମାନଙ୍କୁ ଜାଲରୁ ମୂଷିକରାଜ ମୁକ୍ତ କରିବା ପରେ କ'ଣ ହୋଇଥିବ ? ତୁମେ ନିଜେ ଏହାର ଶେଷଭାଗକୁ ବଦଳାଇ ଭିନ୍ନ ପ୍ରକାରରେ ଲେଖ । ଯେପରିକି –



ଶିକାରୀ କପୋତମାନଙ୍କୁ ନିଜେ ମୁକ୍ତ କରୁଛି ।



ଶିକାରୀ ସହିତ କପୋତମାନେ କଥାବାର୍ତ୍ତା ହେଉଛନ୍ତି ।




https://withteachers.in/

## କଥାବାର୍ତ୍ତା

ତଳେ ମୂଷିକରାଜ ଓ ବନ୍ଧୁ କପୋତରାଜଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାକୁ ନିଜ କଳ୍ପନାରୁ ପୂରଣ କର ।

ହେ ବନ୍ଧୁ ହିରଣ୍ୟକ, ତୁମେ କେଉଁଠି ଅଛ ?





https://withteachers.in/



## ତୁଳନା

ତଳେ କେତେକ ଗୁଣର ସୂଚନା ଦିଆଯାଇଛି । ସେଥିମଧ୍ୟରୁ କେତେକ ଶିକାରୀ ଓ ଆଉ କେତେକ ହିରଣ୍ୟକର ବିଶେଷ ଗୁଣକୁ ସୂଚାଉଛି । ଏବେ ସେଗୁଡ଼ିକୁ ସେମାନଙ୍କ ନାମ ତଳେ (✓) ଚିହ୍ନ ବା (✗) ଚିହ୍ନ ଦେଇ ଦର୍ଶାଅ ।

| ଗୁଣ | ଶିକାରୀ | ହିରଣ୍ୟକ (ମୂଷିକରାଜ) |
|---|---|---|
| ପରୋପକାରୀ | | |
| ବୁଦ୍ଧିମାନ | | |
| ନିଷ୍ଠୁର | | |
| ଶକ୍ତିଶାଳୀ | | |
| ଚତୁର | | |
| ସାହସୀ | | |
| ନିରୀହ | | |
| ସହଯୋଗୀ | | |
| ହିଂସ୍ର | | |



## ପାଠରୁ ଆଗକୁ

୧. ତୁମ ବାପା କେବେ କାହାକୁ ବିପଦରୁ ମୁକୁଳାଇଛନ୍ତି କି ? ତାଙ୍କଠାରୁ ତାଙ୍କ ଅନୁଭୂତି ଶୁଣି ଶ୍ରେଣୀରେ ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନା କର ।

୨. ତୁମେ କେବେ ଚତୁରତାର ସହିତ କୌଣସି ବିପଦରୁ ନିଜକୁ ରକ୍ଷା କରିଛ କି ? ସେହି ଅନୁଭୂତିକୁ ନିଜ ଶ୍ରେଣୀକକ୍ଷରେ ଶୁଣାଅ ।



https://withteachers.in/



## ଖୋଜିବା ପାଇଁ

ପିଲାମାନେ, ତୁମେ ବାପାମାଆ / ଅଭିଭାବକଙ୍କ ସହିତ କେବେ ନନ୍ଦନକାନନ ବୁଲିବାକୁ ଯାଇଥିବ । ତୁମ ପରିବେଶରେ ମଧ୍ୟ ବିଭିନ୍ନ ପଶୁପକ୍ଷୀଙ୍କୁ ଦେଖିଥିବ । ସେହି ପଶୁପକ୍ଷୀଙ୍କୁ ନେଇ ତୁମ ଅନୁଭୂତିକୁ ଶ୍ରେଣୀଗୃହରେ ଆଲୋଚନା କର ।



## ଜଙ୍ଗଲର ଶାନ୍ତି ଓ ସୁରକ୍ଷା

(କ) ଯଦି ଜଙ୍ଗଲରେ ଶିକାରୀ ଓ କପୋତମାନଙ୍କ ମଧ୍ୟରେ ବନ୍ଧୁତା ଥାଆନ୍ତା, ତେବେ ଜଙ୍ଗଲରେ କ'ଣ ହୋଇଥାଆନ୍ତା ?

(ଖ) ସମସ୍ତ ପଶୁପକ୍ଷୀ ସ୍ୱାଧୀନ ହୋଇ ଆନନ୍ଦ ମନରେ କିପରି ରହିବେ, ତୁମେ ତୁମର ଦୁଇଟି ମତାମତ ଲେଖ ।

(ସଙ୍କେତ- ଏପରି ଉପାୟ ଚିନ୍ତାକର, ଯାହାଦ୍ୱାରା ଜଙ୍ଗଲର ସମସ୍ତ ଜୀବଜନ୍ତୁ, ଗଛଲତା, ଜଳ, ବାୟୁ ସୁରକ୍ଷିତ ରହିବେ ।)



## ପୁସ୍ତକାଗାରରୁ

ତୁମ ବିଦ୍ୟାଳୟର ପୁସ୍ତକାଗାରକୁ ଯାଅ । ଶିକ୍ଷକଙ୍କ ସହାୟତାରେ ପାଠାଗାରରୁ ହିତ ଉପଦେଶ ମୂଳକ କାହାଣୀ ବହି ଆଣ, ଯେଉଁଥିରେ ଉଭୟ ମନୁଷ୍ୟ ଓ ପଶୁପକ୍ଷୀ ସମ୍ବନ୍ଧିତ କଥା ରହିଥିବ ।

ସେହି କାହାଣୀଗୁଡ଼ିକୁ ପଢ଼ । କେଉଁ କାହାଣୀରୁ କ'ଣ ଶିଖିଲ, ତୁମ ଖାତାରେ ଲେଖି ରଖ ।



https://withteachers.in/



## ଆଜିର ପହେଳି

**(୧)**

ଶବଦ କରେ ମୁଁ ସାଇଁସାଇଁ
ବୁଲୁଥାଏ ମୁହିଁ ଘାଇଁଘାଇଁ ।
ବିଜୁଳି ନାହିଁ ତ କାମ ମୋ ନାହିଁ
କହିଲ ଦେଖି, ମୋ ନାମଟି କେହି ?

**(୨)**

ଟିକି ଟିକି ଦାନ୍ତ ବଡ଼ ଶକତ
କାଟେ ମୁଁ ପାହାଡ଼ ଖୋଳଇ ଗାତ,
ତୁମ ଜାମା ବହି ଯାହା ମୁଁ ପାଏ
କୁଟୁକୁଟା କରି କାଟି ପକାଏ,
କହିଲ ଦେଖି, ମୁଁ କିଏ ?

**(୩)**

ଆସିଲା ବଡ଼ଚଢ଼େଇ
ବସିଲା ଡେଣା ମେଲାଇ,
ଧରିଲା ମାଛ ଖାଇଲା ନାହିଁ
କହିଲ, ଦେଖି ମୁଁ କିଏରେ ଭାଇ ।

**(୪)**

ପଶୁପକ୍ଷୀଙ୍କର ଅଟେ ବଇରୀ
ହାତେ ଧନୁଶର ତୀରକୁ ଧରି,
ଜଙ୍ଗଲକୁ ନିତି ଯାଏ,
ଶିକାର ସାରିଣ ଫେରିଆସେ ମୁହିଁ,
କହିଲ ଦେଖି ମୁଁ କିଏ ?


ଉତ୍ତର : ୧. ପଙ୍ଖା, ୨. ମୂଷା, ୩. ବଗ, ୪. ଶିକାରୀ




https://withteachers.in/

## ତୁମ ପଢ଼ିବାପାଇଁ

# ଭକ୍ତ ପ୍ରହ୍ଲାଦ



ପୁରାଣ ଯୁଗର କଥା । ହିରଣ୍ୟକଶ୍ୟପୁ ନାମରେ ଜଣେ ଅସୁର ରାଜା ଥିଲେ । ଘୋର ତପସ୍ୟା କରି ସେ ଅମର ହେବାକୁ ଚାହୁଁଥିଲେ । ଏଣୁ ସେ ପରମପିତା ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ତପସ୍ୟା କଲେ । ବ୍ରହ୍ମା ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହେଲେ । କହିଲେ, "ପୁତ୍ର ମୁଁ ତୁମ ତପସ୍ୟାରେ ସନ୍ତୁଷ୍ଟ । ମୋତେ କେଉଁ ବର ମାଗୁଛ ମାଗ ।" ହିରଣ୍ୟକଶ୍ୟପୁ ତ ଅମର ହେବାକୁ ଚାହୁଁଥିଲା, ତେଣୁ ସେ କହିଲା, "ପରମପିତା, ମୋତେ ଅମରବର ପ୍ରଦାନ କରନ୍ତୁ ।" ବ୍ରହ୍ମା ଏହା ଶୁଣି ଅକଳରେ ପଡ଼ିଗଲେ । କହିଲେ, "ପୁତ୍ର ! ମୁଁ ତ ଏମିତି ବର କେବେ ଦେଇନାହିଁ । ତୁମେ ଆଉ କେଉଁ ବର ମାଗୁଛ ମାଗ ।" ହିରଣ୍ୟକଶ୍ୟପୁ ଚାଲାକି କରି କହିଲା, "ତେବେ ମୋତେ ଏହି ବର ଦିଅନ୍ତୁ ଯେ ମୁଁ କେବେ ଘର ବାହାରେ ମରିବି ନାହିଁ କି ଘର ଭିତରେ, ରାତିରେ ନାହିଁ କି ଦିନରେ, ମନୁଷ୍ୟଦ୍ୱାରା ନୁହେଁ କି ପଶୁଦ୍ୱାରା, ଅସ୍ତ୍ରରେ ମରିବିନି କି ଶସ୍ତ୍ରରେ ମରିବିନି, ଭୂମିରେ ନୁହେଁ କି ଆକାଶରେ ।" ବ୍ରହ୍ମା ଏହା ଶୁଣି ହସିଲେ, ତଥାସ୍ତୁ କହି ହିରଣ୍ୟକଶ୍ୟପୁକୁ ବର ପ୍ରଦାନ କଲେ ।




ବର ପାଇ ହିରଣ୍ୟକଶ୍ୟପୁ ତା'ର ପରାକ୍ରମ ଓ ଦୁଷ୍ଟବୁଦ୍ଧିରେ ସାରା ପୃଥିବୀକୁ ଥରହର କରି ପକାଇଲା । ସବୁଆଡ଼େ ହିଂସା ଓ ଆତଙ୍କ ଖେଳାଇଲା । ଲୋକେ ତା'ର ଅତ୍ୟାଚାରରେ ତ୍ରାହି ତ୍ରାହି ଡାକ ଛାଡ଼ିଲେ । ଭଗବାନ ବିଷ୍ଣୁଙ୍କୁ ହିରଣ୍ୟକଶ୍ୟପୁ ଦାଉରୁ ମୁକ୍ତିପାଇଁ ପ୍ରାର୍ଥନା କଲେ ।

ହିରଣ୍ୟକଶ୍ୟପୁର ଗୋଟିଏ ପୁଅ ଥିଲା । ତା'ର ନାମ ପ୍ରହ୍ଲାଦ । ସେ ଥିଲା ବିଷ୍ଣୁଭକ୍ତ । ରାତିଦିନ ସବୁବେଳେ ବିଷ୍ଣୁଙ୍କ



https://withteachers.in/



ନାମ ଜପକରେ । ମାତ୍ର ପିତା ହିରଣ୍ୟକଶ୍ୟପୁ ବିଷ୍ଣୁଙ୍କ ପରମଶତ୍ରୁ ଥିଲେ । ବିଷ୍ଣୁଙ୍କୁ ଆରାଧନା ନ କରିବାକୁ ପୁଅକୁ ବାରମ୍ବାର ବାରଣ କରୁଥିଲେ । ଯେତେ ତାଗିଦ କଲେ ମଧ୍ୟ 'ଭକ୍ତ ପ୍ରହ୍ଲାଦ' ଉପରେ ତା'ର କୌଣସି ପ୍ରଭାବ ପଡ଼ୁ ନଥିଲା । ଶେଷରେ ରାଜା ରାଗିଯାଇ ପୁତ୍ରକୁ ବନ୍ଦୀ କରିବାକୁ ସୈନ୍ୟମାନଙ୍କୁ ଆଦେଶ ଦେଲେ। ବନ୍ଦୀ ହେଲା ପରେ ମଧ୍ୟ ପୁଅ ବିଷ୍ଣୁଙ୍କୁ ଡାକିବା ବନ୍ଦ କଲାନାହିଁ । ଏହା ଜାଣି ଅସୁର ରାଜା ପୁଅକୁ ବନ୍ଦୀଘରେ ମୃତ୍ୟୁଦଣ୍ଡ ଦେବାକୁ ଆଦେଶ ଦେଲେ। ବନ୍ଦୀଶାଳା ମଧ୍ୟକୁ ଅନେକ ବିଷଧର ସର୍ପ ଛାଡ଼ି ଦିଆଗଲା। ହେଲେ





କୌଣସି ସାପ ପ୍ରହ୍ଲାଦକୁ ନ କାମୁଡ଼ି ଜଗିରହିଲେ। ହିରଣ୍ୟକଶ୍ୟପୁ ଏହା ଜାଣି ଆହୁରି ରାଗିଗଲେ। ସେ ଭଉଣୀ ହୋଲିକାର ସହାୟତାରେ ପ୍ରହ୍ଲାଦକୁ ମାରିବାକୁ ସ୍ଥିର କଲେ। ହୋଲିକାର କଥାନୁସାରେ ଏକ ପ୍ରକାଣ୍ଡ ଅଗ୍ନିକୁଣ୍ଡ ପ୍ରସ୍ତୁତ କରାଗଲା। ହୋଲିକା, ପ୍ରହ୍ଲାଦକୁ କୋଳରେ ଧରି ନିଜେ ବରଦାନରୁ ମିଳିଥିବା ଏକ ଚଦର ଘୋଡ଼େଇ ହୋଇ ଭୟଙ୍କର ଅଗ୍ନିକୁଣ୍ଡ ମଧ୍ୟରେ ପ୍ରବେଶ କଲା। କିନ୍ତୁ ଏ କ'ଣ ! ଚଦରଟି ହଠାତ୍ ଉଡ଼ିଆସି ପ୍ରହ୍ଲାଦକୁ ଘୋଡ଼େଇ ଦେଲା, ପ୍ରହ୍ଲାଦ ବଞ୍ଚିଗଲା କିନ୍ତୁ ହୋଲିକା ମଲା। ହିରଣ୍ୟକଶ୍ୟପୁ ଏହା ଦେଖି ଅଧିକ କ୍ରୋଧାନ୍ୱିତ ହୋଇ କହିଲା, "ପ୍ରହ୍ଲାଦକୁ ମୁଁ ନିଜେ ଏଥର ମାରିବି।"

ସେତେବେଳକୁ ସୂର୍ଯ୍ୟାସ୍ତ ସମୟ। ହିରଣ୍ୟକଶ୍ୟପୁ ପ୍ରହ୍ଲାଦକୁ ନିଜ ଘର ଅଗଣାକୁ ନେଇଗଲା। ପୁଅକୁ ପଚାରିଲା, "ଦେଖା, ତୋ ବିଷ୍ଣୁ କେଉଁଠି ଅଛନ୍ତି ?" ପ୍ରହ୍ଲାଦ ଶାନ୍ତଭାବରେ କହିଲା, "ମୋ ଭଗବାନ ଏଠି, ସେଠି,



https://withteachers.in/



ସବୁଠି, ଏ କୋଣ, ସେ କୋଣ, ସବୁ ଜାଗାରେ ଅଛନ୍ତି। ତୁମେ ତାଙ୍କୁ 'ଓଁ ନମୋ ଭଗବତେ ବାସୁଦେବାୟ' ବୋଲି କହିଲେ ସେ ନିଶ୍ଚୟ ଦେଖା ଦେବେ।" ହିରଣ୍ୟକଶ୍ୟପୁ ସେଠାରେ ଥିବା ଏକ ଖମ୍ବଆଡ଼କୁ ଆଗେଇ ଯାଇ ପଚାରିଲେ, "ଏଥିରେ ତୋ' ବିଷ୍ଣୁ ଅଛନ୍ତି ?" ପ୍ରହ୍ଲାଦ ହଁ କରିବା ମାତ୍ରେ ହିରଣ୍ୟକଶ୍ୟପୁ ନିଜ ଖଣ୍ଡାଦ୍ୱାରା ଖମ୍ବଟିକୁ ଆଘାତ କରିବାକୁ ଲାଗିଲେ। କିନ୍ତୁ ଏ କ'ଣ ! ତା' ଭିତରୁ ଗୋଟିଏ ବିଚିତ୍ର ଜୀବ ଗର୍ଜନ କରି ବାହାରିଲା; ଯାହାର ଶରୀର ମଣିଷ ପରି ଓ ମୁଣ୍ଡଟି ସିଂହ ପରି। ଏହା ଥିଲା ଭଗବାନ ବିଷ୍ଣୁଙ୍କ ନୃସିଂହ ଅବତାର। ଭଗବାନ ନୃସିଂହ, ହିରଣ୍ୟକଶ୍ୟପୁକୁ ଟେକି ନେଇ ନିଜ ଜଙ୍ଘ ଉପରେ ରଖିଲେ। ତାଙ୍କ ବିଶାଳ ନଖଦ୍ୱାରା ହିରଣ୍ୟକଶ୍ୟପୁର ପେଟକୁ ଚିରି ମାରିଦେଲେ। ସନ୍ଧ୍ୟା ସମୟ ଥିବାରୁ ଏହା ନା ଦିନ ନା ରାତି ଥିଲା, ନିଜ ଜଙ୍ଘ ଉପରେ ରଖି ମାରିଥିବାରୁ ନା ଭୂମି ନା ଆକାଶ ଥିଲା, ନିଜ ନଖଦ୍ୱାରା ମାରିଥିବାରୁ ଏହା ଅସ୍ତ୍ର ନା ଶସ୍ତ୍ର କିଛି ବି ନ ଥିଲା। ହିରଣ୍ୟକଶ୍ୟପୁର ମୃତ୍ୟୁ ଯୋଗୁଁ ପୃଥିବୀ ଶାନ୍ତି ପଡ଼ିଲା । ଭକ୍ତ ପ୍ରହ୍ଲାଦ ରାଜା ହୋଇ ସୁଖରେ ପ୍ରଜା ପାଳିଲେ।



ଭକ୍ତିର ଶକ୍ତି ଆଗରେ ବାହୁବଳ ଓ ପରାକ୍ରମ ଅତି ତୁଚ୍ଛ ବୋଲି ପ୍ରମାଣିତ ହେଲା ।



https://withteachers.in/

ପାଠ-୬

# ନୂଆଖାଇ

● ବିପିନି ବିହାରୀ ବିଶି



କଥାରେ କହନ୍ତି- ଓଡ଼ିଶାରେ ବାରମାସରେ ତେର ପର୍ବ । ସତରେ ଆମ ପର୍ବପର୍ବାଣି ଖାଲି ତେର ସଂଖ୍ୟା ଭିତରେ ସୀମିତ ନୁହେଁ । ଆମ ରାଜ୍ୟ ଓଡ଼ିଶା ପର୍ବପର୍ବାଣିର ଗନ୍ତାଘର । ଏହା ବ୍ୟତୀତ ଆହୁରି ଅନେକ ପର୍ବ ଆନନ୍ଦ ଉତ୍ସାହର ସହ ଆମେ ପାଳନ କରିଥାଉ । ମାନବ ଜୀବନ ଜଞ୍ଜାଳମୟ ଓ ବିଷାଦଗ୍ରସ୍ତ । ଜୀବନରୁ ନିରସତା ଓ ମନରୁ କ୍ଲାନ୍ତି ଦୂର କରି ଜୀବନକୁ ସରସ ସୁନ୍ଦର ଓ କର୍ମଚଞ୍ଚଳ କରିବାରେ ପର୍ବପର୍ବାଣିର ମୁଖ୍ୟ ଭୂମିକା ରହିଛି । ପର୍ବପର୍ବାଣିଗୁଡ଼ିକ ମଧ୍ୟରେ 'ନୂଆଖାଇ' ଖୁବ୍ ପ୍ରସିଦ୍ଧ ।

ଇଷ୍ଟଦେବୀଙ୍କୁ ବର୍ଷର ପ୍ରଥମ ଅନ୍ନ ସମର୍ପଣ କରି ଖାଇବାର ପର୍ବ ହେଉଛି 'ନୂଆଖାଇ' । ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଏହି ପର୍ବ ପାଳନ କରାଯାଏ । ତା' ପୂର୍ବଦିନ ବିଦ୍ୟାଦାତା ଓ ବିଘ୍ନବିନାଶକ ଶ୍ରୀଗଣେଶଙ୍କ ପୂଜା ଉତ୍ସବ ପାଳନ ହୋଇସାରିଥାଏ । 'ନୂଆଖାଇ'ରେ ମା' ବସୁମତୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସ୍ୱରୂପ ବର୍ଷର ପ୍ରଥମ ଫସଲର ନୂଆ ଧାନକେଣ୍ଡା ଓ ନୂଆଚୁଡ଼ାକୁ ଏକ ନୂଆହାଣ୍ଡିରେ ଭୋଗ କରାଯାଇ ଘରର ଇଷ୍ଟଦେବୀ ଓ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ ।



ନୂଆଖାଇ ବା ନବାନ୍ନଭକ୍ଷଣ ଉପଲକ୍ଷେ କି ଧନୀ କି ଦରିଦ୍ର ସମସ୍ତେ ଘର ସଜାସଜି କାମରେ ଲାଗି ପଡ଼ନ୍ତି । ଘରର ମାଆ, ଝିଅ ଓ ବୋହୂମାନେ ଠାକୁରଘରଠାରୁ ଆରମ୍ଭ କରି ସମସ୍ତ ଘରଦ୍ୱାର, ଦାଣ୍ଡପିଣ୍ଡାକୁ ଲିପାପୋଛା କରନ୍ତି । ଘରେ ବ୍ୟବହୃତ ଖଟ, ପିଢ଼ା, ତାଲାକୁଲା, ଲୁଗାପଟା, ବିଛଣାପତ୍ର, ଡବାଡବି ଆଦିକୁ ସଫା କରି



https://withteachers.in/



ସଜାଇ ରଖନ୍ତି । ପୁରପଲ୍ଲୀଠାରୁ ଆରମ୍ଭ କରି ସହର ଯାଏ ନରନାରୀମାନେ ଦୋକାନବଜାରରେ ବିକାକିଣା କରିବାରେ ଲାଗିପଡ଼ନ୍ତି । ମିଠା ଓ ପିଠାପଣା ପାଇଁ ଚାଉଳ, ନଡ଼ିଆ, ଘିଅ, ଗୁଡ଼ ଯୋଗାଡ଼ କରାଯାଏ । ପୂଜାପାଇଁ ଧୂପ, ଦୀପ, କର୍ପୂର, ବସ୍ତ୍ର ଓ ପରିଧାନପାଇଁ ନୂଆଲୁଗା କିଣାକିଣିରେ ଗହଳିଚହଳି ଜମିଉଠେ। ପରିବାପତ୍ର ହାଟରେ ଲୋକଭିଡ଼ ହୁଏ । ନୂଆଖାଇ ପୂର୍ବରୁ ଲୋକମାନଙ୍କ ଭିତରେ ଆନନ୍ଦ ଓ ଉଲ୍ଲାସ ଭରି ରହିଥାଏ ।



ପ୍ରସ୍ତୁତି ଭିତରେ ସମସ୍ତେ ବ୍ୟସ୍ତ ଥିବାବେଳେ ସେହି ଆନନ୍ଦର ଦିନ 'ନୂଆଖାଇ' ଆସି ପହଞ୍ଚିଯାଏ । ସେଦିନ ସୂର୍ଯ୍ୟୋଦୟ ପୂର୍ବରୁ ସମସ୍ତ ନରନାରୀ ଶଯ୍ୟାତ୍ୟାଗ କରି ନିତ୍ୟକର୍ମ ସାରନ୍ତି । ସଫା ଲୁଗା ପିନ୍ଧି ପୂଜା ସାମଗ୍ରୀ ସଜାଡ଼ି ରଖନ୍ତି । ଘରର ମୁଖିଆ ନୂଆ ଲୁଗା ପରିଧାନ କରି ପୂଜାପାଠରେ ବସନ୍ତି । ସମସ୍ତେ ନୂଆ ଲୁଗା ପିନ୍ଧନ୍ତି । ପିତୃପୁରୁଷଙ୍କୁ ପିଣ୍ଡଦାନ ପରେ ନୂଆ ଧାନକେଣ୍ଡା, ଚୁଡ଼ା ଓ ପିଠାପଣା ଦେବଦେବୀଙ୍କୁ ସମର୍ପଣ କରି ପୂଜା କରାଯାଏ । ଧୂପ, ଦୀପ, ଚନ୍ଦନ ଓ କର୍ପୂରର ବାସ୍ନାରେ ଘର ମହକି ଉଠୁଥାଏ । ଶଙ୍ଖ, ହୁଳହୁଳି, ଘଣ୍ଟ, ଘଣ୍ଟା ନାଦରେ ଘର ଓ ଅଗଣା ଦୁଲୁକି ଉଠେ । ପୂଜା ଶେଷରେ ଘରର ସମସ୍ତେ ଗୋଟିଏ ସ୍ଥାନରେ ବସନ୍ତି । ଦେବୀଦେବତାଙ୍କ ପାଖରେ ଲଗାଯାଇଥିବା ଭୋଗରେ ନୂଆଚୁଡ଼ା, ଘିଅ, ମହୁ, ଗୋରସ, ଗୁଡ଼ ଓ କଦଳୀ ମିଶାଇ ପ୍ରସାଦ ପ୍ରସ୍ତୁତ କରାଯାଏ । ସମସ୍ତେ ପୂର୍ବଦିଗକୁ ମୁହଁକରି ବସି ପତ୍ରର ଚଉତିରେ ବଢ଼ା ହୋଇଥିବା ଏହି ପ୍ରସାଦକୁ ସେବନ କରନ୍ତି ।



ତା' ପରେ ସାନମାନେ ବଡ଼ମାନଙ୍କୁ ମୁଣ୍ଡିଆ ମାରି ଜୁହାର ହୁଅନ୍ତି। ଏହାକୁ 'ନୂଆଖାଇ ଜୁହାର' କୁହାଯାଏ। ତା'ପରେ ବଡ଼ମାନେ ଖାଇବାପାଇଁ ବସନ୍ତି। ଘରେ ତିଆରି ହୋଇଥିବା ପିଠାପଣା, ଖିରିପୁରି, ମିଠା ତଥା ଭଳିକିଭଳି ଡାଲି, ତରକାରି ପ୍ରସାଦରୂପେ ସେବନ କରି ସମସ୍ତେ ଆନନ୍ଦ ଉପଭୋଗ କରନ୍ତି ।



https://withteachers.in/



ନୂଆ ଖାଇସାରି ଘରର ଝିଅବୋହୂମାନେ ରଙ୍ଗବେରଙ୍ଗ ପୋଷାକ ପିନ୍ଧି ବାହାରି ପଡ଼ନ୍ତି 'ନୂଆଖାଇ ଭେଟ୍ ଘାଟ୍' ପାଇଁ। ଘର ଘର ସାହି ସାହି ବୁଲି ଗୁରୁଜନମାନଙ୍କୁ ମୁଣ୍ଡିଆ ମାରି ଜୁହାର ହୁଅନ୍ତି। ବୁଢ଼ାବୁଢ଼ୀମାନେ ହସଖୁସିରେ କହନ୍ତି "ବଞ୍ଚିଥିଲେ ଆର ବରଷ୍‌କେ ଦେଖା ହେମାଁ"। ଏହି ପର୍ବରେ ବୁଢ଼ାବୁଢ଼ୀଙ୍କଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଗାଁ'ର ମନ୍ଦିରକୁ ଯାଇ ଦେବଦର୍ଶନ କରିବାର ବିଧି ରହିଛି। 'ଖରିଫ୍ ଓ ରବିଫସଲର ଉତ୍ପାଦନ ବଢୁ ଏବଂ ସଂସାରରୁ ଅନ୍ନ କଷ୍ଟ ଦୂର ହେଉ' ବୋଲି ଠାକୁରଙ୍କ ପାଖରେ ପ୍ରାର୍ଥନା କରାଯାଏ। ସଞ୍ଜ ନଇଁଆସିଲେ ଖେଳକୁଦ, ମଉଜମଜ୍‌ଲିସ୍‌ରେ ସମସ୍ତେ ମଜିଯାଆନ୍ତି। ଘୁମୁରା ନାଚ, ଭଜନ, କୀର୍ତ୍ତନ, ନାଟ-ତାମସା ଓ ଖିଆପିଆରେ ଲୋକେ ନିଜକୁ ହଜାଇ ଦିଅନ୍ତି। ବିଶେଷକରି ଆଦିବାସୀ ସଂପ୍ରଦାୟ ଲୋକଙ୍କ ନାଚଗୀତ ଓ ବାଦ୍ୟ ବେଶ୍ ଆନନ୍ଦଦାୟକ ହୋଇଥାଏ। ସେମାନେ ଏହି ପର୍ବକୁ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରିଥାନ୍ତି।

ନୂଆଖାଇ ଏକ ସାମାଜିକ ଓ କୃଷିଭିତ୍ତିକ ପର୍ବ। ଏହି ପର୍ବ ପାଳନ ଫଳରେ ନୂଆ ଫସଲ ଅମଳ ପାଇଁ କୃଷକ ମନରେ ଆନନ୍ଦ ଓ ଉତ୍ସାହ ବଢ଼ିଯାଏ। ଏ ପର୍ବ ଉପଲକ୍ଷେ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଆଗରୁ ଆସି ଘରେ ପହଞ୍ଚିଥାନ୍ତି। ଏହି ପର୍ବର ବିଶେଷତ୍ୱ ହେଲା ଏହା ଜନସାଧାରଣଙ୍କୁ ସାମାଜିକ ବନ୍ଧନର ଗୁରୁତ୍ୱ ଶିଖାଇଥାଏ। ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ମାନବିକତା ଓ ଭ୍ରାତୃତ୍ୱ ଭାବନା ସୃଷ୍ଟି କରିଥାଏ। ଏଥିରେ ଜାତି ଅଜାତି, ଉଚ୍ଚନୀଚ ଭେଦଭାବ ନଥାଏ। ସମସ୍ତଙ୍କ ମନରୁ ବାଦ-ବିବାଦ, ମାନ-ଅଭିମାନ, ରାଗ-ରୁଷା ଅପସରି ଯାଇଥାଏ। ଆମର ବ୍ୟକ୍ତିଗତ ଓ ସାମାଜିକ ଜୀବନ ସଦ୍‌ଭାବନାରେ ପୂରିଉଠେ। ଆମର ଧର୍ମ, ସଂସ୍କୃତି ଓ ପରମ୍ପରାକୁ ଠିକ୍ ବାଟରେ ପରିଚାଳିତ କରିବାରେ ଏହା ବିଶେଷ ସହାୟକ ହୁଏ।



https://withteachers.in/



## ଆସ କଥା ହେବା

୧. ପର୍ବପର୍ବାଣି ଦିନ ତୁମ ଘରେ କେଉଁସବୁ ମିଠା, ପିଠାପଣା ଆଦି ତିଆରି କରାଯାଏ ?

୨. ତୁମକୁ କେଉଁ ପିଠା ଓ ମିଠା ଭଲ ଲାଗେ ?

୩. ସେହି ସବୁ ପିଠା କେଉଁ ସବୁ ପର୍ବରେ ତିଆରି ହୁଏ ?

୪. ତୁମ ଅଞ୍ଚଳରେ କେଉଁ ପର୍ବ ପାଳନ କରାଯାଏ ? ସେସବୁ ପର୍ବ ଓ ନୂଆଖାଇ ମଧ୍ୟରେ କ'ଣ ସବୁ ସମାନତା ରହିଛି ?

୫. ଆମ ରାଜ୍ୟରେ ଅନେକ ପର୍ବପର୍ବାଣିରେ ଶୋଭାଯାତ୍ରାମାନ ବାହାରିଥାଏ ? ତୁମେ ଦେଖିଥିବା ଶୋଭାଯାତ୍ରାଗୁଡ଼ିକର ତାଲିକା କର । ତାହା ବିଷୟରେ ନିଜର ଅନୁଭବ କୁହ ।



## ପାଠରୁ

**ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ଆଗରେ (✓) ଚିହ୍ନ ଦିଅ–**

**୧. ନୂଆଖାଇ ପର୍ବ କେଉଁ ତିଥିରେ ପାଳନ କରାଯାଏ ?**

(କ) ଭାଦ୍ରବମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ।

(ଖ) ଭାଦ୍ରବମାସ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ।

(ଗ) ଭାଦ୍ରବମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ।

(ଘ) ଭାଦ୍ରବମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ।

**୨. ପର୍ବପର୍ବାଣି ପାଳନର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?**

(କ) ଈଶ୍ୱରଙ୍କର ଅତି ପ୍ରିୟପାତ୍ର ହେବା ।

(ଖ) ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବା ।

(ଗ) ଜୀବନକୁ ସରସସୁନ୍ଦର ଓ କର୍ମଚଞ୍ଚଳ କରିବା ।

(ଘ) ଜୀବନରେ ଦୁଃଖ ଓ ବିଷାଦକୁ ଦୂର କରିବା ।



https://withteachers.in/

୩. ଏହି ପର୍ବ ସବୁବର୍ଗର ଲୋକ ପାଳନ କରିଥାନ୍ତି, କାରଣ–

(କ) ଏହି ପର୍ବ ଲୋକମାନଙ୍କୁ ପରସ୍ପର ଭିତରେ ସ୍ନେହର ଡୋରିରେ ବାନ୍ଧି ରଖିଥାଏ । ☐

(ଖ) ଏହି ପର୍ବ ପାଳନ ଫଳରେ ନୂଆ ଫସଲ ଅମଳ ହୋଇଥାଏ । ☐

(ଗ) ଏହା କୃଷକ, ଧନୀ, ଦରିଦ୍ର ଆଦି ସବୁବର୍ଗର ଲୋକଙ୍କୁ ଆନନ୍ଦ ଦେଇଥାଏ । ☐

(ଘ) ଏହି ପର୍ବ ଜନସାଧାରଣଙ୍କୁ ସାମାଜିକ ବନ୍ଧନର ଗୁରୁତ୍ୱ ଶିଖାଇଥାଏ । ☐

୪. 'ବଞ୍ଚିଥିଲେ ଆର ବରଷକେ ଦେଖା ହେମାଁ ।'

(କ) ଲେଖକ କହିଛନ୍ତି । ☐ (ଖ) ଝିଅବୋହୂମାନେ କହିଛନ୍ତି । ☐

(ଗ) ବୁଢ଼ାବୁଢ଼ୀମାନେ କହିଛନ୍ତି । ☐ (ଘ) ଗୁରୁଜନମାନେ କହିଛନ୍ତି । ☐



## ଆସ ଉତ୍ତର ଲେଖିବା

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ନୂଆଖାଇ ପର୍ବର ପୂର୍ବଦିନ କେଉଁପୂଜା ପାଳନ ହୁଏ ?

(ଖ) ନୂଆଖାଇ ପର୍ବରେ ନରନାରୀମାନେ ଦୋକାନବଜାରରେ କ'ଣ ବିକାକିଣା କରନ୍ତି ?

(ଗ) ପିତୃପୁରୁଷଙ୍କୁ ପିଣ୍ଡଦାନ ପରେ ଘରେ କିପରି ପୂଜା କରାଯାଏ ?

(ଘ) ନୂଆଖାଇ ଭେଟ୍‌ଘାଟ୍ କ'ଣ ବୁଝାଇ ଲେଖ ।

୨. ତଳେ ଦିଆଯାଇଥିବା ଉତ୍ତର ସଂପର୍କିତ ବାକ୍ୟାଂଶକୁ ବହିରୁ ଖୋଜି ଲେଖ । ଗୋଟିକର ନମୁନା ଦିଆଯାଇଛି ।

| ଉତ୍ତର ସଂପର୍କିତ ବାକ୍ୟ | ଗଦ୍ୟାଂଶ |
|---|---|
| (କ) ପିଠାପାଇଁ ନଡ଼ିଆ ଗୁଡ଼ ଯୋଗାଡ଼ କରନ୍ତି । | ମିଠା ଓ ପିଠାପାଇଁ ଚାଉଳ, ନଡ଼ିଆ, ଘିଅ, ଗୁଡ଼ ଯୋଗାଡ଼ କରାଯାଏ । |
| (ଖ) ଅନ୍ନକଷ୍ଟ ଦୂର ପାଇଁ ଠାକୁରଙ୍କୁ ଡାକନ୍ତି । | |
| (ଗ) ନୂଆଲୁଗା କିଣାକିଣିରେ ଗହଳି ଜମି ଉଠେ । | |
| (ଘ) ବିଭିନ୍ନ ଭଜନ କୀର୍ତ୍ତନ କରି ନିଜକୁ ଭୁଲିଯାଆନ୍ତି । | |
| (ଙ) ଘରଦ୍ୱାର ଲିପାପୋଛା କରନ୍ତି । | |



https://withteachers.in/



## ଭାଷାର କଥା

**୧. ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକରେ ଲେଖାଙ୍କିତ ଶବ୍ଦ ସ୍ଥାନରେ ନୂତନ ସମାନାର୍ଥବୋଧକ ଶବ୍ଦ ଲେଖି ବାକ୍ୟଗୁଡ଼ିକୁ ପୁଣିଥରେ ଲେଖ ।**

(କ) ବସୁମତୀଙ୍କୁ ବର୍ଷର ପ୍ରଥମ ଫସଲର ଭୋଗ କରାଯାଏ ।

(ଖ) ଭାଦ୍ରବମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ବିଘ୍ନବିନାଶକଙ୍କ ପୂଜା କରାଯାଇଥାଏ ।

(ଗ) ନବାନ୍ନଭକ୍ଷଣ ଉପଲକ୍ଷେ ସମସ୍ତେ ଘର ସଜାସଜିରେ ଲାଗିପଡ଼ନ୍ତି ।

(ଘ) ସାନମାନେ ବଡ଼ମାନଙ୍କୁ ଜୁହାର କରି ପ୍ରସାଦ ସେବନ କରନ୍ତି ।

(ଙ) ନୂଆଚୁଡ଼ା, ଘିଅ, ମହୁ, ଗୋରସ, ଗୁଡ଼ ଓ କଦଳୀ ମିଶାଇ ପ୍ରସାଦ ପ୍ରସ୍ତୁତ କରାଯାଏ ।

**୨. ନିମ୍ନରେ ଥିବା ଉଦାହରଣକୁ ବୁଝି ବାକ୍ୟଗୁଡ଼ିକୁ ପୂରଣ କର ।**

(କ) ଯେଉଁଠି ଦେଖ ଆନନ୍ଦ ହିଁ ଆନନ୍ଦ ଓ ଖୁସି ହିଁ ଖୁସି ।

(ଖ) ମୁଁ ସମୁଦ୍ର କୂଳକୁ ଗଲି, ଯେଉଁଠି ଦେଖ ...................... ।

(ଗ) ଘରେଘରେ ଯେଉଁଠି ଦେଖ ପିଠା ପଣା ......................... ।

(ଘ) ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସ୍ନେହ ......................... ।

**୩. ରେଖାଙ୍କିତ ଶବ୍ଦଗୁଡ଼ିକର ବଚନ ବଦଳାଇ ବାକ୍ୟ ପୂରଣ କର ।**

(କ) 'ନୂଆଖାଇ'ରେ ଘରର ମୁଖିଆ ପୂଜା କରନ୍ତି ଏବଂ ଗାଆଁର ମୁଖିଆମାନେ ପୂଜାପାଠରେ ବସନ୍ତି ।

(ଖ) ଗୁରୁଜନ ତୁମକୁ ଭଲକଥା କହିଥାନ୍ତି ଓ ତୁମେ ସବୁବେଳେ .......... କଥା ମାନ ।

(ଗ) ନୂଆଖାଇ ପର୍ବରେ କୃଷକ ଖୁସିଥାଏ, ନୂଆ ଫସଲ ଅମଳପାଇଁ ............. ଆନନ୍ଦରେ ମଜ୍ଜିଯାଆନ୍ତି ।

(ଘ) ଗଙ୍ଗା ଗୋଟିଏ ପବିତ୍ର ନଦୀ ଅଟେ । ଆମ ଦେଶରେ ଏହିପରି .................... ରହିଛି ।

(ଙ) ସବୁ ବାଲ୍‌ଟି ପାଣିରେ ଭରିଛି, କେବଳ ଗୋଟିଏ ......... ବାକି ଅଛି ।

୪. ଯେତେବେଳେ ଜଣେ କହୁଥିବା କଥାକୁ ଆମେ ଲେଖା ଆକାରରେ ପ୍ରକାଶ କରୁ, ସେତେବେଳେ ଗୋଟିଏ ଚିହ୍ନର ବ୍ୟବହାର କରାଯାଏ । ଏହାକୁ ଉଦ୍ଧୃତ ଚିହ୍ନ କୁହନ୍ତି । ଉଦାହରଣ ସ୍ୱରୂପ, ମାଆ କହିଲେ, "ଆଜିଠାରୁ ଆମର ନୂଆବର୍ଷ ଆରମ୍ଭ ହେଉଅଛି ।" ଏହିପରି ଆଉ ଦୁଇଟି ବକ୍ତବ୍ୟ ପାଠରୁ ଖୋଜି ଲେଖ ।

୫. ଏହି ପାଠରୁ କିଛି ଶବ୍ଦ ଚୟନ କରି ତଳେ ଦିଆଯାଇଛି, ଏଗୁଡ଼ିକୁ ଓଡ଼ିଆ ବର୍ଣ୍ଣମାଳା ଅଭିଧାନ କ୍ରମ ଅନୁସାରେ ସଜାଡ଼ି ଲେଖ ।

ଗୁରୁଜନ,କଲମ,ଖଜଣା,ଆଦିବାସୀ,ଗଣେଶ,ଫସଲ,ବସୁମତୀ,ନରନାରୀ,ଚନ୍ଦନ,ଘଡ଼ି,ଘୁମୁରା,ଲୁଗାପଟା



https://withteachers.in/



## ପାଠରୁ ଆଗକୁ

୧. ତୁମ ଘରେ ପର୍ବପର୍ବାଣି ପାଳନପାଇଁ କିପରି ପ୍ରସ୍ତୁତି କରାଯାଇଥାଏ ?

୨. ତୁମ ଘରେ ପର୍ବପାଳନ ସମୟରେ କିଏ କି କି କାମ କରିଥାନ୍ତି, ତା'ର ତାଲିକା କର ।

୩. ଆମ ରାଜ୍ୟର ଲୋକମାନେ ବିଭିନ୍ନ ପର୍ବ ପାଳନ କରିଥାନ୍ତି । ଯେପରି ଭାଦ୍ରବ ମାସ ଶୁକ୍ଲପକ୍ଷ ଚତୁର୍ଥୀରେ ଗଣେଶପୂଜା ପାଳନ ହୁଏ । ସେହିପରି ଭାଦ୍ରବମାସ କୃଷ୍ଣପକ୍ଷରେ ଜନ୍ମାଷ୍ଟମୀ ପାଳନ କରାଯାଏ। ନିମ୍ନରେ ଦିଆଯାଇଥିବା ପର୍ବଗୁଡ଼ିକର ତିଥି ବା ତାରିଖର ସୂଚନା ଦେଖି ପର୍ବ ସହିତ ମିଶାଇବା ।

| ବିଭିନ୍ନ ପର୍ବ | ତିଥି/ତାରିଖ |
|---|---|
| ଶ୍ରୀକୃଷ୍ଣଜନ୍ମ | ରମ୍‌ଜାନ ସରିବା ପରଦିନ |
| ଉଦ୍-ଉଲ୍-ଫିତର | ଡିସେମ୍ବର ମାସ ୨୫ ତାରିଖ |
| ରଥଯାତ୍ରା | ଶ୍ରାବଣପୂର୍ଣ୍ଣିମା |
| ରାକ୍ଷୀ ପୂର୍ଣ୍ଣିମା | ଭାଦ୍ରବ କୃଷ୍ଣଅଷ୍ଟମୀ |
| ବଡ଼ଦିନ | କାର୍ତ୍ତିକପୂର୍ଣ୍ଣିମା |
| | ଆଷାଢ଼ ଶୁକ୍ଲଦ୍ୱିତୀୟା |

ଏହି କାମଟି କରିବା ସମୟରେ ଦଳରେ ଆଲୋଚନା କର । ଆବଶ୍ୟକ ସ୍ଥଳେ ଶିକ୍ଷକ/ଶିକ୍ଷୟିତ୍ରୀ/ ଅଭିଭାବକଙ୍କ ସାହାଯ୍ୟ ନେଇପାର ।



## ଭାବି ଲେଖ

୧. ଏହି ପାଠରୁ ତୁମକୁ ସବୁଠୁ କ'ଣ ଭଲ ଲାଗିଲା ଓ କାହିଁକି ?

୨. ତଳେ ଦିଆଯାଇଥିବା ଉଦାହରଣକୁ ଦେଖି ପରବର୍ତ୍ତୀ କ୍ରମ ପ୍ରସ୍ତୁତ କର ।

| | | |
|---|---|---|
| ଗହମ: | ଅଟା | ରୁଟି, ପୁରି |
| | ଦଳିଆ | ହାଲୁଆ |
| କ୍ଷୀର: | .................. | ................. |
| ଆଖୁ: | .................. | ................. |
| ଚାଉଳ: | .................. | ................. |



https://withteachers.in/

୩. ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ସେଗୁଡ଼ିକୁ ବ୍ୟବହାର କରି ତୁମ ସାଙ୍ଗ ନିକଟକୁ 'ନୂଆଖାଇ' ପର୍ବ ବିଷୟରେ ଲେଖି ଜଣାଅ ।

| |
|---|
| ନବାନ୍ନ, ଜୁହାର, ଭେଟ୍‌ଘାଟ୍, ପିଢ଼ା, ଇଷ୍ଟଦେବୀ, ଧନୀଦରିଦ୍ର, ଝିଅବୋହୂ, ନୂଆଚୁଡ଼ା, ଘୁମୁରାନାଚ, ସାମାଜିକପର୍ବ, କୃଷକ, ଧର୍ମ, ସଂସ୍କୃତି, ପିଠାପଣା, ଆର ବରଷକେ । |

(ତୁମେ ଏହି ଶବ୍ଦଗୁଡ଼ିକ ବ୍ୟତୀତ ଅନ୍ୟ ଶବ୍ଦର ସାହାଯ୍ୟ ନେଇପାର ।)



## ମୋ କଳାକୃତି

ଏଠାରେ କିଛି ପ୍ରାଣୀଙ୍କ ଚିତ୍ର ଦିଆଯାଇଛି, ଯେଉଁଗୁଡ଼ିକୁ ଶୁଖିଲାପତ୍ରରେ ପ୍ରସ୍ତୁତ କରାଯାଇଛି । ଏହି ପ୍ରାଣୀଗୁଡ଼ିକୁ ଚିହ୍ନ ଓ ପତ୍ର ନେଇ ଏପରି ବିଭିନ୍ନ ପ୍ରକାର ଆକୃତି ତିଆରି କରି ତଳେ ଦିଆଯାଇଥିବା ଖାଲି ସ୍ଥାନରେ ଲଗାଅ ।






https://withteachers.in/



## ପାଠାଗାରରୁ

ପୁସ୍ତକାଗାର କିମ୍ବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସାହାଯ୍ୟ ନେଇ ତଳେ ଦିଆଯାଇଥିବା ବିନ୍ଦୁଗୁଡ଼ିକୁ ଆଧାର କରି ବରଗଡ଼ ଜିଲ୍ଲା ବିଷୟରେ ମହତ୍ତ୍ୱପୂର୍ଣ୍ଣ ସୂଚନା ସଂଗ୍ରହ କର ।




**ଜିଲ୍ଲା** **ବରଗଡ଼**

- ସଦର ମହକୁମା ................................
- ପଡ଼ୋଶୀ ଜିଲ୍ଲା ................................
- ଭାଷା ................................
- ମୁଖ୍ୟଫସଲ ................................
- ପର୍ବ ................................
- ନୃତ୍ୟ ................................
- ପୋଷାକ ................................
- ଯାତ୍ରା ................................



## ପହେଳିକୁ ବୁଝ

ମଞ୍ଜୁକୁ ଜନ୍ମଦିନରେ ମିଠାଇ ତିଆରିପାଇଁ ମାଆ ତାକୁ କ୍ଷୀରବାଲାଙ୍କ ପାଖରୁ ୫ ଲିଟର କ୍ଷୀର ଆଣିବାକୁ ପଠାଇଲେ । କ୍ଷୀର ମାପିବାପାଇଁ କ୍ଷୀରବାଲା ଭାଇଙ୍କ ପାଖରେ ଦୁଇଟି ମାପପାତ୍ର ଥିଲା- ଗୋଟିଏ ୪ ଲିଟର ଓ ଅନ୍ୟଟି ୩ ଲିଟରର ମାପ । କ୍ଷୀରବାଲା କେତେବେଳେ ଏ ପାତ୍ରରେ ତ କେତେବେଳେ ସେ ପାତ୍ରରେ କ୍ଷୀର ଢାଳୁଥାଏ । ମଞ୍ଜୁ ଧ୍ୟାନର ସହିତ ସେ ସବୁକୁ ଦେଖୁଥାଏ । ତା'ର ମନରେ ଉତ୍କଣ୍ଠା ଥାଏ ଯେ କିପରି କ୍ଷୀରବାଲା ୫ ଲିଟର କ୍ଷୀର ଦେଇପାରିବ ।

କ୍ଷୀରବାଲାଭାଇ ମଞ୍ଜୁକୁ ପାଞ୍ଚ ଲିଟର କ୍ଷୀର ଦେଇଦେଲେ, ଯାହାକୁ ନେଇ ସେ ଘରକୁ ଗଲା । ସନ୍ଧ୍ୟାବେଳେ ଜନ୍ମଦିନ ପାଳନ ସମୟରେ ସେ ନିଜର ସାଙ୍ଗମାନଙ୍କୁ ଏହି ମଜାଦାର କଥା ଶୁଣାଇଲା ଓ ସେମାନଙ୍କୁ ପଚାରିଲା, 'କୁହ ତ ! -କ୍ଷୀରବାଲା ସେହି ପାଞ୍ଚ ଲିଟର କ୍ଷୀର କିପରି ଦେଇଥିବ ?

ଏବେ ତୁମେ କୁହ ମଞ୍ଜୁ ତା'ର ସାଙ୍ଗମାନଙ୍କୁ ଉତ୍ତରରେ କ'ଣ କହିଥିବ ।

**ଶିକ୍ଷଣ ସୂଚନା :** ଗଣିତର ଏହି ପହେଳିର ଉତ୍ତର ପିଲାମାନଙ୍କଦ୍ୱାରା ଭିନ୍ନ ଭିନ୍ନ ପ୍ରକାର ଆସିବାର ସମ୍ଭାବନା ଥାଏ । ଏଣୁ ଶିକ୍ଷକ ଧୈର୍ଯ୍ୟପୂର୍ବକ ପିଲାମାନଙ୍କଦ୍ୱାରା ଆସିଥିବା ଉତ୍ତର ଶୁଣିବେ ଓ ଠିକ୍ ଉତ୍ତର ପାଖରେ ପହଞ୍ଚିବାରେ ସହଯୋଗ କରିବେ ।



https://withteachers.in/

ତୁମ ପଢ଼ିବାପାଇଁ

# ହୋରି ଖେଳିବା



ହୋରି ଖେଳିବାରେ ହୋରି ଖେଳିବା
ଦେହରେ ମୁହଁରେ ରଙ୍ଗ ବୋଳିବା ।
ଆମେ କୁନିକୁନି ଭଉଣୀଭାଇ
ବଡ଼ସାନ ଭେଦ ଆମର ନାଇଁ ।
ନାଇଁରେ ଆମର ବାଦ ବିବାଦ,
ପୋଛିଦେବା ମନୁ ଦୁଃଖବିଷାଦ ।
ରାଗ, ରୋଷ ଯେତେ ସବୁ ଭୁଲିବା
ହୋରି ଖେଳିବାରେ ହୋରି ଖେଳିବା ।
ବଣ, ପରବତ, ନଦୀ, ସାଗର
ବିଲ, ତୋଟାମାଳ, ଗାଆଁ, ସହର ।
ଭଳିଭଳି କେତେ ରଙ୍ଗରେ ଭରା
ଏ ଦୁନିଆ ଏକ 'ରଙ୍ଗପସରା' ।



ସେ ରଙ୍ଗରେ ଆମେ ରଙ୍ଗ ଢାଳିବା
ହୋରି ଖେଳିବାରେ ହୋରି ଖେଳିବା ।
ବରଷକେ ଥରେ ଦୋଳ ପୁନେଇଁ
'ଏକତା'ର କଥା ଯାଏ ଶୁଣେଇ ।
ଆମେ ସବୁ ଯେବେ ହୋଇବା ଏକ
ରଖିବା ଏ ଦେଶ, ଜାତିର ଟେକ ।
'ଏକତା'ର ବଳେ ମେରୁ ଟାଳିବା
ହୋରି ଖେଳିବାରେ ହୋରି ଖେଳିବା ।

• କ୍ଷୀରୋଦ ଚନ୍ଦ୍ର ପୋଥାଳ

❖❖❖



https://withteachers.in/

ପାଠ-୭

# କାଜିରଙ୍ଗା ଜାତୀୟଉଦ୍ୟାନ ଭ୍ରମଣ

କାଜିରଙ୍ଗା ଜାତୀୟ ଉଦ୍ୟାନ
ତା ୦୧-୦୯-୨୦୨୫ରିଖ

ଆଦରର ପିଲାମାନେ,

ଏ ପତ୍ର ମୁଁ ତୁମମାନଙ୍କପାଇଁ କାଜିରଙ୍ଗା ଜାତୀୟଉଦ୍ୟାନରୁ ଲେଖୁଅଛି ।

କାଜିରଙ୍ଗା ଜାତୀୟଉଦ୍ୟାନ ଆସାମର ବ୍ରହ୍ମପୁତ୍ର ନଦୀକୂଳରେ ଅବସ୍ଥିତ । ଏଠାରେ ବିଭିନ୍ନ ପ୍ରକାରର ପଶୁ ଓ ପକ୍ଷୀ ଦେଖିବାକୁ ମିଳନ୍ତି । ଆଜି ସକାଳେ ଆମେ ହାତୀ ଉପରେ ବସି ଏହି ଉଦ୍ୟାନ ଦେଖିବାକୁ ଯାଇଥିଲୁ । ଏହା ଦେଖିବାପାଇଁ ଆମକୁ ବଡ଼ିଭୋରରୁ ଉଠିବାକୁ ପଡ଼ିଥିଲା । ସେତେବେଳକୁ ସୂର୍ଯ୍ୟ ମଧ ଉଦୟ ହୋଇ ନ ଥିଲେ ।

ଉଦ୍ୟାନରେ ଶହଶହ ପଶୁ ଥିଲେ । ହରିଣ ଓ ବଣମଇଁଷି ଦଳଦଳ ହୋଇ ଘାସ ଚରିବାରେ ବ୍ୟସ୍ତ ଥିଲେ । ସେମାନଙ୍କ ନିକଟରେ କିଛି ଏକଶିଙ୍ଗିଆ ଗଣ୍ଡା ମଧ୍ୟ ଥିଲେ । ଏକଶିଙ୍ଗିଆ ଗଣ୍ଡାମାନଙ୍କ ପାଇଁ ହିଁ କାଜିରଙ୍ଗା ଉଦ୍ୟାନ ବିଶ୍ୱବିଖ୍ୟାତ ।

ହରିଣ ଓ ବଣମଇଁଷି ଆମ ଆଡ଼କୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଚାହୁଁଥିଲେ, ସେମାନେ ଧୀରେଧୀରେ ଆମଠୁ ଦୂରେଇଗଲେ । କିନ୍ତୁ ଗଣ୍ଡାମାନେ ଆମକୁ ଦେଖି ଟିକିଏ ବି ବିଚଳିତ ହେଉ ନ ଥିଲେ । ଆମେ ପ୍ରଥମଥରପାଇଁ






https://withteachers.in/

ଏକଶିଙ୍ଗିଆ ଗଣ୍ଡା ଦେଖିବାର ସୁଯୋଗ ପାଇଲୁ । ହାତୀଙ୍କ ପରେ ଏମାନେ ହିଁ ଭାରତବର୍ଷର ବଡ଼ ପଶୁ । ଏମାନଙ୍କୁ ଇଣ୍ଡିଆନ୍ ରାଇନୋ (ଭାରତୀୟ ଗଣ୍ଡା) ବୋଲି ମଧ୍ୟ କୁହାଯାଏ । ଭାରତ ଓ ନେପାଳ ଜଙ୍ଗଲରେ ହିଁ ଏମାନେ କେବଳ ଦେଖାଯାଆନ୍ତି ।

ଇଣ୍ଡିଆନ୍ ରାଇନୋ (ଭାରତୀୟ ଗଣ୍ଡା)ଙ୍କ ଦେହର ଚମଡ଼ା ବହୁତ ମୋଟା । ସତେ ଯେମିତି ସେମାନେ ଦେହରେ କବଚ ପିନ୍ଧିଛନ୍ତି । ଏହି ମର୍ମରେ ଆମ ପୁରାଣରେ ଗୋଟିଏ ମନଛୁଆଁକଥା ରହିଛି । ଥରେ ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରକୁ ହାତୀ ବଦଳରେ ଗଣ୍ଡାମାନଙ୍କୁ ପଠାଇବାକୁ ଚିନ୍ତା କଲେ । ସେଠାରେ ସେ ଗଣ୍ଡାମାନଙ୍କୁ କବଚ ପିନ୍ଧାଇ ଯୁଦ୍ଧ ଅଭ୍ୟାସ କରାଇଲେ । କିନ୍ତୁ ଗଣ୍ଡାମାନେ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶ ଅନୁସାରେ କାମ କଲେ ନାହିଁ । ଏଣୁ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କୁ କବଚ ସହିତ ବଣକୁ ଫେରାଇଦେଲେ । ଇଣ୍ଡିଆନ୍ ରାଇନୋ (ଭାରତୀୟଗଣ୍ଡା) ପଶ୍ଚିମରେ ପେଶୱାରଠାରୁ ଆରମ୍ଭ କରି ପୂର୍ବରେ ଆସାମ ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଦେଖାଯାଉଥିଲେ । କିନ୍ତୁ ଲୋକମାନେ ଶିଙ୍ଗ ଲୋଭରେ ଏମାନଙ୍କୁ ହତ୍ୟା କରି ପକାଉଛନ୍ତି । ଲୋକଙ୍କ ବିଶ୍ୱାସ ଯେ ଏମାନଙ୍କ ଶିଙ୍ଗରେ ରହିଛି ଔଷଧୀୟ ଗୁଣ ରହିଛି । ଇଣ୍ଡିଆନ୍ ରାଇନୋ (ଭାରତୀୟଗଣ୍ଡା)ମାନଙ୍କୁ ଏତେ ସଂଖ୍ୟାରେ ଶିକାର କରାଯାଉଛି, ଯାହାଫଳରେ ଏମାନଙ୍କ ସଂଖ୍ୟା ବହୁତ କମିଯାଉଛି । ଭାରତରେ ଦେଖାଯାଉଥିବା ଅଧାରୁ ଅଧିକ ଗଣ୍ଡା ହିଁ ଏହି କାଜିରଙ୍ଗା ଜାତୀୟଉଦ୍ୟାନରେ ରହନ୍ତି । ଏଥିପାଇଁ ପୃଥିବୀର ଅଧିକାଂଶ ପଶୁପ୍ରେମୀ ଏମାନଙ୍କୁ ଦେଖିବାକୁ କାଜିରଙ୍ଗା ଆସନ୍ତି ।





https://withteachers.in/

ଆମେ ବସିଥିବା ହାତୀ ଧୀରେଧୀରେ ଆଗକୁ ଚାଲୁଥାଏ । ଆଗରେ ଦେଖିଲୁ ଗୋଟିଏ ଗଣ୍ଡା ତା' ଛୁଆ ସହ ଆମ ଆଡ଼କୁ ମାଡ଼ି ଆସୁଛି । ହାତୀର ମାହୁନ୍ତ ଶୀଘ୍ର ଆମକୁ ଅନ୍ୟ ଦିଗକୁ ନେଇ ଚାଲିଲା । କହିଲା, "ମାଆ ଗଣ୍ଡା ଛୁଆ ସହ ଥିବାବେଳେ ହିଂସ୍ରକ ହୋଇଥାଏ । ହାତୀକୁ ଦେଖିଲେ, ଆକ୍ରମଣ ମଧ୍ୟ କରିପାରେ ।"

ସକାଳ ଉଦ୍ୟାନ ଭ୍ରମଣବେଳେ ଆମେ ଦଳଦଳ ହରିଣ ଦେଖିଥିଲୁ । କାଜିରଙ୍ଗାରେ ଚାରିପ୍ରକାର ହରିଣ ଦେଖାଯାଆନ୍ତି- ଭୁକୁଥିବାହରିଣ, ବାରଶିଙ୍ଗିଆହରିଣ, ବାମନହରିଣ ଓ ସମ୍ବରହରିଣ । ଆମକୁ ସେଠାରେ ଜଙ୍ଗଲୀ ବାର୍‌ହା ମଧ୍ୟ ଦେଖିବାକୁ ମିଳିଲା ।

ଆମ ଭ୍ରମଣ ଶୀଘ୍ର ଶେଷ ହୋଇଗଲା । ହେଲେ ଭ୍ରମଣର ଇଚ୍ଛା ମୋର ପୂର୍ଣ୍ଣ ହୋଇ ନ ଥିଲା । ତା'ପରଦିନ ପୁଣି ଜଳଖିଆ ଖାଇ ବୁଲିବାକୁ ବାହାରିପଡ଼ିଲୁ । ଏଥର ହାତୀ ବଦଳରେ ଜିପ୍‌ରେ ଗଲୁ । ସାଥୀରେ ଜଣେ ବନକର୍ମଚାରୀଙ୍କୁ ନେଲୁ । ଡ୍ରାଇଭର ଆମକୁ ଏକ ହ୍ରଦର ଅପର ପଟକୁ ନେଇଗଲା । ସେଠାରେ ଆମେ ଶହଶହ ଗେଣ୍ଡାଳିଆ, ହଂସ, ବତକ, ବଗ ପ୍ରଭୃତି ବିଭିନ୍ନ ପକ୍ଷୀଙ୍କୁ ଦେଖିଲୁ । ଗୋଟିଏ ଜାଗାରେ ବିଭିନ୍ନପ୍ରକାର ଏତେ ସଂଖ୍ୟକ ପକ୍ଷୀ ମୁଁ ଜୀବନରେ କେବେ ଦେଖି ନ ଥିଲି । ସେଠାରେ ପାଣି ଉପରେ କିଛି ପକ୍ଷୀ ଡିଆଁଡିଇଁ କରୁଥିଲେ । ସେଠାରୁ ଫେରିବା ରାସ୍ତାରେ ଆମେ ଏକ ଚମତ୍କାର ଦୃଶ୍ୟ ଦେଖିଲୁ । ଆମ ଆଗରେ ଜଙ୍ଗଲୀ ହାତୀଙ୍କ ଗୋଟିଏ ଦଳ ରାସ୍ତା ପାରି ହେଉଥିଲେ । ଏହି ଦଳରେ ପାଞ୍ଚଛଅଟି ଛୁଆ ହାତୀ ଥିଲେ । ହାତୀମାନଙ୍କର ଦଳପତି ସବୁଠୁ ପଛରେ ରହି ଛୋଟ ଛୁଆ ସହ ସବୁହାତୀଙ୍କୁ ରାସ୍ତା ପାରି କରାଉଥିଲେ । ସମସ୍ତେ ପାରି ହେବାପରେ ସେହି ବିଶାଳକାୟ ଦଳପତି ଦନ୍ତାହାତୀ ରାସ୍ତା ପାରିହେଲା ।

କାଜିରଙ୍ଗା ଉଦ୍ୟାନରେ ମାଂସାହାରୀ ରୟାଲବେଙ୍ଗଲ ଟାଇଗର୍ ଦେଖାଯାଆନ୍ତି । ହେଲେ ଆମେ ସେମାନଙ୍କୁ ଦେଖିବାକୁ ପାଇଲୁ ନାହିଁ । ଆମ ଗାଇଡ୍ କହିଲେ କି, "ଏମାନଙ୍କୁ ଦେଖିବା ଏତେ ସହଜ ନୁହେଁ । କାରଣ ଏମାନେ କେବଳ ରାତିରେ ବାହାରନ୍ତି ।"

ବାସ୍ତବିକ୍ କାଜିରଙ୍ଗା ଭ୍ରମଣ ଆମପାଇଁ ଏକ ସ୍ୱତନ୍ତ୍ର ଅନୁଭୂତି ଥିଲା । ଏଠାରେ ବିଭିନ୍ନ ପ୍ରଜାତିର ପଶୁ ଶାନ୍ତିରେ ଭାଇଚାରା ମଧ୍ୟରେ ମିଳିମିଶି ରହିଥାନ୍ତି । ମୋ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥିଲା ଯେ ପଶୁମାନଙ୍କ ପରି ଆମେ ମଣିଷମାନେ ଯଦି ମିଳିମିଶି ଏକାଠି ଶାନ୍ତିରେ ରହନ୍ତେ, ସତରେ କେତେ ଭଲ ହୁଅନ୍ତା ! ପୃଥିବୀଟା ସ୍ୱର୍ଗରେ ପରିଣତ ହୋଇଯାନ୍ତା । ଆମେ ଆମର ଏଇ ବନ୍ୟସାଥିମାନଙ୍କଠାରୁ ଅନେକ କଥା ଶିଖିପାରନ୍ତେ । ଆଜି ପାଇଁ ଏତିକିରେ ରହିଲି... ।

ତୁମର ଦାଦା
**ସମ୍ବିତ୍**



https://withteachers.in/



## ଆସ କଥା ହେବା

୧. ତଳ ଚିତ୍ରଗୁଡ଼ିକୁ ଧ୍ୟାନର ସହ ଦେଖ । ଏଥିରେ ଯେଉଁସବୁ ପଶୁପକ୍ଷୀଙ୍କୁ ଦିଆଯାଇଛି, ସେମାନଙ୍କ ନାମ କୁହ ।

୨. ତୁମେ ଏହିସବୁ ପଶୁପକ୍ଷୀଙ୍କୁ କେଉଁଠି ଦେଖିଛ ?



୩. ଏହି ପାଠରେ ପଶୁମାନଙ୍କ ସ୍ୱଭାବ ବିଷୟରେ କ'ଣ ସବୁ କୁହାଯାଇଛି ?

୪. ତୁମେ କେଉଁସବୁ ଜାଗାକୁ ଭ୍ରମଣରେ ଯିବାକୁ ଚାହୁଁଛ ଓ କାହିଁକି ?



https://withteachers.in/



## ପାଠରୁ

**ପ୍ରଶ୍ନଗୁଡ଼ିକ ପଢ଼ । ପ୍ରଶ୍ନତଳେ ଚାରୋଟି ସମ୍ଭାବ୍ୟ ଉତ୍ତର ଅଛି । ଯେଉଁଟି ଠିକ୍, ତାହା ପାର୍ଶ୍ୱରେ (✓)ଚିହ୍ନ ଦିଅ । (ଗୋଟିଏରୁ ଅଧିକ ସ୍ଥାନରେ ମଧ (✓) ଚିହ୍ନ ଦିଆଯାଇପାରେ ।**

୧. ସମ୍ବିତ୍‌ଦାଦାଙ୍କୁ ଯାତ୍ରା ସମୟରେ କିଏ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖିଲେ ?

(କ) ଗଣ୍ଡା ☐ (ଖ) ହରିଣ ଓ ବଣମଇଁଷି ☐

(ଗ) ହାତୀ ☐ (ଘ) ବାଘ ☐

୨. କାଜିରଙ୍ଗା ଜାତୀୟଉଦ୍ୟାନରେ ରୟାଲ ବେଙ୍ଗଲଟାଇଗର୍ ଅଛନ୍ତି । ହେଲେ ସେମାନଙ୍କୁ ଦେଖିବା ସହଜ ନୁହେଁ କାହିଁକି ?

(କ) ଏମାନେ କେବେ ଦେଖାଦିଅନ୍ତି ନାହିଁ। ☐

(ଖ) ଏମାନେ ବଡ଼ ହିଂସ୍ର ଅଟନ୍ତି। ☐

(ଗ) ଏମାନେ କେବଳ ରାତିରେ ବାହାରନ୍ତି। ☐

(ଘ) ଏମାନେ ଆଦୌ ବାହାରକୁ ବାହାରନ୍ତି ନାହିଁ। ☐

୩. ବିଶାଳ ହାତୀଟି କେଉଁ ସମୟ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ନଜର ରଖିଥିଲା ?

(କ) ଲେଖକ ଓ ତାଙ୍କ ସାଥୀ ଯେ ପର୍ଯ୍ୟନ୍ତ ସେଠାରେ ରହିଥିଲେ। ☐

(ଖ) ଜିପ୍ ଠିଆହୋଇ ରହିବା ପର୍ଯ୍ୟନ୍ତ। ☐

(ଗ) ପୂରା ହାତୀଦଳ ରାସ୍ତା ପାରିହେବା ପର୍ଯ୍ୟନ୍ତ। ☐

(ଘ) ସେଠାକୁ ବାଘ ନ ଆସିବା ପର୍ଯ୍ୟନ୍ତ। ☐



## ଚିନ୍ତାକରି ଲେଖ

**୧. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ଖାତାରେ ଲେଖ ।**

(କ) ଏହି ପାଠଟି ଏକ ପତ୍ରର ନମୁନା ଅଟେ । ଏହାକୁ କିଏ, କାହିଁକି ଓ କାହାକୁ ଲେଖିଛନ୍ତି ?

(ଖ) ମାଆ ଗଣ୍ଡା କେତେବେଳେ ଓ କାହିଁକି ହିଂସ୍ର ହୋଇଥାଏ ?

(ଗ) ଭାରତୀୟ ଗଣ୍ଡାଙ୍କ ସଂଖ୍ୟା କାହିଁକି ହ୍ରାସ ପାଉଛି ?

(ଘ) ଭଗବାନ କୃଷ୍ଣ ହାତୀ ବଦଳରେ ଗଣ୍ଡାକୁ କାହିଁକି ଯୁଦ୍ଧକ୍ଷେତ୍ରକୁ ପଠାଇଥିଲେ ? ମାତ୍ର ପରେ ଏହି ପ୍ରସ୍ତାବକୁ କାହିଁକି ପ୍ରତ୍ୟାହାର କରି ନେଇଥିଲେ ?

(ଙ) ପ୍ରଥମ ଦିନର ଭ୍ରମଣ ପରେ ମଧ ଲେଖକଙ୍କ ମନ କାହିଁକି ଅଧୁରା ହୋଇ ରହିଥିଲା ?



https://withteachers.in/

୨. ଦିଆଯାଇଥିବା ଚିତ୍ରକୁ ଧ୍ୟାନର ସହ ଦେଖ । ଏଠାରେ ପକ୍ଷୀ ସଂପର୍କରେ ଗୋଟିଏ ପ୍ରଶ୍ନ ଦିଆଯାଇଛି । ତୁମେ ତୁମ ଖାତାରେ ଏହି ପକ୍ଷୀ ସମ୍ବନ୍ଧରେ ଆଉ ତିନୋଟି ପ୍ରଶ୍ନ ତିଆରି କର ।

ଉଦାହରଣ :

ଏହି ଚିତ୍ର କେଉଁ ପକ୍ଷୀର ଅଟେ ?

.............................................

.............................................

.............................................

.............................................





## ଭାଷାର କଥା

୧. କୋଠରି ମଧ୍ୟରୁ ଠିକ୍ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଆଜି ............... ରୁ ଆମେ ହାତୀ ଉପରେ ବସି ଉଦ୍ୟାନ ଦେଖିବାକୁ ଗଲୁ ।

(ଭୋର/ସକାଳ)

(ଖ) ଆମେ ଏକଶିଙ୍ଗିଆ ଗଣ୍ଡା ................................. ।

(ଆଗରୁ ଦେଖିଥିଲୁ / ପ୍ରଥମ ଥର ପାଇଁ ଦେଖିଲୁ)



(ଗ) ଆମ ଭ୍ରମଣ .................... ଶେଷ ହୋଇଥିଲା । (ଶୀଘ୍ର /ବିଳମ୍ବରେ)

(ଘ) ଡ୍ରାଇଭର ଆମକୁ .................. ଅପର ପଟକୁ ନେଇଗଲା । (ହ୍ରଦର/ପାହାଡ଼ର)



https://withteachers.in/

୨. (କ) ଯେମିତି ହାତୀମାନଙ୍କ ପାଇଁ 'ଦଳ' ଶବ୍ଦ ବ୍ୟବହାର କରାଯାଏ, ସେହିପରି ନିମ୍ନ ଚିତ୍ରମାନଙ୍କ ପାଇଁ କେଉଁ ଶବ୍ଦ ଉପଯୁକ୍ତ ତାହାକୁ ଯୋଗକର ।

| | |
|---|---|
|  | ଫେଣା |
|  | ପେନ୍ଥା |
|  | ଭିଡ଼ |
|  | ଦଳ |
|  | ପଲ |
|  | ଶ୍ରେଣୀ |
|  | ଗଣ୍ଡି |



https://withteachers.in/

(ଖ) ଉପରେ ଯୋଗ କରିଥିବା ଚିତ୍ର ଓ ଶବ୍ଦକୁ ନେଇ ବାକ୍ୟ ଗଠନ କର । ଯେପରି- ପୂଜାରେ ଲୋକମାନଙ୍କର ବହୁତ ଭିଡ଼ ଥିଲା ।

.......................................................................................................

.......................................................................................................

.......................................................................................................

୩. ଘୋଡ଼ା ଘାସ ଖାଏ ।

ଘୋଡ଼ା ଶାକାହାରୀ ପଶୁ ।

ଉପରେ ଦିଆଯାଇଥିବା ବାକ୍ୟ ଦୁଇଟିକୁ ଲକ୍ଷ୍ୟ କଲେ ଜଣାପଡ଼େ ଗୋଟିଏ କଥାକୁ ଦୁଇପ୍ରକାର କୁହାଯାଇଛି । 'ଘୋଡ଼ା ଘାସ ଖାଏ।' ଏହି ବାକ୍ୟାଂଶ ପାଇଁ 'ଶାକାହାରୀ' ଶବ୍ଦର ବ୍ୟବହାର କରାଯାଇଛି । ସେହିପରି ନିମ୍ନ ବାକ୍ୟଗୁଡ଼ିକର ରେଖାଙ୍କିତ ଶବ୍ଦଗୁଡ଼ିକ ବଦଳରେ କୋଠରିରୁ ଗୋଟିଏ ଶବ୍ଦ ନେଇ ବାକ୍ୟଟିକୁ ନିଜ ଖାତାରେ ଆଉଥରେ ଲେଖ ।

(କ) କାଜିରଙ୍ଗାର ସୌନ୍ଦର୍ଯ୍ୟ ଦେଖିବାର ଯୋଗ୍ୟ ଅଟେ ।

(ଖ) ଆରାଧନାର କାମ ପ୍ରଶଂସାଯୋଗ୍ୟ ଅଟେ ।

(ଗ) ଆଶୁତୋଷକୁ ତା' ସାଙ୍ଗମାନେ ମଧୁର କଥା କହୁଥିବା ପିଲା ବୋଲି କହନ୍ତି ।

(ଘ) ବଅଁରପାଳରେ ସପ୍ତାହକୁ ଥରେ ହାଟ ବସେ ।

(ଙ) ମୋ ବଡ଼ଭାଇ ସୈନିକ ଅଟନ୍ତି ।

ସାପ୍ତାହିକ
ମୃଦୁଭାଷୀ
ଅଗ୍ରଜ
ପ୍ରଶଂସନୀୟ
ଦର୍ଶନୀୟ



## ପାଠରୁ ଆଗକୁ

୧. ତୁମେ ଏହି ପାଠରୁ ଅନେକ ପଶୁପକ୍ଷୀଙ୍କ କଥା ଜାଣିଲ । ଏମାନଙ୍କ ବ୍ୟତୀତ ତୁମେ ଜାଣିଥିବା ଓ ଅଭିଭାବକଙ୍କୁ ପଚାରି ଅନ୍ୟାନ୍ୟ ପଶୁପକ୍ଷୀଙ୍କ ନାମ ନିଜ ଖାତାରେ ଲେଖ । (ଅତିକମ୍‌ରେ ୧୦ଟି ଲେଖାଏଁ)




https://withteachers.in/

୨. ନିମ୍ନରେ ପ୍ରଦତ୍ତ ଭାରତ ମାନଚିତ୍ରରେ ଭାରତବର୍ଷର ବିଭିନ୍ନ ଜାତୀୟଉଦ୍ୟାନ କଥା ଉଲ୍ଲେଖ କରାଯାଇଛି । ସେଗୁଡ଼ିକ ଧ୍ୟାନର ସହ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

**ହିମାଚଳ ପ୍ରଦେଶ**
ଗ୍ରେଟ୍ ହିମାଳୟ ଜାତୀୟଉଦ୍ୟାନ
(ଜୈବ ବିବିଧତାପାଇଁ ପ୍ରସିଦ୍ଧ)

**ଉତ୍ତରାଖଣ୍ଡ**
ଜିମ୍ କାର୍ବେଟ୍ ଜାତୀୟଉଦ୍ୟାନ
ଏହା ଭାରତର ସବୁଠୁ ପୁରୁଣା ଓ ପ୍ରଥମ ଜାତୀୟଉଦ୍ୟାନ।
(ବାଘ, ହାତୀ, ହରିଣ ଓ ପକ୍ଷୀମାନଙ୍କପାଇଁ ପ୍ରସିଦ୍ଧ)



**ରାଜସ୍ଥାନ**
ରାନ୍ଥାଭୋର ଜାତୀୟଉଦ୍ୟାନ
(ବାଘପାଇଁ ପ୍ରସିଦ୍ଧ)

**ଉତ୍ତରପ୍ରଦେଶ**
ଦୁଧ୍ୱା ଜାତୀୟଉଦ୍ୟାନ
(ଦୁର୍ଲଭ ଓ ଲୁପ୍ତପ୍ରାୟ ପ୍ରଜାତିର ପଶୁପକ୍ଷୀଙ୍କ ଘର, ବ୍ୟାଘ୍ରସଂରକ୍ଷଣ)

**ମଧ୍ୟପ୍ରଦେଶ**
କାହ୍ନା ଜାତୀୟଉଦ୍ୟାନ
(ସିଂହପାଇଁ ପ୍ରସିଦ୍ଧ)

**ଆସାମ**
କାଜିରଙ୍ଗା ଜାତୀୟଉଦ୍ୟାନ
(ଏକଶିଙ୍ଗିଆ ଗଣ୍ଡାପାଇଁ ପ୍ରସିଦ୍ଧ)

**ପଶ୍ଚିମବଙ୍ଗ**
ସୁନ୍ଦରବନ
ଜାତୀୟଉଦ୍ୟାନ
(ରୟାଲ ବେଙ୍ଗଲ
ଟାଇଗରପାଇଁ ପ୍ରସିଦ୍ଧ)

**କେରଳ**
ପେରିୟାର ଜାତୀୟଉଦ୍ୟାନ
(ହାତୀମାନଙ୍କ ପାଇଁ ପ୍ରସିଦ୍ଧ)

**ଓଡ଼ିଶା**
ଶିମିଳିପାଳ ଜାତୀୟଉଦ୍ୟାନ
(ବାଘ ଅଭୟାରଣ୍ୟ)

(ଏ ସବୁ ସହିତ ଭାରତବର୍ଷରେ ବର୍ତ୍ତମାନ ୧୦୬ଟି ଜାତୀୟଉଦ୍ୟାନ ରହିଛି ।)



https://withteachers.in/

(କ) ମାନଚିତ୍ର ଅଧ୍ୟୟନ ପରେ ତଳଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

(i) କେଉଁ ଜାତୀୟଉଦ୍ୟାନ ହାତୀମାନଙ୍କପାଇଁ ପ୍ରସିଦ୍ଧ ? ଏହା କେଉଁ ରାଜ୍ୟରେ ଅବସ୍ଥିତ ?

ଉ : ..........................................................................................

..........................................................................................

(ii) ସୁନ୍ଦରବନ ଜାତୀୟଉଦ୍ୟାନ କେଉଁ ରାଜ୍ୟରେ ଅବସ୍ଥିତ ଓ କାହିଁକି ପ୍ରସିଦ୍ଧ ?

ଉ : ..........................................................................................

..........................................................................................

(iii) ଭାରତର ସର୍ବ ପୁରାତନ ଜାତୀୟଉଦ୍ୟାନର ନାମ କ'ଣ ? ଏହା କେଉଁ ରାଜ୍ୟରେ ଅବସ୍ଥିତ ?

ଉ : ..........................................................................................

..........................................................................................

(ଖ) ଭାରତର କେତେକ ଜାତୀୟ ଉଦ୍ୟାନ ଓ ରାଜ୍ୟର ନାମ ଉଲ୍ଲେଖ କରାଯାଇଛି । ଏବେ ତୁମ ଖାତାରେ ସେହି ଆଧାରରେ 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ମିଳନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) ପେରିୟାର୍ ଜାତୀୟଉଦ୍ୟାନ | (i) ଦୁର୍ଲ୍ଲଭ ଓ ଲୁପ୍ତପ୍ରାୟ ପ୍ରଜାତିର ପଶୁପକ୍ଷୀଙ୍କ ଘର |
| (ii) ଏକଶିଙ୍ଗିଆ ଗଣ୍ଡାପାଇଁ ପ୍ରସିଦ୍ଧ | (ii) କେରଳ |
| (iii) ଦୁଧୱା ଜାତୀୟଉଦ୍ୟାନ | (iii) ଶିମିଳିପାଳ ଜାତୀୟଉଦ୍ୟାନ |
| (iv) ଓଡ଼ିଶା | (iv) କାଜିରଙ୍ଗା ଜାତୀୟଉଦ୍ୟାନ |
| (v) କାହ୍ନା ଜାତୀୟଉଦ୍ୟାନ | (v) ମଧ୍ୟପ୍ରଦେଶ |



## ପାଠାଗାରରୁ

ପାଠାଗାରକୁ ଯାଇ ବିଭିନ୍ନ ଜାତୀୟଉଦ୍ୟାନ ଓ ଅଭୟାରଣ୍ୟ ସମ୍ପର୍କିତ ବହି ଖୋଜି ବାହାର କର । ସେଗୁଡ଼ିକୁ ପଢ଼ । ସାଙ୍ଗମାନେ ମିଶି ବହିରୁ ମିଳିଥିବା ପଶୁପକ୍ଷୀଙ୍କ ଚିତ୍ର ଅଙ୍କନ କରି ସେମାନଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରି ନିଜ ଶ୍ରେଣୀ କୋଠରିରେ ସଜାଅ । ତଥ୍ୟ ସଂଗ୍ରହବେଳେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦିଅ ।

(କ) ପକ୍ଷୀ ଅଭୟାରଣ୍ୟ କ'ଣ ?

(ଖ) ଏହା ସ୍ଥାପନ କରିବାର କାହିଁକି ଆବଶ୍ୟକତା ପଡ଼ିଲା ?

(ଗ) ଭାରତରେ ମୋଟ କେତୋଟି ପକ୍ଷୀ ଅଭୟାରଣ୍ୟ ଅଛି ?



https://withteachers.in/


(ଘ) ଭାରତରେ ଥିବା ପ୍ରମୁଖ ପକ୍ଷୀ ଜାତୀୟଉଦ୍ୟାନର ନାମ ଲେଖ ।

(ଙ) ଏହି ଜାତୀୟଉଦ୍ୟାନରେ କେଉଁ କେଉଁ ପକ୍ଷୀ ଦେଖିବାକୁ ମିଳନ୍ତି ?


(ଏ ସବୁ ପ୍ରଶ୍ନର ଉତ୍ତର ପାଇବାପାଇଁ ଶିକ୍ଷକ, ଅଭିଭାବକ, ଇଣ୍ଟରନେଟ୍ ଓ ଅନ୍ୟାନ୍ୟ ଉତ୍ସର ସହାୟତା ନେଇପାର)

୨. ନିମ୍ନରେ ବିନ୍ଦୁ ଯୋଡ଼ି ମାଛ ଓ ମାଙ୍କଡ଼ର ଚିତ୍ର ଦିଆଯାଇଛି । ଠିକ୍ ସେହିପରି ଦିଆଯାଇଥିବା ରେଖାଯୋଡ଼ି ଚିତ୍ର ପ୍ରସ୍ତୁତ କର ।











https://withteachers.in/

ତୁମ ପଢ଼ିବାପାଇଁ

# ଓଡ଼ିଶାର ପ୍ରାକୃତିକ ବିଭବ

ଓଡ଼ିଶା ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର । ଏଠି ତିରିଶଟି ଜିଲ୍ଲାରେ ପୂରି ରହିଛି ଅନେକ ପ୍ରାକୃତିକ ବିଭବ । ଏଗୁଡ଼ିକର ଦର୍ଶନ ଆମକୁ ଆମୋଦିତ କରିବା ସହିତ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ହିସାବରେ ବିଶ୍ୱବାସୀଙ୍କୁ ମଧ୍ୟ ଆକୃଷ୍ଟ କରିଥାଏ । ପ୍ରତିବର୍ଷ  ହଜାରହଜାର ପର୍ଯ୍ୟଟକ ଏଗୁଡ଼ିକର ମନଲୋଭା ଦୃଶ୍ୟକୁ ଉପଭୋଗ କରିବାପାଇଁ ସପରିବାର ଭ୍ରମଣରେ ଆସନ୍ତି । ସତରେ, ଆମ ଓଡ଼ିଶା ସଭିଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ । ଚାଲ, ଆମର ସେହି ପ୍ରାକୃତିକ ବିଭବଗୁଡ଼ିକ ମଧ୍ୟରୁ କେତୋଟି ବିଷୟରେ ଜାଣିବା ।




**ଶିମିଳିପାଳ :** ଶିମିଳିପାଳ ଜାତୀୟଉଦ୍ୟାନ ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ । ଘଞ୍ଚଜଙ୍ଗଲ, ଜଳପ୍ରପାତ ଓ ବାଘ ପାଇଁ ପ୍ରସିଦ୍ଧ ଏହି ଜାତୀୟଉଦ୍ୟାନର ସ୍ୱତନ୍ତ୍ର ପରିଚୟ ରହିଛି । ଭାରତବର୍ଷର ଏହା ସବୁଠୁ ପୁରୁଣା ଓ ବୃହତ୍ତମ ଅଭୟାରଣ୍ୟ । ଏହା ୨୭୫୦ ବର୍ଗ କି.ମି. ଅଞ୍ଚଳକୁ ବ୍ୟାପିଛି ।

ବିଭିନ୍ନ ପ୍ରକାର ଜଙ୍ଗଲୀ ବୃକ୍ଷରେ ପରିପୂର୍ଣ୍ଣ ଶିମିଳିପାଳ ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟର ମନୋରମ ଦୃଶ୍ୟପାଇଁ ପ୍ରସିଦ୍ଧ । ଏହି ଅଭୟାରଣ୍ୟର ମୁଖ୍ୟ ଆକର୍ଷଣ ବାଘ । ଓଡ଼ିଶାର ଉଚ୍ଚତମ ଜଳପ୍ରପାତ ବରେହିପାଣି ଏଠାରେ ଅବସ୍ଥିତ। ଏହାର ଉଚ୍ଚତା ୧୩୦୯ ଫୁଟ । ଏହା ଭାରତର ଦ୍ୱିତୀୟ ଉଚ୍ଚତମ ଜଳପ୍ରପାତ । ଯୋରନ୍ଦା ଜଳପ୍ରପାତ ଓ ଉସ୍କି ଜଳପ୍ରପାତ ମଧ୍ୟ ଏହି ଅଭୟାରଣ୍ୟରେ ରହିଛି । ଏହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ଓଡ଼ିଶାର ସାଳନ୍ଦୀ ଓ ବୁଢ଼ାବଳଙ୍ଗ ନଦୀର ଉତ୍ପତ୍ତିସ୍ଥଳ ହେଉଛି ଶିମିଳିପାଳ । ଏହା ମଧ୍ୟରେ ଥିବା ଝରଣାର ନିର୍ମଳଜଳ ଅତ୍ୟନ୍ତ ଲୋଭନୀୟ । ଏଠାରେ ଆକର୍ଷଣୀୟ ମୟୂରଙ୍କ ସହିତ ୨୪୨ ପ୍ରକାରର ପକ୍ଷୀ, ହାତୀ, ସମ୍ବର, ହରିଣ ଓ ଭାଲୁଙ୍କ ପରି ବନ୍ୟପ୍ରାଣୀ ଦେଖାଯାଆନ୍ତି । ଏଠାରେ ଥିବା ସୀତାକୁଣ୍ଡ, ଦେବକୁଣ୍ଡ, ବ୍ରାହ୍ମଣକୁଣ୍ଡ ଓ ଲୁଲୁଙ୍ଗ୍ ଭଳି ସ୍ଥାନ ବ୍ୟତୀତ 'ଖଇରୀ ସଂଗ୍ରହାଳୟ' ମଧ୍ୟ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥାଏ । ନଭେମ୍ବରମାସଠାରୁ ମାର୍ଚ୍ଚମାସ ମଧ୍ୟରେ ଶିମିଳିପାଳ ଭ୍ରମଣ ଦର୍ଶକମାନଙ୍କପାଇଁ ସର୍ବୋତ୍କୃଷ୍ଟ ସମୟ ।



https://withteachers.in/




**ଭିତରକନିକା :** ଭିତରକନିକା ଜାତୀୟଉଦ୍ୟାନ କେନ୍ଦ୍ରାପଡ଼ା ଜିଲ୍ଲାରେ ଅବସ୍ଥିତ । ଡାଙ୍ଗମାଳ ଓ ରାଜନଗରର ୬୭୩ ବର୍ଗ କି.ମି. ଅଞ୍ଚଳରେ ଏହା ପରିବ୍ୟାପ୍ତ । ଏହି ଅଭୟାରଣ୍ୟକୁ ଓଡ଼ିଶାର 'ଆମାଜନ' କୁହାଯାଏ । ଏଠି ବ୍ରାହ୍ମଣୀ ଓ ବୈତରଣୀନଦୀର ତ୍ରିକୋଣଭୂମି ରହିଛି । ହେନ୍ତାଳବଣ, ଯାହା କି ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲ, ଏହି ଭିତରକନିକାରେ ରହିଛି । ମୁଖ୍ୟତଃ କୁମ୍ଭୀରପ୍ରଜନନ କେନ୍ଦ୍ରପାଇଁ ଏହି ସ୍ଥାନ ପ୍ରସିଦ୍ଧ । ଶହଶହ ସଂଖ୍ୟାରେ ବଉଳା, ମଗର ଓ ଘଡ଼ିଆଳ ଭଳି କୁମ୍ଭୀର ଏଠାରେ ଦେଖାଯାଆନ୍ତି । ବିଶାଳକାୟ କୁମ୍ଭୀର ମଲ୍ଲୀ ଓ ଗୌରୀକୁ ଦେଖି ଏଠାରେ ଦର୍ଶକମାନେ ଆନନ୍ଦ ଅନୁଭବ କରନ୍ତି । ଏଠାରେ ନୌକାବିହାର ସହିତ ହରିଣପାର୍କ, ସଂଗ୍ରହାଳୟ, ସୁନ୍ଦର କାଠବ୍ରିଜ୍‌ର ପରିଦର୍ଶନ ଦେଖଣାହାରୀଙ୍କୁ ବହୁ ଆନନ୍ଦପ୍ରଦାନ କରିଥାଏ। ନାନାଜାତିର ପକ୍ଷୀ ଓ କୁମ୍ଭୀରମାନଙ୍କୁ ଦେଖିବାପାଇଁ ପର୍ଯ୍ୟଟକମାନେ ନଭେମ୍ବରମାସଠାରୁ ଜୁନ୍‌ମାସ ମଧ୍ୟରେ ଏଠାକୁ ଆସିଥାନ୍ତି।

**ଚିଲିକା :** ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଶୋଭାର ଗନ୍ତାଘର ହେଉଛି 'ଚିଲିକା'। ଭୁବନେଶ୍ୱରଠାରୁ ୭୧ କି.ମି. ଦୂରରେ ଏହା ଅବସ୍ଥିତ । ଏହା ଏସିଆ ମହାଦେଶର ବୃହତ୍ତମ 'ଲବଣାକ୍ତହ୍ରଦ'। ଏହି ହ୍ରଦଟି ଜାତିଜାତି ମାଛ, କଙ୍କଡ଼ା ଓ ଚିଙ୍ଗୁଡ଼ିପାଇଁ ପ୍ରସିଦ୍ଧ । ଚିଲିକାର ପକ୍ଷୀ ଅଭୟାରଣ୍ୟ ପୃଥିବୀ ପ୍ରସିଦ୍ଧ। ଶୀତଋତୁରେ ମଙ୍ଗଳାଯୋଡ଼ି 'ପକ୍ଷୀବିହାର'କୁ ସୁଦୂର ସାଇବେରିଆ, କାସ୍ପିଆନ୍‌ସାଗର ଓ ମଧ୍ୟଏସିଆରୁ ବିଭିନ୍ନଜାତିର ପକ୍ଷୀ ଆସିଥାନ୍ତି। ସେମାନଙ୍କର ମଧ୍ୟରୁ ଏରା, ମାଛରଙ୍କା, ସାରସ, ଫ୍ଲେମିଂଗୋ, ଗାଡୁଆଲ, କମନ୍‌କୁଟ, ୱିଜିଆନ୍ ଆଦି ଆକର୍ଷଣୀୟ। ଏମାନେ ମୁଖ୍ୟତଃ ଖାଦ୍ୟ



ଅନ୍ୱେଷଣ, ଶୀତରୁ ରକ୍ଷା ଓ ଅଣ୍ଡା ଦେବାପାଇଁ ଆସିଥାନ୍ତି। ପ୍ରତିବର୍ଷ ଏଠାରେ 'ଅନ୍ତର୍ଜାତୀୟ ପକ୍ଷୀଦିବସ' ଶୀତ ଋତୁରେ ଏକ ତାରିଖରେ ପାଳିତ ହୁଏ। ଦର୍ଶକମାନଙ୍କପାଇଁ ଚିଲିକା ପକ୍ଷୀବିହାରରେ ପକ୍ଷୀଶିକାରକୁ ନିଷେଧ



https://withteachers.in/

କରାଯାଇଛି । ପକ୍ଷୀବିହାର ବ୍ୟତୀତ ଚିଲିକା ମଧ୍ୟରେ କାଳିଜାଈ, ସାତପଡ଼ାରେ ଡଲଫିନ୍‌ମାଛ, ମାମୁଭଣଜା ପାହାଡ଼, ପାରିକୁଦ ମାଲୁଦ ଟାପୁ ପ୍ରଭୃତି ରହିଅଛି । ଏହାର ଅପରୂପ ଶୋଭାକୁ ଉପଭୋଗ କରିବା ଓ ନୌବିହାର କରିବାପାଇଁ ଦୈନିକ ଅନେକ ପର୍ଯ୍ୟଟକ ଆସିଥାନ୍ତି । ଏହା ହେଉଛି 'ପର୍ଯ୍ୟଟନର ଭୂସ୍ୱର୍ଗ' ।



**ଟିକରପଡ଼ା :** ଅନୁଗୋଳ ଜିଲ୍ଲାରେ ଟିକରପଡ଼ା ଅବସ୍ଥିତ । ଏଠାରେ ଓଡ଼ିଶାର ବଡ଼ ନଦୀ 'ମହାନଦୀ'ର ପ୍ରସିଦ୍ଧ 'ସାତକୋଶିଆ ଗଣ୍ଡ' ରହିଛି । ମହାନଦୀର ଓସାର ଏଠାରେ ବହୁତ କମ୍, କିନ୍ତୁ ଜଳର ଗଭୀରତା ଅଧିକ । ଗଣ୍ଡର ଗୋଟିଏ ପଟେ ଅନୁଗୋଳ ଓ ଅନ୍ୟପଟେ ବୌଦ୍ଧଜିଲ୍ଲା ଅବସ୍ଥିତ । କୁମ୍ଭୀର ଗବେଷଣା କେନ୍ଦ୍ର ଭାବେ ଏହା ଭାରତ ପ୍ରସିଦ୍ଧ । ବଣପାହାଡ଼ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଟିକରପଡ଼ା ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟ ପାଇଁ ଖ୍ୟାତି ଲାଭ କରିଛି । ଏହି ସଂରକ୍ଷଣ ଜଙ୍ଗଲରେ ଶାଳ, ପିଆଶାଳ, ବାଉଁଶ, ଶିଶୁ, ଅସନ ଭଳି ଜଙ୍ଗଲୀ ବୃକ୍ଷ ସହିତ ଚିତାବାଘ, ଭାଲୁ, ହରିଣ, ହାତୀ, ସମ୍ବର, କୁଟୁରା ଭଳି ବନ୍ୟପ୍ରାଣୀ ଓ ନାନାଜାତିର ପକ୍ଷୀ ଦେଖାଯାଆନ୍ତି । ଛୁଟିଦିନମାନଙ୍କରେ ଏ ସବୁକୁ ଉପଭୋଗ କରିବାପାଇଁ ଅନେକ ପର୍ଯ୍ୟଟକ ଆସିଥାନ୍ତି । ସେମାନେ ବଣଭୋଜି ସହ ନୌକାବିହାରର ମଜା ନେଇଥାନ୍ତି । ଶୀତଦିନେ ଅପରାହ୍ଣବେଳକୁ ଏଠାରେ ସନ୍ଧ୍ୟା ହେବାର ଭ୍ରମ ସୃଷ୍ଟି ହୋଇଥାଏ, ଯାହା କି ଏହାର ବିଶେଷତ୍ୱ ।





**ନନ୍ଦନକାନନ :** ଆମ ରାଜଧାନୀ ଭୁବନେଶ୍ୱରଠାରୁ ୧୨ କି.ମି. ଦୂରରେ ବାରଙ୍ଗ ନିକଟରେ 'ନନ୍ଦନକାନନ ପ୍ରାଣୀଉଦ୍ୟାନ' ଅବସ୍ଥିତ । ୧୯୬୦ ମସିହା ଡିସେମ୍ବର ମାସ ୨୯ ତାରିଖରେ ଏହା ଉଦ୍‌ଘାଟିତ ହୋଇଥିଲା । ନନ୍ଦନକାନନ ମୋଟ ୪୨୬ହେକ୍ଟର ଅଞ୍ଚଳରେ ପରିବ୍ୟାପ୍ତ । ପ୍ରାଣୀଉଦ୍ୟାନ ସହିତ ଏଠାରେ ନାନାଜାତି ଔଷଧୀୟ ବୃକ୍ଷରେ ପରିପୂର୍ଣ୍ଣ ଏକ 'ଉଦ୍ଭିଦଉଦ୍ୟାନ' ଓ ତା'ପାଖରେ ସୁନ୍ଦର ହ୍ରଦଟିଏ ରହିଛି ।



https://withteachers.in/

ଏହି ହ୍ରଦଟିର ନାମ 'କାଞ୍ଜିଆ' । ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଧଳାବାଘ, ମହାବଳବାଘ, ଆଫ୍ରିକାସିଂହ, ଚିତାବାଘ, ରାମଶିଆଳ, ହରିଣ, ଠେକୁଆ, ଗଧିଆ, ଭାଲୁ, ଗଣ୍ଡା, ଗୟଳ, ମାଙ୍କଡ଼, କଙ୍ଗାରୁ, ନୀଳଗାଈ, ହାତୀ, ସିମ୍ପାଞ୍ଜିଙ୍କ ଭଳି ବଣ୍ୟପ୍ରାଣୀ ସହିତ ଅଜଗର, ଅହିରାଜ, ସାପ, ବଉଳା, ଗୋମୁହାଁ, ଥଣ୍ଟିଆକୁମ୍ଭୀର, ପାଣିଗୋଧି, ବଜ୍ରକାପ୍ତା ପ୍ରଭୃତି ସରୀସୃପ ରହିଛନ୍ତି । ପକ୍ଷୀମାନଙ୍କ ମଧ୍ୟରେ ବଗ, ସାରସ, ମୟୂର, ଗେଣ୍ଡାଳିଆ, ଗରୁଡ଼, ଶୁଆ, ଶାଗୁଣା, ବିଦେଶୀକୁକୁଡ଼ା, ହଂସରାଳି, ଧଳାମୟୂର, ଓଟପକ୍ଷୀ, ହଂସ, ପେଚା ପ୍ରଭୃତି ସଂରକ୍ଷିତ ହୋଇରହିଛନ୍ତି । ଆମ ନନ୍ଦନକାନନ ସାରା ପୃଥିବୀରେ ଧଳାବାଘପାଇଁ ପ୍ରସିଦ୍ଧ। ତେଣୁ ଏଠାରେ ଗୋଟିଏ ବାଘସଫାରୀ ଓ ସିଂହସଫାରୀ ରହିଅଛି। ଏତତ୍ ବ୍ୟତୀତ ଛୋଟ ପିଲାଙ୍କ ମନୋରଞ୍ଜନପାଇଁ ଖେଳନା ରେଳଗାଡ଼ି ଓ ଏକ ଝୁଲା (ରୋପ ୱେ) ଏଠାରେ ରହିଛି। ଏଣୁ ବର୍ଷସାରା ଦର୍ଶକମାନେ ପ୍ରାଣୀଉଦ୍ୟାନ, ଉଦ୍ଭିଦଉଦ୍ୟାନ, ହ୍ରଦରେ ନୌକାବିହାର, ଝୁଲାରେ ବସି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିରୀକ୍ଷଣ କରିବା ସହ ବଣଭୋଜିର ମଜା ନେଇଥାନ୍ତି ।

❖❖❖






https://withteachers.in/

ପାଠ-୮


# ତିନି ମାଛର କାହାଣୀ

● ଉଦୟନାଥ ଷଡ଼ଙ୍ଗୀ

ବଣ ଭିତରେ ଗୋଟିଏ ବଡ଼ ପୋଖରୀ ଥିଲା । ସେଥିରେ ରୋହୀ, ଭାକୁର, ବାଳିଆ, ଶେଉଳ ପ୍ରଭୃତି ଖୁବ୍ ବଡ଼ବଡ଼ ମାଛ ରହୁଥିଲେ । ପୁଣି କେରାଣ୍ଡି, ଦଣ୍ଡିକିରୀ ଭଳି ଅତି ସାନସାନ ମାଛ ବି ଥିଲେ ।

ଅତି ଗରିବ ଲୋକ ହଠାତ୍ ଧନୀ ହୋଇଗଲେ ଯେମିତି ଫୁଲିଉଠେ, ସମସ୍ତଙ୍କ ପାଖରେ ଦେଖାଇ ହୁଏ, ସାନମାଛ କେରାଣ୍ଡି, ଦଣ୍ଡିକିରୀ ପାଣି କୂଳରେ ସବୁ ସମୟରେ ସେମିତି ଫରଫର ହୁଅନ୍ତି । ନିଜର କିଛି ବଡ଼ିମା ନ ଥିଲେ ମଧ ବଡ଼ିମା ଦେଖାଇ ହୁଅନ୍ତି । ବଡ଼ମାଛ ସବୁ ପାଣିତଳେ ଆନନ୍ଦରେ ବାସ କରନ୍ତି ।

ଦିନେ କେଉଟମାନେ ସେହି ବାଟ ଦେଇ ଯାଉଥିଲେ । ସେମାନଙ୍କ କାନ୍ଧରେ ଜାଲ ଭାର ଓ ହାତରେ ମାଛ ଖାଳେଇ । ପୋଖରୀ ପାଖରେ ଠିଆ ହୋଇ କଥାବାର୍ତ୍ତା ହେଲେ, "ଏ ପୋଖରୀରେ ବହୁତ ମାଛ ଅଛନ୍ତି । କାଲି ସକାଳୁ ଆସି ଜାଲ ପକାଇ ଧରିନେବା ।"





https://withteachers.in/

ପାଣିତଳେ ରହୁଥିବା ତିନୋଟି ବଡ଼ମାଛଙ୍କ ଭିତରେ ବନ୍ଧୁତା ଥିଲା । ଗୋଟିଏ ମାଛର ନାମ 'ଅନାଗତ ବିଧାତା' ଦ୍ୱିତୀୟଟିର ନାମ 'ସୁଚତୁର' ଓ ତୃତୀୟଟିର ନାମ 'ଦୀର୍ଘସୂତ୍ରୀ' ।

କେଉଟମାନଙ୍କ କଥା ଶୁଣି ଅନାଗତ ବିଧାତା ଡରିଗଲା । ସେ ଅନ୍ୟ ଦୁଇବନ୍ଧୁଙ୍କୁ ପାଖକୁ ଡାକି କହିଲ. "ଭାଇ ! ଚାଲ ଆଜି କୁଆଡ଼େ ପଳାଇଯିବା । ରାତି ପାହିଲେ କେଉଟମାନେ ଆସି ଏ ପୋଖରୀରେ ଜାଲ ପକାଇବେ । ଆମ ସମସ୍ତଙ୍କୁ ଧରିନେଇ ମାରିଦେବେ । ଅନ୍ୟ ପୋଖରୀକୁ ଗଲେ ଆମ ଜୀବନ ରହିଯିବ ।"

ଏହା ଶୁଣି ସୁଚତୁର କହିଲା, "କାଲିଯାଏ ତ ଅଛି । ସେମାନେ ଆସନ୍ତୁ, ଏତେ ଶୀଘ୍ର କାହିଁକି ଆମେ ଏ ପୋଖରୀ ଛାଡିବା ।"

ଦୀର୍ଘସୂତ୍ରୀ ସୁଚତୁରକୁ ସମର୍ଥନ କଲା । କହିଲା, "ହଉ, ଯିବା ତ ଏତେ ତରତର କାହିଁକି ?"

ଅନାଗତ ବିଧାତା ଦେଖିଲା, ଅନ୍ୟ ଦୁଇବନ୍ଧୁ ତା' କଥାରେ ରାଜି ହେଉ ନାହାଁନ୍ତି । ତେଣୁ ନିଜର ଜୀବନ ରଖିବାକୁ ସେ ରାତିକାରାତି ଅନ୍ୟ ପୋଖରୀକୁ ଚାଲିଗଲା । ଅନ୍ଧାରରାତି ହୋଇଥିବାରୁ ତା'ଉପରେ କିଛି ବିପଦ ପଡ଼ିଲା ନାହିଁ ।





https://withteachers.in/

ପରଦିନ ସକାଳୁ କେଉଟମାନେ ଆସିଲେ । ପୋଖରୀରେ ଜାଲ ପକାଇ ସବୁ ମାଛ ଧଇଲେ । ସେମାନଙ୍କ ଜାଲ ପୂରିଗଲା । ସୁଚତୁର ଦେଖିଲା ମହାବିପଦ । ସେ କୌଶଳ କରି ଜାଲ ବାହାର ପାଖରେ ରହି ସୂତାକୁ କାମୁଡି ଧରିଲା । ହଲଚଲ ନ ହୋଇ ମଲାଙ୍କ ପରି ପଡ଼ି ରହିଲା ।

ଦୀର୍ଘସୂତ୍ରୀ ମହା ଅଳସୁଆ । ସେ ପଙ୍କ ଉପରେ ସେ ପର୍ଯ୍ୟନ୍ତ ଶୋଇ ରହିଥିଲା । କିଛି ଜାଣିପାରିଲା ନାହିଁ । ନିଦ ଭାଙ୍ଗିଲାକ୍ଷଣି ଦେଖିଲା, ଜାଲ ଭିତରେ ସେ ବନ୍ଧା ହୋଇଛି ।

ଜାଲରେ ମାଛ ସାଙ୍ଗକୁ ବହୁତ ପଙ୍କ ଓ ଦଳ ପଶି ଯାଇଥିଲା । ତାହା ସଫା କରିବାପାଇଁ କେଉଟମାନେ ଆଉ ପୋଖରୀକୁ ଗଲେ । ସେ ପାଣିରେ ଜାଲ ବୁଡ଼ାଇ ଦେବାକ୍ଷଣି ସୁଚତୁର ସୂତା ଛାଡ଼ି ପାଣି ଭିତରକୁ ଯାଇ ଲୁଚିଗଲା । ଜାଲ ଭିତରେ ପଡି ରହିଥିବାରୁ ଦୀର୍ଘସୂତ୍ରୀ ଖସିଯାଇ ପାରିଲା ନାହିଁ । କେଉଟଙ୍କ ହାତରେ ଧରା ପଡ଼ିଲା ।

ସେଇଥିପାଇଁ ପଣ୍ଡିତମାନେ କହନ୍ତି, 'ଯେତେବେଳେ ଯାହା କରିବାକୁ ଆବଶ୍ୟକ ତାହା ସଙ୍ଗେସଙ୍ଗେ କରିବ ।'






https://withteachers.in/

## (ପଞ୍ଚତନ୍ତ୍ର ଉପରେ ଆଧାରିତ)

('ପଞ୍ଚତନ୍ତ୍ର' ନୀତିକଥା ସାହିତ୍ୟର ଏକ ମୂଲ୍ୟବାନ୍ ଗ୍ରନ୍ଥ, ଯାହା ପ୍ରାୟ ୨୫୦୦ ରୁ ୩୦୦୦ ବର୍ଷ ପୂର୍ବେ ଆମ ଭାରତରେ ରଚନା କରାଯାଇଥିଲା । ପଣ୍ଡିତ ବିଷ୍ଣୁଶର୍ମା ଏହାକୁ ଲେଖିଥିଲେ । ପଞ୍ଚତନ୍ତ୍ରର ରଚନାକୁ ଏକ ଶିକ୍ଷଣ ସାମଗ୍ରୀ ଭାବରେ ଗ୍ରହଣ କରାଯାଇଥିଲା । ଯାହାର ମୂଳଲକ୍ଷ୍ୟ ଥିଲା ପିଲାମାନଙ୍କୁ ମନଛୁଆଁ କାହାଣୀ ମାଧ୍ୟମରେ ଜୀବନର ମୂଲ୍ୟବୋଧ ଶିକ୍ଷାଦେବା । ଏହି ଗ୍ରନ୍ଥରେ ନୈତିକଶିକ୍ଷା ଦେବା ଉଦ୍ଦେଶ୍ୟରେ ବିଭିନ୍ନ ପଶୁପକ୍ଷୀଙ୍କୁ ଚରିତ୍ର କରି ରଚନା କରାଯାଇଛି । ଏହା ଖାଲି ପିଲାମାନଙ୍କୁ ନୁହେଁ, ବରଂ ବୟସ୍କମାନଙ୍କୁ ମଧ୍ୟ ଆନନ୍ଦ ଦେବାରେ ସହାୟକ ହୋଇଥାଏ । ଆଜିର ସମୟରେ ମଧ୍ୟ ଏହି କାହାଣୀଗୁଡ଼ିକର ପ୍ରାସଙ୍ଗିକତା ରହିଛି ।)





https://withteachers.in/



## ଆସ କଥା ହେବା

୧. ତୁମେ କେବେ ନଈ, ପୋଖରୀ ବା ସମୁଦ୍ରକୂଳରେ ବୁଲିଛ କି ? ତୁମେ ସେଠାରେ କ'ଣ ଦେଖିଛ ?


୨. କୌଣସି କାର୍ଯ୍ୟକୁ ଭାଗ୍ୟର ଭରସାରେ ଛାଡିଦେବା ଉଚିତ୍ କି ? ତୁମ ଉତ୍ତରର କାରଣ ଲେଖ ।

୩. ଦୀର୍ଘସୂତ୍ରୀ କେଉଟଠାରୁ ନିଜର ଜୀବନ ବଞ୍ଚାଇ ପାରିଲା ନାହିଁ । ଯଦି ତା' ସ୍ଥାନରେ ତୁମେ ରହିଥାଆନ୍ତ, ତେବେ କେଉଟଠାରୁ ନିଜର ଜୀବନକୁ କେମିତି ବଞ୍ଚାଇଥାନ୍ତ ?

୪. ଏହି ତିନୋଟି ମାଛ ଭିତରୁ ତୁମକୁ କେଉଁ ମାଛଟି ସବୁଠୁ ଭଲ ଲାଗିଲା ଓ କାହିଁକି ?



## ପାଠରୁ

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ମାଛର (**  **) ଚିତ୍ର କର । ଏକରୁ ଅଧିକ ଉତ୍ତର ମଧ୍ୟ ଠିକ୍ ହୋଇପାରେ ।**

(କ) କେଉଁ କାରଣରୁ ଅନାଗତ ବିଧାତାକୁ ବହୁତ ବୁଦ୍ଧିଆ ବୋଲି କୁହାଯାଇଛି ?

(i) ନାମ ଅନୁସାରେ ସ୍ୱଭାବ ହୋଇଥିବାରୁ । ☐

(ii) ସବୁ କଥାକୁ ଭାଗ୍ୟ ଉପରେ ଛାଡ଼ିଦେବା ଓ ଚିନ୍ତା ନ କରିବା କାରଣରୁ । ☐

(iii) ଭବିଷ୍ୟତର ସମ୍ଭାବିତ ସମସ୍ୟାଗୁଡ଼ିକୁ ସମାଧାନ କରିବା ପୂର୍ବରୁ ଚାଲିଯାଇଥିବା କାରଣରୁ । ☐

(iv) ପରିଶ୍ରମ ଓ ଚିନ୍ତାରୁ ରକ୍ଷାପାଇବାର ପ୍ରବୃତ୍ତି ହେତୁ । ☐

(ଖ) କେଉଟମାନଙ୍କର କଥାଶୁଣି ତିନି ମାଛ ସଭା କାହିଁକି କଲେ ?

(i) ଗପସପ କରିବାପାଇଁ । ☐

(ii) ନିଜର ପ୍ରାଣରକ୍ଷା ନିମିତ୍ତ କୌଣସି ଉପାୟ ବାହାର କରିବାପାଇଁ । ☐

(iii) କେଉଟମାନଙ୍କୁ ନିଜର ଜାଲରେ ପକାଇବାପାଇଁ । ☐

(iv) ପାଖରେ ଥିବା ଅନ୍ୟ ଏକ ପୋଖରୀକୁ ଯିବାପାଇଁ । ☐



https://withteachers.in/

(ଗ) ସୁଚତୁର ଜାଲରୁ ମୁକୁଳିଲା କିପରି ?

(i) ପୂର୍ବଦିନ ସେ ଅନ୍ୟ ପୋଖରୀକୁ ଚାଲିଗଲା ।

(ii) ସେ ହଲଚଲ ନ ହୋଇ ମଲାଙ୍କ ପରି ପଡ଼ି ରହିଲା ।

(iii) କେଉଟମାନେ ଜାଲ ଧୋଇବା ବେଳେ ଜାଲର ସୂତା ଛାଡ଼ି ପାଣି ଭିତରକୁ ଚାଲିଗଲା ।

(iv) କେଉଟଙ୍କ ହାତରୁ ଖସି ଚାଲିଗଲା ।

(ଘ) କେଉଟମାନଙ୍କର ଜାଲରେ କେଉଁକେଉଁ ମାଛ ପଡ଼ିଯାଇଥିଲେ ?

(i) ଅନାଗତ ବିଧାତା, ସୁଚତୁର ଓ ଅନ୍ୟସବୁ ବଡ଼ବଡ଼ ମାଛ ।

(ii) ସୁଚତୁର, ଦୀର୍ଘସୂତ୍ରୀ ଓ ଅନ୍ୟ ସବୁ ବଡ଼ବଡ଼ ମାଛ ।

(iii) ଦୀର୍ଘସୂତ୍ରୀ ଓ ଅନ୍ୟ ସବୁ ବଡ଼ବଡ଼ ମାଛ ।

(iv) ସୁଚତୁର, ଦୀର୍ଘସୂତ୍ରୀ ଓ ଅନାଗତବିଧାତା ।

**୨. 'କ' ସ୍ତମ୍ଭରେ ଥିବା ଶବ୍ଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସଂପର୍କିତ ଶବ୍ଦକୁ ମିଳାଅ ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସୁନ୍ଦର | ବୁଦ୍ଧିଆ |
| ଅନାଗତବିଧାତା | ଅଳସୁଆ |
| ସୁଚତୁର | ମାଛ |
| ବଡ଼ବଡ଼ | ତୀକ୍ଷ୍ଣ ବୁଦ୍ଧିଆ |
| ଦୀର୍ଘସୂତ୍ରୀ | ପୋଖରୀ |



https://withteachers.in/

## ଭାବ ଓ ଲେଖ

୧. ପ୍ରଥମରୁ ସୁଚତୁର ସମସ୍ୟାର ସମାଧାନ କରିବାକୁ ଆବଶ୍ୟକ ମନେକଲା ନାହିଁ କାହିଁକି ?

୨. ସବୁ ମାଛ ଭୟଭୀତ ହୋଇପଡ଼ିବାର କାରଣ କ'ଣ ଥିଲା ?

୩. "ଯିବା ତ ଏତେ ତରତର କାହିଁକି ?

୪. ଅନାଗତବିଧାତା କେଉଟମାନଙ୍କର ଯୋଜନାରୁ ରକ୍ଷାପାଇବାପାଇଁ କେଉଁ ଉପାୟ ପାଞ୍ଚିଥିଲା ?

୫. ସୁଚତୁର କେଉଟମାନଙ୍କଠାରୁ ରକ୍ଷାପାଇବାପାଇଁ କେଉଁ ଉପାୟ କରିଲା ?

## ଭାଷାର କଥା

୧. ଏହି କାହାଣୀରେ ଥିବା କିଛି ବିଶେଷ୍ୟ, ସର୍ବନାମ, ବିଶେଷଣ ଓ କ୍ରିୟାପଦ ତଳେଥିବା 'ଶବ୍ଦକୋଠରୀରେ' ରହିଅଛି । ଏଗୁଡ଼ିକୁ ଚିହ୍ନି ଦିଆଯାଇଥିବା ସଜାଇ ଲେଖ ।






https://withteachers.in/

| ବିଶେଷ୍ୟ | ସର୍ବନାମ | ବିଶେଷଣ | କ୍ରିୟା |
|---|---|---|---|
| -------------- | -------------- | -------------- | -------------- |
| -------------- | -------------- | -------------- | -------------- |
| -------------- | -------------- | -------------- | -------------- |
| -------------- | -------------- | -------------- | -------------- |
| -------------- | -------------- | -------------- | -------------- |

୨. ଏହି କାହାଣୀରେ ଆସୁଥିବା ଏକବଚନ ଓ ବହୁବଚନ ଶବ୍ଦଗୁଡିକୁ ଖୋଜି ନିମ୍ନରେ ଦିଆଯାଇଥିବା ତାଲିକାକୁ ପୂରଣ କର ।

| ଏକବଚନ | ବହୁବଚନ |
|---|---|
| କେଉଟ | କେଉଟମାନେ |
| ............................... | ସେମାନେ |
| ମାଛ | ............................... |
| ଲୋକ | ............................... |

୩. ତଳେ ଦିଆଯାଇଥିବା ଉପଯୁକ୍ତ ଚିହ୍ନଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।

ଟି   କୁ   ରୁ   ର   ରେ

(କ) ଏ ପୋଖରୀ ............. ବହୁତ ମାଛ ଅଛନ୍ତି ।

(ଖ) ଅନ୍ୟ ପୋଖରୀ ............ ଗଲେ ଆମଜୀବନ ରହିବ ।

(ଗ) ଅନ୍ଧାର ରାତି ହୋଇଥିବା ............. କିଛି ବିପଦ ପଡ଼ିଲା ନାହିଁ ।

(ଘ) ପାଣି ତଳେ ରହୁଥିବା ତିନୋ ............. ବଡମାଛଙ୍କ ଭିତରେ ବନ୍ଧୁତା ଥିଲା ।



https://withteachers.in/

୪. ତଳେ କେତେଗୁଡ଼ିଏ ବିରାମ ଚିହ୍ନ ଦିଆଯାଇଛି । ସେଗୁଡ଼ିକୁ ବ୍ୟବହାର କରି ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଆଉଥରେ ଲେଖିବା ।

? , । ! " " –

(କ) ସେମାନଙ୍କ ଜାଲ ପୂରିଗଲା

(ଖ) ହଉ ଯିବା ତ ଏତେ ତରତର କାହିଁକି

(ଗ) କାଲିଯାଏ ତ ଅଛି ସେମାନେ ଆସନ୍ତୁ ଏତେ ଶୀଘ୍ର କାହିଁକି ଆମେ ଏ ପୋଖରୀ ଛାଡ଼ିବା

(ଘ) ନିଦ ଭାଙ୍ଗିଲା କ୍ଷଣି ଦେଖିଲା ଜାଲ ଭିତରେ ସେ ବନ୍ଧା ହୋଇଛି



## ଅନୁମାନ ଓ କଳ୍ପନା

୧. ସୁଚତୁର କେଉଟମାନଙ୍କଠାରୁ ରକ୍ଷା ପାଇବାପାଇଁ ଯେଉଁ ଯୋଜନା କରିଥିଲା, ଯଦି ସେ ସେଥିରେ ସଫଳ ହୋଇ ନଥାନ୍ତା, ତେବେ ସେ ଆଉ କେଉଁ ଯୋଜନା କରିଥାନ୍ତା ?

୨. ତୁମେ କେବେ ସମୁଦ୍ର ଦେଖିଛ କି ? ଅନୁମାନ କରି କୁହ ଯେ ସମୁଦ୍ରକୁ ଏତେ ଅଧିକ ଜଳ କେଉଁଠାରୁ ଆସିଥାଏ ?

୩. ନିଜର ବୁଦ୍ଧି ହେତୁ ସୁଚତୁର କେଉଟମାନଙ୍କର ଜାଲରୁ ବର୍ତ୍ତିଗଲା । ଧରିନିଅ ସେ ପହଁରିପହଁରି ପାଖରେ ଥିବା ପୋଖରୀରେ ନିଜର ସାଙ୍ଗ ଅନାଗତବିଧାତା ପାଖରେ ପହଞ୍ଚିଗଲା । ଦୁହେଁ ନିଜନିଜ ଭିତରେ କ'ଣ କଥା ହୋଇଥିବେ, ତାହା ଖାତାରେ ଲେଖ ।






https://withteachers.in/

## କହିଲ ଦେଖି

୧. ତଳେ ପାଣିରେ ପହଁରୁଥିବା କେତେଗୁଡ଼ିଏ ମାଛଙ୍କୁ ଧ୍ୟାନର ସହିତ ଦେଖ, ସେମାନଙ୍କ ମଧ୍ୟରୁ କେଉଁ ଦୁଇଟି ପୂରାପୂରି ସମାନ, କୁହ ।




ଉତ୍ତର : ୨ ଓ ୪ ନମ୍ବର ମାଛ ସମାନ ।

## ପାଠାଗାରରୁ

୧. ତୁମ ବିଦ୍ୟାଳୟର ପାଠାଗାରକୁ ଯାଇ ପଞ୍ଚତନ୍ତ୍ର, ହିତୋପଦେଶ, ଇଶପ୍ କାହାଣୀ, ବୀରବଲ୍ କଥା, 'ଆରବରାତିର କାହାଣୀ', 'ତେନାଲିରାମା କାହାଣୀ' ବହି ଖୋଜି ପଢ଼ । ସେଥିରୁ ତୁମକୁ ଯେଉଁ କାହାଣୀ ଭଲ ଲାଗୁଛି, ତାକୁ ନିଜ ଶ୍ରେଣୀରେ ଅନ୍ୟମାନଙ୍କୁ ଶୁଣାଅ ।




https://withteachers.in/

## ତୁମ ପଢ଼ିବାପାଇଁ

# ହାତୀମଣିଷ ଲଢ଼େଇ



ବନ୍ଧା ଗାଁ ପାଖ ରାସ୍ତା କଡ଼ରେ ଲୋକଙ୍କ ଭିଡ଼ । କିଛି ବନକର୍ମଚାରୀ ଓ ଆଖପାଖ ଗ୍ରାମର ଲୋକେ ଏକାଠି ରୁଣ୍ଡ ହୋଇଥାନ୍ତି । ଲୋକଙ୍କ ମଝିରେ ପଡ଼ିଥାଏ ଗୋଟିଏ ଶବ । ସମସ୍ତେ କୁହାକୁହି ହେଉଥାନ୍ତି, ''ଚାଳିଶିଟିକିଆ ହାତୀ ଦଳର ଦନ୍ତାହାତୀଟା ଲୋକଟିକୁ କଚାଡ଼ି ମାରି ଦେଇଛି''। ମିଲନ୍ ପାଖ ବିଦ୍ୟାଳୟରୁ ତା' ବାପାଙ୍କ ସହିତ ମୋଟର ସାଇକେଲରେ ଘରକୁ ଫେରୁଥାଏ। ଭିଡ଼ ଦେଖି ମିଲନ୍‌ର ବାପା ସେଠାରେ ଟିକିଏ ଅଟକିଗଲେ । ଦନ୍ତାହାତୀ ଲୋକଟିକୁ ମାରି ଦେଇଛି ବୋଲି ଦୁହେଁ ଜାଣିଲେ ।



ମିଲନ୍ ବାପାଙ୍କୁ ଚାହିଁ ପ୍ରଶ୍ନ କଲା, "ବାପା, ହାତୀମାନେ ପରା ଜଙ୍ଗଲରେ ରହନ୍ତି ? ସେମାନେ କିପରି ଜଙ୍ଗଲ ଛାଡ଼ି ଏ ସହରପାଖ ଗାଁକୁ



ଆସିଲେ''? ବାପା କହିଲେ, ''ଏହାର କାରଣ ଅତି ସହଜ । ଆଗେ ସବୁଆଡ଼େ ଜଙ୍ଗଲ ପରିପୂର୍ଣ୍ଣ ହୋଇ ରହିଥିଲା । ସେଠାରେ ହାତୀ, ବାଘ, ସିଂହ, ଭାଲୁ, ମାଙ୍କଡ଼, ବାରହା, ହରିଣ, ସମ୍ବର, କୁଟୁରା ଓ ଠେକୁଆ ଆଦି ପଶୁ ମହାଆନନ୍ଦରେ ଅବସ୍ଥାନ କରୁଥିଲେ। ଜଙ୍ଗଲରୁ ପ୍ରଚୁର ଫଳମୂଳ, ଘାସ ଖାଇ ଓ ଝରଣାର ଥଣ୍ଡାପାଣି ପିଇ ଆରାମରେ ରହୁଥିଲେ। ହେଲେ ଏବେ ଆଉ କ'ଣ ସେ ଜଙ୍ଗଲ ଅଛି ! ଲୋକମାନେ ପ୍ରତିଦିନ ଜଙ୍ଗଲକାଟି ସଫା





https://withteachers.in/



କରିଦେଲେଣି । ପୁଣି କିଛି ଲୋକ ପୋଡୁଚାଷ କରିବାପାଇଁ ଜଙ୍ଗଲରେ ନିଆଁ ଲଗାଇଦେଉଛନ୍ତି । ଫଳରେ ଶହଶହ ଏକର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଉଛି । ଜଙ୍ଗଲରେ ରହୁଥିବା ନିରୀହ ପଶୁ ହାତୀ, ମାଙ୍କଡ଼, ବାର୍ହାମାନେ ଜୀବନ ବିକଳରେ କ'ଣ ବା ଆଉ କରିବେ ? ବାଧହୋଇ ଖାଦ୍ୟପାଇଁ ଗାଁ ଓ ସହରମୁହାଁ ହେଉଛନ୍ତି । କଦଳୀ, ଧାନ, ଆଖୁ, ମାଣ୍ଡିଆ, ଆଦି ଚାଷ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି । ବେଳେବେଳେ ଲୋକଙ୍କ ଘର ଭିତରେ ପଶି ତାଙ୍କ ହାବୁଡ଼ରେ ପଡୁଥିବା ଲୋକ ଓ ଗୃହପାଳିତପଶୁଙ୍କୁ କଚାଡ଼ି ମାରୁଛନ୍ତି । ସେଥିପାଇଁ ତ ଟି.ଭି ଖୋଲୁଖୋଲୁ ଦେଖିବାକୁ ମିଳୁଛି ଆଜି ଏ ଗାଁରେ ଦନ୍ତାହାତୀ ଦୁଇଜଣଙ୍କୁ ମାରିଲାଣି ତ ଗତକାଲି ସେ ଗାଁରେ ତିନିଜଣଙ୍କୁ ମାରିଥିଲା ।''





ମିଳନ୍ ବାପାଙ୍କ ମୁହଁକୁ ଜଳଜଳ କରି ଚାହିଁ ରହିଥାଏ । ବାପାଙ୍କୁ ପୁଣି ପଚାରିଲା, "ବାପା ! କ'ଣ କଲେ ଏମାନେ ଆମ ଗାଁ ବା ସହରକୁ ଆସନ୍ତେ ନାହିଁ ?" ମିଳନ୍ ପାଖରେ ଛିଡ଼ା ହୋଇଥିବା ବନକର୍ମଚାରୀ ମିଳନ୍‌ର ମୁଣ୍ଡକୁ ଆଉଁଶି ଦେଇ କହିଲେ, "ବାପା, ଭଲ ପ୍ରଶ୍ନଟିଏ ପଚାରିଲୁ । ମୁଁ ଯାହା କହୁଛି ମନଦେଇ ଟିକିଏ ଶୁଣ । ବର୍ତ୍ତମାନ ସମୟ ଆସିଛି, ଆମେ ସଭିଏଁ ସଚେତନ ହେବା । ଜଙ୍ଗଲ ଆଉ କାଟିବା ନାହିଁ ସମସ୍ତେ ମିଶି ଖାଲିଜାଗାମାନଙ୍କରେ ବୃକ୍ଷରୋପଣ କରିବା । ଗଛ ବଞ୍ଚିଲେ ଆମେ ବଞ୍ଚିବା, ପଶୁପକ୍ଷୀ ବଞ୍ଚିବେ, ବର୍ଷା ଠିକ୍ ସମୟରେ ହେବ । ଆମେ ପ୍ରଚୁର ଅମ୍ଳଜାନ ପାଇ ସୁସ୍ଥ ଜୀବନଯାପନ କରିବା । ମଣିଷ ଓ ପଶୁ-ପକ୍ଷୀ ସମସ୍ତେ





https://withteachers.in/

ଗଛରୁ ପ୍ରଚୁର ପରିମାଣରେ ଖାଦ୍ୟ ଓ ବସ୍ତ୍ର, ଔଷଧ ପାଇବେ। ଜଙ୍ଗଲରୁ ପଶୁମାନେ ସେମାନଙ୍କ ଆବଶ୍ୟକ ଖାଦ୍ୟ ପାଇଲେ ଆଉ ଗାଁ ଓ ସହରମୁହାଁ ହେବେ ନାହିଁ କି କୌଣସି ଧନଜୀବନ ନଷ୍ଟ କରିବେ ନାହିଁ।”



ବନକର୍ମଚାରୀଙ୍କ କଥା ମିଳନ୍‌ର ମନକୁ ପାଇଲା। ତା’ ବାପାଙ୍କୁ କହିଲ, “ବାପା! ଆସନ୍ତାକାଲି ତ ରବିବାର। ଆମେ ଘରପାଖ ଚାରାବଗିଚାକୁ ଯିବା ସେଠାରୁ ଚାରା ଆଣି ଆମ ଘର ଚାରିପାଖରେ ଥିବା ଖାଲି ଜାଗାରେ ଗଛ ଲଗାଇବା। ପ୍ରଥମେ ଆମ ଘରୁ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା। ସୋମବାର ଦିନ ମୁଁ ଆମ ଗୁରୁଜୀଙ୍କୁ କହିବି। ସବୁପିଲା ମିଶି ବିଦ୍ୟାଳୟ ହତାରେ ଗଛ ଲଗାଇବାକୁ ପ୍ରସ୍ତାବ ଦେବି। ଆମର ଲୋକବାଣୀରେ ପରା ଅଛି- “ଜମି ନ ରଖ ପଡ଼ିଆ, ଲଗା ପଣସ ନଡ଼ିଆ”। ଫରେଷ୍ଟରବାବୁ ମିଳନ୍‌ର ପ୍ରସ୍ତାବରେ ବହୁତ ଖୁସିହେଲେ। ତାକୁ ନିଜ ପକେଟରୁ ପାଞ୍ଚଶହ ଟଙ୍କା ପୁରସ୍କାର ଦେଇ କହିଲେ, “ତୁମ ଭଳି ମନ ସମସ୍ତଙ୍କର ହେଲେ ଏ ଭୂମି ଟାଙ୍ଗରା ନ ହୋଇ ଶସ୍ୟଶ୍ୟାମଳା ଓ ସବୁଜ ହୋଇ ପାରିବ। ହାତୀମାନେ ଜଙ୍ଗଲରୁ ଆଉ ଆସିବେ ନାହିଁ କି ମଣିଷ



❖❖❖



https://withteachers.in/


ପାଠ-୯

# ପଥର କହୁଛି କଥା

ଏଥର ଲୀନାର ମାଉସୀ ତାକୁ ଛୁଟିରେ ଅଜନ୍ତା ଓ ଏଲୋରା ବୁଲାଇ ଦେଖାଇବାକୁ କଥା ଦେଇଥିଲେ । ଲୀନା ବହିରୁ ଅଜନ୍ତା, ଏଲୋରା ବିଷୟରେ ପଢ଼ିଥିଲା । ଏହା ମହାରାଷ୍ଟ୍ର ରାଜ୍ୟରେ ଅବସ୍ଥିତ । ସେହିଦିନରୁ ଏହି ଗୁମ୍ଫାଗୁଡ଼ିକୁ ଦେଖିବା ପାଇଁ ତା'ମନରେ କୌତୂହଳ ଜାତ ହୋଇଥିଲା ।

ଦଶହରା ଛୁଟିରେ ଅଜନ୍ତା ଓ ଏଲୋରା ବୁଲି ଦେଖିବାକୁ ସୁଯୋଗ ମିଳିଲା । ରେଳଗାଡ଼ିରେ ବସି ସେ ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗର ଯାଏ ମାଉସୀଙ୍କ ସହିତ ଗଲା । ସମ୍ଭାଜୀନଗରରେ ପହଞ୍ଚିଲାବେଳକୁ ରାତି ହୋଇଯାଇଥାଏ । ଲୀନା ଓ ମାଉସୀ ଷ୍ଟେସନରେ ଥିବା ବିଶ୍ରାମଗୃହରେ ରାତି ବିତାଇଲେ । ପରଦିନ ବଡ଼ି ସକାଳୁ ଉଠି ନିତ୍ୟକର୍ମ ସାରି ସେମାନେ ବସ୍‌ରେ ଅଜନ୍ତା ଆଡ଼କୁ ବାହାରିଗଲେ । ସେଠାରୁ ଅଜନ୍ତା ପ୍ରାୟ ଶହେ କିଲୋମିଟର ବାଟ ।

ଅଜନ୍ତାରେ ପହଞ୍ଚି ଲୀନା ଯେଉଁ ଦୃଶ୍ୟ ଦେଖିଲା, ସେଥିରେ ତା'ର ମନ ଖୁସି ହୋଇଗଲା । ଗୋଟିଏ ପଟେ ଛୋଟିଆ ନଈଟିଏ ବହି ଯାଉଥିଲା । ନଈରେ ବଡ଼ବଡ଼ ପଥରଖଣ୍ଡ ପଡ଼ିଥିଲା । ନଈର ଦକ୍ଷିଣରେ ଗୋଟିଏ ପାହାଡ଼





https://withteachers.in/



ଉପରେ ଗୋଟିଏ ଧାଡ଼ିରେ ଅଣତିରିଶିଟି ଗୁମ୍ଫା ଥିଲା । ଏହି ଗୁମ୍ଫାଗୁଡ଼ିକର ମୁହଁ ପୂର୍ବଦିଗକୁ ହୋଇଥିବାରୁ ସକାଳର ସୂର୍ଯ୍ୟକିରଣ ତାହା ଭିତରେ ପଡୁଥିଲା । ଗୁମ୍ଫାର ଠିକ୍ ତଳେ ଗୋଟିଏ ପୋଖରୀ ତିଆରି କରାଯାଇଥିଲା, ଯେଉଁଥିରେ ପାଣି ଭରି ହୋଇଥିଲା । ଘାଟିରେ ରଙ୍ଗବେରଙ୍ଗର ଫୁଲ ହସିଉଠୁଥିଲେ । ଗୁମ୍ଫାଗୁଡ଼ିକୁ ବୁଲି ଦେଖିବାପାଇଁ ଲୀନା ମାଉସୀଙ୍କ ସହିତ ଭିତରକୁ ଗଲା । ଗୁମ୍ଫାଗୁଡ଼ିକର ଭିତର କାନ୍ଥମାନଙ୍କରେ ଖୁବ୍ ସୁନ୍ଦର ଚିତ୍ର ହୋଇଥିବାର ସେ ଦେଖିଲା । ଗୌତମବୁଦ୍ଧ ଘର ଛାଡ଼ି ତପସ୍ୟା କରିବାକୁ ଯିବା, ବୌଦ୍ଧଭିକ୍ଷୁମାନଙ୍କୁ ଉପଦେଶ ଦେବା, ସାଧୁରୂପରେ ଭିକ୍ଷା ମାଗିଯିବା ଆଦିର ଚିତ୍ର ଖୁବ୍ ଜୀବନ୍ତ ଥିଲା । ଏହାଛଡ଼ା ଗଛଲତା, ପଶୁପକ୍ଷୀ, ବିଭିନ୍ନ ଭଙ୍ଗୀରେ ଥିବା ନାରୀମାନଙ୍କର ଚିତ୍ର ମଧ୍ୟ ଶୋଭା ପାଉଥିଲା । ସେ ସବୁକୁ ଦେଖିବା ମାତ୍ରେ ଲୀନାର ମୁହଁରୁ ବାହାରି ପଡ଼ିଲା, "ବାଃ !" ସେହି ସବୁ ଚିତ୍ରରେ ଖୁବ୍ ସୁନ୍ଦର ରଙ୍ଗ ଦିଆଯାଇଥିଲା । ହଜାରହଜାର ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ରଙ୍ଗ ଫିକା ପଡ଼ି ନାହିଁ ।

ମାଉସୀ କହିଲେ, "ବୁଝିଲୁ ଲୀନା ! ଏହି ଗୁମ୍ଫାଗୁଡ଼ିକ ପ୍ରାୟ ଦୁଇହଜାର ବର୍ଷର ପୁରୁଣା ।"

ଲୀନା ଆଶ୍ଚର୍ଯ୍ୟ ହୋଇ କହିଲା, "ଦୁଇହଜାର ବର୍ଷ ! ଆଉ ଆଜି ମଧ୍ୟ ଏହାର ରଙ୍ଗ ସେମିତି ରହିଛି କିପରି ?"

ମାଉସୀ କହିଲେ, "ସେହି ପୁରାତନ ସମୟରେ ରଙ୍ଗ ତିଆରି କରିବାର ଶୈଳୀ ଖୁବ୍ ଅଦ୍ଭୁତ ଥିଲା । କୁହାଯାଏ ଯେ ସେହି ସମୟରେ ଏହି ରଙ୍ଗ କେତେକ ଗଛର ପତ୍ର, ଚେରମୂଳି, ଫୁଲମାନଙ୍କରୁ ତିଆରି କରାଯାଉଥିଲା ।"

ଲୀନା ଅପଲକ ନୟନରେ ସେହି ଚିତ୍ରଗୁଡ଼ିକୁ ଦେଖୁଥାଏ । ଚିତ୍ରମାନଙ୍କରେ ହାତର ମୁଦ୍ରା, ଆଖିର ଭାବ, ଅଙ୍ଗର ଭଙ୍ଗୀ, ମୁହଁରେ ସୁଖଦୁଃଖର ଭାବ ତଥା କୁଞ୍ଚନ ସବୁକିଛି ଅତ୍ୟନ୍ତ ଅଦ୍‌ଭୁତ ଥିଲା । ପଥର ଦେହରେ ଏମିତି



https://withteachers.in/

ଜୀବନ୍ତ ଚିତ୍ର ଥିଲା ଯେ ସତେଯେମିତି ସେଗୁଡ଼ିକ କଥାବାର୍ତ୍ତା ହେବା ପରି ଲାଗୁଥିଲା । କେତେକ ଗୁମ୍ଫା ଖୁବ୍ ଲମ୍ବା-ଚଉଡ଼ା ଥିଲା । ଆଉ କିଛି ଛୋଟ ଥିଲା । ଏହି ଗୁମ୍ଫାଗୁଡିକ ପାହାଡ଼ମାନଙ୍କୁ କାଟି ତିଆରି କରାଯାଇଥିଲା ।

ଏହା ଦେଖି ଲୀନା ସବୁଠୁ ଅଧିକ ଆଶ୍ଚର୍ଯ୍ୟହେଲା । ଏହି ଗୁମ୍ଫାଗୁଡ଼ିକରେ ଥିବା ମୂର୍ତ୍ତିଗୁଡ଼ିକ ମଧ୍ୟ ପଥରକୁ କାଟି ତିଆରି କରାଯାଇଥିଲା ।

ଅଜନ୍ତାର ଗୁମ୍ଫାଗୁଡ଼ିକୁ ଦେଖିସାରି ଲୀନା ଓ ମାଉସୀ ସମ୍ଭାଜୀନଗର ଫେରି ଆସିଲେ । ସେଠାରୁ ସେମାନେ ପରଦିନ ବସ୍‌ଯୋଗେ ଏଲୋରା ଗୁମ୍ଫା ଦେଖିବାକୁ ଗଲେ । ସମ୍ଭାଜୀନଗରରୁ ଏଲୋରା ପ୍ରାୟ ଚାଳିଶ କିଲୋମିଟର ଦୂର ।

ଏଲୋରାରେ ପହଞ୍ଚି ଲୀନା ଦେଖିଲା ଯେ ପାହାଡଗୁଡ଼ିକୁ କାଟି ପ୍ରାୟ ତିରିଶଟି ମନ୍ଦିର ତିଆରି କରାଯାଇଛି । ଏହି ମନ୍ଦିରମାନଙ୍କରେ ବହୁତ ସୁନ୍ଦର ମୂର୍ତ୍ତି ଦେଖିବାକୁ ମିଳିଲା । ଏହି ମୂର୍ତ୍ତିଗୁଡ଼ିକ ଖାଲି ବୌଦ୍ଧଧର୍ମ ସମ୍ବନ୍ଧୀୟ ନ ଥିଲା । ବରଂ ଏଥିମଧ୍ୟରୁ କେତେକ ହିନ୍ଦୁ ଓ ଜୈନଧର୍ମ ସମ୍ବନ୍ଧୀୟ ଥିଲା ।






https://withteachers.in/

ଏହି ମୂର୍ତ୍ତିଗୁଡ଼ିକର କାରିଗରୀ ଓ କୌଶଳ ଦେଖିଲା ଭଳି ତିଆରି ହୋଇଥିଲା । ପଥରଗୁଡ଼ିକୁ କାଟି ବଡ଼ବଡ଼ ପ୍ରାସାଦ ଓ ମୂର୍ତ୍ତି ଗଢ଼ାଯାଇଥିଲା । ଲୀନା ସେଗୁଡିକୁ ଦେଖି ଆଶ୍ଚର୍ଯ୍ୟ ହେଲା । କୈଳାସ ମନ୍ଦିରକୁ ଦେଖାଇ ମାଉସୀ କହିଲେ, "ଲୀନା ! ଏଇଟି ଖୁବ୍ ବିଖ୍ୟାତ ମନ୍ଦିର । ପୂରା ମନ୍ଦିରଟି ଗୋଟିଏ ଉଚ୍ଚ ପାହାଡ଼ର ଉପର ଆଡକୁ କଟାଯାଇ ତିଆରି କରାଯାଇଛି । ଦେଖ, ଗୋଟିଏ ପଥରରେ ତିଆରି ଏତେ ବଡ ଓ ସୁନ୍ଦର ପ୍ରାସାଦ କେଡ଼େ ଅଦ୍ଭୁତ ହୋଇଛି ।"

ଲୀନା ଆଶ୍ଚର୍ଯ୍ୟ ହୋଇ କହିଲା, "ଅଦ୍ଭୁତ ! ଏହା ଗର୍ବର ବିଷୟ ଯେ ହଜାରହଜାର ବର୍ଷ ପୂର୍ବରୁ ଆମ ଦେଶରେ କଳା ଓ ସ୍ଥାପତ୍ୟର ବିକାଶ ହୋଇ ସାରିଥିଲା । ବାସ୍ତବିକ ଏହା ଭାରତୀୟ କଳା ଓ ସ୍ଥାପତ୍ୟର ନମୁନା", ଅଜନ୍ତା ଓ ଏଲୋରାକୁ ଦେଖିସାରି ଲୀନା ଆଉ ମାଉସୀ ଫେରି ଆସିଲେ । ହେଲେ ଲୀନାର ମନରେ ଏବେ ମଧ୍ୟ ସେହି ଅତୁଳନୀୟ କାରୁକାର୍ଯ୍ୟ ଲାଖି ରହିଥିଲା । ସତେ ଯେମିତି ପଥରଗୁଡ଼ିକ ତା' ମନ ମଧ୍ୟରେ କଥା କହିବା ପରି ଲାଗୁଥିଲା ।





https://withteachers.in/



## ଆସ କଥା ହେବା

୧. ତୁମ ବିଦ୍ୟାଳୟର ବିଭିନ୍ନ ଛୁଟିରେ ତୁମେ କେଉଁ ସ୍ଥାନକୁ ବୁଲିବାକୁ ଯାଅ ?

୨. ଅଜନ୍ତା ଓ ଏଲୋରାର ଗୁମ୍ଫାଗୁଡିକର ଭିତର କାନ୍ଥମାନଙ୍କରେ ଖୁବ୍ ସୁନ୍ଦର ଚିତ୍ର ତିଆରି ହୋଇଥିଲା । ତୁମର ଘର ଓ ଘରର ଆଖପାଖରେ କି କି ଚିତ୍ର ତିଆରି ହୋଇଛି ?

୩. ତୁମ ଘରେ କେଉଁଠି କି କି ଚିତ୍ର କରାଯାଇଥାଏ ? (ଯେମିତି-କାଗଜରେ, ମାଟି ଉପରେ, କାନ୍ଥମାନଙ୍କରେ, ମାଟିର ବସ୍ତୁମାନଙ୍କରେ କନା ଉପରେ ଇତ୍ୟାଦି)

୪. ଗୁମ୍ଫା ଗୁଡିକର ଚିତ୍ରକୁ ଦେଖିଲା ମାତ୍ରେ ଲୀନାର ମୁହଁରୁ "ବାଃ" କାହିଁକି ବାହାରିଥିଲା ? ତୁମର ମୁହଁରୁ ସେପରି କେବେ କେବେ "ବାଃ" ବାହାରିଛି କି ? କାହିଁକି ?



## ପାଠରୁ

**ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରାଚିହ୍ନ (★) ଦିଅ ।**

୧. ଲୀନା ଅଜନ୍ତା ଓ ଏଲୋରା ଯିବାପାଇଁ କାହିଁକି ଉତ୍ସାହିତ ଥିଲା ?

(କ) ସେ ପ୍ରଥମ ଥର ଉଡ଼ାଜାହାଜରେ ଯାତ୍ରା କରୁଥିଲା । ☐

(ଖ) ସେ ଗୁମ୍ଫାମାନଙ୍କ ବିଷୟରେ ବହିରୁ ପଢ଼ିଥିଲା । ☐

(ଗ) ତାକୁ ମାଉସୀଙ୍କଠାରୁ ଗୋଟିଏ ନୂଆ ଖେଳଣା ମିଳିବାର ଥିଲା । ☐

(ଘ) ସେ ଅଜନ୍ତା ଓ ଏଲୋରା ବିଷୟରେ ସାଙ୍ଗମାନଙ୍କଠାରୁ ଶୁଣିଥିଲା । ☐

୨. ଅଜନ୍ତା ଓ ଏଲୋରା ଦେଖି ଲୀନାକୁ କେମିତି ଲାଗିଲା ?

(କ) ସେ ନିରାଶ ହେଲା । ☐

(ଖ) ସେ ଆଶ୍ଚର୍ଯ୍ୟ ହେଲା । ☐

(ଗ) ସେ ଦୁଃଖିତ ହେଲା । ☐

(ଘ) ସେ ଉଦାସ ହୋଇଗଲା । ☐



https://withteachers.in/

୩. ଅଜନ୍ତା ଗୁମ୍ଫାମାନଙ୍କରେ ଲାଗିଥିବା ରଙ୍ଗ ଏତେ ବର୍ଷ ପରେ ମଧ୍ୟ କାହିଁକି ଫିକା ପଡ଼ି ନ ଥିଲା ?

(କ) ସେଗୁଡ଼ିକ ବିଶେଷ ଧରଣର କାଗଜରେ ତିଆରି ହୋଇଥିଲା ।

(ଖ) ଚିତ୍ର ଗୁଡ଼ିକରେ ପ୍ରତିବର୍ଷ ପୁଣି ନୂଆରଙ୍ଗ ଦିଆଯାଉଥିଲା ।

(ଗ) ସେଗୁଡ଼ିକ ପତ୍ର, ଫୁଲ ଓ ବିଭିନ୍ନ ପ୍ରାକୃତିକ ସାମଗ୍ରୀରେ ତିଆରି ହୋଇଥିଲା ।

(ଘ) ସେ ସବୁଗୁମ୍ଫା ବହୁତ ଥଣ୍ଡା ସ୍ଥାନରେ ଥିଲା ।

୪. ଯାତ୍ରାରୁ ଫେରିଲା ପରେ ମଧ୍ୟ ଲୀନାର ସେହି କଳାକୃତିଗୁଡ଼ିକ ବାରମ୍ବାର କାହିଁକି ମନେ ପଡୁଥିଲା ?

(କ) ସେ ନିଜର ପାଠ୍ୟପୁସ୍ତକରୁ ତା'ବିଷୟରେ ପଢ଼ିଥିଲା ।

(ଖ) ମାଉସୀ କଥା ଦେଇଥିଲେ ଯେ ସେମାନେ ପୁଣିଥରେ ସେଠାକୁ ଯିବେ ।

(ଗ) ଯାତ୍ରାଟି ବହୁତ ଦୀର୍ଘ ଥିଲା, ତେଣୁ ତା'ର ମନେ ପଡୁଥିଲା ।

(ଘ) ଗୁମ୍ଫାଗୁଡ଼ିକର ସମସ୍ତ କଳାକୃତି ଖୁବ୍ ଜୀବନ୍ତ ଓ ଆକର୍ଷଣୀୟ ଥିଲା ।

ଏବେ ତୁମ ଦଳରେ ଆଲୋଚନା କରି ବୁଝ ଯେ କିଏ କେଉଁ ଉତ୍ତର ବାଛିଛନ୍ତି ଆଉ କାହିଁକି ?



## ଭାବ ଓ ଲେଖ

ତଳେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ନିଜ ଖାତାରେ ଲେଖ ।

୧. ଅଜନ୍ତାରେ ଲୀନା କ'ଣ ଦେଖିଲା ?

୨. କୈଳାସ ମନ୍ଦିର ବିଷୟରେ କେଉଁ କଥାଟି ତୁମକୁ ଅଧିକ ଆଶ୍ଚର୍ଯ୍ୟ ଲାଗିଲା ?

୩. ମାଉସୀ ଛୋଟ ଓ ବଡ଼ ଗୁମ୍ଫା ବିଷୟରେ କ'ଣ କହିଲେ ?

୪. ଅଜନ୍ତାର ଗୁମ୍ଫାଗୁଡ଼ିକର ମୁହଁ ପୂର୍ବଦିଗକୁ କରାଯାଇଛି, ତା'ର କାରଣ କ'ଣ ?

୫. ଅଜନ୍ତା ଓ ଏଲୋରା ବୁଲିଯିବାକୁ ହେଲେ ତୁମେ କିପରି ଯିବ ?



## ଅନୁମାନ ଓ କଳ୍ପନା

୧. ଯଦି ଅଜନ୍ତାର କାନ୍ଥଗୁଡ଼ିକର ଚିତ୍ର କଥା କହିପାରୁଥାନ୍ତେ, ତେବେ ଆମକୁ କେଉଁ କାହାଣୀ ଶୁଣାଇଥାନ୍ତେ ?

୨. ଧରିନିଅ ତୁମେ ହଜାର ହଜାର ବର୍ଷ ପୂର୍ବରୁ ଜନ୍ମ ନେଇଥିଲ । ତୁମକୁ ଅଜନ୍ତାର ଗୁମ୍ଫାମାନଙ୍କରେ ଏକ ନୂଆ ଚିତ୍ର ତିଆରି କରିବାକୁ ସୁଯୋଗ ମିଳିଛି । ତୁମେ କ'ଣ ତିଆରି କରିବ, କାହିଁକି ?



https://withteachers.in/



## ଭାଷାର କଥା

୧. ପାଠରୁ କିଛି ଶବ୍ଦ ବାଛି ତଳେ ଦିଆଯାଇଛି । ତା'ର ଅର୍ଥ ଡାହାଣ ପଟେ ରଖାଯାଇଛି । ଶବ୍ଦକୁ ଠିକ୍ ଅର୍ଥ ସହିତ ଗାରଟାଣି ଯୋଡ଼ ।

| ଶବ୍ଦ | ଅର୍ଥ |
|---|---|
| ଶିଳାଖଣ୍ଡ | କନ୍ଦରା, ଗୁହା |
| ଗୁମ୍ଫା | ସନ୍ନ୍ୟାସୀ, ଭିକାରୀ |
| କୁଣ୍ଡ | କୋଠାଘର, ଅଟ୍ଟାଳିକା |
| ଭିକ୍ଷୁ | ଚଟାଣ, ପଥର |
| ପ୍ରାସାଦ | ଜଳାଧାର, ଜଳାଶୟ |

୨. **'ଲୀନା ଓ ମାଉସୀ ଷ୍ଟେସନରେ ଥିବା ବିଶ୍ରାମଗୃହରେ ରାତି ବିତାଇଲେ ।'**

ଏଠାରେ 'ବିଶ୍ରାମଗୃହ' ଶବ୍ଦଟି ଦୁଇଟି ଶବ୍ଦର ମିଳନରେ ତିଆରି ହୋଇଛି- 'ବିଶ୍ରାମ' ଓ 'ଗୃହ' ।

ବିଶ୍ରାମର ଅର୍ଥ- ଆରାମ । ଗୃହର ଅର୍ଥ- ଘର ।

ଏଣୁ ବିଶ୍ରାମଗୃହର ଅର୍ଥ ହେଲା- ଆରାମ କରିବାର ଘର ବା ସ୍ଥାନ ।

ଏଇ ପାଠରେ ଏହିପରି କିଛି ଶବ୍ଦ ରହିଛି, ସେଗୁଡ଼ିକୁ ଖୋଜି ତା'ର ଅର୍ଥ ସହିତ ନିଜ ଖାତାରେ ଲେଖ ।

---------------------------------------------------------------------

---------------------------------------------------------------------

୩. **"ଲୀନା <u>ଅପଲକ ନୟନ</u>ରେ ସେହି ଚିତ୍ରଗୁଡ଼ିକୁ ଦେଖୁଥାଏ ।"**

ଉପରେ ଦିଆଯାଇଥିବା ରେଖାଙ୍କିତ ଶବ୍ଦଟିର ଅର୍ଥ ହେଲା- **ପଲକ ନ ପଡ଼ି**

ସେହିପରି କେତେକ ଶବ୍ଦ ତଳେ ଦିଆଗଲା । ସେଗୁଡ଼ିକର ଅର୍ଥ ବୁଝି ବାକ୍ୟରେ ପ୍ରୟୋଗ କର ।

ରଙ୍ଗବେରଙ୍ଗ, ଅଦ୍‌ଭୁତ, କମନୀୟତା, କାରିଗରୀ, ଅତୁଳନୀୟ ।



https://withteachers.in/

**୪. 'ଏମିତି ଜୀବନ୍ତ ଚିତ୍ରଥିଲା ଯେ ସତେ ଯେମିତି ଏବେ କଥା କହି ହେବା ପରି ଲାଗୁଥିଲା ।'**

'ଏହି ମୂର୍ତ୍ତିଗୁଡ଼ିକର କାରିଗରି ଦେଖିଲାଭଳି ତିଆରି ହୋଇଥିଲା ।'

ରେଖାଙ୍କିତ ବାକ୍ୟାଂଶକୁ ଦେଖ, ସେହିପରି ତଳେ ଦିଆଯାଇଥିବା ବାକ୍ୟାଶଂକୁ ନେଇ ବାକ୍ୟଗଠନ କର ।

| | |
|---|---|
| ଆଶ୍ଚର୍ଯ୍ୟ ହୋଇ ରହିଯିବା | ଏଇଟା ଯେପରି ସ୍ୱପ୍ନ ଅଟେ |
| ଦୃଷ୍ଟିକୁ ଏଡ଼ାଇ ନ ପାରିବା | ମନକୁ ଛୁଇଁଯିବା |
| ମନ ମୋହିନେବା | ଦୃଶ୍ୟ ଭୁଲି ନ ପାରିବା |
| ପ୍ରଶଂସାର ଯୋଗ୍ୟ ହେବା | କଳ୍ପନାରୁ ବାହାରେ ହେବା |
| | ଦୃଷ୍ଟି ଅଟକିଯିବା |

୫. ତଳେ ଏକ ଶବ୍ଦଖେଳ ଦିଆଯାଇଛି । ପ୍ରତି କୋଠରିରେ ଗୋଟିଏ ଅକ୍ଷର ରହିଛି । ତା'ମଧ୍ୟରେ କେତେକ ବିଶେଷଣ ପଦ ଲୁଚି ରହିଛି । ସେହି ପଦଗୁଡ଼ିକୁ ଖୋଜ ଓ ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।


| | | | | | |
|---|---|---|---|---|---|
| ଅ | ଦ୍ | ଭୁ | ତ | ମ | ଛୋ |
| ସ | ସୁ | ନ୍ଦ | ର | ନୋ | ଟ |
| ନା | କ | ଠି | ନ | ର | ପ୍ର |
| ଟ | ସ | ଜୀ | ବ | ମ | ସି |
| ବ | ବି | ଶା | ଳ | ଚୃ | ଦ୍ଧ |
| ଡ଼ | ର | ଙ୍ଗ | ବେ | ର | ଙ୍ଗ |



https://withteachers.in/

## ଚିତ୍ରର ବର୍ଣ୍ଣନା

ତୁମେ ଏହି ପାଠରୁ ଅଜନ୍ତାର ଚିତ୍ରଗୁଡ଼ିକ ବିଷୟରେ ସୁନ୍ଦର ବର୍ଣ୍ଣନା ପଢ଼ିଲ । ତଳେ ଅଜନ୍ତାର ଗୋଟିଏ ପ୍ରସିଦ୍ଧ ଚିତ୍ର ଦିଆଯାଇଛି । ଏହାର ବର୍ଣ୍ଣନା ତୁମ ନିଜ ଭାଷାରେ ଖାତାରେ ଲେଖ ।






https://withteachers.in/

# ମାନଚିତ୍ର

ତୁମେ ଏହି ପାଠରେ ଅଜନ୍ତାର ବର୍ଣ୍ଣନା ପଢ଼ିଲ । ତଳେ ଅଜନ୍ତାର ଗୋଟିଏ ମାନଚିତ୍ର ଦିଆଯାଇଛି । ଏହି ବର୍ଣ୍ଣନା ଓ ମାନଚିତ୍ରର ସହାୟତାରେ ତଳେ ଦିଆ ଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜ –




୧. ଏଥିରେ ଥିବା ନଦୀର ନାମ କ'ଣ ?

୨. ଏଥିରେ ମୋଟରେ କେତୋଟି ଗୁମ୍ଫା ଦେଖାଇ ଦିଆଯାଇଛି ?

୩. ଚାରିଦିଗ ମଧ୍ୟରୁ ଏଥିରେ କେଉଁ ଦିଗର ସଂକେତ ଦିଆଯାଇଛି ?

୪. 'ତୁମେ ଏଠାରେ ଅଛ' ଏହାଦ୍ୱାରା କେଉଁ ଉଦ୍ଦେଶ୍ୟ ରହିଛି ?

୫. ଚିତ୍ରରେ ଥିବା କୁଣ୍ଡର ନାମ କ'ଣ ?



https://withteachers.in/



## ଆସ ମାପିବା

ତୁମେ ଦଳରେ ମିଶି ଶ୍ରେଣୀରେ ଏହାକୁ ମାପଫିତା ସାହାଯ୍ୟରେ ଦୈର୍ଘ୍ୟ ମାପ ଓ ଲେଖ –

୧. ଶ୍ରେଣୀର ଦୈର୍ଘ୍ୟ – ...........................................................................

୨. ଶ୍ରେଣୀର ଓସାର – ...........................................................................

୩. କବାଟର ଓସାର – ...........................................................................

୪. ଝରକାର ଓସାର – ...........................................................................

୫. କଳାପଟାର ଦୈର୍ଘ୍ୟ ଓ ପ୍ରସ୍ଥ – ...........................................................................



## ରଙ୍ଗର ଦୁନିଆ

ତୁମେ ପାଠରୁ ପଢ଼ିଲ, ରଙ୍ଗଗୁଡ଼ିକୁ ପ୍ରାକୃତିକ ବସ୍ତୁକୁ ବ୍ୟବହାର କରି ତିଆରି କରାଯାଇପାରେ । ତଳେ ରଙ୍ଗ ତିଆରିର କିଛି ନିୟମ ଦିଆଯାଇଛି । ନିଜେ ଅଭିଭାବକଙ୍କ ସାହାଯ୍ୟରେ ଏହାର ପରୀକ୍ଷା କରି ତୁମେ ମଧ୍ୟ ପ୍ରାକୃତିକ ରଙ୍ଗ ତିଆରି କରିପାରିବ –

**ସବୁଜରଙ୍ଗ**

**ସାମଗ୍ରୀ :–** ପାଳଙ୍ଗ, ମେହେନ୍ଦୀ, ପୋଦିନା ବା ସବୁଜ ଧନିଆ, ପାଣି

**ନିୟମ :–** ପାଳଙ୍ଗପତ୍ରକୁ ପାଣିରେ ଫୁଟାଅ, ତା'ପରେ ବାଟିଦିଅ । ଏହି ମିଶ୍ରଣକୁ ଛାଣି ଗାଢ଼ ସବୁଜରଙ୍ଗ ତିଆରି କରାଯାଇପାରେ । ପୋଦିନା, ଧନିଆଁ ଓ ପାଳଙ୍ଗପତ୍ରକୁ ଖରାରେ ଶୁଖାଇ, ତାକୁ ଗୁଣ୍ଡକରି ତୁମେ ସବୁଜରଙ୍ଗ ତିଆରି କରିପାରିବ ।



https://withteachers.in/

### ହଳଦିଆରଙ୍ଗ

**ସାମଗ୍ରୀ :-** ହଳଦୀ ପାଉଡର, ପାଣି

**ନିୟମ :-** ଗୋଟିଏ ଚାମଚ ହଳଦୀ ପାଉଡ଼ରରେ କିଛି ପାଣି ମିଶାଅ ଓ ତାକୁ ଭଲ ଭାବରେ ଘୋଳ କର । ହଳଦୀ ରଙ୍ଗ ଗାଢ଼ ହଳଦିଆ ହୋଇଥାଏ । ଏଥିରେ ତୁମେ ଚିତ୍ରପାଇଁ ସହଜରେ ବ୍ୟବହାର କରି ପାରିବ ।

### ଲାଲରଙ୍ଗ

**ସାମଗ୍ରୀ :-** ବିଟ୍, ପାଣି

**ନିୟମ :-** ବିଟ୍‌କୁ ଛୋଟଛୋଟ ଖଣ୍ଡକରି ପାଣିରେ ଫୁଟାଅ। ଏହାପରେ ଏହାକୁ ଥଣ୍ଡା ହେବାକୁ ଦିଅ। ପୁଣି ବାଟିଦେଇ ଛାଣିନିଅ। ଏଥିରୁ ଲାଲରଙ୍ଗ ମିଳିଯିବ । ତୁମେ ଏହାକୁ ପାଣି ସହିତ ପତଳା କରି ରଙ୍ଗ ରୂପରେ ବ୍ୟବହାର କରିପାର।

### ନୀଳରଙ୍ଗ

**ସାମଗ୍ରୀ :-** ବନ୍ଧାକୋବି ଓ ଖାଇବା ସୋଡ଼ା।

**ନିୟମ :-** ବନ୍ଧାକୋବିର ପତ୍ରକୁ ଶୁଖାଇବା। ତାକୁ ଗୁଣ୍ଡକରି ଖାଇବା ସୋଡ଼ାରେ ଫେଣ୍ଟିଲେ ଏଇ ରଙ୍ଗ ବାହାରିବ।

### ମାଟିଆରଙ୍ଗ

**ସାମଗ୍ରୀ :-** କଫି ପାଉଡର ବା ଚାହାର ପତି, ପାଣି ।

**ନିୟମ :-** କିଛି କଫି ପାଉଡର ବା ଚାହାପତିକୁ ପାଣିରେ ଫୁଟାଅ । ଏହାକୁ ଥଣ୍ଡା କରି ପ୍ରୟୋଗ କରିନିଅ । ଏଥିରେ ମାଟିଆରଙ୍ଗ ତିଆରି ହେବ ।



## ପାଠାଗାରରୁ


ତୁମେ ଏହି ପାଠରୁ ଅଜନ୍ତା-ଏଲୋରା ବିଷୟରେ ପଢ଼ିଲ ଆଉ ତାହା ବିଷୟରେ ଜାଣିଲ । ଏବେ ତୁମେ ଭାରତ ତଥା ଓଡ଼ିଶାର ଅନ୍ୟ ଦର୍ଶନୀୟସ୍ଥାନ ବିଷୟରେ ନିଜର ପାଠାଗାରରୁ ଖୋଜାଖୋଜି କର । ସେ ବିଷୟରେ ପଢ଼ । ଏଥିସହିତ ଶ୍ରେଣୀରେ ଏ ବିଷୟରେ ଆଲୋଚନା କର ।



https://withteachers.in/

## ଧନ୍ୟବାଦ ପତ୍ର

ଲୀନାର ମାଉସୀ ତାକୁ ଅଜନ୍ତା ଓ ଏଲୋରାର ଗୁମ୍ଫାଗୁଡ଼ିକ ଦେଖାଇଲେ । ଏହି କାରଣରୁ ଲୀନା ନିଜର ମାଉସୀକୁ ଏକ ଧନ୍ୟବାଦ ପତ୍ର ଲେଖିଥିଲା । ଏବେ ତୁମେ ମଧ୍ୟ ନିଜର କୌଣସି ସଂପର୍କୀୟଙ୍କୁ ଧନ୍ୟବାଦ ପତ୍ର ଲେଖ ।



ପୂଜ୍ୟ / ପ୍ରିୟ ............

ସ୍ଥାନ-

ତାରିଖ-

---------------------------------------------------------

---------------------------------------------------------

---------------------------------------------------------

---------------------------------------------------------

---------------------------------------------------------

ତୁମର ...................

............................

## ଆମର ଐତିହ୍ୟ

ଆମ ଦେଶରେ ଅନେକ ସୁନ୍ଦର ଐତିହାସିକ ସ୍ମାରକସ୍ଥଳ ଓ କଳାକୃତି ରହିଛି । ଏଗୁଡ଼ିକ ଆମ ଦେଶର ସୌନ୍ଦର୍ଯ୍ୟ ଓ ଗୌରବ ବଢ଼ାଇଥାଏ । ଏହାର ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବା ଆମର ଦାୟିତ୍ୱ । ଏହି ସ୍ମାରକୀସ୍ଥଳକୁ ଛୁଇଁଲେ । ଏହାର କାନ୍ଥକୁ ଗାରେଇଲେ ବା ଏଥିରେ କିଛି ଆଙ୍କିଲେ ଏଗୁଡ଼ିକର ସୌନ୍ଦର୍ଯ୍ୟ ହାନି ହୋଇଥାଏ । ଏଥିପାଇଁ ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଭ୍ରମଣ କରିବାବେଳେ ଆମେ ସାବଧାନ ରହିବା ଉଚିତ୍ ।




https://withteachers.in/



## ତୁମର ମତାମତ

ତୁମେ କେବେ ରେଳଗାଡ଼ିରେ ଯାତ୍ରା କରିଛ କି ? ନିଜର କୌଣସି ରେଳଯାତ୍ରାର କିଛି ଅନୁଭୂତିକୁ ପ୍ରକାଶ କର । ଯଦି ତୁମେ ରେଳଯାତ୍ରା କରିନାହଁ, ତେବେ ନିଜର କୌଣସି ବନ୍ଧୁ ବା ପରିବାରର ସଦସ୍ୟଙ୍କର ରେଳଯାତ୍ରାର ଅନୁଭୂତିକୁ ତାଙ୍କ ଠାରୁ ଶୁଣି ଲେଖିପାରିବ ।






https://withteachers.in/

## ତୁମର ଚିତ୍ର

ସଂଖ୍ୟାଗୁଡ଼ିକୁ ଯୋଡ଼ି ଚିତ୍ରଟିକୁ ସଂପୂର୍ଣ୍ଣକର । ଏଥିରେ ନିଜ ମନପସନ୍ଦର ରଙ୍ଗଦିଅ ।






https://withteachers.in/

## ତୁମ ପଢ଼ିବାପାଇଁ

# ସୀତାବିଞ୍ଜି




କେନ୍ଦୁଝର-କଟକ ରାସ୍ତାରେ ଢେଙ୍କିକୋଟଠାରୁ ପାଞ୍ଚ କି.ମି ପୂର୍ବରୁ ଡାହାଣ ପଟରେ ଯେଉଁ ରାସ୍ତାଟି ଯାଇଛି, ସେଇରାସ୍ତାରେ ଗଲେ ଇତିହାସ ପ୍ରସିଦ୍ଧ 'ସୀତାବିଞ୍ଜି' ଦେଖିବାକୁ ମିଳେ । କଟରବେଢ଼ା ଗାଁଠାରୁ ମାତ୍ର ଆଠ କି.ମି ଦୂରରେ ସୀତାବିଞ୍ଜି ପାହାଡ଼ଟି ଅବସ୍ଥିତ । ଘଞ୍ଚବନ ପର୍ବତ ଘେରା ଡାଙ୍ଗୁଆପଶି ଗାଁରେ ଏହା ରହିଛି । ସୀତାବିଞ୍ଜି ପାହାଡ଼ର ପାଦଦେଶରେ ସୀତାନଦୀ ପ୍ରବାହିତ ହେଉଛି ।



ଏହି ପାହାଡ଼ର ଗୁମ୍ଫାରେ ସୀତା ତାଙ୍କର ଦୁଇପୁଅ ଲବ ଆଉ କୁଶଙ୍କୁ ଜନ୍ମ ଦେଇଥିବାର ଜନଶ୍ରୁତି ଶୁଣାଯାଏ । ତେଣୁ ଏହି ପାହାଡ଼ରେ ସୀତାଙ୍କ ଏନ୍ତୁଡ଼ିଶାଳରେ ଲବ ଓ କୁଶଙ୍କର ଦୁଇଟି ପଥର ପୂଜା ପାଉଛି । ଏଇ ପଥର ଦୁଇଟିକୁ ବନ୍ଧ୍ୟାନାରୀ କାଖେଇ ସୀତାଙ୍କ ଏନ୍ତୁଡ଼ିଶାଳ ଚାରିପଟେ ବୁଲିଗଲେ ତାଙ୍କର ବନ୍ଧ୍ୟାତ୍ୱ ଦୋଷ ଦୂର ହୁଏ ବୋଲି ସେ ଅଞ୍ଚଳରେ ବିଶ୍ୱାସ ରହିଛି ।


ସୀତାବିଞ୍ଜିର ପାଦଦେଶରୁ ପ୍ରାଚୀନକାଳର ଅସ୍ତ୍ରଶସ୍ତ୍ରର ଭଗ୍ନାବଶେଷ ଓ ପୁରୁଣାମୁଦ୍ରା ମିଳିଥାଏ । ଏହି ପାହାଡ଼ ନିକଟରେ ଥିବା ବୃହତ୍‌କାୟ ମନ୍ଦିର ସଦୃଶ ପାହାଡ଼କୁ ଭଣ୍ଡାର ଘର ବୋଲି କୁହାଯାଏ ।



ସୀତାବିଞ୍ଜିଠାରେ ଏକ ଧଳାହାତୀ ଓ ପଞ୍ଚମୁଖୀ ଶିବମୂର୍ତ୍ତି ଦେଖିବାକୁ ମିଳେ । ସ୍ଥାନୀୟ ଲୋକେ ତାକୁ ସୂର୍ପଣଖା ମୂର୍ତ୍ତି ବୋଲି କୁହନ୍ତି । ଏଠାକାର ଅନ୍ୟତମ ଆକର୍ଷଣୀୟ ବସ୍ତୁ ହେଲା- 'ରାବଣଛାୟା' । ଖଣ୍ଡିଏ ଭଗ୍ନପର୍ବତ ଉପରେ ବିରାଟକାୟ ପ୍ରସ୍ତର ଚଟାଣ ଆଶ୍ଚର୍ଯ୍ୟଜନକ ଭାବେ ଓହଳି ରହିଛି । ତା'ରି ଉପରେ ୪ର୍ଥ କିମ୍ବା ୫ମ ଶତାବ୍ଦୀରେ ଅଙ୍କିତ ଚିତ୍ରକଳା




https://withteachers.in/



ଦେଖିବାକୁ ମିଳେ । ସେହି ଚିତ୍ରରେ ଜଣେ ରାଜପୁରୁଷ ହାତୀ ଉପରେ ବସି ଦକ୍ଷିଣହାତରେ ଅଙ୍କୁଶ ଓ ବାମ ହାତରେ ନୀଳକମଳ ଧରି ଯାତ୍ରା କରୁଛନ୍ତି । ଜଣେ ଅନୁଚର ଚିତ୍ର ଉତ୍ତୋଳନ କରୁଛି । ହାତୀ ଆଗରେ ଜଣେ ଅଶ୍ୱାରୋହୀ ଦ୍ରୁତ ଗତିରେ ଯାଉଥିବାର ଦୃଶ୍ୟ ମଧ୍ୟ ଏହି ଚିତ୍ରରେ ଦେଖିବାକୁ ମିଳେ । ସୀତାବିଞ୍ଜିର ଅଳ୍ପଦୂରରେ କଳାରଙ୍ଗର ଅକର୍ମଶିଳା ଉପରେ ଲିଖିତ ଅସଂଖ୍ୟ ଭଙ୍ଗା ପଥର ଦେଖିବାକୁ ମିଳେ । ଯାହାକୁ ନେଇ ଗବେଷକମାନେ ଗବେଷଣା କରିଥାନ୍ତି । ସୀତାବିଞ୍ଜିର ଯୋଡ଼ାଗଡ଼ଠାରେ ଥିବା ଫୁଲବାଡ଼ି ନାମକ ସ୍ଥାନରେ ଷଣ୍ଢ-ବଳଦ ନାମରେ ଦୁଇଟି ପଥର ଦେଖିବାକୁ ମିଳେ । ସେଇ ପଥର କାଳିଞ୍ଜିର ନଦୀର ଉତ୍ପତ୍ତିସ୍ଥଳ । ଏଠାରେ ବାଲ୍ମୀକିଙ୍କର ତପୋବନ ଥିବାର ଜନଶ୍ରୁତି ଶୁଣିବାକୁ ମିଳେ ।

ସୀତାବିଞ୍ଜିର ଚିତ୍ରକଳା ସାରା ରାଜ୍ୟପାଇଁ ଗର୍ବ ଓ ଗୌରବର ବିଷୟ ହୋଇପାରିଛି । ଭୁବନେଶ୍ୱରରୁ ଏହା ୨୫୫ କିଲୋମିଟର ଦୂର ।




❖❖❖



https://withteachers.in/

## ତୁମ ପଢ଼ିବାପାଇଁ

# ପ୍ରଧାନପାଟ



ଦେବଗଡ଼ ଜିଲ୍ଲା ସଦର ମହକୁମାରେ ରହିଛି ପ୍ରଧାନପାଟ ଜଳପ୍ରପାତ । ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ପ୍ରଧାନପାଟ ଜଳପ୍ରପାତର ପାଦ ଦେଶ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟବାସୀଙ୍କ ପାଇଁ ଏକ ଭଲ ବଣଭୋଜି ସ୍ଥଳ ଭାବରେ ଜଣାଶୁଣା । ପ୍ରାୟ ୧୦,୦୩,୮୧୯ ହେକ୍ଟର ସଂରକ୍ଷିତ ବିସ୍ତୃତ ଘଞ୍ଚ ତଥା ଉଚ୍ଚ ପାହାଡ଼ ମଧ୍ୟରେ ରହିଛି ଏହି ମନୋରମ ଦର୍ଶନୀୟ ସ୍ଥାନ । ସହରକୁ ଲାଗି ରହିଥିବା ଏହି ପାହାଡର ସୁଉଚ୍ଚରେ ରହିଥିବା ସପ୍ତକୁଣ୍ଡ ମଧ୍ୟରୁ ବହି ଆସୁଛି ଝରଝର ନାଦରେ ପ୍ରଧାନପାଟ ଜଳପ୍ରପାତର ଜଳସ୍ରୋତ । ପାଦ ଦେଶରେ ଘଞ୍ଚ ଜଙ୍ଗଲ ଦେଇ ଝରଣାର ରୂପ ନେଇ ବହିଯାଇଛି ସେହି ଜଳସ୍ରୋତ । ଝରଣାର ଉଭୟ ପାର୍ଶ୍ୱରେ ଥିବା ଶାଳଗଛ ମୂଳେ ସିମେଣ୍ଟ କଂକ୍ରିଟ୍‌ରେ ପିଣ୍ଡି ନିର୍ମାଣ କରାଯାଇଛି । ସେହି ପିଣ୍ଡି ଉପରେ ବସି ପର୍ଯ୍ୟଟକଙ୍କୁ ଭୋଜି ଖାଇବାର ବେଶ୍ ନିଆରା ଅନୁଭୂତି ଯୋଗାଇଥାଏ । ନିକଟରେ ବସନ୍ତନିବାସ ଓ ଲଳିତବସନ୍ତ ରହିଛି ।

ବସନ୍ତନିବାସର ପ୍ରତ୍ୟେକ କାନ୍ଥବାଡ଼ରେ ମାର୍ବଲ ପଥରରେ ଲିଖିତ ଥିବା ଶହେବର୍ଷର ପୁରୁଣା କବିତାବଳି କବି ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କର । ପାଦଚଲା ରାସ୍ତାରେ ବତୀଘର ଦେଇ ସପ୍ତକୁଣ୍ଡ ପାଖକୁ ଯାଇ ପର୍ଯ୍ୟଟକ ବିଜ୍ଞାନଜଗତରେ ନିଜକୁ ହଜାଇ ଦେଇଥାଏ ।

ଏହାର ନିକଟରେ ମା' ପଧାନୀ ବୁଢ଼ୀ ଦେବୀ ଶକ୍ତିପୀଠ ଓ ଅନତିଦୂରରେ ପଞ୍ଚଖଣ୍ଡା, ଶକ୍ତିପୀଠ ପର୍ଯ୍ୟଟକଙ୍କୁ ବେଶ୍ ଆନନ୍ଦ ଦିଏ ।



https://withteachers.in/



ରାଜଧାନୀ ଭୁବନେଶ୍ୱରରୁ କଟକ ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥରେ ଅନୁଗୁଳ ଜିଲ୍ଲାର ବଆଁରପାଳ ଛକରୁ ଜାତୀୟ ରାଜପଥ- ୨୩ରେ ପାଲଲହଡ଼ା ପର୍ଯ୍ୟନ୍ତ ଆସି ସେଇଠୁ ୬ ନମ୍ବର ଜାତୀୟ ରାଜପଥରେ ଦେବଗଡ଼ ଯିବାକୁ ହେବ । ପର୍ଯ୍ୟଟନସ୍ଥଳ ସମ୍ବଲପୁରରୁ ୬ନମ୍ବର ଜାତୀୟ ରାଜପଥରେ ୯୦କି.ମି ଆସିଲେ ଦେବଗଡ଼ର ଏହି ପ୍ରଧାନପାଟ ଜଳପ୍ରପାତ । ରାଉରକେଲାରୁ ୨୩ ନମ୍ବର ଜାତୀୟ ରାଜପଥରେ ବାରକୋଟ ଆସି ବାରକୋଟରୁ ୬ ନମ୍ବର ଜାତୀୟ ରାଜପଥରେ ୨୭ କି.ମି ଆସିଲେ ଦେବଗଡ଼ ସହର । ସେହିପରି ରାଜଧାନୀ ଭୁବନେଶ୍ୱରରୁ କଟକ, ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥରେ ରେଢ଼ାଖୋଲରୁ ନାକଟିଦେଉଳ ରିଆମାଳ ଦେଇ ୮୦ କି.ମି ଆସିଲେ ଦେବଗଡ଼ ସହର ପଡ଼ିଥାଏ । ଦେବଗଡ଼ ସହରର ମଧ୍ୟଭାଗରେ ରହିଥିବା ବେସରକାରୀ ବସ୍‌ଷ୍ଟାଣ୍ଡରୁ ଓହ୍ଲାଇ ଏକ କି.ମି ଗଲେ ସେହି ବଣଭୋଜି ସ୍ଥଳ ପ୍ରଧାନପାଟରେ ପହଞ୍ଚି ହେବ । ଭୁବନେଶ୍ୱରରୁ ଏହା ୨୯୩ କିଲୋମିଟର ଦୂର ଅଟେ ।



https://withteachers.in/

ପାଠ-୧୦

# ଜାତୀୟପତାକା

ବିନୋଦ ବିହାରୀ ରାଉତରାୟ



ନୀଳ ଆକାଶରେ ଉଡ଼େ ଫରଫର
ଯେଉଁ ତିନି ରଙ୍ଗୀ କେତ,
ଆମରି ଦେଶର ରଖିଅଛି ଟେକ
ଆମରି ପତାକା ସେତ ।
ଜଣାଏ ସେ ଆମେ ସ୍ୱାଧୀନ ଦେଶର
ସ୍ୱାଧୀନ ମଣିଷ ଜାତି,
ଡର ନାହିଁ ତିଳେ ବାଟ ଚାଲୁଅଛୁ
ଗରବେ ଫୁଲାଇ ଛାତି ।
ଆମେ କାହା ତୁଲେ କଳି କରୁନାହୁଁ
କରୁନାହୁଁ କାରେ ପର,
ସବୁ ଜାତି ଆମ ଆପଣାର ଭାଇ,
ସବୁ ଦେଶ ଆମ ଘର ।





https://withteachers.in/

ତୋପ, ଗୋଳା, ଗୁଳି, ବନ୍ଧୁକ, କମାଣ,
ଯେ କେତେ ବିପଦ ଆଗେ,
ଏ ପତାକା ଲାଗି ଲଢ଼ାଇ କରିଚୁ
ସବୁ କାଳି ପରି ଲାଗେ ।
ହସିହସି କେତେ ବୀର ଦେଲେ ପ୍ରାଣ,
ସାଧୁ ମହାତମା କେତେ,
ପାରାବାରଠାରୁ କାରାଗାର ଯାଏ
ପିଠି ଫଟାଇଲେ ବେତେ ।





ଆଜି ଏହା ତଳେ ଠୁଳ ହୋଇ ଭାଇ !
ସରବେ ନୁଆଁଅ ମଥା,
ବିପଦ ପଡ଼ିଲେ ଲହୁ ଢ଼ାଳିଦେଇ
ରଖିବା ଏହାର କଥା ।
ସମ୍ପଦରେ ଆମେ ଗାଇବା ଗରବେ
ହୋଇ ଅତି ନିରଭୟ,
ଜୟ ଭାରତର ମଉଡ଼ମଣି ସେ
ଜାତୀୟପତାକା ଜୟ ।

❖❖❖





## ଆସ କଥା ହେବା

୧. ତୁମ ବିଦ୍ୟାଳୟରେ କେଉଁ ଦିନଗୁଡ଼ିକରେ ଜାତୀୟପତାକା ଉଡ଼ାଯାଏ ?

୨. ଜାତୀୟପତାକା କାହିଁକି ଉଡ଼ାଯାଏ ?



୩. ଜାତୀୟପତାକା କିପରି ଆମ ଦେଶର ଟେକ ରଖିଛି ?

୪. ଜାତୀୟପତାକା ପ୍ରତି ଆମର କର୍ତ୍ତବ୍ୟ କ'ଣ ?

୫. ତୋପ, ଗୋଳାଗୁଳି ବନ୍ଧୁକ କମାଣର ଆବଶ୍ୟକତା କ'ଣ ?

୬ ସାଧୁ ମହାତ୍ମା ଓ ବୀରମାନେ ହସିହସି କାହାପାଇଁ ପ୍ରାଣ ଦେଇଛନ୍ତି ?

୭. ଆମେ ସମସ୍ତେ ଏକତ୍ରିତ ହୋଇ କାହା ପାଖରେ ମଥା ନୁଆଁଇବା ?



## ପାଠରୁ

**ତଳେ କେତୋଟି ପ୍ରଶ୍ନ ଦିଆଯାଇଛି । ପ୍ରତି ପ୍ରଶ୍ନର ଚାରୋଟି ଲେଖାଏଁ ଉତ୍ତର ଦିଆଯାଇଛି । କେଉଁ ଉତ୍ତରଟି ଠିକ୍ ତାହାର ଡାହାଣ ପାଖରେ ଥିବା କୋଠରିରେ ଠିକ୍ ଚିହ୍ନ (✓) ଦିଅ ।**

**୧. ଏହି କବିତାରେ ନୀଳ ଆକାଶରେ କ'ଣ ଫରଫର ହୋଇ ଉଡ଼େ ବୋଲି କୁହାଯାଇଛି ?**

(କ) ନୀଳଚକ୍ର ବାନା

(ଖ) ତିନିରଙ୍ଗୀ ନେତ

(ଗ) ଜାତୀୟପତାକା

(ଘ) କପିକେତନ ବାନା



**୨. ଆମ ଜାତୀୟପତାକା ଫରଫର ଉଡ଼ି ଆମକୁ କି ବାର୍ତ୍ତା ପ୍ରଦାନ କରେ ?**

(କ) ପ୍ରଗତିର ବାର୍ତ୍ତା

(ଖ) ଗର୍ବରେ ଛାତି ଫୁଲାଇ ଚାଲିବାର ବାର୍ତ୍ତା

(ଗ) ସ୍ୱାଧୀନ ଦେଶର ସ୍ୱାଧୀନ ମଣିଷର ଭାବନା

(ଘ) ନିର୍ଭୟରେ ଗର୍ବର ସହିତ ଚାଲିବାର ବାର୍ତ୍ତା





https://withteachers.in/

**୩. ଏହି ପତାକା ଲାଗି ଆମେ କି କାର୍ଯ୍ୟ କରିଛୁ ?**

(କ) ଲଢ଼େଇ କରିଛୁ ।

(ଖ) ଆନ୍ଦୋଳନ କରିଛୁ ।

(ଗ) ଅନଶନ କରିଛୁ ।

(ଘ) କାରାବରଣ କରିଛୁ ।



**୪. ବିପଦରେ ପଡ଼ିଲେ ମଧ୍ୟ ଆମେ କାହାର ଜୟଗାନ କରିବା ?**

(କ) ଭାରତ ବର୍ଷର ।

(ଖ) ଜାତୀୟପତାକାର ।

(ଗ) ଭଗବାନଙ୍କର ।

(ଘ) ବୀର ପୁରୁଷମାନଙ୍କର ।



## ଭାବ ଓ ଲେଖ

୧. 'ଏ ପତାକା ଲାଗି ଲଢ଼ାଇ କରିବୁ
ସବୁ କାଳି ପରି ଲାଗେ ।'

ଉପର ଲିଖିତ ପଦରୁ ଆମେ ଜାଣିଲେ ଯେ ଆମ ଦେଶର ସ୍ୱାଧୀନତା ପାଇଁ ବହୁତ ଲୋକ ପ୍ରାଣବଳି ଦେଇଛନ୍ତି । ତୁମେ ଯଦି ଏହି ପରିସ୍ଥିତିରେ ଥାଆନ୍ତ, ତେବେ କିପରି କାର୍ଯ୍ୟ କରିଥାନ୍ତ, ଲେଖ ।

୨. 'ସବୁ ଜାତି ଆମ ଆପଣାର ଭାଇ
ସବୁ ଦେଶ ଆମ ଘର ।'

ଏହି ପଦ୍ୟାଂଶରୁ କେଉଁ ଭାବନା ପ୍ରକାଶ ପାଉଛି, ଲେଖ ।

୩. ଗର୍ବରେ ଚାଲିବା ପାଇଁ କିଏ ଆମକୁ ପ୍ରେରଣା ଦେଇଛି, ତୁମେ ସେହି ବିଷୟରେ ଖାତାରେ ଲେଖ ।



https://withteachers.in/

## ଆସ ବୁଝିବା

**(କ) ତଳେ ଦିଆଯାଇଥିବା ପଦ୍ୟାଂଶର କିଛି ଅଂଶକୁ ପଢ଼ି କ'ଣ ବୁଝିଲ, ତାହା ସାଙ୍ଗମାନଙ୍କ ସହିତ ଆଲୋଚନା କର ଓ ଲେଖ ।**



୧. ଆମରି ଦେଶର ରଖିଅଛି ଟେକ
ଆମରି ପତାକା ସେ ତ ।

୨. ପାରାବାରଠାରୁ କାରାଗାର ଯାଏ
ପିଠି ଫଟାଇଲେ କେତେ ।

୩. ବିପଦ ପଡ଼ିଲେ ଲହୁଢ଼ାଳି ଦେଇ
ରଖିବା ଏହାର କଥା ।

**(ଖ) ଆସ ପାଠଟିକୁ ମନେ ପକାଇ, ପଦର ଅବଶିଷ୍ଟ ଅଂଶ ପୂରଣ କରିବା ।**

୧. ନୀଳ ଆକାଶରେ ଉଡ଼େ ଫରଫର ..................................................

୨. ଡର ନାହିଁ ତିଳେ ବାଟ ଚାଲୁ ଅଛୁ ..................................................

୩. ଆମେ କାହା ତୁଳେ କଳି କରୁ ନାହୁଁ ..................................................

୪. ଏ ପତାକା ଲାଗି ଲଢ଼େଇ କରିବୁ ..................................................

୫. ଜୟ ଭାରତର ମଉଡ଼ମଣି ସେ ..................................................

## ଭାଷାର କଥା



**୧. ଆମରି ଦେଶର ରଖିଅଛି ଟେକ**
**ଆମରି ପତାକା ସେ'ତ ।**

ଉପରେ ରେଖାଙ୍କିତ ପତାକାର ଅର୍ଥ ହେଉଛି 'ଧ୍ୱଜା' । ଏହାର ଆଉ ଏକ ଅର୍ଥ 'କେତନ' । ପରପୃଷ୍ଠାରେ କେତେଗୁଡ଼ିଏ ଶବ୍ଦ ରହିଛି, ଶବ୍ଦର ଡାହାଣ ପଟେ ଶବ୍ଦର ଉତ୍ତର ଅନ୍ୟ କେତେକ ଶବ୍ଦ ସହ ମିଶି ରହିଛି । ତୁମେ ଠିକ୍ ଉତ୍ତର ଚାରିପଟେ ବୃତ୍ତ ବୁଲାଅ । ଖାତାରେ ଶବ୍ଦ ଓ ତାର ଆଉ କେତୋଟି ଅର୍ଥ ଲେଖ ।



https://withteachers.in/

**ଯେପରି,**

| | | | | | |
|---|---|---|---|---|---|
| କ୍ଲେଶ | - | କେଶ | ଆନନ୍ଦ | କଷ୍ଟ | କେଶର |
| ଟେକ | - | ଉପାୟ | ସମ୍ମାନ | ଟିକେ | ଟେକା |
| ଗରବ | - | ଗରମ | ପ୍ରଭାବ | ଅହଂକାର | ଗୈରିକ |
| ପାରାବାର | - | ସାଗର | ପରିସର | ପରାକ୍ରମ | ପରିବାର |
| କାରାଗାର | - | ପଣ୍ୟାଗାର | ରାଜବାଟୀ | ଶସ୍ୟାଗାର | ବନ୍ଦୀଶାଳା |
| ଲହୁ | - | ଲୁହା | ରୁଧିର | ଲହୁଣି | ଲୋତକ |
| ନିର୍ଭୟ | - | ନିବାସ | ନିର୍ମଳ | ସାହସ | ଭୟଶୂନ୍ୟ |

**୨. ବିପରୀତ ଅର୍ଥବୋଧକ ଶବ୍ଦ ଖୋଜିବା ଓ ଲେଖିବା ।**

'ଆମେ କାହା ତୁଳେ କଳି କରୁ ନାହୁଁ
କରୁ ନାହୁଁ କାରେ ପର,
ସବୁ ଜାତି ଆମ ଆପଣାର ଭାଇ
ସବୁ ଦେଶ ଆମ ଘର ।'

ରେଖାଙ୍କିତ ଶବ୍ଦ ଦୁଇଟିକୁ ଲକ୍ଷ୍ୟ କର । ଗୋଟିଏ ଶବ୍ଦ ଅନ୍ୟଟିର ବିପରୀତ ଅର୍ଥବୋଧକ ବୋଲି କୁହାଯାଏ । ଆମ ପାଠରୁ କେତେକ ଶବ୍ଦ ତଳେ ଦିଆଯାଇଛି । ତୁମେ ସେଗୁଡିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।

| ଶବ୍ଦ | ବିପରୀତ ଅର୍ଥବୋଧକ ଶବ୍ଦ |
|---|---|
| ସ୍ୱାଧୀନ | |
| ନିର୍ଭୟ | |
| ବାଟ | |
| ଆପଣା | |
| ହସ | |
| ସାଧୁ | |



https://withteachers.in/

**୩. ବର୍ଣ୍ଣମାଳା କ୍ରମରେ ସଜାଇ ଲେଖ ।**

**ପାରୁଛ ତ ଅଭିଧାନକୁ ଦେଖ ।**

ଏହି କବିତାରୁ କିଛି ଶବ୍ଦ ତଳେ ଦିଆଯାଇଛି । ସେଗୁଡ଼ିକର ପ୍ରଥମ ଅକ୍ଷରକୁ ନେଇ ଓଡ଼ିଆ ବର୍ଣ୍ଣମାଳା କ୍ରମରେ ସଜାଡ଼ି ଲେଖିବା । ଯେପରି – ଅଖ, ଆତ, କାମ, ଘର ।

ନୀଳ, ଉଡ଼ିବା, ଦେଶ, ପତାକା, ସ୍ୱାଧୀନ, ଡର, ତିଳେ, ଗର୍ବ, ଛାତି କଳି, ଜାତି,

ତୋପ, ଗୁଳି, ବନ୍ଧୁକ, କମାଣ, ପାରାବାର, ବିପଦ, ମଉଡ଼ମଣି, ସାଧୁ ।

**୪. ଆସ ଯୋଡ଼ାଯୋଡ଼ି କାମ କରିବା ।**

ତିନିରଙ୍ଗୀ <u>ନେତ</u> ଉଡ଼େ <u>ଫରଫର</u> ।

ରେଖାଙ୍କିତ ଶବ୍ଦ ଦୁଇଟିକୁ ଲକ୍ଷ୍ୟକର । ଧ୍ୱଜାଟି ଫରଫର ହୋଇ ଉଡ଼େ । ତେଣୁ ଏ ଦୁଇଟି ଶବ୍ଦର ସମ୍ବନ୍ଧ ରହିଅଛି । ତଳେ 'କ' ଓ 'ଖ' ସ୍ତମ୍ଭରେ କେତେକ ଶବ୍ଦ ରହିଛି । ସେଗୁଡ଼ିକୁ ଯୋଡ଼ି 'ଗ' ସ୍ତମ୍ଭରେ ନୂଆ ଶବ୍ଦକୁ ଲେଖ ।


| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ | 'ଗ' ସ୍ତମ୍ଭ |
|---|---|---|
| ୧. ଓଦା | ୧. ଝରଝର | ------------------------ |
| ୨. ଚାଲି | ୨. ଖରଖର | ------------------------ |
| ୩. ରାଗ | ୩. ଥରଥର | ------------------------ |
| ୪. ଶୀତ | ୪. ସରସର | ------------------------ |
| ୫. ଲୁହ | ୫. ଫରଫର | ------------------------ |
| ୬. ପବନ | ୬. ଗରଗର | ------------------------ |
| ୭. ବଚନ | ୭. ତରତର | ------------------------ |



https://withteachers.in/

## ପାଠରୁ ଆଗକୁ

(କ) ଆମେ ବିଭିନ୍ନ ସମୟରେ ଅନେକ ଜାତୀୟଦିବସ ଆମ ବିଦ୍ୟାଳୟରେ ପାଳନ କରୁଛେ । ଏବେ ତୁମେ ବନ୍ଧୁମେଳରେ କଥା ହୋଇ ସେଗୁଡ଼ିକ ଲେଖ । ଗୋଟିକର ଉଦାହରଣ ତୁମପାଇଁ ଦିଆଯାଇଛି ।






https://withteachers.in/

(ଖ) ଏହି ଜାତୀୟ ଦିବସ ବିଷୟରେ ଜାଣିବାପାଇଁ ତୁମେ ତୁମ ପାଠାଗାର, ଶିକ୍ଷକଶିକ୍ଷୟିତ୍ରୀ, ପିତାମାତା କିମ୍ବା ଇଣ୍ଟରନେଟ୍‌ର ସାହାଯ୍ୟ ନେଇପାର ।

(ଗ) ତୁମେ ବିଦ୍ୟାଳୟରେ ନିଶ୍ଚୟ 'ଗଣତନ୍ତ୍ରଦିବସ' ଓ 'ସ୍ୱାଧୀନତାଦିବସ' ପାଳନ କରୁଥିବ । ଏବେ ତୁମେ ମନେପକାଅ ଯେ ଏଭଳି ଦିବସ କିପରି ପାଳନ କର । ତଳଲିଖିତ ଶବ୍ଦଗୁଡ଼ିକୁ ନେଇ ଦଶଧାଡ଼ିରେ ତୁମ ଖାତାରେ ଲେଖ ।

ମାଳଗୁନ୍ଥା, ପ୍ରଭାତଫେରି, ଜାତୀୟପତାକା, ସକାଳସ୍ନାନ,

ଫୁଲସଂଗ୍ରହ, ଜାତୀୟନାରା, ମିଷ୍ଟାନ୍ନବଣ୍ଟନ, ଅଭିଭାଷଣ



## ପାଠାଗାରରୁ

ଜାତୀୟପତାକାରେ ଥିବା ତିନିଗୋଟି ରଙ୍ଗ ଏବଂ ଅଶୋକଚକ୍ରର ପ୍ରତୀକ କ'ଣ ସୂଚାଏ, ତୁମେ ଜାଣିଛ କି ? ଏ ବିଷୟରେ ପାଠାଗାରରୁ ବହି ସଂଗ୍ରହ କରି ପଢ଼ ଓ ଲେଖ ।



https://withteachers.in/

## ତୁମ ପଢ଼ିବାପାଇଁ

# ମାଟିର ମହକ

ଏ ମାଟିର ଫୁଲକଢ଼ି ଦିନେ ଫୁଟି ବାସିବୁ
ଜନନୀ ଜନମଭୂଇଁ ଦୁଃଖଶୋକ ନାଶିବୁ ।
ଭାରତମାଆର ଜୟ ଗାଉଥିବୁ ତୁଣ୍ଡରେ
ଆସୁ ଯେତେ ଝଡ଼ଝଞ୍ଜା ପାତିଦେବୁ ମୁଣ୍ଡରେ ।
ଦେଶର ମୁକତିପାଇଁ କେତେ ବୀର ଲଢ଼ିଲେ
'ବନ୍ଦେ ମାତରମ୍' କହି ଫାଶୀଖୁଣ୍ଟେ ଚଢ଼ିଲେ ।
ଆଜାଦ୍, ଭଗତସିଂହ ଯେତେ ଦେଶଭକତ
ଖୁଦିରାମ, ରାଜଗୁରୁ ଦେଇଥିଲେ ରକତ ।
ସେମାନେ ହିଁ ଗଉରବ ଯଶ, ମାନ, ମହତ
ମାଟିର ମହକ ପରା ଆଉ କିଏ କହ ତ ?








https://withteachers.in/

ତାଙ୍କରି ଦାୟାଦ ଆମେ
ଅରାତିକୁ ହଟେଇ
ରଖିବା ଦେଶର ଟେକ
ବୁଦ୍ଧି ବଳ ଖଟେଇ ।
ଏ ମାଟିର ଚାଷୀଭାଇ
ନିତି ଖଟେ ମାଟିରେ
ବୀର ସଇନିକ ଦିନ-
ରାତି କାଟେ ଘାଟିରେ ।
ପଡ଼ିଥିବେ, ଲଢୁଥିବେ
ବରଫର ଛାତିରେ
ତାଙ୍କ ଲାଗି ନିଧଡ଼କେ
ଶୋଉ ଆମେ ରାତିରେ ।
ଆଜି ସିନା ସାନ ଅଛୁ
କାଲି ହେବୁ ବଡ଼ରେ
ମାତିଯିବୁ ଜିତିଯିବୁ
କାହିଁ କେତେ ଗଡ଼ରେ ।
ଭୁଲି ପାରିବା କି କେବେ
ମଧୁବାବୁ, ସୁଭାଷ
ଏ ଜାତିର ଗଉରବ,
ସଉରଭ, ସୁବାସ ।
ଫୁଲଟିଏ ଥୋଇ ମଥା
ନୁଆଁଇବା ଚରଣେ
ପାରିବାନି ଶୁଝି ଋଣ
ଜୀବନେ କି ମରଣେ ।

● ରତ୍ନାକର ନାୟକ





❖❖❖




https://withteachers.in/

ପାଠ-୧୧

# ଗଙ୍ଗାର କାହାଣୀ

ମୋର ଜନ୍ମ ହିମାଳୟ କୋଳରେ । ମୁଁ ଯେତେବେଳେ ଜନ୍ମ ହୋଇଥିଲି ବହୁତ ଛୋଟ ଝରଣାଟିଏ ଥିଲି । ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଗଙ୍ଗୋତ୍ରୀ ହିମବାହରୁ ବାହାରି ମୁଁ ଆସି ବଙ୍ଗୋପସାଗରରେ ପଡ଼ିଛି । ମୁଁ ଯେଉଁ ସ୍ଥାନରୁ ଜନ୍ମ ହୋଇଥିଲି ସେ ସ୍ଥାନକୁ 'ଗୋମୁଖ' ବୋଲି କୁହନ୍ତି । ଗୋମୁଖର ଠିକ୍ ତଳକୁ ଗଙ୍ଗୋତ୍ରୀ ଅବସ୍ଥିତ । ସେହିଠାରେ ମୋର ଏକ ବିଶାଳ ମନ୍ଦିର ରହିଛି । ଏଠାକୁ ସାରାଦେଶରୁ ତୀର୍ଥଯାତ୍ରୀମାନେ ଆସିଥାନ୍ତି । ରାଜା ଭଗୀରଥ ମୋତେ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆଣିଥିବାରୁ ମୋର ଆଉ ଗୋଟିଏ ନାମ ହେଉଛି 'ଭାଗୀରଥୀ' ।

ଏହିଠାରୁ ମୁଁ ଧୀରେଧୀରେ ତଳକୁ ଅଗ୍ରସର ହୁଏ । ପଥରକୁ ଆଘାତ କରି, ପାହାଡ଼କୁ ଖୋଳିଖୋଳି ମୁଁ ଆଗକୁ ଆଗକୁ






https://withteachers.in/

ବଢ଼ିଚାଲେ। ଏହି ସମୟରେ ମୋର ରୂପକୁ ଯିଏ ବି ଦେଖନ୍ତି, ସେମାନେ ମୁଗ୍ଧ ହୋଇଯାଆନ୍ତି। କାରଣ ମୁଁ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହୋଇଯାଇଥାଏ।



ଗଙ୍ଗୋତ୍ରୀ

ଅଳକାନନ୍ଦା ମୋ ସହିତ ଦେବପ୍ରୟାଗରେ ଯୋଗ ଦିଅନ୍ତି। ଋଷିକେଶରେ ପହଞ୍ଚିବା ପରେ ମୁଁ ସମତଳ ଭୂମିକୁ ଓହ୍ଲେଇଥାଏ । ଏଠାରେ ମୋ କୂଳରେ ଅନେକ ସାଧୁସନ୍ଥ ଓ ମହାପୁରୁଷଙ୍କ ଆଶ୍ରମ ରହିଛି । ମୋ ଚତୁଃପାର୍ଶ୍ୱରେ ଅନେକ ସହର ଗଢ଼ିଉଠିଛି ଏବଂ ବଡ଼ବଡ଼ କାରଖାନା ମଧ୍ୟ ଖୋଲିଛି । ମୁଁ ସବୁବେଳେ ମୋ ଆଖପାଖର ସମସ୍ତ ପରିବେଶକୁ ଜଳ ଯୋଗାଇଥାଏ । ସେଥିପାଇଁ ଏଠାକାର ପରିବେଶ ବେଶ୍ ସୁନ୍ଦର ଓ ମନୋହର ହୋଇପାରିଛି ।



ଋଷିକେଶ

ମୋ' କୂଳରେ ଦୁଇଟି ପ୍ରସିଦ୍ଧ ତୀର୍ଥସ୍ଥାନ ରହିଛି। ଋଷିକେଶ ଓ ହରିଦ୍ୱାର । ଏ ଦୁହେଁ ଆଜି ବି ମୋ କୂଳରେ ଶୋଭା ପାଉଛନ୍ତି । ଏହି ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରିବେଶ ବେଶ୍ ଶାନ୍ତିପୂର୍ଣ୍ଣ ଓ ମନୋରମ । ହରିଦ୍ୱାରରେ ପ୍ରତି ବାରବର୍ଷରେ ଥରେ କୁମ୍ଭମେଳା ଅନୁଷ୍ଠିତ ହୁଏ । ଏହି କୁମ୍ଭମେଳାକୁ ଭାରତ ବାହାରୁ ମଧ୍ୟ ଅନେକ ଲୋକ ସେମାନଙ୍କର ମନୋକାମନା ପୂରଣ କରିବାପାଇଁ ଆସିଥାନ୍ତି । ହରିଦ୍ୱାର ନିକଟରୁ ଏକ ନାଳ ବାହାରିଛି, ଯାହାକୁ 'ଗଙ୍ଗା ନହର' କୁହାଯାଏ । ଏହି ନାଳ (କେନାଲ) ଉତ୍ତରପ୍ରଦେଶର କାନପୁର ଜିଲ୍ଲାରେ ପହଞ୍ଚି ଲକ୍ଷଲକ୍ଷ ଏକର ଜମିକୁ ଜଳସେଚନ କରିଥାଏ ।

କାନପୁର ଭାରତର ଏକ ଶିଳ୍ପ ସମୃଦ୍ଧ ସହର । ଏଠାରେ କପଡ଼ା, ଚମଡ଼ା ଏବଂ ଲୁହା କାରଖାନାମାନ ରହିଛି । ଏହି କାରଖାନାପାଇଁ ମୁଁ ସବୁବେଳେ ଚିନ୍ତିତ । କାରଣ ସେମାନେ ମୋ ଜଳକୁ ପ୍ରଦୂଷିତ କରିଦେଉଛନ୍ତି । ସେମାନଙ୍କର ଅପରିଷ୍କାର



ପ୍ରୟାଗରାଜ



https://withteachers.in/


ବାରାଣାସୀ

ପାଣି ମୋ ପାଣିରେ ମିଶି ମୋର ସୌନ୍ଦର୍ଯ୍ୟକୁ ନଷ୍ଟ କରିଦେଉଛି । ତଥାପି ମୁଁ ଏମାନଙ୍କୁ ବହୁତ ଭଲପାଏ, କାରଣ ଏମାନେ ପରା ମୋ କୂଳରେ ଜନ୍ମ ହୋଇଛନ୍ତି ।

କାନପୁରରୁ ବାହାରି ମୁଁ ପ୍ରୟାଗରାଜରେ ପହଞ୍ଚିଲା ବେଳକୁ ଯମୁନା ସେଠାରେ ମୋତେ ଅପେକ୍ଷା କରି ରହିଥାଏ । ମୁଁ ଆଉ କିଛି ନ ଭାବି ତା' ସହିତ ମିଶିଯାଏ । ଏହି ମହାସଙ୍ଗମରେ ପ୍ରତି ବାରବର୍ଷରେ ଥରେ କୁମ୍ଭମେଳା ଅନୁଷ୍ଠିତ ହୁଏ ।

ମୁଁ ପୁଣି ଆଗକୁ ଆଗକୁ ଚାଲେ । ଆଗରେ ଯାଇ ବାରଣାସୀରେ ପହଞ୍ଚେ । ବାରଣାସୀକୁ କାଶୀ କହୁଥିବାର କଥା ମୁଁ ସେଇଠାରେ ହିଁ ଶୁଣିଲି । ଏହି ଜାଗାରେ ମଧ୍ୟ ଅନେକ ଶ୍ରଦ୍ଧାଳୁଙ୍କ ସହିତ ସାକ୍ଷାତ୍ ହୁଏ; କାରଣ ଲୋକେ କହନ୍ତି ଏହା ଏକ ପ୍ରସିଦ୍ଧ ତୀର୍ଥସ୍ଥାନ ।


କଲିକତା

ଏତେ ରାସ୍ତା ଅତିକ୍ରମ କରିସାରିଲାପରେ ମୁଁ ଶେଷରେ ପଶ୍ଚିମବଙ୍ଗରେ ପହଞ୍ଚେ । ଏଇଠି ମୁଁ ଦୁଇଟି ଧାରାରେ ବିଭକ୍ତ ହୋଇଯାଏ । ଗୋଟିଏ ଧାରା ବାଙ୍ଗଲାଦେଶ ଆଡ଼କୁ ଯାଏ ଏବଂ ଆଉ ଗୋଟିଏ ଧାରା କୋଲକାତା (କଲିକତା) ଆଡ଼କୁ ଯାଏ । ବାଂଲାଦେଶରେ ମୋତେ 'ପଦ୍ମା' ବୋଲି କହୁଥିବାବେଳେ କଲିକତାରେ 'ହୁଗୁଳି' ବୋଲି କହନ୍ତି । ଶେଷରେ ମୁଁ ସୁନ୍ଦରବନଠାରେ ବଙ୍ଗୋପସାଗରରେ ମିଶିଯାଇଥାଏ ।

ମୋତେ ଭାରତବାସୀ ଏକ ପବିତ୍ର ନଦୀ ଭାବରେ ସ୍ୱୀକାର କରନ୍ତି । ଗଙ୍ଗୋତ୍ରୀରୁ ବାହାରିଲାବେଳେ ମୋର ରୂପ ପରି ଝଲସୁଥିବା ଜଳ କାଶୀ ପାଖରେ ପହଞ୍ଚିଲାବେଳକୁ ମାଟିଆରଙ୍ଗ ହୋଇଯାଇଥାଏ । ଏଥିସହିତ କଳକାରଖାନା ଓ ସହରମାନଙ୍କର ଆବର୍ଜନା ଓ ଦୂଷିତ ଜଳ ମୋତେ ଅପରିଷ୍କାର କରିଦେଉଛି ।

ହେଲେ ଖୁସିର କଥା ଯେ ଏବେ ଲୋକମାନେ ମୋ ପ୍ରତି ଧ୍ୟାନ ଦେଲେଣି । ମୋର ଜଳକୁ ବିଶୁଦ୍ଧ କରିବାକୁ ଉଦ୍ୟମ ଆରମ୍ଭ ହୋଇଗଲାଣି । ଗଙ୍ଗୋତ୍ରୀରୁ ବାହାରିଲାବେଳେ ମୋର ଜଳ ଯେପରି ସ୍ୱଚ୍ଛ ଓ ନିର୍ମଳ ଥିଲା, ସେହିପରି ମୋର ଜଳ କେବେ ସ୍ୱଚ୍ଛ ଓ ନିର୍ମଳ ହେବ; ମୁଁ ସେହିଦିନକୁ ଅପେକ୍ଷା କରି ରହିଛି ।



https://withteachers.in/



## ଆସ କଥା ହେବା

୧. ନିମ୍ନରେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଦେଖ ଏବଂ ଏଥିରେ ଦିଆଯାଇଥିବା ଜଳର ଉତ୍ସଗୁଡ଼ିକର ନାମ ଲେଖ ।













୨. ତୁମ ଅଞ୍ଚଳରେ ପ୍ରବାହିତ ହେଉଥିବା ନଦୀଗୁଡ଼ିକର ନାମ ଲେଖ । ପ୍ରବାହିତ ନଦୀଠାରୁ ଆମେ କି କି ଉପକାର ପାଉ, କୁହ ?

୩. ତୁମ ଘରକୁ ପାଣି କେଉଁଠାରୁ ଆସେ ?

୪. ତୁମ ଅଞ୍ଚଳରେ ଥିବା ଝରଣା ପୋଖରୀ ଓ ନଦୀଜଳକୁ ପ୍ରଦୂଷିତ ହେବାରୁ କିପରି ରକ୍ଷା କରିପାରିବ, ଶ୍ରେଣୀରେ ଏହା ଉପରେ ଆଲୋଚନା କର ।



https://withteachers.in/

## ପାଠରୁ

୧. **ନିମ୍ନରେ କେତେକ ପ୍ରଶ୍ନ ଓ ଉତ୍ତର ଦିଆଯାଇଛି । ଠିକ୍ ଉତ୍ତର ପାଖରେ ଠିକ୍ ଚିହ୍ନ (✓) ଦିଅ ।**

(କ) 'ମୁଁ ହିମାଳୟ କୋଳରେ ଜନ୍ମ ହୋଇଥିଲି' । ଏହି ବାକ୍ୟରେ 'ମୁଁ' ଶବ୍ଦଟି କାହାକୁ ବୁଝାଏ ।

(i) ଗୋମୁଖ (ii) ଗଙ୍ଗାନଦୀ

(iii) ପର୍ବତ (iv) ଗଙ୍ଗୋତ୍ରୀ

(ଖ) 'କିନ୍ତୁ ମୁଁ ଏବେ ଖୁସି ଯେ ଲୋକମାନେ ଏଥିରେ ଧ୍ୟାନ ଦେଇଛନ୍ତି ।' ଏଠାରେ କେଉଁଥିରେ ଧ୍ୟାନ ଦେବାକଥା କୁହାଯାଇଛି ?

(i) ଗଙ୍ଗାର ପବିତ୍ରତା ଆଡ଼କୁ

(ii) ଗଙ୍ଗାର ଉଜ୍ଜ୍ୱଳ ରଙ୍ଗ ଆଡ଼କୁ

(iii) ଗଙ୍ଗାଜଳର ଶୁଦ୍ଧତା ଦିଗରେ

(iv) ଗଙ୍ଗାନଦୀର ସ୍ରୋତ ଆଡ଼କୁ

(ଗ) ଜଳ ପ୍ରଦୂଷଣର କାରଣଟି କ'ଣ ?

(i) କାରଖାନା ଏବଂ ସହରରୁ ନିର୍ଗତ ବର୍ଜ୍ୟଜଳ ନଦୀରେ ମିଶି ପ୍ରବାହିତ ହେବାଦ୍ୱାରା

(ii) କାରଖାନାଗୁଡ଼ିକରୁ ନିର୍ଗତ ଧୂଆଁଦ୍ୱାରା

(iii) ନଦୀ ଓ ପୁଷ୍କରିଣୀରେ ସ୍ନାନ କରିବା ଦ୍ୱାରା

(iv) ଜୋର୍‌ରେ ହର୍ଣ୍ଣ ବଜାଇବା ଦ୍ୱାରା

(ଘ) 'ମୁଁ ପ୍ରୟାଗରାଜରେ ପହଞ୍ଚିଲାବେଳକୁ ଯମୁନା ସହିତ ମୋର ସଙ୍ଗମ ହୁଏ ।' ଏହି ବାକ୍ୟରେ 'ସଙ୍ଗମ' ଶବ୍ଦର ଅର୍ଥ ହେଉଛି-

(i) ଏକାଧିକ ନଦୀର ମିଶ୍ରଣ ।

(ii) ବିପରୀତ ଦିଗରେ ପ୍ରବାହିତ ।

(iii) ଦୁଇଟି ଧାରା ମଧ୍ୟରେ ବିଭକ୍ତ ।

(iv) ଗୋଟିଏ ଦିଗରେ ପ୍ରବାହିତ ।



https://withteachers.in/

**୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ତୁମ ଖାତାରେ ଲେଖ ।**

(କ) ଗଙ୍ଗାନଦୀ କୂଳରେ ଅବସ୍ଥିତ ସହରଗୁଡ଼ିକର ନାମ ଲେଖ ।

(ଖ) ଗଙ୍ଗାନଦୀ କୂଳରେ ଗଢ଼ିଉଠିଥିବା ଶିଳ୍ପସହର ଦ୍ୱାରା ଗଙ୍ଗାନଦୀର କ'ଣ କ୍ଷତି ହୋଇଛି ?

(ଗ) କୁମ୍ଭମେଳା କେବେ ଓ କେଉଁଠି ଅନୁଷ୍ଠିତ ହୁଏ ?

(ଘ) 'ଗଙ୍ଗୋତ୍ରୀରୁ ବାହାରିଲାବେଳକୁ ମୋର ଶରୀର ରୁପାଭଳି ଉଜ୍ଜ୍ୱଳ ଦେଖାଯାଉଥାଏ । କିନ୍ତୁ ମୁଁ ଦୁଃଖିତ । କାଶୀରେ ପହଞ୍ଚୁ ପହଞ୍ଚୁ ମୋର ଚମକୁଥିବା ଶରୀର ମଳିନ ହୋଇଯାଏ ।'

(i) ଏଠାରେ 'ରୁପା ଭଳି ଉଜ୍ଜ୍ୱଳ ଦେଖାଯିବାର' ଅର୍ଥ କ'ଣ ?

(ii) କାଶୀରେ ପହଞ୍ଚୁ ପହଞ୍ଚୁ ଗଙ୍ଗାର ଶରୀର କାହିଁକି ମଳିନ ହୋଇଯାଏ ?

**୩. ପାଠ ଆଧାରିତ ଠିକ୍ ଉକ୍ତି ଉପରେ ଠିକ୍ (✓) ଚିହ୍ନିତ ଓ ଭୁଲ ଉକ୍ତି ଉପରେ ଭୁଲ (×) ଚିହ୍ନ ଦିଅ ।**

(କ) ଗଙ୍ଗାକୂଳରେ ଅନେକ ତୀର୍ଥସ୍ଥାନ ଅଛି ।

(ଖ) ଗଙ୍ଗା ଆରାବଳୀ କୋଳରେ ଜନ୍ମଗ୍ରହଣ କରିଥିଲେ ।

(ଗ) କାରଖାନାରୁ ବାହାରୁଥିବା ମଇଳାପାଣି ଗଙ୍ଗାଜଳକୁ ପ୍ରଦୂଷିତ କରୁଛି ।

(ଘ) ପଶ୍ଚିମବଙ୍ଗରେ ଗଙ୍ଗା ତିନୋଟି ସ୍ରୋତରେ ବିଭକ୍ତ ହୋଇଯାଏ ।

(ଙ) ଗଙ୍ଗାର ଅନ୍ୟନାମ ଭାଗୀରଥୀ ।



## ମେଳ କର

ତଳେ 'କ' ସ୍ତମ୍ଭ ଓ 'ଖ' ସ୍ତମ୍ଭରେ କେତେକ ସଂପର୍କିତ ଶବ୍ଦ ଦିଆଯାଇଛି । ସେମାନଙ୍କୁ ବାଛି 'କ' ସ୍ତମ୍ଭକୁ 'ଖ' ସ୍ତମ୍ଭ ସହିତ ମେଳ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
| --- | --- |
| ଗଙ୍ଗାର ଉତ୍ପତ୍ତି | ବାରଣାସୀ |
| ଦେବ ପ୍ରୟାଗ | ଗୋମୁଖ |
| ଶିଳ୍ପ ସହର | ପଦ୍ମାନଦୀ |
| ବାଙ୍ଗଲାଦେଶ | ଅଳକାନନ୍ଦା |
| ପବିତ୍ର ତୀର୍ଥସ୍ଥାନ | କାନପୁର |



https://withteachers.in/



## ଭାଷାର କଥା

**ନିମ୍ନଲିଖିତ ବାକ୍ୟକୁ ପଢ଼**

'ହରିଦ୍ୱାରରେ ପ୍ରତି ବାରବର୍ଷରେ ଥରେ କୁମ୍ଭମେଳା ଅନୁଷ୍ଠିତ ହୁଏ ।'

ଏହି ବାକ୍ୟରେ 'ହୁଏ' ଶବ୍ଦ 'ହେବା' କ୍ରିୟାର ମୂଳରୂପ ଅଟେ ।

**ନିମ୍ନଲିଖିତ ବାକ୍ୟରେ 'ହେବ' କ୍ରିୟାର ବିଭିନ୍ନ ରୂପକୁ ବ୍ୟବହାର କରି ଖାଲିସ୍ଥାନ ପୂରଣ କର । ସେଗୁଡ଼ିକୁ ବନ୍ଧନୀ ମଧ୍ୟରେ ଦିଆଯାଇଛି ।**

(କ) କୁମ୍ଭମେଳାରେ ଅସଂଖ୍ୟ ଲୋକ ଏକତ୍ରିତ ............. ।

(ଖ) ତୁମେ ଯେତେବେଳେ ଆସ, ମୁଁ ବହୁତ ଖୁସି ........... ।

(ଗ) ସେଦିନ ସକାଳେ ଆମ ଘରେ ବହୁତ ଲୋକ ଏକାଠି ............. ।

(ଘ) ପର୍ବତମାଳାର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋମୁଗ୍ଧକର............... ।

(ଙ) ଏହି କାମ ଗତକାଲି ............ ଥିଲା, କିନ୍ତୁ କୌଣସି କାରଣରୁ ଏହି କାମ ............ ନାହିଁ ।

(ହୁଏ, ହେବି, ହେବେ, ହୋଇଛି, ହୁଅନ୍ତି, ହୋଇଥିବ, ହୋଇପାରିବ, ହେବାର)

୨. ପାଠରେ 'ହିମାଳୟ' ଶବ୍ଦଟି 'ହିମ' ଏବଂ 'ଆଳୟ' ଶବ୍ଦ ମିଶି ଗଠିତ । ସେହିପରି ନିମ୍ନରେ ଲେଖାଯାଇଥିବା ଶବ୍ଦଗୁଡ଼ିକୁ ମିଶାଇ ନୂତନ ଶବ୍ଦ ତିଆରି କର । ଗୋଟିକର ନମୁନା ଦିଆଯାଇଛି ।

ପୁସ୍ତକ
ପୁସ୍ତକାଳୟ

ଦେବ
.........................

ବିଦ୍ୟା
.........................

ଭୋଜନ
.........................

ଆଳୟ


ମେଘ
.........................

ଏବେ ଲେଖିଥିବା ଶବ୍ଦଗୁଡ଼ିକୁ ବାକ୍ୟରେ ବ୍ୟବହାର କରି ନିଜ ଖାତାରେ ଲେଖ ।



https://withteachers.in/

**୩. ନିମ୍ନରେ ଗଙ୍ଗାନଦୀର ଚିତ୍ର ଉପରେ କିଛି ଶବ୍ଦ ଦିଆଯାଇଛି । ଏହି ଶବ୍ଦଗୁଡ଼ିକୁ ବ୍ୟବହାର କରି ଅନୁଚ୍ଛେଦଟି ଲେଖ ।**




୪. 'ତୁମେ କାମ କର ।'
'ମୁଁ କରଯୋଡ଼ି ଆପଣଙ୍କୁ ପ୍ରଣାମ କରୁଛି ।'

ଏଠାରେ ପ୍ରଥମ ବାକ୍ୟରେ 'କର' ଶବ୍ଦଟି କ୍ରିୟାଭାବରେ ବ୍ୟବହୃତ ହୋଇଛି ଏବଂ ଦ୍ୱିତୀୟ ବାକ୍ୟରେ 'କର' ଶବ୍ଦର ଅର୍ଥ 'ହାତ' । 'କର' ଶବ୍ଦର ଅନ୍ୟ ଏକ ଅର୍ଥ 'ଖଜଣା' । ଏହିପରି ତୁମେ ଦେଖୁଥିବ ଯେ ସମାନ ଶବ୍ଦଟି ବିଭିନ୍ନ ବାକ୍ୟରେ ବ୍ୟବହାର ହେବା ଯୋଗୁଁ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରୁଛି ।

**ଏବେ ତୁମେ ତୁମର ପାଠ୍ୟପୁସ୍ତକ ଏବଂ ଅନ୍ୟାନ୍ୟ ଉତ୍ସରୁ ଏହିପରି ଶବ୍ଦଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରି ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର । (ଅତିକମ୍‌ରେ ଦଶଟି ଶବ୍ଦରେ)**



https://withteachers.in/

## ତୁମେ ଯାହା ବୁଝିଛ


୧. ଗଙ୍ଗାନଦୀ ସହିତ ତୀର୍ଥସ୍ଥଳଗୁଡ଼ିକୁ ଯୋଡ଼ିବାର କାରଣ କ'ଣ ହୋଇପାରେ ବୋଲି ତୁମେମାନେ ଭାବୁଛ ?

୨. ଯଦି ନଦୀଗୁଡ଼ିକ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିବ, ତେବେ ଏହାର ପ୍ରଭାବ ଆମ ଉପରେ କ'ଣ ପଡ଼ିବ ?

୩. ପାଠରେ 'କାନପୁର'କୁ ଭାରତର ପ୍ରସିଦ୍ଧ ଶିଳ୍ପ-ସହର ବୋଲି କୁହାଯାଇଛି । ଏଠାରେ 'ଶିଳ୍ପ ସହର'ର ଅର୍ଥ କ'ଣ ?

## ଆସ ଚିତ୍ର କରିବା

**ନିମ୍ନରେ 'ଜଳ ସଂରକ୍ଷଣ' ଉପରେ ଏକ ଚିତ୍ର ଦିଆଯାଇଛି । ଦିଆଯାଇଥିବା ବାକ୍ସ ମଧ୍ୟରେ ତୁମେ ମଧ୍ୟ ଏକ ଚିତ୍ର ଅଙ୍କନ କର ଏବଂ ଜଳ ସଂରକ୍ଷଣର ଉପାୟଗୁଡ଼ିକ ଲେଖ ।**





https://withteachers.in/



## ଗଙ୍ଗା ସହିତ କଥାବାର୍ତ୍ତା

ଗଙ୍ଗାର ରୁପାଭଳି ଉଜ୍ଜ୍ୱଳ ଶରୀର ମଳିନ ହୋଇଯାଉଥିବା ଦେଖି ସେ ଦୁଃଖିତ । ଯଦି ତୁମେ କେବେ ଗଙ୍ଗାନଦୀ ସହିତ କଥା ହେବାର ସୁଯୋଗ ପାଅ, ତେବେ କ'ଣ କଥାବାର୍ତ୍ତା ହେବ, ନିଜ ନିଜ ମଧ୍ୟରେ ଆଲୋଚନା କର ।





## ପୁସ୍ତକାଳୟ ଏବଂ ଅନ୍ୟାନ୍ୟ ଉତ୍ସ

୧. ବିଦ୍ୟାଳୟର ପାଠାଗାର, ପିତାମାତା ତଥା ଅନ୍ୟାନ୍ୟ ଉତ୍ସରୁ ଗଙ୍ଗାନଦୀର ଶାଖାନଦୀଗୁଡ଼ିକ ବିଷୟରେ ଖୋଜ । ଏଥି ସହିତ ସେହି ନଦୀଗୁଡ଼ିକର ଉତ୍ପତ୍ତି ସ୍ଥାନ କେଉଁଠି ଏବଂ ସେହି ନଦୀ କୂଳରେ କେଉଁସବୁ ପ୍ରସିଦ୍ଧ ସହର ରହିଛି, ତାହାର ତାଲିକା ତିଆରି କର ।

୨. ଭାରତ ସରକାରଙ୍କଦ୍ୱାରା ନଦୀ ସଫା କରିବାପାଇଁ ଚାଲିଥିବା ଯୋଜନା ବିଷୟରେ ଖୋଜି ବାହାର କର । ଏଥିପାଇଁ ତୁମେ ପାଠାଗାର, ଶିକ୍ଷକ-ଅଭିଭାବକ ଏବଂ ଅନ୍ୟାନ୍ୟ ଉତ୍ସର ସାହାଯ୍ୟ ନେଇପାରିବ ।

୩. ନିଜକୁ ନଦୀଟିଏ ମନେକରି ଆତ୍ମକାହାଣୀ ଲେଖ ।



https://withteachers.in/

## ତୁମ ପଢ଼ିବାପାଇଁ

# ଅର୍ଜୁନଙ୍କ ଏକାଗ୍ରତା


"ଜେଜିମା, ଜେଜିମା", ଡାକ ଛାଡ଼ି ଆରାଧନା ଶୋଇବା ଘର ଭିତରକୁ ପଶି ଆସିଲା ଜେଜେମା'ଙ୍କୁ କହିଲା, "ରାତି କେତେ ହେଲାଣି, ମୋତେ ଗପ ଶୁଣାଇବନି କି ? ଜେଜେମା' କହିଲେ, "ମୁଁ ପରା ଏବେ ତୋତେ ଡାକିବାକୁ ଯାଉଥିଲି, ତୁ ଚାଲିଆସିଲୁ ।" ଆରାଧନା ଜେଜିମା'ଙ୍କୁ କହିଲା, "ଜେଜେମା' ! ଆଜି ମୋତେ ମହାଭାରତରୁ କାହାଣୀଟିଏ କୁହ ନା' ।"

ଜେଜେମା' କହିଲେ, "ତେବେ ଶୁଣ- ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବ ଥିଲେ ପାଣ୍ଡବ ପାଞ୍ଚଭାଇ । ତାଙ୍କୁ ପଞ୍ଚୁପାଣ୍ଡବ ବୋଲି କୁହାଯାଏ । ଦୁର୍ଯ୍ୟୋଧନ, ଦୁଃଶାସନମାନେ ଥିଲେ କୌରବ ଶହେ ଭାଇ । ଏମାନେ ସମସ୍ତେ ପିଲାଦିନେ ଗୁରୁ ଦ୍ରୋଣଙ୍କ ନିକଟରେ ଧନୁର୍ବିଦ୍ୟା ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ବିଦ୍ୟା ଶିକ୍ଷା କରୁଥିଲେ । ପଞ୍ଚୁପାଣ୍ଡବ ଗୁରୁଙ୍କଠାରୁ ମନ ଦେଇ ସବୁଶିକ୍ଷା ଗ୍ରହଣ କରୁଥିଲେ । ହେଲେ, କୌରବ ରାଜକୁମାରମାନେ ପାଣ୍ଡବ ପାଞ୍ଚଭାଇଙ୍କୁ ସହି ପାରୁ ନଥିଲେ ।



ଦିନକର କଥା । ଗୁରୁ ଦ୍ରୋଣ ରାଜକୁମାରମାନଙ୍କ ଧନୁର୍ବିଦ୍ୟା ପରଖିବାକୁ ଚାହିଁଲେ । ସେ ପୂର୍ବରୁ କାରିଗର ଡକାଇ ନେଳୀ ପକ୍ଷୀଟିଏ ତିଆରି କରାଇ ଗଛ ଉପରେ ରଖିଥିଲେ । ଶିଷ୍ୟମାନଙ୍କୁ ଡାକି କହିଲେ, "ତୁମ୍ଭେମାନେ ନିଜ ନିଜର ଧନୁଶର ଧର । କହିବାମାତ୍ରେ ଗଛ ଉପରେ ବସିଥିବା ପକ୍ଷୀଟିର ମୁଣ୍ଡଟିକୁ ଶର ମାରି କାଟି ଫିଙ୍ଗିଦେବ ।"

ଗୁରୁଙ୍କ ତଥା ଶୁଣି ରାଜକୁମାରମାନେ ନିଜ ନିଜର ଧନୁଶର ଧରି ପକ୍ଷୀର ମୁଣ୍ଡ କାଟିବାକୁ ଠିଆ ହେଲେ ।



ଦ୍ରୋଣ ଜଣଜଣ କରି ସବୁ ରାଜକୁମାରଙ୍କୁ ପାଖକୁ ଡାକି ପଚାରିଲେ, "ବାପା, ତୁମ୍ଭେମାନେ କ'ଣ ଦେଖୁଛ ? ସମସ୍ତେ କହିଲେ, "ଆମେ ଆପଣଙ୍କୁ ଦେଖୁଛୁ, ଗଛ ଦେଖୁଛୁ, ପକ୍ଷୀ ଦେଖୁଛୁ ।" ଦ୍ରୋଣ ବୁଝିଲେ, ଏମାନଙ୍କ ନଜର ଠିକ୍ ନାହିଁ । ଏମାନେ ପକ୍ଷୀକୁ ନ ଚାହିଁ ଏଣେତେଣେ ଚାହୁଁଛନ୍ତି । ଶେଷରେ ଗୁରୁ ଦ୍ରୋଣ ଅର୍ଜୁନଙ୍କୁ ପାଖକୁ ଡାକି ପଚାରିଲେ, "ତୁମେ କ'ଣ ଦେଖୁଛ ? ଅର୍ଜୁନ କହିଲେ, "ମୁଁ କେବଳ ଚଢ଼େଇ ଦେଖୁଛି ।



https://withteachers.in/

ଚଢ଼େଇ ବ୍ୟତୀତ ମୋତେ ତ ଅନ୍ୟ କିଛି ଦିଶୁନାହିଁ । ପୁଣି ଥରେ ଗୁରୁ ପଚାରିଲେ, "ଆଉ କ'ଣ ଦେଖୁଛ ।" ଅର୍ଜୁନ କହିଲେ, "ନା, ମୁଁ କେବଳ ପକ୍ଷୀଟିର ଆଖିଟି ଦେଖୁଛି ।" ଗୁରୁଜୀ ଏଥର କହିଲେ, "ତେବେ ତା'ର ଆଖିକୁ ଶରବିଦ୍ଧ କର।" ଗୁରୁଙ୍କ କଥା ନ ସରୁଣୁ ଅର୍ଜୁନ ଶରମାରି ପକ୍ଷୀଟିର ଆଖିକୁ ଶରବିଦ୍ଧ କରିଦେଲେ। ଗୁରୁ ଖୁସି ହୋଇ ଅର୍ଜୁନକୁ କୁଣ୍ଢେଇ ପକାଇଲେ । ସବୁ ରାଜପୁତ୍ରଙ୍କ ମଧ୍ୟରୁ ଅର୍ଜୁନ ହିଁ ଶ୍ରେଷ୍ଠ ଧନୁର୍ଦ୍ଧାରୀ ବୋଲି ପ୍ରମାଣିତ ହେଲା । ନିଜର ଲକ୍ଷ୍ୟ ଓ ଏକାଗ୍ରତା ହିଁ ତାଙ୍କୁ ସଫଳତା ଆଣିଦେଇ ପାରିଲା ବୋଲି ଜେଜେମା' ଆରାଧନାକୁ ବୁଝାଇଦେଲେ ।

ଆରାଧନା ଗପ ଶୁଣି ଭାରି ଖୁସି ହେଲା। ଆସନ୍ତାକାଲି ମହାଭାରତରୁ ଆଉ ଗୋଟିଏ ଗପ କହିବାକୁ ଜେଜେମା'ଙ୍କୁ ଅନୁରୋଧ କଲା ।

(ମହାଭାରତର କାହାଣୀରୁ)




❖❖❖



https://withteachers.in/


ପାଠ-୧୨

# ଦେଲୁ ମୋତେ ମହାଶିକ୍ଷା

● ଚିନ୍ତାମଣି ପତି

ପଞ୍ଜାବକେଶରୀ ରଣଜିତ୍ ସିଂହ
ଅଶ୍ୱ ଝପଟାଇ ଥରେ,
ଦଳବଳ ଘେନି ଯାଉଥିଲେ କାହିଁ
ଜନହୀନ ପଥ ପରେ ।
ସହସା ଫିଙ୍ଗିଲା ଢେଲାଟିଏ କିଏ
ସତେ ଅବା ଲକ୍ଷ୍ୟ କରି,


ବୀର ରଣଜିତ୍ କପାଳେ ବାଜିଲା
ରୁଧିର ପଡ଼ିଲା ଝରି ।
ନ ଦିଶିଲା ତାଙ୍କୁ କେଉଁ ଦିଗେ କିଛି
ତୁରିତେ ଲଗାମ କଷି,
ଓହ୍ଲାଇପଡ଼ି ସେ ଅଶ୍ୱରୁ ଅଧୀରେ
ପଥ ପରେ ଗଲେ ବସି ।





https://withteachers.in/

ଓହ୍ଲାଇ ପଡ଼ିଲେ ସଇନସାମନ୍ତ
ମନ୍ତ୍ରୀପରିଷଦ ଜନ,
ନ ସ୍ଫୁରିଲା କଥା କାହାରି ବଦନୁ
ସବୁରି କାତର ମନ ।
"ଏ କି ହେଲା ଆହା !" କହନ୍ତି ସକଳେ,
କ୍ରୋଧେ ଚଉପାଶେ ଚାହିଁ,
ଗରଜିଲେ ମନ୍ତ୍ରୀ, "କିଏ ସେ ଦୁର୍ମତି
ଧରିଆଣ ତାକୁ ଯାଇ ।"



ଖେଦିଗଲେ ସୈନ୍ୟ ବିଲ ବନସ୍ତରେ
ଖୋଜିଲେ କୋପରେ ଅତି,
ତୋଟା ଗହଳରୁ ନାରୀଟିଏ ଧରି
ଆଣିଲେ ରାଜନ କତି ।
ପଶି ଯାଉଛି ତା କୋରଡ଼ରେ ଆଖି
ବହିପଡ଼େ ଅଶ୍ରୁ ଜଳ,
ଫୁଙ୍କି ଦେଲେ କାହିଁ ଉଡ଼ିଯିବ ତା'ର
କୁଟା ଖିଅକର ବଳ ।
"କେଡ଼େ ତୋ' ସାହସ କହିଲେ ସଚିବ
ନିଆଁରେ କରିଲୁ ଖେଳା,
ଚିହ୍ନି ନାହୁଁ କି ତୁ ରାଜା ରଣଜିତେ
ମାରିଲୁ ତାହାଙ୍କୁ ଢେଲା ।"
କାକୁସ୍ତରେ ଅତି କହିଲା ନାରୀଟି
"ଶୁଣ ମୋ ଗୁହାରି ଥରେ,
ତିନିଦିନ ହେଲା ଉପାସେ ପିଲା ମୋ
ଗଡ଼ଇ କତରା ପରେ ।
ମାଗିଯାଚି ବୁଲି ପାଇଲିନି କାହିଁ
ଖୁଦମଲୁଖରୁ ପୋଷେ,
ଆସିଥିଲି ଧାଇଁ ଏ ଘୋର ବନସ୍ତେ
ଫଳମୂଳ ନେବା ଆଶେ ।



https://withteachers.in/

ଫିଙ୍ଗିଲି ଟେକା ମୁଁ ଫଳକୁ ଗଛରେ
ସିଏ ତ ହେଲା ମୋ କାଳ,
ଫଳରେ ନ ବାଜି ରାଜା କପାଳରେ
ଲେଖିଲା ରକତଗାର ।"
"ରକତଗାର ଏ ନୁହଁଇ ମାଆ ଲୋ ।
ଏ ତ ମୋ ମଥାର ଟିକା ।",
ରଣଜିତ୍ ସିଂହ କହିଲେ ଆବେଗେ
"ଦେଲୁ ମୋତେ ମହାଶିକ୍ଷା ।

ଫିଟାଇଲୁ ଆଖି, ବୁଝିଲି ଆଜି ମୁଁ
ବୃଥା ରାଜ ପଣ ସିନା,
ପ୍ରଜା ଯେବେ ମରେ ପଲ୍ଲିପୁରେ କାହିଁ
ଅନ୍ନ ମୁଠିକର ବିନା ।
ଏ ଦେଶର ଶିଶୁ ଏ ଦେଶର ମାଆ
ଅସହାୟେ ଯେବେ ଟଳେ,
ମୋହଠାରୁ ବଳି ଅପରାଧୀ ଆଉ
କିଏ ଅଛି ମହୀ ତଳେ ?"





https://withteachers.in/

ବିସ୍ମୟେ ଅନାଇ ଭାଳିଲେ ସଚିବ
ଏ କିବା ବିଚାର ରୀତି,
ଦୋଷ କରି ପ୍ରଜା ପାଏ ନାହିଁ ଦଣ୍ଡ
ଦୋଷୀ ହୁଏ ନରପତି ।
କ୍ଷଣ ପରେ ପୁଣି ବୀର ରଣଜିତ୍
କହିଲେ ମନ୍ତ୍ରୀରେ ଚାହିଁ,
"ଜଣାଅ ତୁରିତେ ମୋ ରାଜ୍ୟରେ ଅଛି
ଅନାହାରେ କିଏ କାହିଁ ?

ଅଭାବ କଷଣ ନ ଘୁଞ୍ଚିଲେ ଦେଶୁ
ଜନମିବେ କାହୁଁ ବୀର ?
କିଏ ତେବେ ଆଉ ଜନମଭୂମିର
ଉନ୍ନତ ରଖିବ ଶିର ?
ଦେହେ ଦେହେ ଶକ୍ତି ସଞ୍ଚାର ପାଇଁକି
ଧରିଛି ହାତେ ମୁଁ ଅସ୍ତ୍ର,
ଦିଅ ଏ ନାରୀକୁ ଯେତେ ପାର ଧନ
ଯେତେ ପାର ଅନ୍ନବସ୍ତ୍ର ।"





https://withteachers.in/



## ଆସ କଥା ହେବା

୧. ତୁମେ କେବେ ତୋଟା ବା ବଗିଚା ଦେଖିଛ ?

ଗଛରୁ ଫଳ ତୋଳିବା ପାଇଁ ଢେଲା ମାରିଛ ?

୨. ତୁମର ଦୁଷ୍ଟାମିପାଇଁ ମାଆ ତୁମକୁ କେବେ ଭୋକିଲା ରଖିଛନ୍ତି କି ? ସେତେବେଳେ ତୁମକୁ କେମିତି ଲାଗୁଥିଲା କୁହ ତ ?

୩. ଜଣେ ଭୋକିଲା ମଣିଷ ଖାଦ୍ୟପାଇଁ ଡହଳବିକଳ ହେଉଥିବାବେଳେ ତା'ର ଅବସ୍ଥା କିପରି ହେଉଥିବ କୁହ ତ ?

୪. ତୁମେ ଘୋଡ଼ା ପିଠିରେ କେବେ ବସିଛ କି ? ଘୋଡ଼ାରେ ବସିଲେ କେମିତି ଲାଗେ ?

୫. ମନେକର ତୁମେ ରାଜା ରଣଜିତ୍ ସିଂହ । ତେବେ ଦୁଃଖିନୀ ନାରୀଟିକୁ ତୁମେ କିପରି ବ୍ୟବହାର କରିଥାନ୍ତ ?



## ପାଠରୁ

**ତଳେ କେତେକ ପ୍ରଶ୍ନ ଓ ତା'ର ଉତ୍ତର ଦିଆଯାଇଛି । ଠିକ୍ ଉତ୍ତର ପାଖରେ (✓) ଚିହ୍ନ ଦିଅ ।**

(କ) ରାଜା ରଣଜିତ୍ ସିଂହ କାହା ପିଠିରେ ବସି ଯାଉଥିଲେ ?

(i) ଘୋଡ଼ା ☐ (ii) ଗଧ ☐

(iii) ମଇଁଷି ☐ (iv) ହାତୀ ☐

(ଖ) ନାରୀଟି ମାରିଥିବା ଢେଲାଟି କେଉଁଠି ବାଜିଲା ?

(i) ମନ୍ତ୍ରୀଙ୍କ କପାଳରେ ☐ (ii) ରାଜାଙ୍କ କପାଳରେ ☐

(iii) ଘୋଡ଼ାର ମୁଣ୍ଡରେ ☐ (iv) ରାଜାଙ୍କ ପିଠିରେ ☐

(ଗ) ନାରୀଟି କାହିଁକି ଢେଲା ମାରିଥିଲା ?

(i) ସେ ଖୁବ୍ ଡରିଯାଇଥିଲା । ☐

(ii) ସେ ଫଳ ତୋଳିବାକୁ ଚାହୁଁଥିଲା । ☐



https://withteachers.in/

(iii) ସେ ତିନିଦିନ ଧରି ଭୋକିଲା ଥିଲା । ☐

(iv) ସେ ନିଜକୁ ରକ୍ଷା କରିବାକୁ ଚାହୁଁଥିଲା । ☐

(ଘ) 'ଦୋଷ କରି ପ୍ରଜା ପାଏ ନାହିଁ ଦଣ୍ଡ ଦୋଷୀ ହୁଏ ନରପତି' – ଏହି ଉକ୍ତିଟି କାହାର ?

(i) ରାଜାଙ୍କର ☐ (ii) ମନ୍ତ୍ରୀଙ୍କର ☐

(iii) ପ୍ରଜାଙ୍କର ☐ (iv) ସୈନ୍ୟଙ୍କର ☐



## ଚିନ୍ତା କରି ଲେଖ

୧. ପଞ୍ଜାବ କେଶରୀ କିଏ ? ସେ କାହା ସହିତ ଯାଉଥିଲେ ?

୨. ରାଜାଙ୍କ କପାଳରୁ ରକ୍ତ ଝରିବାର କାରଣ କ'ଣ ?

୩. ରାଜାଙ୍କ କପାଳରୁ ରକ୍ତ ଝରିବାର ଦେଖି ମନ୍ତ୍ରୀ କି ପ୍ରତିକ୍ରିୟା ପ୍ରକାଶ କଲେ ?

୪. ସ୍ତ୍ରୀଲୋକଟି ରାଜାଙ୍କ ପାଖକୁ ଆସି କ'ଣ କହିଲା ?

୫. ରାଜା ସ୍ତ୍ରୀଲୋକଟିଠାରୁ ତା'ର ଦୁଃଖ ଶୁଣିଲାପରେ ମନ୍ତ୍ରୀଙ୍କୁ କେଉଁ ଆଦେଶ ଦେଲେ ?

୬. ଆଗକାଳରେ ଯାନବାହନ ନ ଥିଲା, ରାଜା ମହାରାଜାମାନେ କିପରି ଯାତାୟାତ କରୁଥିଲେ ?



## ଆସ ବୁଝିବା

'ରକତଗାର ଏ ନୁହଁଇ ମାଆଲୋ
ଏ ତ ମୋ ମଥାର ଟିକା
ରଣଜିତ ସିଂହ କହିଲେ ଆବେଗେ
ଦେଲୁ ମୋତେ ମହାଶିକ୍ଷା ।'

ଏହି ପଦ୍ୟାଂଶଟିରୁ ତୁମେ କ'ଣ ବୁଝୁଛ ?

ଯାହା ବୁଝିଲ, ତାହାକୁ ସରଳଭାଷାରେ ବୁଝାଇ ଲେଖ ।



https://withteachers.in/



## ଅନୁମାନ ଓ କଳ୍ପନାରୁ

୧. ଯଦି ଢେଲାଟି ରାଜାଙ୍କ ଦେହରେ ନ ବାଜି କୌଣସି ସୈନ୍ୟ ଦେହରେ ବାଜିଥାନ୍ତା, ତେବେ କ'ଣ ହୋଇଥାନ୍ତା ?

୨. ଯଦି ନାରୀଟିକୁ ସୈନ୍ୟମାନେ ପାଇ ନଥାନ୍ତେ, ତେବେ ରାଜା ସେମାନଙ୍କୁ କ'ଣ କହିଥାନ୍ତେ ?

୩. ତୁମେ ଖେଳୁଖେଳୁ ପଡ଼ିଗଲ । ଦେହରୁ ରକ୍ତ ଧାରଧାର ହୋଇ ବହିଗଲା । ତେବେ ତୁମେ କ'ଣ କରିବ ?



## ଭାଷାର କଥା

**ରୁଧିର** ଶବ୍ଦର ଅର୍ଥ **ରକ୍ତ** । ଏହାର ଆଉ ଗୋଟିଏ ଅର୍ଥ **ଶୋଣିତ** ।
ସେହିପରି ନିମ୍ନଲିଖିତ ଶବ୍ଦଗୁଡ଼ିକର ଆଉ କେତୋଟି ଅର୍ଥ ଲେଖ ।

| | | |
|---|---|---|
| ପଥ | --------- | --------- |
| ନିଆଁ | --------- | --------- |
| ଘୋଡ଼ା | --------- | --------- |
| ଗାଁ | --------- | --------- |
| ଶିର | --------- | --------- |
| ନରପତି | --------- | --------- |
| ଦିବସ | --------- | --------- |

୨. 'ଅଭାବ କଷଣ ନ ଘୁଞ୍ଚିଲେ ଦେଶୁ
<u>ଜନମିବେ</u> କାହୁଁ ବୀର ?'

ଏଠାରେ ରେଖାଙ୍କିତ ପଦଟି ପଦ୍ୟରେ ବ୍ୟବହାର କରାଯାଇଛି । ତାହାକୁ ଗଦ୍ୟରୂପ କଲେ 'ଜନ୍ମିବେ' ହେବ । ସେହିପରି ତଳେ କେତେକ ଶବ୍ଦର ପଦ୍ୟରୂପ ଦିଆଯାଇଛି । ସେଗୁଡ଼ିକର ଗଦ୍ୟରୂପ ତୁମ ଖାତାରେ ଲେଖ ।



https://withteachers.in/

ରକତ -

ସଇନ -

ଗରଜିଲେ -

ସପନ -

ସୂରୁଯ -

୩. 'ମାଗିଯାଚି ବୁଲି ପାଇଲିନି କାହିଁ

ଖୁଦ ମଲୁଖରୁ ପୋଷେ' । - ଏହି ପଦ୍ୟାଂଶରେ 'ମାଗିଯାଚି' ଓ 'ଖୁଦମଲୁଖ' ଗୋଟିଏ ଗୋଟିଏ ଯୋଡ଼ିଶବ୍ଦ । ଆସ, ଏହି ପଦ୍ୟରୁ ଆଉକିଛି ନୂଆ ଯୋଡ଼ିଶବ୍ଦ ଖୋଜି ଖାତାରେ ଲେଖିବା ।

----------------------------------------------------------------------

----------------------------------------------------------------------

୪. ତଳେ କିଛି ପଦ୍ୟାଂଶ ଦିଆଯାଇଛି । ପଦ୍ୟାଂଶର ରେଖାଙ୍କିତ ଶବ୍ଦକୁ ବନ୍ଧନୀରେ ଦିଆଯାଇଥିବା ଶବ୍ଦ ବଦଳରେ ଆଉଥରେ ଲେଖ ।

(କ) ସହସା ଫିଙ୍ଗିଲା ଢେଲାଟିଏ କିଏ
ସତେ ଅବା ଲକ୍ଷ୍ୟ କରି (ଡେରି / ହଠାତ୍)

(ଖ) ବୀର ରଣଜିତ୍ କପାଳେ ବାଜିଲା
ରୁଧିର ପଡ଼ିଲା ଝରି । (ଜଳ/ରକ୍ତ)

(ଗ) ଗରଜିଲେ ମନ୍ତ୍ରୀ 'କିଏ ସେ ଦୁର୍ମତି
ଧରିଆଣ ତାକୁ ଯାଇ ।' (ଦୁଷ୍ଟ/ଶିଷ୍ଟ)

(ଘ) ଖେଦିଗଲେ ସୈନ୍ୟ ବିଲବନସ୍ତରେ
ଖୋଜିଲେ କୋପରେ ଅତି । (ରାଗ/ଧୀର)

(ଙ) ବିସ୍ମୟେ ଅନାଇ ଭାଳିଲେ ସଚିବ
ଏ କିବା ବିଚାରରୀତି । (ଆଶ୍ଚର୍ଯ୍ୟ /ନିଶ୍ଚୟ)



https://withteachers.in/

୫. ଆସ, ପରବର୍ତ୍ତୀ ପଦଟିକୁ ପୂରଣ କରିବା ।

ଯେପରି - (କ) 'ଏ କି ହେଲା ଆହା' ! କହନ୍ତି ସକଳେ
<u>କ୍ରୋଧେ ଚଉପାଶେ ଚାହିଁ</u>।

(ଖ) ଫୁଙ୍କିଦେଲେ କାହିଁ -------------------
କୁଟା ଖିଅକର ବଳ ।

(ଗ) ---------------------- କହିଲେ ସଚିବ
ନିଆଁରେ କରିଲୁ ଖେଳା।

(ଘ) ଦୋଷ କରି ପ୍ରଜା ---------------------
ଦୋଷୀ ହୁଏ ନରପତି ।



## ପାଠରୁ ଆଗକୁ

୧. ଏହି କବିତାରେ ରାଜା ରଣଜିତ୍ ସିଂହ ନାରୀଟି ସହିତ କଥାବାର୍ତ୍ତା କରିଥିଲେ । ତୁମେ ତଳେ ଦିଆଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯାହା ସହିତ କଥା ହେବା ପାଇଁ ଅଧିକ ପସନ୍ଦ କରିବ, ତାହା ଉପରେ ଠିକ୍ (✓) ଚିହ୍ନ ଦିଅ।

| | | | |
|---|---|---|---|
| ଭଉଣୀ | ସାଙ୍ଗ | ଜେଜେ | ମାଆ |
| ଭାଇ | ଖୁଡ଼ୀ | ଦାଦା | ଗୁରୁମାଆ |

ଯାହା ସହିତ କଥା ହେବାକୁ ପସନ୍ଦ କରୁଛ, ତାଙ୍କ ସହିତ କଥା ହୁଅ । କଥା ହେବା ପରେ ତୁମେଦୁହେଁ କ'ଣ କଥା ହେଲ, ତାକୁ ଖାତାରେ ଲେଖ ।

୨. ଦିନେ ତୁମେ ବଣ ଭିତରେ ଯାଉଥିବାବେଳେ ହଠାତ୍ ଜଣେ ରାଜାଙ୍କୁ ଭେଟିଲ, ତାଙ୍କ ସହିତ କ'ଣ କଥା ହେବ ?

୩. ଆଜିକାଲି ଆଉ ରାଜା ନାହାନ୍ତି । ମନ୍ତ୍ରୀମାନଙ୍କ ଶାସନ। ତୁମ ଅଜାଣତରେ ଢେଲାଟିଏ ମନ୍ତ୍ରୀଙ୍କ ଦେହରେ ବାଜିଲେ କ'ଣ ହେବ କୁହ ତ ?



https://withteachers.in/

୪. ରାଜା ରଣଜିତ ସିଂହଙ୍କ ବିଚାରରେ ତୁମେ ଏକମତ କି ? ଯଦି ଏକମତ, ତେବେ କାହିଁକି କୁହ ? ଏ ବିଷୟରେ ବନ୍ଧୁମାନଙ୍କ ସହିତ ଆଲୋଚନା କର । ଦୁଇଦଳ ହୋଇ ଶ୍ରେଣୀଗୃହରେ ସପକ୍ଷରେ ଓ ବିପକ୍ଷରେ ଆଲୋଚନା କର ।

୫. ତୁମେ ଏହି କବିତାଟି ପଢ଼ିଲ, ଏବେ ତୁମେ ମନରୁ ଏକ କବିତା ଲେଖି ଶ୍ରେଣୀରେ ପାଠ କର ।



## ଆସ ପହେଳି ପଢ଼ିବା

(୧)

ରାଜା ମହାରାଜା ବାହନ ମୁହିଁ
ପବନ ବେଗରେ ଯାଏ ମୁଁ ଧାଇଁ,
ନାତ ମୋର ଅଟେ ଭାରି ଶକତ
ଚେତକ ନାମରେ ଥିଲି ବିଖ୍ୟାତ ।
ନାମଟି ମୋହର ଏବେ କୁହ ତ ?

(୨)

ବିନା ଦରମାରେ କାମ କରନ୍ତି
ଦିନ ରାତି ଆମ ସେବା କରନ୍ତି,
କୋଳଟି ତାଙ୍କର ସରଗପୁର
କହିଦିଅ ଏବେ ନାମ ତାଙ୍କର ?

(୩)

ବିଭିନ୍ନ ଖାଦ୍ୟରୁ ତିଆରି ହୁଏ
ନାଳି ମୋର ରଙ୍ଗ ଦେହେ ମୁଁ ରହେ,
ଖଣ୍ଡିଆ ହେଲେ ମୁଁ ହୁଏ ବାହାର,
ସେବିକା କରନ୍ତି ମୋ ଉପଚାର,
ତରଳ ପଦାର୍ଥ ଅଟଇ ମୁହିଁ,
କହିଲ ଦେଖି ମୋ ନାମଟି କେହି ?

(୪)

ନୁହେଁ ମୁଁ ସଇନ ନୁହେଁ ମୁଁ ପ୍ରଜା
ପାଳଇ ସଭିଁଙ୍କୁ ଦିଏ ମୁଁ ସଜା
ରାଇଜଯାକର ମୁଖିଆ ମୁହିଁ
କହିଲ ଦେଖି ମୋ ନାମଟି କେହି ?

ଉତ୍ତର- ୧. ଘୋଡ଼ା, ୨. ମୂଲିଆ, ୩. ରକ୍ତ, ୪. ତାସ



https://withteachers.in/

## ତୁମ ପଢ଼ିବାପାଇଁ

# ନିଶା ଦେଲା ବିଗାଡ଼ି ପାଠ ଦେଲା ସଜାଡ଼ି

ପରେଶ ବାବୁ ଡ଼ମପଡ଼ା ଗାଁର ବଡ଼ ଜମିଦାର । ତାଙ୍କର ଗୋଟିଏ ବୋଲି ପୁଅ । ନାଁ ସରୋଜ । ସେ ଭାରି ଅଲିଅଳ ଓ ସୁକୁମାରିଆ । ବାପା ନିଜ ଏକମାତ୍ର ପୁଅକୁ ବଡ଼ମଣିଷ କରିବେ ବୋଲି ସହରର ଏକ ନାମି ଘରୋଇ କଲେଜରେ ନାମ ଲେଖାଇଦେଲେ । ପୁଅ ସହରରେ ରହିଲା । ଭଲ ସାଙ୍ଗ ପରିବର୍ତ୍ତେ କିଛି ଖରାପ ପିଲାଙ୍କ ସହିତ ମିଶିଲା । ସେମାନଙ୍କ ସହିତ ମିଶି ବିଭିନ୍ନ ପ୍ରକାର ନିଶା ସେବନ କଲା । ନିଶା ସେବନପାଇଁ ବେଳେବେଳେ ପଇସା ଅଭାବରୁ ସାଙ୍ଗସାଥୀଙ୍କୁ ହାତ ପାତିଲା । ଥରେ ଦୋକାନରୁ ଚୋରି ଅଭିଯୋଗରେ ଥାନାରେ ପଶିଲା ।




ପୁଅର ନିଶାସେବନ ଓ ଅବାଟରେ ଚାଲିଯିବା କଥା ବାପାଙ୍କ କାନରେ ପଡ଼ିଲା । ଜମିଦାରବାବୁ ମନଦୁଃଖରେ ପୁଅକୁ ସହରରୁ ଗାଁ'କୁ ନେଇ ଆସିଲେ । ଭାବିଲେ 'ପାଠ ନ ପଢ଼ିଲେ ନାହିଁ, ପାଖରେ ରହିଲେ ନଜରରେ ତ ରହିବ ।' କିଛି ଦିନ ପରେ ସୁବିଧା ଦେଖି, ସୁନ୍ଦର ସୁଶୀଳା ବୋହୂଟିଏ ଘରକୁ ଆଣିଲେ । 'ବୋହୂର ପ୍ରଭାବରେ କାଳେ ପୁଅଟା ଅବାଟରୁ ବାଟକୁ ଚାଲିଆସିବ', ଏହା ତାଙ୍କର ଧାରଣା ଥିଲା । ଏହା ମଧ୍ୟରେ ତାଙ୍କର ନାତିଟିଏ ହୋଇଛି । ମାତ୍ର ପୁଅ ସରୋଜର ଚରିତ୍ରରେ କିଛି ପରିବର୍ତ୍ତନ ହେଉନଥିଲା । ଗାଁ ନିଶାଖିଆ ଲୋକଙ୍କର ମେଳିରେ ସେ ଦିନକୁ ଦିନ ଅଧିକ ନିଶା ସେବନ କଲା । ରାସ୍ତାଘାଟରେ ପଡ଼ିଲା । ପୁଅ ଚିନ୍ତାରେ ଜମିଦାର ବାବୁ ଆରପାରିକୁ ଚାଲିଗଲେ ।



ସରୋଜକୁ ଏଥର ନିଶାସେବନ କରିବାକୁ ଅଧିକ ସୁଯୋଗ ମିଳିଲା । ବାପାଙ୍କର ସବୁ ଜମିବାଡ଼ି ବିକି ନିଶା ସେବନ କଲା । ଏପରିକି ନିଜ ବଙ୍ଗଳା ପରି ଘରକୁ ବିକି ଦେଲା । ରାସ୍ତାକଡ଼ ସରକାରୀ ଜାଗାରେ କୁଡ଼ିଆଟିଏ କରି ସ୍ତ୍ରୀ ଓ ପୁଅ ସହ ରହିଲା । ନିଶାର ପ୍ରଭାବରେ ତା ହାତ ଗୋଡ଼ ଥରିଲା, ଆଖି ଲାଲ ହୋଇଗଲା । ତଥାପି ତା'ର କିଛି ଚିନ୍ତା ନ ଥିଲା । ନିଶା




https://withteachers.in/



ସେବନପାଇଁ ସ୍ତ୍ରୀର ରୋଜଗାରକୁ ମଧ୍ୟ ଚଳୁ କରୁଥିଲା । ନ ଦେଲେ ସ୍ତ୍ରୀ, ପୁଅଙ୍କୁ ମାଡ଼ ମାରୁଥିଲା । ଗାଁ ଯୁବକସଂଘ ପିଲାମାନେ ସରୋଜର ଉତ୍ପାତରେ ଅତିଷ୍ଠ ହୋଇ ନିକଟସ୍ଥ ଏକ ନିଶା ନିବାରଣ କେନ୍ଦ୍ରରେ ତାକୁ ଭର୍ତ୍ତି କରିଦେଲେ ।

ସରୋଜର ପୁଅ ସୌରଭ ଭଲ ପାଠ ପଢ଼େ । ମାଆ ପର ଘରେ ପାଇଟି କରି ପୁଅକୁ ପାଠ ପଢ଼ାଇଲା । ସୌରଭ ଏବେ ତା' କଠିନ ପରିଶ୍ରମ ବଳରେ ଗାଁ ପାଖ ବ୍ଲକ୍‌ରେ ନୂଆ ଚାକିରି ଖଣ୍ଡିଏ ପାଇଛି । ବ୍ଲକ୍‌ର ନୂଆ କଲ୍ୟାଣ ଅଧିକାରୀ ହୋଇଛି । ଗାଁ ଲୋକେ ଏ ଖବର ପାଇ ଗାଁ ପୁଅ ସୌରଭକୁ ସମ୍ବର୍ଦ୍ଧନା ଦେବାପାଇଁ ଏକ ସଭା ଆୟୋଜନ କଲେ । ସଭାରେ ସୌରଭ ଯୋଗଦାନ କରି ସମସ୍ତଙ୍କୁ ନିଶା ସେବନଠାରୁ ଦୂରରେ ରହିବାକୁ ପରାମର୍ଶ ଦେଲେ । ନିଶା



କିପରି ପରିବାରକୁ ନାରଖାର କରେ, ଉଜାଡ଼ି ଦିଏ ଓ ସର୍ବସ୍ୱାନ୍ତ କରେ; ବୁଝାଇ ଦେଲେ । ନିଶା ସେବନଦ୍ୱାରା ଲୋକଙ୍କ ନିକଟରୁ ମାଡ଼ଗାଳି ଖାଇବା ସହିତ ଅପଦସ୍ଥ ହେବାକୁ ପଡ଼େ । ସୁନ୍ଦର ସୁସ୍ଥ ଶରୀରକୁ ରୋଗ ମାଡ଼ି ଆସେ । ଅକାଳ ବାର୍ଦ୍ଧକ୍ୟ ଗ୍ରାସ କରେ ଓ ଶେଷରେ ଅକାଳ ମୃତ୍ୟୁ ଚାଲି ଆସେ । ଏହାର ପ୍ରଭାବରେ ଜମିଦାର ମଧ୍ୟ ଭିକାରି ହୋଇଥାଏ । ତାଙ୍କ ପରିବାର ହିଁ ଏହାର ନିଛକ ଉଦାହରଣ ବୋଲି ସୁନ୍ଦର ଭାବେ ବୁଝାଇ ଦେଲେ । ଗାଁ ଲୋକଙ୍କୁ ନିଶା ସେବନ ନ କରିବାପାଇଁ ଶପଥ ନେବାକୁ ଅନୁରୋଧ କଲେ । ଗାଁଲୋକେ ତାଙ୍କ କଥାରେ ପ୍ରଭାବିତ ହୋଇ ନିଶା ସେବନଠାରୁ ଦୂରରେ ରହିବାକୁ ସଂକଳ୍ପ କଲେ ।

ଏବେ ଡ଼ମପଡ଼ା ଗାଁ ଏକ ଆଦର୍ଶ ନିଶାମୁକ୍ତ ଗ୍ରାମ ଭାବେ ରାଜ୍ୟ ସରକାରଙ୍କଠାରୁ ପୁରସ୍କାର ପାଇଛି । ଗାଁର ପାଠୁଆପୁଅ ଯୋଗୁଁ ଏହା ସମ୍ଭବ ହେଲା ବୋଲି ସଭିଁଏ ଅନୁଭବ କଲେ ।

ସତରେ, 'ନିଶା ସବୁ ବିଗାଡ଼ି ଦିଏ', କିନ୍ତୁ 'ପାଠଦ୍ୱାରା ସବୁ ସଜାଡ଼ି ହୋଇପାରେ ।

❖❖❖



https://withteachers.in/

ପାଠ-୧୩

ଏକାଙ୍କିକା

# ପ୍ରତିଦାନ

• ଡ. ହେମନ୍ତ କୁମାର ଛୋଟରାୟ


## ପ୍ରଥମଦୃଶ୍ୟ

(କୌଣସି ଏକ ସହରର ସରକାରୀ ଚିକିତ୍ସାଳୟ । ଚିକିତ୍ସାଳୟ ବାରଣ୍ଡାରେ ଅସହାୟ ଭାବରେ ଠିଆ ହୋଇଥିଲେ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ଦଳସିଂହ । ସେଠି ଆସି ପହଞ୍ଚିଲେ ଜଣେ ସେବିକା ।)

ସେବିକା : ଆପଣ ଏ ଯାଏଁ ଯାଇନାହାନ୍ତି ମଉସା ?

ବାସୁ : ଯିବି ଆଉ କୁଆଡ଼େ ? କିଏ ବା ମୋତେ ସାହାଯ୍ୟ କରିବ ?

ସେବିକା : ଯାହା ହେଲେ ବି ଆପଣଙ୍କୁ ପଚିଶ ହଜାର ଟଙ୍କା ଆଉ ରୋଗୀପାଇଁ ରକ୍ତ ଯୋଗାଡ଼ କରିବାକୁ ହେବ ।





https://withteachers.in/

ବାସୁ : ପଚିଶହଜାର କିଏ ମୁଁ କିଏ ? ଜଣେ ଅବସରପ୍ରାପ୍ତ ଶିକ୍ଷକ ହିସାବରେ ଯେଉଁ କେତେ ଟଙ୍କା ପେନ୍‌ସନ୍ ପାଉଛି, ତାହା ସବୁ ଏଇ ପିଲାଟା ପିଛା ଖର୍ଚ୍ଚ କରି ସାରିଲିଣି । ବନ୍ଧୁବାନ୍ଧବ, ସମ୍ପର୍କୀୟମାନେ ନିଜ ସାଧ୍ୟମତେ ସାହାଯ୍ୟ କରି ସାରିଛନ୍ତି । ଆଉ କାହା ପାଖକୁ ଯାଇ ସାହାଯ୍ୟ ମାଗିବି ? ଏବେ ମୋ'ପାଇଁ ସବୁ ବାଟ ବନ୍ଦ ହୋଇଯାଇଛି ।

ସେବିକା : ପିଲାଟାର ଅପରେସନ୍ ନ ହେଲେ ସେ ବଞ୍ଚିବନି । ଅପରେସନ୍‌ପାଇଁ କେତେକ ଆବଶ୍ୟକ ଜିନିଷ ଆଉ ଔଷଧ ମିଶାଇ ଅତି କମ୍‌ରେ ପଚିଶହଜାର ଟଙ୍କା ଦରକାର ବୋଲି ଡାକ୍ତରବାବୁ କହିଛନ୍ତି । ଏ ବେଳରେ ଟଙ୍କା ଯୋଗାଡ଼ କରିବା ନିହାତି ଦରକାର । ଆଚ୍ଛା, ଆପଣଙ୍କ ଏ ନାତି ଟୋକାର ବାପା-ମା'... ?

ବାସୁ : ସେକଥା ଆଉ କାହିଁକି ପଚାରୁଛନ୍ତି ଦିଦି ? (ଆଖିରୁ ଲୁହ ଝରାଇ) ଛୋଟ ପିଲାଟିକୁ ମୋ' ବେକରେ ବାନ୍ଧିଦେଇ ଗୋଟିଏ ରାସ୍ତା ଦୁର୍ଘଟଣାରେ ସେ ଦୁହେଁ ଆରପାରିକୁ ଚାଲିଗଲେ । ସେଦିନ ପୁଅ ବୋହୂଙ୍କୁ ହରାଇ ମୁଁ ଧୈର୍ଯ୍ୟହରା ହୋଇପଡ଼ିଥିଲି । ମୋ' ଅବୁଝା ମନରେ ଏଇ ଟୋକାଟାର କଅଁଳ ମୁହଁ ମୋତେ ସାନ୍ତ୍ୱନା ଦେଇଥିଲା । ଠିକ୍ କରିଥିଲି, ଏହାରି ମୁହଁକୁ ଚାହିଁ ବଞ୍ଚିରହିବି ବୋଲି । ହେଲେ ଏମିତି ଗୋଟିଏ ଦୁର୍ଦ୍ଦିନ ଆସିବ, ମୁଁ କେବେ ଆଶା କରିନଥିଲି । ଏ ବୃଦ୍ଧ ବୟସରେ ମୋର ବଞ୍ଚିବାର ଏକମାତ୍ର ଭରସା ଏ ନାତି ଟୋକାଟା ଏମିତି ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିବା ମୋ'ପାଇଁ ଅତ୍ୟନ୍ତ ଦୁଃଖର କାରଣ ଦିଦି । ଏବେ ମୁଁ କ'ଣ କରିବି, ସେଇକଥା ହିଁ ଭାବୁଛି ।

ସେବିକା : ଆପଣ ତା' ଜୀବନ ବଞ୍ଚାଇବାପାଇଁ ଦରକାର ପଡ଼ିଲେ ଘରଡିହ, ଜମିବାଡ଼ି ଯାହାକିଛି ଅଛି ତାକୁ ବିକ୍ରି କରିଦିଅନ୍ତୁ । କାରଣ ପିଲାଟାର ଜୀବନ ଆପଣଙ୍କପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ । ତା' ଜୀବନ ଅତି ସଂକଟାପନ୍ନ ଅବସ୍ଥାରେ ।

ବାସୁ : ଘରଡ଼ିହ, ଜମିବାଡ଼ି କଥା ଉଠେଇ ମୋ' ମନରେ ପୁଣି ଦୁଃଖ ଭରିଦେଲେ ଦିଦି ! ଚାକିରି ଜୀବନରେ ନିଜର କର୍ତ୍ତବ୍ୟ ଛଡ଼ା ଅନ୍ୟ କିଛି ଭାବିବାକୁ ମୋତେ ସମୟର ଅଭାବ ଥିଲା । ମୋ' ପାଖରେ ପଢୁଥିବା ଛୋଟପିଲାଙ୍କ ଭବିଷ୍ୟତ ଗଢ଼ିବାରେ ମୁଁ ସବୁ ସମୟ ନିଜକୁ ନିୟୋଜିତ କରି ଆସୁଥିଲି । ଟିକିଏ ବି ଫୁରୁସତ ପାଉନଥିଲି ଅନ୍ୟକଥା ଚିନ୍ତା କରିବାକୁ । ଏହି ସୁଯୋଗରେ ମୋ' ଭାଇମାନେ ସବୁକିଛି ନିଜ ନାମରେ କରି ନେଇଗଲେ । ଏବେ ବୁଝିଲାବେଳକୁ,



https://withteachers.in/

ପିତୃପୁରୁଷଙ୍କ ଭିଟାମାଟି ଓ ଜମିବାଡ଼ି ସବୁ ଅନ୍ୟହାତକୁ ଚାଲିଯାଇଛି । କେଉଁଥିରେ ମୋର ଅଂଶ ନ ଥିବାରୁ ମୁଁ ନିଃସ୍ୱ ହୋଇପଡ଼ିଛି ।

ସେବିକା : ବଡ଼ ଦୁଃଖମୟ ଆପଣଙ୍କ ଜୀବନ । ଆପଣଙ୍କଠୁ ଏସବୁ ଶୁଣିଲା ପରେ ମୋ' ଆଖିରେ ବି ଲୁହ ଆସିଯାଉଛି ।

ବାସୁ : ଏବେ ମୁଁ କ'ଣ କରିବି, ସେଇ କଥା ହିଁ ଭାବୁଛି ଦିଦି । ନାତିଟୋକାଟାର ଜୀବନ ବଞ୍ଚାଇବି କେମିତି ? (ବିପରୀତ ଦିଗରୁ ଡାକ୍ତର ଆସିଲେ)

ଡାକ୍ତର : ଆପଣଙ୍କ ନାତିଟୋକର ଜୀବନ ନିଶ୍ଚୟ ରକ୍ଷା ହେବ ମଉସା । ମୁଁ ଆସିଛି ଅପରେସନ୍ ପାଇଁ ସମସ୍ତ ଯନ୍ତ୍ରପାତି ଓ ଔଷଧପତ୍ର ମଗାଇ ରଖିବାକୁ । ଆଜି ସନ୍ଧ୍ୟାରେ ତା'ର ଅପରେସନ୍ ହେବ । ରକ୍ତ ମଧ୍ୟ ଯୋଗାଡ଼ ହୋଇସାରିଛି । (ଇତି ମଧ୍ୟରେ ସେବିକା ସେହି ସ୍ଥାନ ଛାଡ଼ି ଚାଲିଯାଇଛନ୍ତି ।)

ବାସୁ : (ଆଶ୍ଚର୍ଯ୍ୟ ହୋଇ) ଏ ଆପଣ କ'ଣ କହୁଛନ୍ତି ଡାକ୍ତରବାବୁ ! ଏତେଗୁଡ଼ାଏ ଟଙ୍କା ଦରକାର ଥିଲା ଅପରେସନ୍‌ପାଇଁ, ଅଥଚ ହଠାତ୍ ଏସବୁ ଯୋଗାଡ଼ ନ ହୋଇ ଅପରେସନ୍ ହେବ କେମିତି ? ଆଉ ତା' ପାଇଁ ରକ୍ତ ଦେବ କିଏ ?

ଡାକ୍ତର : ଜଣେ ସହୃଦୟ ପୋଲିସ ଅଫିସର ଆପଣଙ୍କପାଇଁ ପଚିଶହଜାର ଟଙ୍କା ପଇଠ କରିସାରିଛନ୍ତି । ଆଉ ସେ ମଧ୍ୟ ଆପଣଙ୍କ ନାତିପାଇଁ ରକ୍ତ ଦେବେ । ତାଙ୍କର ରକ୍ତ ଗ୍ରୁପ୍ ସହ ଆପଣଙ୍କ ନାତିର ରକ୍ତ ଗ୍ରୁପ୍ ମିଶିଯାଉଛି ।

ବାସୁ : କିଏ ସେହି ସହୃଦୟ ପୋଲିସ ଅଫିସର, ଯିଏ ମୋ' ମୁଣ୍ଡରୁ ଏତେବଡ଼ ବୋଝ ହାଲୁକା କରିଦେଲେ ?

ଡାକ୍ତର : ସେ ତାଙ୍କ ପରିଚୟ ବର୍ତ୍ତମାନ ଦେବାପାଇଁ ବାରଣ କରିଛନ୍ତି । ଅପରେସନ୍ ପରେ ସେ ଆସି ଆପଣଙ୍କୁ ସାକ୍ଷାତ କରିବେ ।

ବାସୁ : ହଉ, ଠିକ୍ ଅଛି । ଆପଣ ଯାହା ଇଚ୍ଛା କରୁଛନ୍ତି କରନ୍ତୁ । ମୋ' ନାତିର ଜୀବନ ଆପଣଙ୍କ ହାତରେ ।



https://withteachers.in/

ଡାକ୍ତର : ଆଉ ଏଥର ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ । ଯାଏଁ ଅପରେସନ୍ ପାଇଁ ମୋତେ ସବୁକିଛି ପ୍ରସ୍ତୁତ କରିବାକୁ ପଡ଼ିବ । ଆପଣ ଏଇଠି ଥାଆନ୍ତୁ, ମୁଁ ଆସୁଛି ।

ବାସୁ : ପ୍ରଭୁ ଜଗନ୍ନାଥ ଆପଣଙ୍କର ମଙ୍ଗଳ କରନ୍ତୁ ।

**ଦ୍ୱିତୀୟଦୃଶ୍ୟ**

(ଡାକ୍ତରଙ୍କ କୋଠରି । ଡାକ୍ତରବାବୁ ବସିଥିଲେ । ତାଙ୍କ ସାମ୍ନାରେ ଠିଆ ହୋଇଥିଲେ ବାସୁଦେବ ବାବୁ ।)

ବାସୁ : ଡାକ୍ତରବାବୁ । ମୋ'ନାତିର ଅପରେସନ୍ ସରିଲା ?

ଡାକ୍ତର : ହଁ ମଉସା, ଅପରେସନ୍ ସଫଳ ହୋଇଛି । ଆପଣଙ୍କ ନାତି ମଧ୍ୟ ସୁସ୍ଥ ଅଛି । ହଠାତ୍ ଜଣେ ଦେବଦୂତ ଆସି ପହଞ୍ଚି ନଥିଲେ ଆପଣଙ୍କ ନାତିର ଜୀବନ ବଞ୍ଚାଇବା କଷ୍ଟସାଧ ହୋଇଥାନ୍ତା ।

ବାସୁ : କିଏ ସେହି ଦେବଦୂତ ? ମୁଁ ଏ ଯାଏଁ, ତାଙ୍କର ପରିଚୟ ପାଇଲି ନାହିଁ ।

ଡାକ୍ତର : ଆପଣ ଏଇଠି ବସନ୍ତୁ । ମୁଁ ତାଙ୍କୁ ଡାକି ଆଣୁଛି । (ପ୍ରସ୍ଥାନ)

ବାସୁ : (କାନ୍ଥରେ ଥିବା ଜଗନ୍ନାଥଙ୍କ ଫଟୋକୁ ପ୍ରଣାମ କରି) ପ୍ରଭୁ ଜଗନ୍ନାଥ ! ଆପଣଙ୍କ ଅପାର କରୁଣାରୁ ମୋ' ନାତି ଆଜି ଜୀବନ ଫେରିପାଇଛି । ଜଣେ ଦେବଦୂତ ପଠେଇ ଆପଣ ମୋ' ପ୍ରତି ଯଥେଷ୍ଟ ଦୟା କରିଛନ୍ତି । ହେଲେ, କିଏ ସେହି ଦେବଦୂତ । ମୋତେ ଅଯାଚିତ ଭାବରେ ଆସି ସାହଯ୍ୟ କଲେ । ମୁଁ ତାଙ୍କୁ ଜାଣିବାକୁ ଚାହେଁ ।

ଡାକ୍ତର : (ପ୍ରବେଶ କଲେ । ସାଙ୍ଗରେ ଥିଲେ ଜଣେ ପୋଲିସ ଅଫିସର ।) ଏଇ ହେଉଛନ୍ତି ସେହି କରୁଣାର ଅବତାର । ଦୟାଳୁ ଦେବଦୂତ ।

ବାସୁ : ଆପଣ ?

ପୋଲିସ୍ : (ବାସୁଦେବଙ୍କ ପାଦ ଛୁଇଁ ପ୍ରଣାମ କଲେ) ଗୁରୁଜୀ, ମୋତେ ଚିହ୍ନିପାରୁ ନାହାନ୍ତି । ମୁଁ ପରା ଆପଣଙ୍କ ଛାତ୍ର ବିଶ୍ୱଜିତ୍ ସାମନ୍ତରାୟ ।



https://withteachers.in/

| | |
|---|---|
| ବାସୁ | : ମୋର ତ ଅନେକ ଛାତ୍ର ଥିଲେ । ସେମାନଙ୍କ ମଧ୍ୟରୁ ଆପଣ କିଏ ? |
| ପୋଲିସ୍ | : ମୋତେ ଆପଣ ବୋଲି ସମ୍ବୋଧନ କରି ଲଜ୍ଜା ଦିଅନ୍ତୁ ନାହିଁ । ମୋତେ ତୁ କହିଲେ ଖୁସିହେବି । କାରଣ ଆପଣଙ୍କ ଉପକାର ମୋତେ ଆଜି ପୋଲିସ ଅଫିସର ହେବାପାଇଁ ସୁଯୋଗ ଦେଇଛି । ନଚେତ୍ ମୁଁ ପୂର୍ବଭଳି ବିଶିଆ ନାମରେ ରହିଯାଇଥାନ୍ତି । |
| ଡାକ୍ତର | : ଆପଣ ଦୁହେଁ କଥା ହୁଅନ୍ତୁ । ମୁଁ ଟିକିଏ ୱାର୍ଡରେ ଥିବା ରୋଗୀମାନଙ୍କୁ ଦେଖି ଆସୁଛି ।(ପ୍ରସ୍ଥାନ) |
| ବାସୁ | : ହେଲେ ବାପା, ମୁଁ ତୁମଭଳି ଅନେକଙ୍କୁ ପାଠ ପଢ଼ାଇ ମଣିଷ କରିଛି । କିନ୍ତୁ ତୁମେ ଯେ ମନକୁ ମନ ଆସି ମୋତେ ଏତେବଡ଼ ବିପଦରୁ ଉଦ୍ଧାର କଲ, ଏହାର କାରଣ କ'ଣ ? |
| ପୋଲିସ | : ଏତିକି ସାହାଯ୍ୟ କିଛି ନୁହେଁ ଗୁରୁଜୀ ! ଦରକାର ପଡ଼ିଲେ ଆପଣଙ୍କ ପାଇଁ ମୁଁ ମୋ' ଜୀବନ ଦେଇପାରେ । |
| ବାସୁ | : କ'ଣ କହୁଛୁ ତୁ ! ମୁଁ ତୋ'ର କି ଉପକାର କରିଛି ଯେ, ତୁ ତା'ର ପ୍ରତିଦାନ ଦେବାକୁ ଆଜି ଆଗେଇ ଆସିଲୁ ? |
| ପୋଲିସ୍ | : ସେଦିନ ଯଦି ଆପଣ ମୋତେ ସେହି ଚା' ଜଳଖିଆ ଦୋକାନର ମାଲିକ କବଳରୁ ମୁକୁଳାଇ ନ ଥାନ୍ତେ, ତାହାହେଲେ ତ ମୁଁ ଆଜି ସେହି ବିଶିଆ ହୋଇ ରହିଯାଇଥା'ନ୍ତି । ଆଉ ମାଲିକ ଠାରୁ ପ୍ରତିଦିନ ସେଇମିତି ମାଡ଼ଗାଳି ଖାଉଥାନ୍ତି । |
| ବାସୁ | : ତୁ ଏ କ'ଣ କହୁଛୁରେ ବାବା ! |

### ତୃତୀୟଦୃଶ୍ୟ

(ପୂର୍ବ ଭଳି ଡାକ୍ତରଙ୍କ କୋଠରିରେ ବସିଥିଲେ ବାସୁଦେବ ଓ ପୋଲିସ ଅଫିସର ।)

| | |
|---|---|
| ପୋଲିସ | : ହଁ ସାର୍ ! ଆପଣ ସେଠାରୁ ଆଣି ମୋତେ ମୋ' ବୋଉଙ୍କ ପାଖକୁ ନେଇଗଲେ । ସେଦିନର ସେ ଘଟଣା ସମ୍ପର୍କରେ ତାଙ୍କୁ କହିଲେ । ମୋତେ ବିଦ୍ୟାଳୟକୁ ଛାଡ଼ିବାପାଇଁ ମଧ୍ୟ ଅନୁରୋଧ କଲେ । |



https://withteachers.in/

ବାସୁ : ସେମାନେ ତମ ଘରର ଆର୍ଥିକ ଅବସ୍ଥା ସଂପର୍କରେ ମୋତେ ଅବଗତ କରାଇଲେ । ଯାହାର ପେଟ ପୋଷିବାକୁ ବଳ ନାହିଁ ସିଏ କେମିତି ତା' ପିଲାଙ୍କୁ ପାଠ ପଢ଼ାଇବ – ଏଇ ଧାରଣା ଥିଲା ସେମାନଙ୍କର ।

ପୋଲିସ : ଆପଣ ତାଙ୍କୁ ବହୁତ ବୁଝାଇଲେ। ପାଠପଢ଼ିବା ପାଇଁ ଯାହା ଖର୍ଚ୍ଚ ଦରକାର ପଡ଼ିବ, ସେ ସବୁ ନିଜେ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଲେ। ଆପଣଙ୍କ ଅନୁରୋଧ ରକ୍ଷାକରି ବାପାବୋଉ ମୋତେ ବିଦ୍ୟାଳୟରେ ଛାଡ଼ିଲେ।

ବାସୁ : ତୁ ଭଲ ପାଠ ପଢ଼ିଲୁ। ଶ୍ରେଣୀ ପରେ ଶ୍ରେଣୀ ଭଲ ନମ୍ବର ରଖି ପାସ୍ କଲୁ।

ପୋଲିସ : ଆପଣଙ୍କର ହଠାତ୍ ବଦଳି ହୋଇଗଲା । ଆପଣ ଅନ୍ୟତ୍ର ଚାଲିଆସିଲେ । ମୁଁ କିନ୍ତୁ ଅଭାବ ଅନଟନ ମଧ୍ୟରେ ପାଠପଢ଼ା ଚାଲୁ ରଖିଲି । କଲେଜରେ ପଢ଼ିଲାବେଳେ ଟ୍ୟୁସନ କରି ଚଳିଲି। ସନ୍ଧ୍ୟା ହେଲେ ଗୋଟିଏ ଛାପାଖାନାରେ କିଛି କାମ ମଧ କଲି । ସେଥିରୁ ମିଳୁଥିବା ଅର୍ଥରେ ବହିପତ୍ର ଖର୍ଚ୍ଚ ଉଠାଇଲି । ଏମିତି ଦୁଃଖ କଷ୍ଟ ସହି ମୁଁ ଏମ୍.ଏ ପାଶ୍ କଲି ।





https://withteachers.in/

ବାସୁ : କଠିନ ପରିଶ୍ରମ କରି ପ୍ରତିଯୋଗିତାମୂଳକ ପରୀକ୍ଷା ସବୁ ଦେଲୁ । ଶେଷରେ ଭାଗ୍ୟବଳରେ ପୋଲିସ ଅଫିସର ଚାକିରି ପାଇଲୁ, ଏଇଆ ନା' ?

ପୋଲିସ : ହଁ ଗୁରୁଜୀ ! ଏସବୁ ଆପଣଙ୍କ ଅବଦାନ । ଅର୍ଥ, ସମ୍ମାନ, ପ୍ରତିଷ୍ଠା ସବୁ ମୁଁ ପାଇପାରିଛି । ବିଶିଆରୁ ବିଶ୍ୱନାଥବାବୁ ପାଲଟିଯାଇଛି । ଏସବୁ ସମ୍ଭବ ହୋଇଛି କେବଳ ଆପଣଙ୍କ ପାଇଁ । ଆପଣଙ୍କୁ ଡାକ୍ତରଖାନାରେ ଦେଖିଲା ପରେ ମୋର ଋଣ ଶୁଝିବାକୁ ଇଚ୍ଛା ହେଲା ।

ବାସୁ : ସେଥିପାଇଁ ତୁ ତୋ ପରିଚୟ ନ ଦେଇ ମୋ' ନାତିପାଇଁ ଟଙ୍କା ପଇଠ ଠାରୁ ଆରମ୍ଭ କରି ରକ୍ତଦେବା ପର୍ଯ୍ୟନ୍ତ ସବୁକିଛି କଲୁ । ହେଲେ, ଏତେ ଛାତ୍ରଙ୍କୁ ମଣିଷ କରିଛି; ତୋ' ପରି ଜଣେ କାହାକୁ ଏ ଯାଏଁ ଦେଖିନାହିଁ । ତୁ ହେଉଛୁ କୋଟିକରେ ଗୋଟିଏ । ଦାନର 'ପ୍ରତିଦାନ' ଦେଇ ତୁ ମହାନ୍ ପାଲଟିଯାଇଛୁ । ତୁ ନ ଥିଲେ, ମୋ' ନାତି କେବେ ବି ଜୀବନ ଫେରିପାଇ ନ ଥା'ନ୍ତା । ତୁ ମୋ' ଛାତ୍ରମାନଙ୍କ ମଧ୍ୟରେ ହେଉଛୁ ଗୋଟିଏ ଉଜ୍ଜ୍ୱଳ ତାରକା । ଭଗବାନ ତୋର ମଙ୍ଗଳ କରନ୍ତୁ । ତୋ' ଜୀବନପଥରେ ପୁଷ୍ପବୃଷ୍ଟି ହେଉ ।

ପୋଲିସ : ଆପଣଙ୍କ ଆଶୀର୍ବାଦ ପାଇଲେ ମୋ' ଜୀବନ ସଫଳ ହେବ ଗୁରୁଜୀ ।

ବାସୁ : ତୋ' ଜୀବନର ଆଦର୍ଶରେ ଆଜିର ଛାତ୍ରସମାଜ ଅନୁପ୍ରାଣିତ ହୁଅନ୍ତୁ, ଏତିକି କାମନା କରୁଛି ।

(ମଞ୍ଚ ଅନ୍ଧକାର)

❖❖❖






https://withteachers.in/



## ଆସ କଥା ହେବା

୧. ତୁମେ କେବେ ଚିକିତ୍ସାଳୟ ଯାଇଛ ? ସେଠାରେ କ'ଣ ହୁଏ କୁହ ।

୨. ଶ୍ରେଣୀଗୃହରେ ତୁମର ଜଣେ ବନ୍ଧୁ ଅସୁସ୍ଥ ହୋଇପଡ଼ିଲେ, ତୁମେ କ'ଣ କରିବ ?

୩. ତୁମ ମତରେ ପୋଲିସ୍ ଅଧିକାରୀ ବିଶ୍ୱଜିତବାବୁ କିପରି ଲୋକ । ତାଙ୍କର ଭଲଗୁଣଗୁଡ଼ିକ କୁହ ?

୪. ଏହି ଏକାଙ୍କିକାରେ ଗୋଟିଏ ମାତ୍ର ନାରୀ ଚରିତ୍ର ରହିଛି । ତା' ବଦଳରେ ପୁରୁଷ ଚରିତ୍ରଟିଏ ନେଲେ କିଏ ଆସିଥାନ୍ତେ କୁହ ।

୫. ଏହି ଏକାଙ୍କିକାର ତୁମେ କେଉଁ ଚରିତ୍ରକୁ ପସନ୍ଦ କରୁଛ । କାହିଁକି ?



## ଚିନ୍ତା କରି ଲେଖ

୧. ବାସୁଦେବ ଦଳସିଂହ କିଏ ? ସେ କାହିଁକି ବ୍ୟସ୍ତବିବ୍ରତ ହୋଇଛନ୍ତି ?

୨. ବାସୁଦେବବାବୁ ଭିଟାମାଟି ଓ ଜମିବାଡ଼ି ହରାଇଲେ କିପରି ?

୩. ମନେକର ତୁମେ ବିଶ୍ୱଜିତ୍ ସାମନ୍ତରାୟ । ତୁମ ଗୁରୁଙ୍କ ସହ ଚିକିତ୍ସାଳୟରେ ଭେଟ ହୋଇଥିଲେ କ'ଣ କରିଥାନ୍ତ ?



## ପାଠରୁ

**(*i*) ନିମ୍ନରେ କେତେକ ପ୍ରଶ୍ନ ଓ ଉତ୍ତର ଦିଆଯାଇଛି । ଏଥିରେ ଏକାଧିକ ଉତ୍ତର ରହିଅଛି । ଠିକ୍ ଉତ୍ତର ପାଖରେ (✓) ଠିକ୍ ଚିହ୍ନ ଦିଅ ।**

୧. ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ଦଳସିଂହ ପଚିଶ ହଜାର ଟଙ୍କା ଯୋଗାଡ଼ କରିବାକୁ ଅସମର୍ଥ ଥିଲେ । କାରଣ-

(କ) ସେ ଥିଲେ ପେନ୍‌ସନ୍‌ଭୋଗୀ କର୍ମଚାରୀ । ☐

(ଖ) ବନ୍ଧୁବାନ୍ଧବଙ୍କଠାରୁ ସାହାଯ୍ୟ ଆଣିସାରିଛନ୍ତି । ☐



https://withteachers.in/

(ଗ) ଗାଁରେ ଜମିବାଡ଼ି, ଭିଟାମାଟିରେ ତାଙ୍କର ଅଂଶ ନାହିଁ ।

(ଘ) ସବୁଦିଗରୁ ସେ ଅସହାୟ ହୋଇପଡ଼ିଥିଲେ ।

୨. ବିଶିଆରୁ ବିଶ୍ୱଜିତ୍ ସାମନ୍ତରାୟ ଏବଂ ପୋଲିସ ଅଫିସର ହେବାରେ କାହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ?

(କ) ଡାକ୍ତରବାବୁ (ଖ) ଦୋକାନମାଲିକ

(ଗ) ବାସୁସାର୍ (ଘ) ସମାଜସେବୀ

୩. ନାତିକୁ ବଞ୍ଚାଇବାପାଇଁ ବାସୁବାବୁ କାହିଁକି ବ୍ୟସ୍ତ ହେଉଥିଲେ ?

(କ) ବୃଦ୍ଧ ବୟସରେ ବଞ୍ଚିବାର ଏକମାତ୍ର ଭରସା ।

(ଖ) ପିତାମାତାଙ୍କୁ ଦୁର୍ଘଟଣାରେ ହରାଇ ଅନାଥ ହୋଇଥିବାରୁ ।

(ଗ) ନାତିଟି ବଞ୍ଚିଗଲେ ଘରଡିହ ଜମିବାଡ଼ି ଫେରିପାଇବେ ।

(ଘ) ନାତିଟି ବଞ୍ଚିଲେ ପରୋପକାରରେ ସାମିଲ ହେବ ।

୪. ବିଶ୍ୱଜିତ୍ ଜୀବନରେ ସଫଳତା ପାଇଲେ କିପରି ?

(କ) ଟ୍ୟୁସନ୍ କରି ଚଳୁଥିଲେ ।

(ଖ) ସନ୍ଧ୍ୟାବେଳେ ଛାପାଖାନାରେ କାମ କରୁଥିଲେ ।

(ଗ) ଗାଁ ଛାଡ଼ି ଅନ୍ୟସ୍ଥାନକୁ ଚାଲିଯାଉଥିଲେ ।

(ଘ) କଠିନ ପରିଶ୍ରମ କରି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଥିଲେ ।

୫. ପୋଲିସଅଫିସର କ'ଣ କରି ଦାନର ପ୍ରତିଦାନ ଶୁଝାଇଛନ୍ତି ?

(କ) ଡାକ୍ତରଙ୍କୁ ସାହାଯ୍ୟ କରି ।

(ଖ) ବାସୁସାର୍‌ଙ୍କ ନାତିକୁ ଅର୍ଥ ଓ ରକ୍ତ ଦାନ କରି ।

(ଗ) ଦୋକାନୀକୁ ଟଙ୍କା ପଇସା ପ୍ରଦାନ କରି ।

(ଘ) ବାସୁସାର୍‌ଙ୍କୁ ଘରେ ରଖି ।



https://withteachers.in/

**(*ii*) ଘଟଣାକ୍ରମରେ ସଜାଇ ଲେଖ ।**

ନିମ୍ନରେ ଏକାଙ୍କିକାର କେତୋଟି ଘଟଣା ଲେଖାଯାଇଛି । ସେଗୁଡ଼ିକୁ କ୍ରମ ଅନୁଯାୟୀ ସଜାଡ଼ି ଲେଖ ।

୧. ପୋଲିସବାବୁ ନିଜର ପ୍ରତିଦାନ ଦେଇ ଉପକାର ଶୁଝିଲେ ।

୨. ବାସୁଦେବ ଅସହାୟତା ପ୍ରକାଶ କଲେ ।

୩. ସେବିକା ଅର୍ଥ ଓ ରକ୍ତ ଯୋଗାଡ଼ କରିବାକୁ କହିଲେ ।

୪. ଚିକିତ୍ସାଳୟ ବାରଣ୍ଡାରେ ବାସୁଦେବ ଦଳସିଂହ ବିବ୍ରତ ହୋଇ ଠିଆ ହୋଇଥିଲେ ।

୫. ଛାତ୍ରସମାଜ ବିଶ୍ୱଜିତ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଗୁରୁ ଆଶୀର୍ବାଦ ଦେଲେ ।

୬. ପୋଲିସ ଅଫିସର୍ ବିଶ୍ୱଜିତ୍ ସାମନ୍ତରାୟ ଦୟାଳୁ ଦେବଦୂତ ରୂପେ ସାହାଯ୍ୟ କରିବାକୁ ଇଚ୍ଛା ପ୍ରକାଶ କଲେ ।

୭. ଡାକ୍ତରବାବୁ ଅର୍ଥ ଓ ରକ୍ତ ଯୋଗାଡ଼ ହେବାର ସୂଚନା ଦେଲେ ।

**(*iii*)** ତଳେ 'କ' ସ୍ତମ୍ଭରେ ଚାରୋଟି ଚରିତ୍ର ଓ 'ଖ' ସ୍ତମ୍ଭରେ ସେମାନଙ୍କର ସଂଳାପ ଦିଆଯାଇଛି । ତୁମେ ଚରିତ୍ର ସହ ସେମାନେ କହିଥିବା ସଂଳାପ ମିଶାଇ ଖାତାରେ ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ବାସୁଦେବ ଦଳସିଂହ | ୧. ଏଇ ହେଉଛନ୍ତି ସେହି କରୁଣାର ଅବତାର । |
| | ୨. ଏବେ ମୋପାଇଁ ସବୁ ବାଟ ବନ୍ଦ ହୋଇଯାଇଛି । |
| ୨. ବିଶ୍ୱଜିତ ସାମନ୍ତରାୟ | ୩. ବଡ଼ ଦୁଃଖମୟ ଆପଣଙ୍କ ଜୀବନ । |
| | ୪. ସବୁ ଆପଣଙ୍କର ଅବଦାନ ଗୁରୁଜୀ । |
| ୩. ଡାକ୍ତରବାବୁ | ୫. ତୋ' ଜୀବନପଥରେ ପୁଷ୍ପବୃଷ୍ଟି ହେଉ । |
| | ୬. ତା' ଜୀବନ ଅତି ସଂକଟାପନ୍ନ ଅବସ୍ଥାରେ । |
| ୪. ସେବିକା | ୭. ଆପଣଙ୍କର ହଠାତ୍ ବଦଳି ହୋଇଗଲା । |
| | ୮. ଆଜି ସନ୍ଧ୍ୟାରେ ତା'ର ଅପରେସନ ହେବ । |



https://withteachers.in/

## ଭାଷାର କଥା

୧. ଆସ ଯୋଡ଼ିଶବ୍ଦ ଖୋଜି ଲେଖିବା ।

'ବନ୍ଧୁବାନ୍ଧବ, ସମ୍ପର୍କୀୟମାନେ ନିଜ ସାଧ୍ୟମତେ ସାହାଯ୍ୟ କରି ସାରିଛନ୍ତି ।'

(କ) ଉପରେ ଦିଆଯାଇଥିବା ଧାଡ଼ିର ରେଖାଙ୍କିତ ଶବ୍ଦଟିକୁ ଦେଖ । ବନ୍ଧୁ ଓ ବାନ୍ଧବ ଶବ୍ଦ ଦୁଇଟି ମିଶି 'ବନ୍ଧୁବାନ୍ଧବ' ହୋଇଛି । ଏହାକୁ ଯୋଡ଼ିଶବ୍ଦ କୁହାଯାଏ । କେତେକ ଏହାକୁ 'ଯୁଗ୍ମଶବ୍ଦ' ମଧ୍ୟ କହନ୍ତି । ଏହିଭଳି ଆଉ କେତେକ ଯୋଡ଼ିଶବ୍ଦ ଏକାଙ୍କିକାରେ ରହିଅଛି । ତାହାର ଏକ ତାଲିକା କର ।

(ଖ) 'ଯୋଡ଼ିଶବ୍ଦ'କୁ ନେଇ ସୁନ୍ଦରସୁନ୍ଦର ବାକ୍ୟ ଗଢ଼ । ସାଙ୍ଗମାନଙ୍କ ସହ ଆଲୋଚନା କର ।

୨. ତଳେ କେତେକ ଅକ୍ଷର ଅସଜଡ଼ା ହୋଇ ରହିଛି । ସେଗୁଡ଼ିକ ସଜାଡ଼ି ଅର୍ଥପୂର୍ଣ୍ଣ ଶବ୍ଦ ଗଢ଼ । ଉଦାହରଣଟିଏ ଏହିପରି । କା ଅ ଧି ରୀ = ଅଧିକାରୀ

ସେହିପରି,


| | | | | | |
|---|---|---|---|---|---|
| ର | ରୀ | କା | ସ | = | |
| ଦେ | ତ | ବ | ଦୂ | = | |
| ବି | ତ | ଭ | ଷ୍ୟ | = | |
| ଅ | ର | ସ | ବ | = | |
| ବ | ଳ | ଗ୍ୟ | ଭା | = | |
| ନ | ମା | ର୍ଝି | ବ | = | |
| ଅ | ହା | ୟ | ସ | = | |
| ତି | ତି | ଶ୍ରୁ | ପ୍ର | = | |



https://withteachers.in/

୩. (କ) ତଳେ କେତେକ ଶବ୍ଦ ଦିଆଯାଇଛି । ସେଥିରୁ ଚିକିତ୍ସାଳୟ ସହ ସମ୍ବନ୍ଧିତ ଶବ୍ଦଗୁଡ଼ିକ ଠିକ୍ ଘରେ ଲେଖି ପୂରଣ କର ।

**(ଅପରେସନ୍, ପ୍ଲେଟ୍, ବ୍ଲଡଗ୍ରୁପ୍, ଓ୍ୱାର୍ଡମେୟର, ବାକ୍ସ, ଓ୍ୱାର୍ଡ, ଔଷଧପତ୍ର, ଦୁର୍ଘଟଣା, ଡାକ୍ତର, ଟ୍ୟୁସନ୍, ସେବିକା, ଅବସରପ୍ରାପ୍ତ, ବିଦ୍ୟାଳୟ)**






https://withteachers.in/



# ପାଠରୁ ଆଗକୁ

## ଆସ ଆମେ କରିବା

୧. ମନେକର ତୁମେ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ଦଳସିଂହଙ୍କ ନାତି ଏବେ ତୁମେ ସୁସ୍ଥ ହୋଇ ଘରକୁ ଫେରିଲ । ଡାକ୍ତରଖାନାରେ ତୁମର ଅନୁଭୂତି, ଡାକ୍ତର ଓ ସେବିକାଙ୍କ ସେବା, ପୋଲିସ୍‌ବାବୁଙ୍କ ତୁମ ପ୍ରତି ବ୍ୟବହାର ଏ ସବୁକୁ ବର୍ଣ୍ଣନା କରି ତୁମ ପ୍ରିୟବନ୍ଧୁ ନିକଟକୁ ପତ୍ରଟିଏ ଲେଖ ।

> **ମନେରଖ,** ପତ୍ର ଲେଖିବାର କେତେକ ନିୟମ ରହିଛି । ସେ ବିଷୟରେ ତୁମ ଶିକ୍ଷୟିତ୍ରୀ/ ଶିକ୍ଷକଙ୍କ ସହ ଆଲୋଚନା କର । ଏଠାରେ କେତୋଟି କଥା ତୁମ ଜାଣିବାପାଇଁ ଦିଆଗଲା ।

(କ) ପତ୍ର ଯିଏ ଲେଖେ ସେ ପ୍ରେରକ । ତୁମେ ବନ୍ଧୁଙ୍କୁ ଲେଖୁଛ ଓ ପଠାଉଛ, ତେଣୁ ତୁମେ 'ପ୍ରେରକ' । ଠିକଣା ଲେଖିବାବେଳେ ପ୍ରେରକର ଠିକଣା ବାମପଟେ ହିଁ ରହିବ । ଯିଏ ପାଇବ, ଅର୍ଥାତ୍ ତୁମ ବନ୍ଧୁ, ସେ 'ପ୍ରାପ୍ତକ' । ସ୍ଥଳବିଶେଷରେ ପ୍ରାପ୍ତକ ମଧ୍ୟ ଲେଖିଲେ ହେବ । ମାତ୍ର 'ପ୍ରାପ୍ତେଷୁ' ବା 'ପ୍ରାପ୍ତକେଷୁ' ଶବ୍ଦର ବ୍ୟବହାର କର ନାହିଁ । ପ୍ରାପ୍ତକ ଭାଗଟି ଠିକଣାର ଡାହାଣପଟେ ରହିବ ।

(ଖ) ଠିକଣା ଲେଖିଲାବେଳେ ୫ଟି କଥା ଗୁରୁତ୍ୱପୂର୍ଣ୍ଣ । (୧) ନାମ (୨) ଗ୍ରାମ (ଘର ଠିକଣା) (୩) ପୋଷ୍ଟ ଅଫିସ୍ / ପୋଷ୍ଟ (୪) ଜିଲ୍ଲା ଓ (୫) ପିନ୍‌କୋଡ୍ । ନିଜ ନିଜ ଅଞ୍ଚଳର ପିନ୍‌କୋଡ ବୁଝିରଖ । ମନେରଖ ଏହା ଛଅ ସଂଖ୍ୟା ବିଶିଷ୍ଟ ।

(ଗ) ପତ୍ର ବା ଚିଠିର ଶେଷ ଭାଗରେ 'ତୁମର ପ୍ରିୟ ବନ୍ଧୁ/ସାଙ୍ଗ' ଲେଖିବାବେଳେ ତା' ପୂର୍ବରୁ 'ଇତି' ଶବ୍ଦ ଲେଖିବ ନାହିଁ । ବରଂ 'ଏତିକିରେ ରହିଲି' କିମ୍ବା 'ଚିଠି ପାଇ ଚିଠି ଦେବ' ଲେଖି ଚିଠି ଲେଖା ସମାପ୍ତି କରିବ ।

୨. ତୁମ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ବାକ୍ସ (First-Aid-Box) ଅଛି କି ? ଏହିପରି ବାକ୍ସ(ପେଡ଼ି)ରେ କ'ଣ କ'ଣ ସରଞ୍ଜାମ ରହିଛି ଦେଖ । ଖେଳାଖେଳିବେଳେ ପଡ଼ି ଖଣ୍ଡିଆ ହୋଇଗଲେ ତୁମେ 'ଆଶୁଚିକିତ୍ସା' କର । ଏ ବିଷୟରେ ଅଧିକ ଜାଣିବାପାଇଁ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ସହ ଆଲୋଚନା କର ।

୩. ତୁମ ଘରେ 'ପ୍ରାଥମିକ ଚିକିତ୍ସା' ବାକ୍ସ ରଖିବା ଉଚିତ କି ? ଯଦି ଉଚିତ, ବାପାବୋଉଙ୍କୁ କହି ଏହାକୁ ତୁମ ଘରେ ରଖ ।



https://withteachers.in/



## ଆସ ଟିକେ ଭାବିବା

ଏହି ଏକାଙ୍କିକାର ତିନୋଟି ଦୃଶ୍ୟ ଅଛି । ଚାରୋଟି ଚରିତ୍ର ରହିଛି । ଏକାଙ୍କିକାର ନାମ ରଖାଯାଇଛି 'ପ୍ରତିଦାନ' ।

(କ) ତୁମେ ଏଇ ଶୀର୍ଷକ ସହିତ ଏକମତ କି ? ତୁମେ ନୂଆ ଶୀର୍ଷକଟିଏ ଦେବାକୁ ଚାହୁଁଛ କି ? ସାଙ୍ଗମାନଙ୍କ ସହ ଆଲୋଚନା କରି କୁହ ।



## ପାଠାଗାର

- ତୁମ ବିଦ୍ୟାଳୟ ପାଠାଗାରକୁ ଯାଅ । ସେଠାରୁ ବିଭିନ୍ନ ଏକାଙ୍କିକା ବହି ସଂଗ୍ରହକର । ସେଗୁଡ଼ିକୁ ମନଧ୍ୟାନ ଦେଇ ପଢ଼ । ଏକାଙ୍କିକାର ନାମ, ରଚୟିତାଙ୍କ ନାମ ତୁମ ଟିପାଖାତାରେ ଟିପି ରଖ । ପାରୁଛ ତ ସେଥିରୁ କ'ଣ ଶିକ୍ଷା ଲାଭ କଲ, ଲେଖି ରଖ ।
- ଏହି ଏକାଙ୍କିକାଟିକୁ ତୁମ୍ଭେମାନେ ସାଙ୍ଗମାନଙ୍କ ସହିତ ଶ୍ରେଣୀଗୃହରେ ଅଭିନୟ କର ।



## ମୁଁ ବି କରିବି

୧. ତଳେ କିଛି ଚିତ୍ର ଦିଆଯାଇଛି, ଯେଉଁ ଗୁଡ଼ିକର ସାହାଯ୍ୟ, ବୁଝାମଣା ଓ କରୁଣା ସହିତ ସଂପର୍କ ରହିଛି । ଶ୍ରେଣୀରେ ନିଜ ଦଳରେ ଏହା ଉପରେ ଆଲୋଚନା କର ଓ କୌଣସି ଏକ ଚିତ୍ରକୁ ଆଧାର କରି ତୁମମାନଙ୍କୁ ଯେଉଁ ଭାବନା ଆସୁଛି, ଲେଖ ।







https://withteachers.in/





୨. ନାଟକର ଦ୍ୱିତୀୟଦୃଶ୍ୟର ଆରମ୍ଭରେ ବାସୁ ଓ ଡାକ୍ତରବାବୁ ପରସ୍ପର ଭିତରେ କଥା ହେଉଛନ୍ତି । ଯଦି ବାସୁ ଶୁଣିବାକୁ ଅସମର୍ଥ ହୋଇଥାନ୍ତା, ତେବେ ଡାକ୍ତରବାବୁ କିପରି ନିଜକଥା ତାକୁ ବୁଝାଇବାକୁ ସମର୍ଥ ହୋଇଥାନ୍ତେ ? ଏହି ବିଷୟରେ ଶ୍ରେଣୀରେ ଆଲୋଚନା କର ।



## ମୋ ଚଢ଼େଇ

ତୁମେ ତୁମର ଅଭିଭାବକ ଓ ଶିକ୍ଷକ/ଶିକ୍ଷିକାଙ୍କ ସହାୟତାରେ ନିମ୍ନଲିଖିତ ଚିତ୍ରଗୁଡ଼ିକୁ ଦେଖି ନିଜପାଇଁ କାଗଜର ଗୋଟିଏ ଚଢ଼େଇ ତିଆରି କର ।







https://withteachers.in/

ତୁମ ପଢ଼ିବାପାଇଁ

# ଆମେ କୁସୁମକଳିକା

ଆମେ କୁନାକୁନି ବାଳକବାଳିକା
କୁସୁମକଳିକା ସମ,
ହସି ହସାଉଛୁ ଜଗତଜନଙ୍କୁ
ହସ ତ ପିୟୂଷ ସମ ।
ଆଲୋକର ଛଟା ଆମରି ମୁଖରେ
ଅରୁଣକିରଣ ପ୍ରଭା,
ନୟନଚାତୁରୀ ହିରକ ମାଧୁରୀ
ସମ ରହିଥାଏ ଆଭା ।
ଅଶାନ୍ତମନକୁ ଶାନ୍ତ କରୁ ଆମେ
ଦେଖାଇ କୁସୁମମୁଖ,
ପର ପ୍ରାଣ କୋହ ବିଷାଦବିଚ୍ଛେଦ
ହଟାଉ ଦୁଃଖ ଅନେକ ।





https://withteachers.in/

ଯେଉଁ ଘରେ ବଢ଼ୁ ସେ ଘର ସୁନ୍ଦର
ବିରାଜେ ସରଗପୁର,
ହସଖେଳକୁଦେ ଆନନ୍ଦ ଭରୁଛୁ
ଆମେ କୁନିକାରିଗର ।
ପାଠପଢ଼ି ଆମେ ବଡ଼ ହୋଇବୁରେ
ସେନେହଶରଧା ଦିଅ,
ଭଲ ମଣିଷଟେ ସାଜି ଏ ଜଗତେ
ପୋଛିବୁ ସଭିଙ୍କ ଲୁହ ।



ଜାତି-ଧର୍ମ-ବର୍ଣ୍ଣ- ପାଚେରୀ ଦେଶରୁ
ଭାଙ୍ଗି ଦେଇ ହେବୁ ଏକ,
ଅନୀତି-ଦୁର୍ନୀତି ହଟାଇ ଦେବୁରେ
ରଖିବୁ ଜାତିର ଟେକ ।



● ସଦାନନ୍ଦ ମେହେର

❖❖❖



https://withteachers.in/

ତୁମ ପଢ଼ିବାପାଇଁ

# ଉତ୍କଳଭାସ୍କର ସାମନ୍ତ ଚନ୍ଦ୍ରଶେଖର



ଦୁଇଟି ବାଉଁଶନଳୀ । ଏହି ସାଧାରଣ ବାଉଁଶନଳୀରେ ଦୂରପାହାଡ଼, ଗଛ ଓ ମହାକାଶରେ ଥିବା ଗ୍ରହନକ୍ଷତ୍ରଙ୍କ ଗତିବିଧି ଓ ଦୂରତା ମାପିବା କ'ଣ ଏତେ ସହଜ ? ପକ୍ଷୀଟିଏ ଆକାଶରେ କେତେ ବେଗରେ ଉଡୁଛି, ମେଘ ଓ ପକ୍ଷୀ ମଧ୍ୟରେ ଦୂରତା କେତେ ? ଏହି ସମସ୍ତ କୌତୂହଳପୂର୍ଣ୍ଣ ପ୍ରଶ୍ନର ସରଳ ସମାଧାନ ବିନା ଯନ୍ତ୍ରରେ କରିପାରୁଥିବା ଅସାଧାରଣ ମଣିଷଟି ଥିଲେ ଓଡ଼ିଶାମାଟିର ସୁଯୋଗ୍ୟସନ୍ତାନ, ଓଡ଼ିଶାର ଜ୍ୟୋର୍ତିବିଜ୍ଞାନୀ 'ପଠାଣି ସାମନ୍ତ' । ତାଙ୍କ ପୂରାନାମ ଥିଲା, 'ସାମନ୍ତ ଚନ୍ଦ୍ରଶେଖର ସିଂହ ମହାପାତ୍ର' ।

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ରାଜବଂଶରେ ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ତାଙ୍କ ଜନ୍ମ । ପିତା ଶ୍ୟାମବନ୍ଧୁ ସିଂହସାମନ୍ତ ଓ ମାତା ବିଷ୍ଣୁମାଳି ଦେବୀଙ୍କ ଷଷ୍ଠସନ୍ତାନ ଭାବେ ସେ କୋଳମଣ୍ଡନ କରିଥିଲେ । ତାଙ୍କ ଜନ୍ମ ବଣପାହାଡ଼ଘେରା, ଦୁର୍ଗମ ଅଧ୍ୟୁଷିତ ଖଣ୍ଡପଡ଼ା ଗଡ଼ଜାତକୁ ପ୍ରଦାନ କରିଥିଲା, ସ୍ୱତନ୍ତ୍ର ଆଲୋକ, ସ୍ୱତନ୍ତ୍ର ପରିଚୟ ।

ତୁଳସୀ ଦୁଇପତ୍ରରୁ ବାସେ । ପିଲାଟିବେଳୁ ତାଙ୍କ ପ୍ରଚଣ୍ଡ ପ୍ରତିଭାର ଝଲକ ଦେଖିବାକୁ ମିଳିଥିଲା । ମାତ୍ର ଦଶବର୍ଷ ବୟସରୁ ସେ ପିତାଙ୍କ ବହୁ ପୁରୁଣାଗ୍ରନ୍ଥ ପଢ଼ି ଜ୍ୟୋତିଷବିଦ୍ୟା ଆୟତ୍ତ କରିଥିଲେ । ଘଣ୍ଟାଘଣ୍ଟା ଧରି, ଦିନରାତି ଉଜାଗର ରହି, ବର୍ଷବର୍ଷ ଧରି ଧୈର୍ଯ୍ୟର ସହିତ ବଡ଼ବଡ଼ ପର୍ବତ, ବୃକ୍ଷର ଦୂରତା, ସୌରମଣ୍ଡଳର ଗ୍ରହନକ୍ଷତ୍ର, ଧ୍ରୁବତାରାଙ୍କ ଗତିବିଧି ଓ ଦୂରତାକୁ ବାଉଁଶକାଠି ଓ ନଳୀଦ୍ୱାରା ନିର୍ମିତ ଯନ୍ତ୍ର ସାହାଯ୍ୟରେ ମାପି ପାରୁଥିଲେ । ନିଜର ଅସାଧାରଣବୁଦ୍ଧି ବଳରେ ସେ ସୂର୍ଯ୍ୟଘଡ଼ି ତିଆରି କରି ସମୟର ଗଣନା କରିବା କୌଶଳ ଶିଖାଇଥିଲେ । ତାଙ୍କଦ୍ୱାରା ସଂପୂର୍ଣ୍ଣ ଦେଶୀୟ କୌଶଳରେ ନିର୍ମିତ ସରଳଯନ୍ତ୍ରଗୁଡ଼ିକର ନାମ 'ଶଙ୍କୁ', 'ଖ' ଗୋଲ' ଓ 'ଭଲମ୍ବିଚକ୍ର' ।



https://withteachers.in/

ଏହି ଯନ୍ତ୍ରଗୁଡ଼ିକ ଆଧୁନିକ ଦୂରବୀକ୍ଷଣ ଯନ୍ତ୍ରଠାରୁ କୌଣସି ଗୁଣରେ ବି କମ୍ ନ ଥିଲା । ଏଗୁଡ଼ିକଦ୍ୱାରା ଅତି ସହଜରେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର ଉପଯୁକ୍ତ ସମୟ ନିରୂପଣ ହୋଇପାରିଲା । ସମୟର ଏକକ 'ଦିନ, ଦଣ୍ଡ ଓ ଲିତା'ର ଉଦ୍ଭାବକ ମଧ୍ୟ ପଠାଣି ସାମନ୍ତ ଥିଲେ । ତାଙ୍କଦ୍ୱାରା ନିର୍ମିତ 'ସୂର୍ଯ୍ୟଘଡ଼ି'ଟି ଆଜି ମଧ୍ୟ ରେଭେନ୍‌ସା କଲେଜ ହତାରେ ଶୋଭାପାଉଛି ।



ପୂର୍ବେ ଓଡ଼ିଶାରେ ପ୍ରଚଳିତ ପଞ୍ଜିକାରେ ଅନେକ ତ୍ରୁଟି ରହିଥିଲା । ଏପରିକି ଜଗନ୍ନାଥଙ୍କ ନୀତିକାନ୍ତି, ପୂଜାପାଠ, ସମେତ ଓଷା, ବ୍ରତ, ଉପବାସ ଓ ତିଥିରେ ଘୋର ଅସଙ୍ଗତି ପରିଲକ୍ଷିତ ହେଉଥିଲା । ପାଞ୍ଜିରେ ଉଲ୍ଲେଖ ତିଥି ଅନୁସାରେ ଏହା ପଡୁନଥିଲା । ପଠାଣି ସାମନ୍ତ ନିଜର ଅଦ୍ଭୁତ ସାଧନା ଓ ମୌଳିକ ଗଣନା ମାଧ୍ୟମରେ ଏକ ନିର୍ଭୁଲ ଗ୍ରନ୍ଥ (ତାଳପତ୍ର ପୋଥି) ସଂସ୍କୃତଭାଷାରେ ରଚନା କଲେ । ଏଥିରେ ତାଙ୍କ ଗଣନା ଓ ଅନୁସନ୍ଧାନର ସମସ୍ତ ତଥ୍ୟ ରହିଲା । ଏହାର ନାମ 'ସିଦ୍ଧାନ୍ତଦର୍ପଣ' । ଏହା ହିଁ ଜ୍ୟୋତିଷବିଜ୍ଞାନର ଅମୂଲ୍ୟଗ୍ରନ୍ଥ । ଏହି ପୁସ୍ତକ ଓଡ଼ିଶା କାହିଁକି, ସମଗ୍ର ମାନବଜାତିକୁ ପଠାଣି ସାମନ୍ତଙ୍କ ଶ୍ରେଷ୍ଠଦାନ ଭାବେ ବିବେଚନା କରାଯାଏ । ସେଥିପାଇଁ ତ ରାଧାନାଥ ରାୟ ଯଥାର୍ଥରେ କହିଛନ୍ତି–

'ସିଦ୍ଧାନ୍ତଦର୍ପଣ ହେବ ନାହିଁ ଲୟ,
ନର ଦେହେ ଥିବ ଯାବତ ହୃଦୟ ।'

ପୁରୀ ମୁକ୍ତିମଣ୍ଡପର ପଣ୍ଡିତମାନେ ପଠାଣି ସାମନ୍ତଙ୍କ ପଞ୍ଜିକାକୁ ନିର୍ଭୁଲ ବୋଲି ବିବେଚନା କଲେ। ୧୮୭୬ ମସିହାଠାରୁ ପ୍ରଭୁଙ୍କର ସମସ୍ତ ନୀତିକାନ୍ତି ଏହି ପଞ୍ଜିକା ଅନୁସାରେ ଚଳିଆସୁଅଛି। ସିଦ୍ଧାନ୍ତ ଦର୍ପଣ ବିଦେଶରେ ମଧ୍ୟ ଆଦୃତ ଲାଭକରିଲା। ସେତେବେଳେ ଇଂଲଣ୍ଡ, ଆମେରିକା, ଜର୍ମାନୀ, ଫ୍ରାନ୍‌ସ୍ ଦେଶର ଜ୍ୟୋର୍ତିବିତ୍‌ମାନେ ପଠାଣି ସାମନ୍ତଙ୍କ ପ୍ରତିଭାକୁ ଧନ୍ୟଧନ୍ୟ କଲେ। ଇଂରେଜ ସରକାର ପଠାଣିସାମନ୍ତଙ୍କୁ ୧୮୯୩ ମସିହା ଅକ୍ଟୋବର ୫ ତାରିଖ ଦିନ 'ମହାମହୋପଧ୍ୟାୟ' ଉପାଧିରେ ଭୂଷିତକଲେ। ତା' ପୂର୍ବରୁ ଉତ୍କଳର ଗଜପତି ୧୮୬୬ ମସିହାରେ 'ହରିଚନ୍ଦନ ମହାପାତ୍ର' ଉପାଧିରେ ମଧ୍ୟ ଭୂଷିତ କରି ସାରିଥିଲେ।



https://withteachers.in/

'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ର'ଙ୍କ କୌତୂହଳପୂର୍ଣ୍ଣ ପାହୁଣ୍ଡ ଗଣନା ମଧ୍ୟ ସମସ୍ତଙ୍କୁ ଚମତ୍କୃତ କରିଥାଏ । କୌଣସି ନବଜାତର କୋଷ୍ଠି ପ୍ରସ୍ତୁତିବେଳେ ସମ୍ବାଦବାହକର ପାହୁଣ୍ଡରୁ ହିଁ ଜନ୍ମିତ ଶିଶୁର ଜନ୍ମ ସମୟ ସେ ନିର୍ଦ୍ଧାରଣ କରି ପାରୁଥିଲେ । କଥିତ ଅଛି, ନିଜ ଘର ଖଣ୍ଡପଡ଼ାଠାରୁ ଶ୍ରୀକ୍ଷେତ୍ର ପୁରୀର ଦୂରତା ୧,୫୧,୨୦୦ ପାହୁଣ୍ଡ ବୋଲି ପଠାଣି ସାମନ୍ତ ପ୍ରକାଶ କରିଥିଲେ । ନିଜ ମୃତ୍ୟୁର ଠିକ୍ ସମୟକୁ ମଧ୍ୟ ସେ ନିର୍ଦ୍ଧାରଣ କରିପାରିଥିଲେ । ମୃତ୍ୟୁର ତେରଦିନ ପୂର୍ବରୁ ସେଥିପାଇଁ ସେ ପୁରୀ ଆସି ନିଜ ଆରାଧ୍ୟଦେବତା ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । ତାଙ୍କ ଗଣନା ଅନୁସାରେ ନିର୍ଦ୍ଧାରିତ ଦିବସରେ ଅର୍ଥାତ୍ ୧୯୦୪ ମସିହା ଜୁନ୍ ମାସ ୧୧ ତାରିଖ ଦିନ ସେ ନୀଳଚକ୍ରକୁ ଚାହିଁଥିବାବେଳେ ଆରପାରିକୁ ଚାଲିଗଲେ ।

ବାସ୍ତବିକ୍, ବିରଳପ୍ରତିଭାର ଅଧିକାରୀ ମହାମାନବ ପଠାଣି ସାମନ୍ତ ଓଡ଼ିଶାର ଗର୍ବ ଓ ଗୌରବ ଥିଲେ । ତାଙ୍କ ପ୍ରଗାଢ଼ ପାଣ୍ଡିତ୍ୟ ବଳରେ ସେ ଯେଉଁସବୁ ସାମାଜିକ ତଥ୍ୟ, ଗାଣିତିକବିଦ୍ୟା ଓ ଆକାଶତତ୍ତ୍ୱର ଆବିଷ୍କାର ଓ ଉଦ୍ଭାବନ କରିଛନ୍ତି, ତାହା ଆମେ ଭୁଲି ପାରିବା ନାହିଁ । ଏଭଳି ଜଣେ ଯୋଗଜନ୍ମା ଓ ମହାପୁରୁଷଙ୍କ ଶ୍ରଦ୍ଧା, ସମ୍ମାନ ଓ ସ୍ମୃତି ଉଦ୍ଦେଶ୍ୟରେ ସରକାର ପୁରୀଠାରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ', ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ୍' ଓ ଅନ୍ୟାନ୍ୟ ସ୍ଥାନରେ ତାଙ୍କ ନାମରେ ଅନେକ ଅନୁଷ୍ଠାନ ଖୋଲିଛନ୍ତି । ଏହି ଅନୁଷ୍ଠାନଗୁଡ଼ିକ ଆମକୁ ତାଙ୍କ ସ୍ମୃତି ଚାରଣପାଇଁ ସୁଯୋଗ ଦେଉଛି । ଆମେ ସେହି ସବୁକୁ ପବିତ୍ରପୀଠ ଭାବେ ଗ୍ରହଣ କରି ପରିଦର୍ଶନ କଲେ ସେହି ଅଖ୍ୟାତପଲ୍ଲୀର ବିଖ୍ୟାତ ମଣିଷଙ୍କପାଇଁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ।

❖❖❖





https://withteachers.in/

ତୁମ ପଢ଼ିବାପାଇଁ

# ଗଗନଯାନ

(ଶିକ୍ଷୟିତ୍ରୀ ଶ୍ରେଣୀ ଭିତରକୁ ପ୍ରବେଶ କରିବେ ଏବଂ ସମସ୍ତ ଶିକ୍ଷାର୍ଥୀ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ଜଣାଇବେ ।)

ଛାତ୍ରଛାତ୍ରୀ - ଶୁଭସକାଳ ଗୁରୁମା' ।

ଗୁରୁମା - ଶୁଭସକାଳ ପିଲାମାନେ ! ଆଜି ଆମେ ଏକ ସୁନ୍ଦର ଯାନ ବିଷୟରେ ଜାଣିବା । ଅନୁମାନ କରି କହିଲ, ଆମେ ଆଜି କେଉଁ ଯାନ ବିଷୟରେ ଆଲୋଚନା କରିବା ?

ସାଧନା - ଗୁରୁମା ! ଆଜି ଆମେ ତାରାଯାନ ବିଷୟରେ ଜାଣିବା କି ?

ରାକେଶ - ଗୁରୁମା ! ମୁଁ ଭାବୁଛି । ବୋଧହୁଏ ଗଗନଯାନ... ।

ଦୀକ୍ଷା - ମୋ' ମନ କହୁଛି ଗୁରୁମା ! ଆପଣ ଆଜି ଶନିଯାନ ବିଷୟରେ କହିବେ ।

ସାନିଆ - ନାଇଁ, ନାଇଁ । ମୁଁ ଭାବୁଛି ମଙ୍ଗଳଯାନ ବିଷୟରେ ଆଲୋଚନା ହେବ ।

ମନୋହର - ଗୁରୁମା, ମୁଁ ଭାବୁଛି ଆମେ ଶୁକ୍ରଯାନ ବିଷୟରେ କଥା ହେବା ।

ଆସରଫ୍ - ଆଉ ମୁଁ ଭାବୁଛି ଆପଣ ଆଜି ମହାକାଶଯାନ ବିଷୟରେ କହିବେ । ଗୁରୁମା, ମୁଁ ଗୋଟେ କଥା କହିବି । ଗ୍ରୀଷ୍ମଋତୁର ରାତିରେ ଯେତେବେଳେ ମୁଁ ଘରର ଛାତ ଉପରକୁ ଯାଇ ଶୋଇକରି ଉପରକୁ ଅନାଏ, ସେତେବେଳେ ଆକାଶରେ ବହୁତ ତାରା ଦେଖେ । ଗାଁରେ ଥିଲାବେଳେ ମୁଁ ଏମିତି ବହୁତ ତାରା ଦେଖିଛି ।

ଗୁରୁମା' - ବାଃ ! ବହୁତ ସୁନ୍ଦର କଥା କହିଲ, ଆସରଫ୍ ।

ରତ୍ନା - (ଉତ୍ସାହର ସହିତ) ଗୁରୁମା ! ଯେତେବେଳେ ମୁଁ ଆକାଶରେ ଥିବା ମେଘମାନଙ୍କୁ ଦେଖେ, ସେତେବେଳେ ମୋର ଇଚ୍ଛା ହୁଏ ମେଘ ଉପରକୁ ଯାଇ ସାରା ଆକାଶ ବୁଲି ଆସନ୍ତି ।

ଗୁରୁମା - ଲାଗୁଛି ତମେମାନେ ମହାକାଶରେ ଥିବା ସବୁ ସ୍ଥାନକୁ ଦେଖିବାକୁ ଚାହୁଁଛ । କିନ୍ତୁ ଆଜି ଆମେ ଯେଉଁ ମହାକାଶଯାନ ବିଷୟରେ ଆଲୋଚନା କରିବାକୁ ଯାଉଛୁ, ତାହାର ନାମ ହେଉଛି 'ଗଗନଯାନ' । ଆସରଫ୍‌ର ଅନୁମାନ ପାଖାପାଖି ଠିକ୍ ଥିଲା । ତେବେ ମୋତେ କୁହ, ଏବେ ସମସ୍ତେ ଜାଣିବାକୁ ଚାହୁଁଛ ନା ?

ଛାତ୍ରଛାତ୍ରୀ - (ଉତ୍ସାହ ଓ ଆଗ୍ରହର ସହିତ) ଆଜ୍ଞା ଗୁରୁମା !



https://withteachers.in/



ଡୋନା - ଗୁରୁମା ମୋ ମନ କହୁଛି ମୁଁ ବିଭିନ୍ନ ପ୍ରକାରର ଯାନବାହନ ବିଷୟରେ ଶିଖିବି, ଆଉ......

ସତ୍‌ବିନ୍ଦର - ଗୁରୁମା, ଆହୁରି ତା'ର ମନ କହୁଛି ସେ ସବୁ ଯାନବାହନରେ ବସି ବହୁତ ଦୂରକୁ ଯାତ୍ରା କରିବ । (କିଛି ପିଲା ହସୁଥାନ୍ତି)

ଗୁରୁମା - (ହସିହସି) ବାସ୍ ଏତିକି ! ହୁଏ ତ, ତୁମମାନଙ୍କ ଭିତରୁ କେହି ଜଣେ ବୈଜ୍ଞାନିକ ହୋଇ ମହାକାଶଯାନରେ ବସିବ !

ସନ୍ଦୀପ - ଗୁରୁମା', ମୁଁ ଏ ପର୍ଯ୍ୟନ୍ତ ଗଗନଯାନ ବିଷୟରେ କିଛି ଶୁଣିନାହିଁ ।

ଛାତ୍ରଛାତ୍ରୀ - ଗୁରୁମା', ଆମ୍ଭେମାନେ ବି ଗଗନଯାନ ବିଷୟରେ କେବେ କିଛି ଶୁଣିନାହୁଁ ।

ଗୁରୁମା - ପିଲାମାନେ ଆମ ଦେଶର ବୈଜ୍ଞାନିକମାନେ ଗଗନଯାନ ନିର୍ମାଣ କରିବାପାଇଁ ଲାଗିପଡ଼ିଛନ୍ତି । ଆଶା କରାଯାଉଛି ଏହି ମିଶନ ଖୁବ୍ ଶୀଘ୍ର ସମାପ୍ତ ହୋଇଯିବ ।

ସାଧନା - ଗୁରୁମା', ଏହି ଗଗନଯାନ କେଉଁ କାମପାଇଁ ଉଦ୍ଦିଷ୍ଟ ।

ବିଜୟ - ଗୁରୁମା', ଏ ଗଗନଯାନ ଆମକୁ ଆକାଶରେ ବୁଲାଇ ନେବ କି ?

ଗୁରୁମା - ନା ପିଲାମାନେ, ଗଗନଯାନ ଆମକୁ ସମଗ୍ର ମହାକାଶରେ ଭ୍ରମଣ କରାଇବ । ଏହାର ଉଦ୍ଦେଶ୍ୟ ହେଉଛି ମଣିଷଙ୍କୁ ମହାକାଶକୁ ପଠାଇବା ।



https://withteachers.in/



ପିଟର - ଗୁରୁମା', ମୋ' ମାଆ କହୁଥିଲେ, ମଣିଷ ପୂର୍ବରୁ ମହାକାଶକୁ ଯାଇଥିଲେ ଆଉ ଆଜି ବି ଯାଉଛନ୍ତି ।

ଗୁରୁମା - ହଁ, ତୁମେ ଠିକ୍ କଥା କହୁଛ। କିନ୍ତୁ ଗଗନଯାନ ମିଶନ ହେଉଛି ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣ ପ୍ରକଳ୍ପ । ଏଥିରେ ତିନିଜଣ ସଦସ୍ୟ ଓ ଜଣେ ଚାଳକକୁ ନେଇ ତିନିଦିନପାଇଁ ମହାକାଶକୁ ପଠାଯିବ ଏବଂ ଭାରତୀୟ ସମୁଦ୍ରଜଳରେ ଅବତରଣ କରି ସୁରକ୍ଷିତ ଭାବରେ ପୃଥିବୀକୁ ଫେରାଇ ଅଣାଯିବ ।

ସାନିଆ - ଆଚ୍ଛା ! ଏଇଟା ଆମ ଦେଶ ଭାରତର ପ୍ରଥମ ମହାକାଶଯାନ ହେବ; ଯାହା ମଣିଷକୁ ମହାକାଶକୁ ନେଇଯିବ ?

ଗୁରୁମା - ହଁ, ଏହା ସଂପୂର୍ଣ୍ଣ ଠିକ୍। ଯଦି ଭାରତ ସଫଳତାର ସହିତ ଗଗନଯାନ ନିର୍ମାଣ କରେ, ତେବେ ଏହା ମହାକାଶ ଗବେଷଣା କ୍ଷେତ୍ରରେ ଆମ ଦେଶପାଇଁ ଏକ ବଡ଼ ସଫଳତା ହେବ । ଆଉ ତୁମେମାନେ ସମସ୍ତେ ପକ୍ଷୀ ପରି ଖୋଲା ଆକାଶରେ ବିଚରଣ କରିପାରିବ । (ଏହା ଶୁଣି ପିଲାମାନେ ହସି ଉଠନ୍ତି ଏବଂ ଉତ୍ସାହିତ ହୋଇଯାଆନ୍ତି ।)

ଅସରଫ୍ - ଗୁରୁମା', ଗଗନଯାନରେ ମହାକାଶକୁ ପ୍ରଥମେ କିଏ ଯିବେ ?

ଗୁରୁମା - ଗଗନଯାନ ମିଶନକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ପ୍ରଥମ ଦୁଇଟି ପର୍ଯ୍ୟାୟ ମାନବବିହୀନ ହେବ ଏବଂ ତୃତୀୟ ପର୍ଯ୍ୟାୟରେ ତିନିଜଣ ମହାକାଶଚାରୀଙ୍କୁ ପଠାଯିବ ।

ସାଧନା - ତେବେ କ'ଣ ପ୍ରଥମ ପର୍ଯ୍ୟାୟରେ ମହାକାଶଯାନଟି ମହାକାଶକୁ ଖାଲି ପଠାଯିବ ?

ଗୁରୁମା - ନା, ପ୍ରଥମ ପର୍ଯ୍ୟାୟରେ ବ୍ୟୋମମିତ୍ରକୁ ମହାକାଶକୁ ପଠାଯିବ ।

ମନୋହର - ଗୁରୁମା', ଏ 'ବ୍ୟୋମମିତ୍ର' ପୁଣି କ'ଣ ?

ଗୁରୁମା - ଇସ୍ରୋ (ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର) ବ୍ୟୋମମିତ୍ର ନାମକ ଏକ ମାନବୀୟ ରୋବୋଟ୍ ତିଆରି କରିଛି, ଯାହାକୁ ଗଗନଯାନ ମିଶନର ପ୍ରଥମ ପର୍ଯ୍ୟାୟରେ ମହାକାଶକୁ ପଠାଯିବ । (ମାନବୀୟ ରୋବୋଟ୍ ବିଷୟରେ ଶୁଣି ପିଲାମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି ।)



https://withteachers.in/



ଦୀକ୍ଷା - ଗୁରୁମା, ବ୍ୟୋମମିତ୍ର ରୋବୋଟ୍ ମହାକାଶକୁ ଯାଇ କ'ଣ କରିବ ?

ଗୁରୁମା - ମହାକାଶଚାରୀମାନେ ଯେପରି ସେଠାକୁ ଯିବା ସମୟରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ 'ବ୍ୟୋମମିତ୍ର' ମହାକାଶ ସମ୍ବନ୍ଧୀୟ ସୂଚନା ସଂଗ୍ରହ କରିବ, ସୁରକ୍ଷା ତଦାରଖ କରିବ ଏବଂ ମହାକାଶଯାନ ପ୍ରଣାଳୀ ଉପରେ ନଜର ରଖିବ ।

ପିଟର - ଗୁରୁମା', ତୃତୀୟ ପର୍ଯ୍ୟାୟରେ କେତେଜଣ ଯାତ୍ରୀ ମହାକାଶକୁ ଯିବେ ?

ଗୁରୁମା - ଗଗନଯାନ ମିଶନ୍‌ର ତୃତୀୟ ପର୍ଯ୍ୟାୟରେ ତିନିଜଣ ମହାକାଶଚାରୀଙ୍କୁ ପଠାଇବାର ଯୋଜନା ରହିଛି । ସେମାନଙ୍କୁ ମହାକାଶକୁ ପଠାଇବା ପୂର୍ବରୁ ମହାକାଶରେ ରହିବାପାଇଁ ତାଲିମ ଦିଆଯିବ ।

ରାକେଶ - (ଆଶ୍ଚର୍ଯ୍ୟ ହୋଇ) ଏହି ତାଲିମରେ ସେମାନଙ୍କୁ କ'ଣ ସବୁ ତାଲିମ ଦିଆଯିବ ? ସେଠାରେ ତ ଚାଲିବାପାଇଁ ସ୍ଥଳଭାଗ ବା ମାଟି ନାହିଁ, ଆଉ ଖାଇବା ପାଇଁ ଘରର ରନ୍ଧା ଖାଦ୍ୟ ବି ମିଳିବନି... ସେମାନେ ସେଠାରେ ବଞ୍ଚିବେ କିପରି ?

ଗୁରୁମା - (ହସିହସି) ଏହି ତାଲିମରେ, ତିନିଜଣ ମହାକାଶଚାରୀଙ୍କୁ ମହାକାଶରେ ରହିବା ଓ ଖାଇବାର ବିଭିନ୍ନ କୌଶଳ ବିଷୟରେ ତାଲିମ ପ୍ରଦାନ କରାଯିବ ।

ଦୀକ୍ଷା - ଗୁରୁମା', ଗଗନଯାନ କେବେ ମହାକାଶକୁ ଯିବ ?

ଗୁରୁମା - ଏଥିପାଇଁ ଆମକୁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ତୁମେମାନେ ଆସନ୍ତାବର୍ଷ ଯେତେବେଳେ ନୂତନ ଶ୍ରେଣୀକୁ ଯିବାପାଇଁ ପ୍ରସ୍ତୁତ ହେଉଥିବ, ହୁଏ ତ ସେତେବେଳେ ଗଗନଯାନ ଏହାର କକ୍ଷପଥରେ ସ୍ଥାପିତ ହୋଇସାରିଥିବ ।


(ଗଗନଯାନ ବିଷୟରେ ଏତେକଥା ଗୁରୁମା'ଙ୍କ ଠାରୁ ଶୁଣି ପିଲାମାନେ ଖୁସି ହେଲେ ଓ ତାଙ୍କୁ ଧନ୍ୟବାଦ ଜଣାଇଲେ ।)

**ଶିକ୍ଷଣପାଇଁ ସୂଚନା-** ଶିକ୍ଷକ/ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କୁ 'ISRO' ବିଷୟରେ କୁହନ୍ତୁ । ଏହା ସହିତ ଟ୍ୟାବ୍ ଏବଂ ଅନ୍ୟାନ୍ୟ ଉପକରଣ ମାଧ୍ୟମରେ ISROରେ ହେଉଥିବା କାର୍ଯ୍ୟକଳାପ ବିଷୟରେ ସୂଚନା ଦିଅନ୍ତୁ ।



https://withteachers.in/


## ଏକଥା ବି ଶିଖିବା




ଆଜିକାଲି ତୁମେମାନେ ଏ.ଆଇ.ର ନାମ ବହୁତ ଶୁଣିଥିବ । ଏହାର ପୂରାନାମ Artificial Intelligence । ଯାହାକୁ ଓଡ଼ିଆରେ 'କୃତ୍ରିମବୁଦ୍ଧିମତ୍ତା' କୁହାଯାଏ । ଏହା ଏମିତି ଏକ ପ୍ରଯୁକ୍ତିବିଦ୍ୟା, ଯେଉଁଥିରେ କମ୍ପ୍ୟୁଟର କିମ୍ବା ଯନ୍ତ୍ରରେ ମାନବୀୟବୁଦ୍ଧି, ଚିନ୍ତା, ଚେତନାଗୁଡ଼ିକୁ ସନ୍ନିବେଶିତ କରାଯାଇଥାଏ । ଏହି ପ୍ରଯୁକ୍ତିବିଦ୍ୟା ଯୋଗୁଁ ଏହି ଯନ୍ତ୍ର ମଣିଷ ପରି ଚିନ୍ତା କରିପାରିବ ଏବଂ ବୁଝିପାରିବ । ତୁମେମାନେ ପଚାରୁଥିବା ପ୍ରଶ୍ନର ଉତ୍ତର ମଧ୍ୟ ସେ ଦେଇପାରିବ । କେବଳ ଏତିକି ନୁହେଁ, ବିଭିନ୍ନ ସମସ୍ୟାର ସମାଧାନ ସହିତ ଏହା ଜଣେ ଲେଖକ ବା କବିଙ୍କ ପରି କବିତା ଲେଖିପାରିବ । ଏପରିକି ଏହା ଚିତ୍ରକର ପରି ଚିତ୍ର ଆଙ୍କିପାରିବ । ଯେକୌଣସି କାହାଣୀ ମଧ୍ୟ ଲେଖିପାରିବ । ଏହା କ'ଣ ଆଶ୍ଚର୍ଯ୍ୟଜନକ ନୁହେଁ । ତୁମେମାନେ ମଧ୍ୟ ପାଠାଗାର, ଶିକ୍ଷକ-ଅଭିଭାବକ ଏବଂ ଅନ୍ୟାନ୍ୟ ଉତ୍ସ ମାଧ୍ୟମରେ ଏହାର ବ୍ୟବହାର ଏବଂ ସୀମା ବିଷୟରେ ଜାଣିବା ଉଚିତ୍ ।



https://withteachers.in/



## ମନର ଭାବକୁ ପ୍ରକାଶ କର ।

- ଦିଆଯାଇଥିବା ଚିତ୍ରଟିକୁ ଦେଖ ।

ଚିତ୍ରଟି ଦେଖି ତୁମମନରୁ ଛୋଟ କାହାଣୀ, କବିତା କିମ୍ବା ଅନୁଚ୍ଛେଦଟିଏ ଲେଖ ।

.....................................

.....................................

.....................................

.....................................

.....................................

.....................................

.....................................

.....................................

.....................................

.....................................

.....................................

.....................................

.....................................



https://withteachers.in/

## ତୁମ ପାଇଁ ସୂଚନା

ଏହି ବହିରେ ରହିଥିବା କେତେକ ବିଷୟରେ ଅନେକ ଅବୁଝା ଶବ୍ଦ ରହିଛି । ସେଗୁଡ଼ିକର ଅର୍ଥ ବିଷୟକ୍ରମରେ ନିମ୍ନରେ ଦିଆଗଲା । ଏହାକୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନେ ବିଷୟଟିକୁ ପଢ଼ିଲାବେଳେ କାମରେ ଲଗାଇପାରିବେ ।

### ନ୍ୟାୟର ସିଂହାସନ

ଉପବେଶନ- ବସିବା

ଚନ୍ଦ୍ରକାନ୍ତମଣି- ଏକ ବିଶେଷ ଧରଣର ମୂଲ୍ୟବାନପଥର

ପାରିଷଦ – ସଭାର ସଦସ୍ୟ, ଅନୁଚର, ସଭ୍ୟ

ପୁତ୍ତଳିକା – କଣ୍ଢେଇ





### ଯେ ଥାଏ ପର ଉପକାରେ

ଓଢ଼ାଇଦେଲେ – ଘୋଡ଼ାଇଦେଲେ


କଚ୍ଛ ଅଞ୍ଚଳ – ଗୁଜୁରାଟର ପଶ୍ଚିମ ଉପକୂଳସ୍ଥ ସମତଳ ଅଞ୍ଚଳ

ଗିରିନାର ପର୍ବତ – ଗୁଜୁରାଟ ଅଞ୍ଚଳର ଏକ ପର୍ବତ

ତୁମ୍ବୀ – ଶୁଖିଲା ଲାଉର ଟାଣ ଖୋଳରେ ପ୍ରସ୍ତୁତ ପାତ୍ର

ଦତ୍ତାତ୍ରେୟ – ବିଖ୍ୟାତ ଋଷି ଅତ୍ରି ଓ ତାଙ୍କ ପତ୍ନୀ ଅନସୂୟାଙ୍କ ପୁତ୍ର

### ଶୈଶବର କଥା



ଅନାହାର – ଉପାସ / ନ ଖାଇ

ଅନିବାର୍ଯ୍ୟ – ଯାହା ବନ୍ଦ କରାଯାଇ ନପାରେ

ଅନୁଗ୍ରହ – ଦୟା

ଅବଧାନ – ଚାଟଶାଳୀରେ ଶିକ୍ଷା ଦେଉଥିବା ଶିକ୍ଷକ / ଗୁରୁଜୀ

ଅବୈତନିକ – ମାଗଣା / ବିନା ଦରମା

ଅସାର – ଅଲୋଡ଼ା, ଅନାବଶ୍ୟକ



https://withteachers.in/

ଉତ୍ତାରେ – ପରେ

ଆଖୁନ୍‌ଜୀ – ମୁସଲମାନପଣ୍ଡିତ

ଓଲାଉଠା – ହଇଜା ରୋଗ

କରଯୋଡ଼େ – ହାତଯୋଡ଼େ

ଗ୍ରହଣୀ – ଝାଡ଼ାରୋଗ

ଚାଟ – ଛାତ୍ର, ଶିଷ୍ୟ

ଜରାଜୀର୍ଣ୍ଣ – ବୁଢ଼ା ହେତୁ ଜୀର୍ଣ୍ଣଶୀର୍ଣ୍ଣ, ପତଳା

ଜବାବଦିହି – ଉତ୍ତରଦେବାର ଥାଏ

ଠାକୁରମା' – ଜେଜେମାଆ

ଡେବିରି – ବାମ

ଦିବାନିଶି – ଦିନରାତି

ଦୂର୍ବାଦଳ– ଦୂବଘାସ

ନିବାସ – ବାସସ୍ଥାନ



ନିବୃତ୍ତ – ଓହରିଯିବା


ପିତାମହୀ – ଜେଜେମାଆ

ପୀଡ଼ା – କଷ୍ଟ

ଫୁଡ଼ାଇ – ଫୋଡ଼ି

ମନୋତୁଷ୍ଟି – ମନଖୁସି

ମାନତା – ମାନସିକ



ଲୋକାନ୍ତର – ପରଲୋକ, ମୃତ୍ୟୁ

ଶୂନଚାଟି – ଚାଟମାନଙ୍କ ହାତରେ ଶୂନଦେବା

ସମୀପସ୍ଥ – ନିକଟରେ ଥିବା

ସିର୍ନି – ଶିରିଣୀ ଭୋଗ

ସେରେ – ଏକ ମାପକ, ସ୍ଥଳ ବିଶେଷରେ ପ୍ରାୟ ୧୨୫୦ ଗ୍ରାମ୍

## ଦଳପତି ପଦ ତୁମକୁ ସାଜେ

ଉଭା – ଉପସ୍ଥିତ, ଦେଖାଦେବା

କାବା – ଆଶ୍ଚର୍ଯ୍ୟ, ବିସ୍ମିତ

ଖୁଦକଣିକା – ଧାନରୁ ଚାଉଳ କଲାବେଳେ ସେଥିରୁ କିଛି ଚାଉଳ ଗୁଣ୍ଡ ହୋଇ ଛୋଟଛୋଟ ଖଣ୍ଡ ହୋଇଯାଏ। ସେହି ଗୁଣ୍ଡଚାଉଳ ଦାନାକୁ ଖୁଦକଣିକା କୁହାଯାଏ।

ଟାଳିଦେବା – ଦୂରେଇଦେବା, ଏଡ଼େଇଦେବା

ତେଜେ – ଉତ୍ସାହର ସହିତ, ଉଲ୍ଲାସର ସହିତ



## ନୂଆଖାଇ

ଆର ବରଷ୍‌କେ – ପରବର୍ଷକୁ, ଆଗାମୀବର୍ଷକୁ

ଗୋରସ – କ୍ଷୀର

ଚଉତି – ପତ୍ରରେ ତିଆରି ଠୁଙ୍ଗା ବା ଠୋଲା

ଜୁହାର – ପ୍ରଣାମ, ନମସ୍କାର, ସାଷ୍ଟାଙ୍ଗ ପ୍ରଣିପାତ

ଦେଖା ହେଁମା – ଦେଖା ହେବା

ନବାନ୍ନ – ନୂଆଅନ୍ନ। ବର୍ଷର ପ୍ରଥମ ଉତ୍ପାଦିତ ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଅନ୍ନ, ଯାହାକୁ ଅନୁକୂଳ କରି ଦେବା ଦେବୀଙ୍କ ନିକଟରେ ଭୋଗ କରାଯାଇ ଖିଆଯାଏ ।





https://withteachers.in/

## ଜାତୀୟପତାକା

କାରାଗାର - ବନ୍ଦୀଶାଳା, ଜେଲଖାନା

ଗରବ - ଗର୍ବ, ଅହଂକାର

ଟେକ - ମର୍ଯ୍ୟାଦା, ସମ୍ମାନ

ତିଳେ - ଟିକିଏ, ଅତି ସାମାନ୍ୟ

ତୁଲ - ସହିତ, ସଙ୍ଗେ, ପରି

ନିରଭୟ - ନିର୍ଭୟ, ଯିଏ ଭୟ କରେନାହିଁ, ସାହସ

ପାରାବାର - ସମୁଦ୍ର, ସାଗର

ମଉଡ଼ମଣି - ସର୍ବଶ୍ରେଷ୍ଠ ବ୍ୟକ୍ତି, ମୁକୁଟରେ ଥିବା ରତ୍ନ

ଲହୁ - ରକ୍ତ, ରୁଧିର, ଶୋଣିତ

ସମ୍ପଦ - ସମ୍ବଳ, ସମ୍ପତ୍ତି





## ଦେଲୁ ମୋତେ ମହାଶିକ୍ଷା

ଅଧୀରେ - ଚଞ୍ଚଳ

ଅଶ୍ୱ - ଘୋଡ଼ା, ବାଜୀ

ଝପଟାଇ - ଦଉଡ଼ାଇ

ତୁରିତେ - ସଙ୍ଗେସଙ୍ଗେ

ନରପତି - ରାଜା, ନରେଶ

ପରିଷଦ - ସଭାସଦ୍, ସଭାର ସଦସ୍ୟ, ପାର୍ଶ୍ୱଚର

ବଦନୁ - ମୁହଁରୁ

ବିସ୍ମୟେ - ଆଶ୍ଚର୍ଯ୍ୟହୋଇ

ମହୀ - ପୃଥିବୀ, ଧରଣୀ

ରୀତି - ପଦ୍ଧତି

ରୁଧିର - ରକ୍ତ, ଶୋଣିତ

ସଚ୍ଚିବ - ମନ୍ତ୍ରୀ

ସହସା - ହଠାତ୍



https://withteachers.in/